# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୬/୨୦୨୩ (୧୬ ପୃଷ୍ଠା) Bhubaneswar, Thursday, November 16/2023 Page 16 ₹ 7.00 | SAMBALPUR

୪୯ଶ ଭାଗ ୩୫୦ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 49 ISSUE 350 ମୂଲ୍ୟ ₹୭/-





# ହସ୍ପିଟାଲରେ ପଶିଲା ଆଇଡିଏଫ୍



ଗାଜା ସିଟିର ଅଲ୍ ଶିଫା ହସ୍ପିଟାଲରେ ଇସ୍ରାଏଲୀ ଡିଫେନ୍ସ ଫୋର୍ସେସ୍ (ଆଇଡିଏଫ୍)ର ୧୬୨ତମ ଡିଭିଜନ୍ ସୈନ୍ୟମାନେ।

ଗାଜା ସିଟି/ଜେରୁଜେଲମ୍,୧୫।୧୧

ଉତ୍ତର ଗାଜାକୁ ଇସ୍ରାଏଲ ନିଜ ସୈନ୍ୟ ଓ ଟ୍ୟାଙ୍କ୍ ପ୍ରେରଣର ଅଢ଼େଇ ସପ୍ତାହ ପରେ ବୁଧବାର ଇସ୍ରାଏଲୀ ବଳ ଅଲ୍ ଶିଫା ହସ୍ପିଟାଲରେ ପ୍ରବେଶ କରିଛି। ଇସ୍ରାଏଲ ସୈନ୍ୟମାନେ ସେଠାରେ ଆଶ୍ରୟ ନେଇଥିବା ବହୁ ଲୋକଙ୍କୁ ବାହାର କରିଛନ୍ତି। ହସ୍ପିଟାଲ ପରିସରରେ ହମାସ୍ ଗଚ୍ଛିତ ରଖିଥିବା ଅସ୍ତ୍ରଶସ୍ତ୍ର ଠାବ ହୋଇଥିବା ଇସ୍ରାଏଲ ସୈନ୍ୟ ସୂଚନା ଦେଇଛନ୍ତି।

**ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସୂଚନାନୁସାରେ ଇସ୍ରାଏଲ ଆକ୍ରମଣରେ ଅଦ୍ୟାବଧି ୧୧,୨୦୦ ପାଲେଷ୍ଟିନୀୟ ନିହତ ହେଲେଣି। ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶ ମହିଳା ଓ ଶିଶୁ। ଏହାବାଦ୍ ୨,୭୦୦ ଜଣ ନିଖୋଜ ଅଛନ୍ତି।**

**ଇସ୍ରାଏଲ କହିଛି, ଅକ୍ଟୋବର ୭ ପରଠୁ ହମାସ୍ ୧,୨୦୦ ଲୋକଙ୍କୁ ହତ୍ୟା କରିଛି। ମୃତକଙ୍କ ମଧ୍ୟରେ ୩୬୮ ଇସ୍ରାଏଲୀ ସୈନ୍ୟ ଅଛନ୍ତି। ୨୩୮ ଜଣଙ୍କୁ ଆତଙ୍କବାଦୀମାନେ ପଣବନ୍ଦୀ ରଖିଛନ୍ତି। ୪ ପଣବନ୍ଦୀଙ୍କୁ ସେମାନେ ଛାଡ଼ିଦେଇଥିବାବେଳେ ଜଣଙ୍କୁ ଉଦ୍ଧାର କରାଯାଇଛି।**

ଅନ୍ୟପକ୍ଷେ ଗାଜା ଷ୍ଟ୍ରିପ୍‌ର ଏହି ସର୍ବବୃହତ୍ ହସ୍ପିଟାଲରେ ଇସ୍ରାଏଲର ଆକ୍ରମଣକୁ ଅନ୍ତର୍ଜାତୀୟ ସମୁଦାୟ ନିନ୍ଦା କରିବା ସହ 'ଡାକ୍ତରଖାନା ଯୁଦ୍ଧଭୂଇଁ ନୁହେଁ' ବୋଲି ଅସନ୍ତୋଷ ବ୍ୟକ୍ତ କରିଛି। ଅକ୍ଟୋବର ୭ରେ ସଂଘର୍ଷ ଆରମ୍ଭ ପରଠୁ ହମାସ୍ ଆତଙ୍କବାଦୀମାନେ ୧୨୦୦ ଇସ୍ରାଏଲୀଙ୍କୁ ହତ୍ୟା କରିଥିବାବେଳେ ୨୪୦ ଜଣଙ୍କୁ ପଣବନ୍ଦୀ ରଖିଥିଲେ। ହମାସ୍‌ର ମୂଳୋତ୍ପାଟନ ପାଇଁ ପଣ କରିଥିବା ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନିର୍ଦ୍ଦେଶକ୍ରମେ ସାମରିକ ବଳ ଗାଜାକୁ ଏକପ୍ରକାର ଦଖଲ କରିସାରିଲେଣି। ଯୁଦ୍ଧର ଘନଘଟା ଭିତରେ ଗାଜା ସିଟିର ଅଲ୍ ଶିଫା ହସ୍ପିଟାଲ ପାଲେଷ୍ଟିନୀୟ ନାଗରିକଙ୍କ ଦୁର୍ଦ୍ଦଶାର କାହାଣୀ ବୟାନ କରୁଛି। ଏହି ହସ୍ପିଟାଲ ତଳେ ଥିବା ଅଣ୍ଡରଗ୍ରାଉଣ୍ଡକୁ ହମାସ୍ ନିଜ କମାଣ୍ଡ ସେଣ୍ଟର ରୂପେ ବ୍ୟବହାର କରୁଥିବା ଦର୍ଶାଇ ଇସ୍ରାଏଲ ଏହାକୁ ଦଖଲ ଉଦ୍ୟମ ଚଳାଇଛି। ଅନ୍ୟପକ୍ଷେ ଉଭୟ ହମାସ୍ ଓ ହସ୍ପିଟାଲ କର୍ତ୍ତୃପକ୍ଷ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଗାଜାରେ ହସ୍ପିଟାଲ ନିର୍ଦ୍ଦେଶକ ମୋହମେଦ୍ ଜାକୋଉଟ୍ କହିଛନ୍ତି, ଇସ୍ରାଏଲୀ ଟ୍ୟାଙ୍କଗୁଡ଼ିକ ମେଡିକାଲ ପରିସରକୁ ପ୍ରବେଶ କରିଛି। ସୈନ୍ୟମାନେ ହସ୍ପିଟାଲର ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ) ଥିବା ଜରୁରିକାଳୀନ ସେବା ଓ ଅସ୍ତ୍ରୋପଚାର ବିଭାଗ ବିଲ୍ଡିଂରେ ପଶିଛନ୍ତି। ହସ୍ପିଟାଲରୁ ଅନେକ ହଜାର ଲୋକ ପଳାୟନ କରିଥିବାବେଳେ ଶିଶୁଙ୍କ ସମେତ ଶତାଧିକ ଲୋକ ଏବେ ମଧ୍ୟ ଯୁଦ୍ଧ ଯୋଗୁ ଫସିରହିଛନ୍ତି।

ଇତିମଧ୍ୟରେ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ଇସ୍ରାଏଲ-ହମାସ୍ ଯୁଦ୍ଧ ଉପରେ ପଞ୍ଚମ ସଂକଳ୍ପନାମା ଗୃହୀତ କରାଇବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ରଗୁଡ଼ିକର ସଙ୍ଗଠନ (ଆସିଆନ୍) ପ୍ରତିରକ୍ଷା ମୁଖ୍ୟମାନେ ଗାଜାରେ ଯୁଦ୍ଧବିରତି ପାଇଁ ଆହ୍ୱାନ ଦେଇଛନ୍ତି। ୱାଶିଂଟନ୍‌ରେ ଇସ୍ରାଏଲ ସମର୍ଥକମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି।

### ଗାଜାବାସୀ ଆଇସିସିଙ୍କ ଦ୍ୱାରସ୍ଥ

ଗାଜାର ଯୁଦ୍ଧ ପ୍ରଭାବିତଙ୍କ ଓକିଲମାନେ ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଆପରାଧିକ ଅଦାଲତ (ଆଇସିସି)ରେ ପିଟିଶନ ଦାଖଲ କରିଛନ୍ତି। ପାଲେଷ୍ଟିନୀୟଙ୍କ ବିରୋଧରେ ଇସ୍ରାଏଲର କାର୍ଯ୍ୟାନୁଷ୍ଠାନକୁ ସେମାନେ ଗଣହତ୍ୟା ରୂପେ ଅଭିହିତ କରିଛନ୍ତି। ଆଇସିସି ଏହାର ଉପଯୁକ୍ତ ବିଚାର କଲେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁଙ୍କ ବିରୋଧରେ ଗିରଫ ପରୱାନା ଜାରି ହୋଇପାରେ।

## ଉଦ୍ଧାର କାର୍ଯ୍ୟରେ ଲାଗିବେ ଥାଇଲାଣ୍ଡ ଗୁମ୍ଫାରୁ ପିଲାଙ୍କୁ କାଢ଼ିଥିବା ଟିମ୍

ଡେରାଡୁନ୍/ନୂଆଦିଲ୍ଲୀ,୧୫।୧୧

### ସୁଡ଼ଙ୍ଗ ତଳେ ୪୦ ଶ୍ରମିକ

ଉତ୍ତରାଖଣ୍ଡର ଚାରଧାମ୍‌ସ୍ଥିତ ଏକ ନିର୍ମାଣାଧୀନ ଟନେଲରେ ରବିବାର ସକାଳଠାରୁ ଫସିରହିଥିବା ୫ ଓଡ଼ିଆଙ୍କ ସମେତ ୪୦ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ରେସ୍କ୍ୟୁ ଅପରେଶନ୍ ଜାରି ରହିଛି। ଭାରତୀୟ ବାୟୁସେନାର ୩ଟି ସ୍ୱତନ୍ତ୍ର ବିମାନ ସମେତ ଅନେକ ଅତ୍ୟାଧୁନିକ ଯନ୍ତ୍ରପାତିକୁ ମଧ୍ୟ ଏଥିରେ ନିୟୋଜିତ କରାଯାଇଛି। ତେବେ ଭୂସ୍ଖଳନ ଯୋଗୁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ୨୦୧୮ରେ ଥାଇଲାଣ୍ଡର ଚିଆଙ୍ଗ୍ ରାଇ ପ୍ରଦେଶସ୍ଥିତ ଥାମ୍ ଲୁଆଙ୍ଗ୍ ନାଙ୍ଗ୍ ନନ୍ ଗୁମ୍ଫାରେ ଫସିଥିବା ଜୁନିୟର ଫୁଟ୍‌ବଲ୍ ଖେଳାଳିମାନଙ୍କୁ ଉଦ୍ଧାର କରିଥିବା ସ୍ପେଶାଲ ଟିମ୍‌କୁ ଉଦ୍ଧାରରେ ସହାୟତା ପାଇଁ ଅନୁରୋଧ କରାଯାଇଛି। ଏଥିସହ ନରୱେର ଏକ ଉଦ୍ଧାରକାରୀ ଦଳକୁ ମଧ୍ୟ ଯୋଗାଯୋଗ କରାଯାଇଛି। ଘଟଣାସ୍ଥଳକୁ ଦିଲ୍ଲୀରୁ ସ୍ୱତନ୍ତ୍ର ମେଶିନ୍ ଅଣାଯାଉଛି। ଏହି ମେଶିନ୍ ଘଣ୍ଟାକ ମଧ୍ୟରେ ଭଗ୍ନାବଶେଷର ୪-୫ ମିଟର ଭିତରକୁ ଯାଇ ଶ୍ରମିକମାନଙ୍କୁ ଉଦ୍ଧାର କରିବାରେ ସହାୟକ ହେବ ବୋଲି କୁହାଯାଉଛି।



## କାନାଡ଼ାରେ ଦୀପାବଳି ବେଳେ ଖଲିସ୍ତାନୀ ସମର୍ଥକଙ୍କ ଟେକାମାଡ଼

ଓଣ୍ଟାରିଓ,୧୫।୧୧

କାନାଡାର ବ୍ରାମ୍ପଟନ୍‌ରେ ଭାରତୀୟ ସମୁଦାୟ ପକ୍ଷରୁ ଦୀପାବଳି ଉତ୍ସବ ପାଳନ ବେଳେ ଖଲିସ୍ତାନୀ ପତାକାଧାରୀ କଠୋରପନ୍ଥୀ ଗୋଷ୍ଠୀର ସମର୍ଥକମାନେ ବାଧା ସୃଷ୍ଟି କରିଥିଲେ। ସେମାନେ ଭାରତୀୟ ବଂଶୋଦ୍ଭବଙ୍କୁ ଟେକାମାଡ଼ କରିଥିବା ଖାଲ୍‌ସା ଭୋକ୍ସ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି। ଉପାସନା ସ୍ଥଳର ସୁରକ୍ଷା ସହ କଠୋରପନ୍ଥୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଭାରତ ପକ୍ଷରୁ କାନାଡାକୁ କଡ଼ା ସନ୍ଦେଶ ଦିଆଯାଇଥିବାବେଳେ ଏହି ଘଟଣା ସାମ୍ନାକୁ ଆସିଛି। ହିନ୍ଦୁ ଓ ଶିଖ୍‌ମାନଙ୍କ ଉପରେ ଲଗାତର ଆକ୍ରମଣ ସମ୍ପର୍କିତ ଖବରକୁ କାନାଡା ଗଣମାଧ୍ୟମ ଉଚିତ ଢଙ୍ଗରେ ପ୍ରକାଶ କରୁ ନ ଥିବା ଦର୍ଶାଇ ଖାଲ୍‌ସା ଭୋକ୍ସ ଏହାର ନିନ୍ଦା କରିଛି।

## କିଙ୍ଗ୍ ଚାର୍ଲ୍ସ ୩ୟଙ୍କୁ ୭୫

ଲଣ୍ଡନ୍,୧୫।୧୧

### ଭାରତୀୟ ନର୍ସଙ୍କ ସହ ପାଳିଲେ ଜନ୍ମଦିନ

ବ୍ରିଟେନ୍‌ର କିଙ୍ଗ୍ ଚାର୍ଲ୍ସ ୩ୟ ମଙ୍ଗଳବାର ରାତିରେ ଲଣ୍ଡନର ବକିଂହାମ୍ ପ୍ୟାଲେସ୍‌ରେ ଭାରତୀୟ ନର୍ସ, ଧାଈ ଓ ଅନ୍ତର୍ଜାତୀୟ ସେବିକାମାନଙ୍କ ଗହଣରେ ନିଜ ୭୫ତମ ଜନ୍ମଦିନ ପାଳନ କରିଛନ୍ତି। ବ୍ରିଟେନ୍ ସରକାରଙ୍କ ଅଧୀନ ଜାତୀୟ ସ୍ୱାସ୍ଥ୍ୟ ସେବା (ଏନ୍‌ଏଚ୍‌ଏସ୍)ରେ ନିୟୋଜିତ ପ୍ରାୟ ୧,୫୦,୦୦୦ ନର୍ସଙ୍କ ମଧ୍ୟରୁ ସର୍ବାଧିକ ହେଉଛନ୍ତି ଭାରତୀୟ। ଏନ୍‌ଏଚ୍‌ଏସ୍ ମଧ୍ୟ ଏହାର ୭୫ତମ ପ୍ରତିଷ୍ଠା ଦିବସ ପାଳନ କରିଛି। ଏହି ଅବସରରେ ଭାରତ, ଫିଲିପାଇନ୍ସ, ଶ୍ରୀଲଙ୍କା, ନେପାଳ ଓ କେନିଆର ପ୍ରାୟ ୪୦୦ ନର୍ସ ବ୍ରିଟେନ୍‌ର ସ୍ୱାସ୍ଥ୍ୟ ତଥା ସାମାଜିକ ସେବା କ୍ଷେତ୍ର ପ୍ରତି ସେମାନଙ୍କ ଅବଦାନ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଅଭ୍ୟର୍ଥନା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍କଟଲାଣ୍ଡରେ କାର୍ଯ୍ୟରତ ଭାରତୀୟ ଷ୍ଟାଫ୍ ନର୍ସ ଶ୍ରୀଜିଥ୍ ମୁରଲୀଧରନ୍ କହିଛନ୍ତି, ରାଜାଙ୍କୁ ଜୀବନକାଳ ମଧ୍ୟରେ ଥରୁଟିଏ ଭେଟିବାର ସୁଯୋଗ ମିଳିବା ବି ଅତ୍ୟନ୍ତ ଖୁସିର କଥା। ସେ ଜଣେ ହୃଦୟବାନ୍ ବ୍ୟକ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଋଷି ସୁନକ୍‌ଙ୍କ କ୍ୟାବିନେଟ୍‌ରେ ନୂଆକରି ଦାୟିତ୍ୱ ନେଇଥିବ ସ୍ୱାସ୍ଥ୍ୟ ସଚିବ ଭିକ୍ଟୋରିଆ ଅଟ୍‌କିନ୍ସ ଏନ୍‌ଏଚ୍‌ଏସ୍‌ର ଅବଦାନକୁ ପ୍ରଶଂସା କରିଛନ୍ତି। ଭାରତ-ବ୍ରିଟେନ୍ ସମ୍ପର୍କ ଆଗକୁ ଆହୁରି ନିବିଡ଼ ହେବ। ପ୍ରଧାନମନ୍ତ୍ରୀଙ୍କ ଅନୁମତି ମିଳିଲେ ସେ ଭାରତ ଗସ୍ତ କରିବେ ବୋଲି ଭିକ୍ଟୋରିଆ ପ୍ରକାଶ କରିଛନ୍ତି।



ବକିଂହାମ୍ ପ୍ୟାଲେସ୍‌ରେ କିଙ୍ଗ୍ ଚାର୍ଲ୍ସଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଉଛନ୍ତି ନର୍ସ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୬/୨୦୨୩ | Bhubaneswar, Thursday, November 16/2023 | ପୃଷ୍ଠା-୧



**ଇସ୍ତଫା ଦେଲେ ବାବର**

ବିଶ୍ୱକପ୍‌ରେ ଖରାପ ପ୍ରଦର୍ଶନ ପରେ ପାକିସ୍ତାନ କ୍ରିକେଟ ଦଳର ଅଧିନାୟକ ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି ବାବର ଆଜମ।

୧୨

୧୧

**ସନ୍ତାନ ପାଇଁ ସୈଫ୍‌ଙ୍କୁ କରୀନା ବିବାହ କରିଛନ୍ତି**

ଅଭିନେତା ସୈଫ୍ ଅଲିଙ୍କ ସହିତ ଲିଭ ଇନ୍‌ରେ ରହିବା ପରେ ଏକ ସନ୍ତାନ ପ୍ରାପ୍ତି ପାଇଁ ତାଙ୍କୁ ବିବାହ କରିଥିବା ଅଭିନେତ୍ରୀ କରୀନା କପୁର ସାକ୍ଷାତ୍‌କାରରେ କହିଛନ୍ତି।



# ଫାଇନାଲରେ ଭାରତ

## ■ ମୁମ୍ବାଇରେ ମାଞ୍ଚେଷ୍ଟର ପରାଜୟର ପ୍ରତିଶୋଧ
## ■ ମହମ୍ମଦ ଶାମିଙ୍କୁ ୭ ଉଇକେଟ ସଫଳତା

**ମୁମ୍ବାଇ, ୧୫।୧୧**

ଦିନିକିଆ କ୍ରିକେଟ ଶତକ ହାସଲରେ ବିରାଟ କୋହଲିଙ୍କ କୀର୍ତ୍ତିମାନ ସହ ଚଳିତ ବିଶ୍ୱକପ୍‌ର ଫାଇନାଲରେ ପ୍ରବେଶ କରିଛି ଟିମ୍ ଇଣ୍ଡିଆ। ୧୯୮୩, ୨୦୧୧ରେ ଚାମ୍ପିୟନ ଏବଂ ୨୦୦୩ରେ ରନରଅପ୍ ଭାରତ ୪ର୍ଥ ଥରପାଇଁ ଏହି ମେଗା ଟୁର୍ନାମେଣ୍ଟର ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ରୋହିତ ଶର୍ମାଙ୍କ ଦଳ ୭୦ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। କୋହଲି ଓ ଶ୍ରେୟସ ଆୟରଙ୍କ ଶତକ ସହାୟତାରେ ଭାରତ ୫୦ ଓଭରରେ ୪ ଉଇକେଟ ହରାଇ ୩୯୭ ରନ କରିଥିଲା। ୩୯୮ ରନ ବିଜୟ ଲକ୍ଷ୍ୟରେ ନ୍ୟୁଜିଲାଣ୍ଡ ଡାରିଲ ମିଚେଲଙ୍କ ଶତକ ସତ୍ତ୍ୱେ ୪୮.୫ ଓଭରରେ ୩୨୭ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଇଂଲଣ୍ଡର ମାଞ୍ଚେଷ୍ଟରଠାରେ ଅନୁଷ୍ଠିତ ଗତ ବିଶ୍ୱକପ୍‌ର ସେମିଫାଇନାଲରେ ଭାରତକୁ ହରାଇଥିଲା ନ୍ୟୁଜିଲାଣ୍ଡ। ମାଞ୍ଚେଷ୍ଟର ପରାଜୟର ମଧୁର ପ୍ରତିଶୋଧ ମୁମ୍ବାଇରେ ନେଇଛି ଟିମ୍ ଇଣ୍ଡିଆ। ଅନ୍ୟପକ୍ଷରେ ଗତ ବିଶ୍ୱକପର ଫାଇନାଲରେ ଇଂଲଣ୍ଡଠାରୁ ହାରିଥିବା ନ୍ୟୁଜିଲାଣ୍ଡର ଅଭିଯାନ ଏଥର ସେମିଫାଇନାଲରୁ ଶେଷ ହୋଇଛି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ଟିମ୍ ଇଣ୍ଡିଆ ଅଧିନାୟକ ରୋହିତ ଶର୍ମା। ୱାଙ୍ଖଡେର ବ୍ୟାଟିଂ ଟ୍ରାକ୍‌ରେ ଭାରତୀୟ ଦଳର ଆରମ୍ଭ ଭଲ ରହିଥିଲା। ରୋହିତ ସ୍ୱାଭାବିକ ଷ୍ଟାଇଲରେ ଆକ୍ରମଣାତ୍ମକ ଖେଳିଥିଲେ। ଓପନିଂ ଯୋଡ଼ିରେ ରୋହିତ ଓ ଶୁବମନ ଗିଲ୍ ୫୦ ବଲ୍‌ରୁ ୭୧ ରନ ସଂଗ୍ରହ କରି ଦଳର ବଡ଼ ସ୍କୋର ପାଇଁ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲେ। ଅର୍ଦ୍ଧଶତକର ନିକଟତର ହୋଇ ରୋହିତ ୨୯ ବଲ୍‌ରୁ ୪୭ (୪ ଚୌକା, ୪ ଛକା) ରନ କରିଥିବାବେଳେ ଟିମ୍ ସୌଦୀଙ୍କ ବଲ୍‌ରେ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଗିଲ୍‌ଙ୍କ ସହ ଯୋଗଦେଇ ଦଳୀୟ ଇନିଂସକୁ ଆଗେଇ ନେଇଥିଲେ ବିରାଟ କୋହଲି। ଦୁହେଁ ବିପକ୍ଷ ଦଳର ବୋଲରଙ୍କୁ ସଫଳତାର ସହ ମୁକାବିଲା କରିଥିଲେ। ତେବେ ଦ୍ୱିତୀୟ ଉଇକେଟରେ ୮୬ ବଲ୍‌ରୁ ୯୩ ରନ ସଂଗ୍ରହ ହୋଇଥିବାବେଳେ କ୍ରାମ୍ପ ଯୋଗୁ ରିଟାୟର୍ଡ ହର୍ଟ ହୋଇଥିଲେ ଗିଲ୍। ଯନ୍ତ୍ରଣା ଅନୁଭବ ହେବାରୁ ସେ ବ୍ୟାଟିଂ ଜାରି ନ ରଖି ପଡ଼ିଆ ଛାଡ଼ିଥିଲେ। କୋହଲିଙ୍କ ସହ ଶ୍ରେୟସ ଆୟର କ୍ରିଜରେ ଯୋଗଦେବା ପରେ ନ୍ୟୁଜିଲାଣ୍ଡ ବୋଲରଙ୍କ ଅସଲ ପରୀକ୍ଷା ଆରମ୍ଭ ହୋଇଥିଲା। କୋହଲି କ୍ୟାରିୟରର ୫୦ତମ ଦିନିକିଆ ଶତକ ହାସଲ କରି ନିଜ ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଥିଲେ। ଏହାବ୍ୟତୀତ ଏକାଧିକ ରେକର୍ଡର ଅଧିକାରୀ ହୋଇଥିଲେ କୋହଲି। ଦୁହେଁ ତୃତୀୟ ଉଇକେଟରେ ୧୨୮ ବଲ୍‌ରୁ ୧୬୩ ରନର ଭାଗୀଦାରି ଗଢ଼ି ଦଳର ରନ ସଂଖ୍ୟାକୁ ୩୦୦ ଟପାଇ ଦେଇଥିଲେ। କ୍ରାମ୍ପ ଯୋଗୁ ନିଜ ଇନିଂସ ମଝିରେ ଯନ୍ତ୍ରଣା ଅନୁଭବ କରିଥିବା କୋହଲି ୧୧୩ ବଲ୍‌ରୁ ୧୧୭ (୯ ଚୌକା, ୨ ଛକା) ରନ ☞ପୃଷ୍ଠା-୨




## କୋହଲିଙ୍କ ବିରାଟ କୀର୍ତ୍ତିମାନ

**ମୁମ୍ବାଇ, ୧୫।୧୧**

ଭାରତର ରନ୍ ମେଶିନ ଭାବେ ପରିଚିତ ବିରାଟ କୋହଲି ବୁଧବାର ଏକାଧିକ ରେକର୍ଡର ଅଧିକାରୀ ହୋଇଛନ୍ତି। ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ସେ କ୍ୟାରିୟରର ୫୦ତମ ଦିନିକିଆ ଶତକ ହାସଲ କରି ନିଜ ଆଦର୍ଶ ଖେଳାଳି ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଛନ୍ତି। ସଚିନ ୪୯ ଦିନିକିଆ ରେକର୍ଡ ସହ ରେକର୍ଡର ଅଧିକାରୀ ଥିଲେ। ସଚିନଙ୍କ ଘରୋଇ ପଡ଼ିଆ ହେଉଛି ୱାଙ୍ଖଡ଼େ ଏବଂ ସେ ଏହି ମ୍ୟାଚର ପ୍ରତ୍ୟକ୍ଷଦର୍ଶୀ ଥିଲେ। ଏପରି ଏକ ପରିବେଶରେ ବିରଳ ରେକର୍ଡର ଅଧିକାରୀ ହୋଇ ନିଜ ଶତକକୁ ଅଧିକ ସ୍ମରଣୀୟ କରିଛନ୍ତି ବିରାଟ। ବର୍ତ୍ତମାନ ଅନ୍ତର୍ଜାତୀୟ କ୍ରିକେଟରେ ସକ୍ରିୟ ଥିବା ଖେଳାଳିଙ୍କ ମଧ୍ୟରେ କୋହଲିଙ୍କ ୫୦ ଶତକ ପଛକୁ ରହିଛନ୍ତି ରୋହିତ ଶର୍ମା। ସେ ୩୧ଟି ଶତକ ହାସଲ କରିଛନ୍ତି। କେବଳ ସର୍ବାଧିକ ଶତକ ହାସଲରେ ନୁହେଁ ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହରେ ମଧ୍ୟ ସଚିନଙ୍କୁ ପଛରେ ପକାଇ ଦେଇଛନ୍ତି କୋହଲି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲ ଶେଷ ସୁଦ୍ଧା କୋହଲି ଚଳିତ ବିଶ୍ୱକପ୍‌ରେ ୭୧୧ ରନ ସଂଗ୍ରହ କରି ଅନ୍ୟ ବ୍ୟାଟରଙ୍କୁ ବହୁ ପଛରେ ପକାଇ ଦେଇଛନ୍ତି। ୨୦୦୩ ବିଶ୍ୱକପ୍‌ରେ ସଚିନ ୬୭୩ ରନକରି ଏହି ରେକର୍ଡର ଅଧିକାରୀ ଥିଲେ। ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ କ୍ୟାରିୟରର ୫ମ ଶତକ ହାସଲ କରିଛନ୍ତି କୋହଲି। ଏଥିସହ ସେ ଶ୍ରୀଲଙ୍କାର କୁମାର ସଙ୍ଗକାରା ଓ ଅଷ୍ଟ୍ରେଲିଆର ରିକି ପଣ୍ଟିଙ୍ଗଙ୍କ ସମକକ୍ଷ ହୋଇଛନ୍ତି। କେବଳ ରୋହିତ ଶର୍ମା ୭ଟି ଶତକ ହାସଲ କରି ଏହି ତାଲିକାର ଶୀର୍ଷରେ ରହିଛନ୍ତି। ଏଥର ବିଶ୍ୱକପ୍‌ରେ ଭାରତର ୩ ଖେଳାଳି କୋହଲି, ରୋହିତ ଓ ଶ୍ରେୟସ ଆୟର ୫୦୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। କୌଣସି ବିଶ୍ୱକପ୍‌ରେ ଗୋଟିଏ ଦଳର ଏତେ ଖେଳାଳି ୫୦୦ରୁ ଊର୍ଦ୍ଧ୍ୱ ରନ କରିବା ଏହା ପ୍ରଥମ।

**ସଚିନଙ୍କ ଏକାଧିକ ରେକର୍ଡ ଭାଙ୍ଗିଲେ**

## ୩୦୦ ଫୁଟ୍ ଖସିଲା ବସ୍
### ୩୮ ମୃତ, ୨୦ ଆହତ

**ଜମ୍ମୁ, ୧୫।୧୧**

ଜମ୍ମୁ-କଶ୍ମୀରର ଡୋଡା ଜିଲାରେ ବୁଧବାର ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇ ୩୦୦ ଫୁଟ୍ ଘାଇ ତଳକୁ ଖସିପଡ଼ିଛି। ଏଥିରେ ଅନ୍ୟୂନ ୩୮ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨୦ ଯାତ୍ରୀ ଆହତ ହୋଇଛନ୍ତି। କେତେଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏ ନେଇ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ରେଜିଷ୍ଟ୍ରେଶନ୍ ନଂ.ଜେକେ୦୨ସିଏନ୍-୬୫୫୫ ବସ୍‌ଟି କିସ୍ତୱାରରୁ ୫୬ ଯାତ୍ରୀଙ୍କୁ ନେଇ ଜମ୍ମୁ ଅଭିମୁଖେ ଯାତ୍ରା କରୁଥିଲା। ବସ୍ ବାଟୋଟେ-କିସ୍ତୱାର ଜାତୀୟ ରାଜପଥରେ ଯାଉଥିବାବେଳେ ପୂର୍ବାହ୍ନ ୧୧ଟା ୫୦ରେ ତ୍ରୁଙ୍ଗଲ-ଆସାର ନିକଟରେ ଭାରସାମ୍ୟ ହରାଇଥିଲା। ଫଳରେ ଏହା ଦୁର୍ଘଟଣା ନିରୋଧୀ ବାଡ଼କୁ ଡେଇଁ ୩୦୦ ଫୁଟ୍ ତଳକୁ ଖସିପଡ଼ିଥିଲା। ୩୮ ଜଣଙ୍କ ମୃତଦେହ ଠାବ ହୋଇଛି। ସ୍ଥାନୀୟ ପୋଲିସ ପ୍ରଶାସନ ଓ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବଳ (ଏସ୍‌ଡିଆର୍‌ଏଫ୍) ☞ପୃଷ୍ଠା-୨

## ଘାଟି ତଳକୁ କାର୍ ଖସି ୩ ମୃତ

**ପଟ୍ଟାଙ୍ଗି,୧୫।୧୧(ଶରତ ଧଳ)**

ଛତିଶଗଡ଼ ରାଜନନ୍ଦଗାଁଓର ୨ ପରିବାରର ସଦସ୍ୟ ୨ଟି କାର୍‌ରେ ଆନ୍ଧ୍ରପ୍ରଦେଶ ବିଶାଖାପାଟଣାର କେତେକ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ଆସି ଦୁର୍ଘଟଣାର ସମ୍ମୁଖୀନ ହୋଇଛନ୍ତି। ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ସିଡିପାଡୁ ଗ୍ରାମ ନିକଟ ଯୋଡିମାଦିଲି ଘାଟିର ଏକ ବୁଲାଣିଆ ରାସ୍ତାରେ ସେମାନଙ୍କ କାର୍ ଘାଟି ତଳକୁ ଖସିପଡ଼ିଛି। ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଛି। ଜଣେ ମହିଳା ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଗୌରବ ଠକର, ନନ୍ଦୁଲାଲ୍ ଠକର, ନମନ ଠକର(୯)। ଗୁରୁତର ହୋଇଥିବା ମହିଳା ହେଲେ ରଚନା ଠକର। ମଙ୍ଗଳବାର ରାଜନନ୍ଦଗାଁଓର ଗୌରବ, ତାଙ୍କ ବାପା ନନ୍ଦୁଲାଲ୍ , ସ୍ତ୍ରୀ ରଚନା ଓ ୯ ବର୍ଷର ପୁଅ ନମନ ଗୋଟିଏ କାର୍ (ସିଜି ୮ଏନ୍-୨୩୧୦)ରେ ଏବଂ ଅନ୍ୟମାନେ ଆଉ ଏକ କାର୍‌ରେ ☞ପୃଷ୍ଠା-୨

## ଜୟପୁରରୁ ୫ ଛାତ୍ରଙ୍କୁ ଉଠାଇନେଲା ନାର୍କୋଟିକ୍ସ ଟିମ୍

**ଜୟପୁର,୧୫।୧୧ (ପବନ ପାଣିଗ୍ରାହୀ)**

କୋରାପୁଟ ଜିଲା ଜୟପୁର ସହର ପାରବେଡ଼ାର ଏକ ଭଡ଼ା ଘରୁ ୫ ଜଣ ଛାତ୍ରଙ୍କୁ ବୁଧବାର ବେଙ୍ଗାଲୁରୁର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ ଟିମ୍ ଉଠାଇ ନେଇଛି। ସେମାନେ ହେଲେ ହିମାଂଶୁ ଶେଖର ନାୟକ, ରାଜା ମଣ୍ଡଳ, ଶିବ ଦତ୍ତ, କେ. ଅମର ନାଥ ଓ ସୋହମ। ସମସ୍ତଙ୍କ ବୟସ ୧୮ରୁ ୨୨ ବର୍ଷ ମଧ୍ୟରେ। ଏହି ୫ଜଣଙ୍କ ମଧ୍ୟରୁ ରାଜା ଏକ ଇଞ୍ଜିନିୟରିଂ କଲେଜର ଛାତ୍ର ହୋଇଥିବା ବେଳେ ଅନ୍ୟମାନେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ଛାତ୍ର ବୋଲି ଜଣାପଡ଼ିଛି। ଗଞ୍ଜେଇ ଚୋରାଚାଲାଣ ମାମଲାରେ ସମ୍ପୃକ୍ତି ଥିବା ତଥ୍ୟ ପ୍ରମାଣ ହାସଲ ପରେ ଏମାନଙ୍କୁ ନାର୍କୋଟିକ୍ସ ଟିମ୍‌ର ୧୫ ଜଣିଆ ଟିମ୍ ଉଠାଇ ନେଇଛି। ଏହି ଟିମ୍ ନିକଟରେ ବେଙ୍ଗାଲୁରୁରେ ଗଞ୍ଜେଇ କାରବାର କରୁଥିବା ଏକ ଗ୍ୟାଙ୍ଗକୁ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅନେକ ଭରତ**

## ଦରଭଙ୍ଗା ଏକ୍ସପ୍ରେସ୍‌ରେ ନିଆଁ



### ତଳକୁ ଡେଇଁ ଜୀବନ ବଞ୍ଚାଇଲେ ଯାତ୍ରୀ

**ନୂଆଦିଲ୍ଲୀ,୧୫।୧୧**

ନୂଆଦିଲ୍ଲୀ-ଦରଭଙ୍ଗା କ୍ଲୋନ୍ ସ୍ପେଶାଲ ଏକ୍ସପ୍ରେସ୍‌ର ୪ ବଗିରେ ବୁଧବାର ସନ୍ଧ୍ୟା ୫ଟା ୩୦ରେ ନିଆଁ ଲାଗିଯିବାରୁ ଆତଙ୍କିତ ଯାତ୍ରୀମାନେ ଜୀବନ ବଞ୍ଚାଇବା ପାଇଁ ଟ୍ରେନ୍‌ରୁ ତଳକୁ ଡେଉଁଥିବାବେଳର ଦୃଶ୍ୟ ଦେଖିବାକୁ ମିଳିଛି। ଟ୍ରେନ୍ (ନଂ.୦୨୫୭୦) ଉତ୍ତର ପ୍ରଦେଶର ଏଟାୱା ନିକଟସ୍ଥ ସରାଇ ଭୋପାଟ ଷ୍ଟେଶନ ଦେଇ ଗତି କରୁଥିବାବେଳେ ସେଥିରୁ ଧୂଆଁ ବାହାରିଥିଲା। ଯାତ୍ରୀମାନେ ଛାନିଆ ହୋଇ ଦେଖିବାବେଳକୁ ଏସ୍୧ (ସ୍ଲିପର) କୋଚ୍‌ରେ ନିଆଁ ଲାଗିଥିବା ଜାଣିବାକୁ ପାଇଥିଲେ। ଟ୍ରେନ୍‌ରୁ ଡେଇଁ ୮ ଯାତ୍ରୁ ଆହତ ହୋଇଛନ୍ତି। ଟ୍ରେନ୍‌କୁ ତୁରନ୍ତ ଅଟକାଯାଇଥିଲା। ସମଗ୍ର ଷ୍ଟେଶନ ଧୂଆଁମୟ ହୋଇଯାଇଥିଲା। ଗୋଟିଏ ବଗି ସମ୍ପୂର୍ଣ୍ଣ ଜଳିଯାଇଥିବାବେଳେ ଅନ୍ୟ ତିନୋଟି କ୍ଷତିଗ୍ରସ୍ତ ହୋଇଛି। ଛଟ୍ ପୂଜା ପାଇଁ ବିହାର ଅଭିମୁଖେ ଯାତ୍ରା କରୁଥିବା ଟ୍ରେନ୍‌ଗୁଡ଼ିକରେ ଭିଡ଼ ଯୋଗୁ ସ୍ଥାନ ନ ଥିବାବେଳେ ଏହି ଦୁର୍ଘଟଣା ପରେ ଯାତ୍ରୀଙ୍କ ସୁରକ୍ଷାକୁ ନେଇ ପୁଣି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଚାଇନାରେ ଦ୍ରୁତତମ ଇଣ୍ଟରନେଟ୍

**ଗୋଟିଏ ସେକେଣ୍ଡରେ ପଠାଇ ହେବ ୧୫୦ ସିନେମା**

**ବେଜିଂ,୧୫।୧୧**

ଦ୍ରୁତ ଇଣ୍ଟରନେଟ୍ ସେବା କ୍ଷେତ୍ରରେ ଚାଇନାକୁ ବୃହତ୍ ସଫଳତା ମିଳିଛି। ଚାଇନାର କେତେକ କମ୍ପାନୀର ପ୍ରୟାସରେ ବିଶ୍ୱର ଦ୍ରୁତତମ ଇଣ୍ଟରନେଟ୍ ନେଟୱର୍କକୁ ସୋମବାର ଉଦ୍‌ଘାଟନ କରାଯାଇଛି। ଏହାଦ୍ୱାରା ଗୋଟିଏ ସେକେଣ୍ଡରେ ୧.୨ ଟେରାବାଇଟ୍ (୧୨୦୦ ଜିଗାବାଇଟ୍) ଡେଟା ଟ୍ରାନ୍ସଫର ହୋଇପାରିବ। ଅର୍ଥାତ୍ ୪କେ ରିଜୋଲୁଶନର ୧୫୦ ସିନେମାକୁ ଏକ ସେକେଣ୍ଡରେ ଅନ୍ୟତ୍ର ପଠାଇହେବ। 'ସାଉଥ୍ ଚାଇନା ମର୍ନିଂ ପୋଷ୍ଟ' ଅନୁଯାୟୀ ଏହା ବର୍ତ୍ତମାନର ପ୍ରମୁଖ ଇଣ୍ଟରନେଟ୍ ସେବାଗୁଡ଼ିକଠାରୁ ୧୦ଗୁଣରୁ ଅଧିକ ଦ୍ରୁତତମ। ସିଂହୁଆ ବିଶ୍ୱବିଦ୍ୟାଳୟ, ଚାଇନା ମୋବାଇଲ, ହୁଓ୍ୱେଇ ଟେକ୍ନୋଲୋଜିଜ୍ ଏବଂ ସେରନେଟ୍ କର୍ପୋରେଶନର ମିଳିତ ଉଦ୍ୟମରେ ଏହି ପ୍ରୋଜେକ୍ଟ ହୋଇଥିବାବେଳେ ଏହାର ନେଟ୍‌ୱର୍କ ଲିଙ୍କ୍ ୩ ହଜାର କିଲୋମିଟର ବିସ୍ତାର ହୋଇଛି। ଏଥିରେ ବେଜିଂ, ଉହାନ୍ ଏବଂ ଗୁଆନଝୋକୁ ଅପ୍ଟିକାଲ ଫାଇବର ମାଧ୍ୟମରେ ସଂଯୁକ୍ତ କରାଯାଇଛି। ବିଶ୍ୱର ଅଧିକାଂଶ ଇଣ୍ଟରନେଟ୍ ☞ପୃଷ୍ଠା-୨

## ଆର୍ଥିକ ପରିଚାଳନାରେ ଉଦାହରଣ ସୃଷ୍ଟିକଲା ଓଡ଼ିଶା

**ଭୁବନେଶ୍ୱର,୧୫।୧୧(ଅନିଲ ଦାସ)**

**୪୩,୪୭୧ କୋଟିର ବଳକା ରାଜସ୍ୱ ରାଜ୍ୟ**

ଆର୍ଥିକ ପରିଚାଳନାରେ ଓଡ଼ିଶା ସାରା ଦେଶ ପାଇଁ ଉଦାହରଣ ପାଲଟିଛି। ସମଗ୍ର ଦେଶରେ ରାଜସ୍ୱ ବଳକା ରାଜ୍ୟ ଭାବେ ୧ନମ୍ବର ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅକ୍ଳାନ୍ତ ପରିଶ୍ରମ, ଦୂରଦର୍ଶିତା ଏବଂ ୫-ଟି ସଂସ୍କାରର ଫଳସ୍ୱରୂପ ଏହା ସମ୍ଭବ ହୋଇପାରିଛି। ୨୦୨୧-୨୨ ଆର୍ଥିକ ବର୍ଷକୁ ନେଇ ପ୍ରସ୍ତୁତ ହୋଇଥିବା ରିପୋର୍ଟରେ ଓଡ଼ିଶା ୪୩,୪୭୧ କୋଟି ଟଙ୍କାର ରାଜସ୍ୱ ବଳକା ପାଇ ୧ ନମ୍ବର ରାଜ୍ୟର ମାନ୍ୟତା ହାସଲ କରିଛି। ମହାରାଷ୍ଟ୍ର, ତାମିଲନାଡୁ, ରାଜସ୍ଥାନ, କର୍ନାଟକ, ପଞ୍ଜାବ, ହରିୟାଣା, ଆସାମ ଓ ପଶ୍ଚିମବଙ୍ଗ ଭଳି ରାଜ୍ୟକୁ ପଛରେ ପକାଇ ଓଡ଼ିଶା ଏହି ଗୌରବ ହାସଲ କରିଛି। ଉକ୍ତ ରାଜ୍ୟଗୁଡ଼ିକ ରାଜସ୍ୱ ନିଅଣ୍ଟିଆରେ ଚାଲୁଛନ୍ତି। ରାଜସ୍ୱ ବଳକାରେ ଓଡ଼ିଶା ପଛକୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ଗୁଜରାଟ, ☞ପୃଷ୍ଠା-୨


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

## ଶ୍ରୀମନ୍ଦିର ନାଟମଣ୍ଡପ: ଆଜିଠୁ ମରାମତି ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୧୫।୧୧ (କାର୍ତ୍ତିକ ସାହୁ)**

ପୁରୀ ଶ୍ରୀମନ୍ଦିର ନାଟମଣ୍ଡପର ମରାମତି କାର୍ଯ୍ୟ ଗୁରୁବାରଠାରୁ ଆରମ୍ଭ କରିବାକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ମୁରାହରି ଶ୍ରୀ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ନାଟମଣ୍ଡପ ମରାମତି କାର୍ଯ୍ୟ ଦିନକୁ ୬ ଘଣ୍ଟା ଲେଖାଏ କରି ୧୨୦ ଦିନରେ ଶେଷ କରିବାକୁ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଆମିକସ୍ କ୍ୟୁରି ଏହି କାର୍ଯ୍ୟର ଅନୁଧ୍ୟାନ କରି ପ୍ରତି ୧୫ ଦିନରେ ହାଇକୋର୍ଟଙ୍କୁ ରିପୋର୍ଟ ପ୍ରଦାନ କରିବେ। ଶ୍ରୀମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ଏଥିପାଇଁ ସହଯୋଗ ଯୋଗାଇ ଦେବ। ଏଥିସହ ଶ୍ରଦ୍ଧାଳୁମାନେ ଯେପରି ଦିଅଁ ଦର୍ଶନ କରିବା ନେଇ ଅସୁବିଧାରେ ନ ପଡନ୍ତି ଶ୍ରୀମନ୍ଦିର ପ୍ରଶାସନ ବ୍ୟବସ୍ଥା କରିବ। ନାଟମଣ୍ଡପ ମରାମତି ଓ ଠାକୁର ଦର୍ଶନ ଉଭୟ କାର୍ଯ୍ୟ ଠିକ୍ ଭାବେ ହେବା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଉଭୟ ମଧ୍ୟରେ ସମନ୍ୱୟ ରକ୍ଷା କରିବ। ଡିସେମ୍ବର ୪ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ସୂଚନା ଅନୁସାରେ, ଏଏସ୍‌ଆଇ ପୁରୀ ସର୍କଲ୍‌ର ସୁପରିଣ୍ଟେଣ୍ଡିଂ ଆର୍କିଓଲୋଜିଷ୍ଟ ଡ. ଦିବିଶାଦ ବ୍ରଜସୁନ୍ଦର ଗଡ଼ନାୟକ ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରି ଆସନ୍ତା ଜାନୁୟାରୀ ୨୪ ତାରିଖରୁ ନାଟମଣ୍ଡପ ମରାମତି କାର୍ଯ୍ୟ କରିବା ନିମନ୍ତେ ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏବେ ପୁରୀରେ ହବିଷିଆଳିଙ୍କ ସମେତ ଭକ୍ତମାନେ ମଧ୍ୟ ବହୁ ଭାବରେ ଦର୍ଶନ ପାଇଁ ଭିଡ଼ ଜମାଉଛନ୍ତି। ଏଥିସହ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ କେତେକ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ସେଥିପାଇଁ ଏବେ ନାଟମଣ୍ଡପ ମରାମତି ସମ୍ଭବ ନୁହେଁ ବୋଲି ଏଏସ୍‌ଆଇ ସତ୍ୟପାଠରେ ଦର୍ଶାଇଥିଲେ। ଏହାକୁ ନେଇ ହାଇକୋର୍ଟ ବିରକ୍ତି ପ୍ରକାଶ କରିବା ସହ ନାଟମଣ୍ଡପ ମରାମତି କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ☞ପୃଷ୍ଠା-୨

## ଜଳବାୟୁ ପରିବର୍ତ୍ତନରୁ ଓଡ଼ଶ ବଂଶବୃଦ୍ଧି

**ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ତର କୋରିଆ ସମେତ ସାରା ବିଶ୍ୱରେ ଓଡ଼ଶଙ୍କ ବଂଶବୃଦ୍ଧି ଚିନ୍ତାର କାରଣ ପାଲଟିଛି। ୭୦-୮୦ ଡିଗ୍ରୀ ଫାରେନ୍‌ହିଟ୍ (୨୧-୨୭ ଡିଗ୍ରୀ ସେଲସିଅସ୍) ତାପମାତ୍ରା ଏହି ରକ୍ତ ଶୋଷଣକାରୀ ପୋକକୁ ସୁହାଉଥିବାରୁ ଅସ୍ୱାଭାବିକ ଉଷ୍ମତା ବୃଦ୍ଧିକୁ ଏଥିପାଇଁ ଦାୟୀ କରାଯାଉଛି। କାରଣ ତାପମାତ୍ରା ବଢ଼ିଲେ ଓଡ଼ଶଙ୍କ ତ୍ୱରିତ ବଂଶବିସ୍ତାର ହୋଇଥାଏ। ଏଥିସହ ଓଡ଼ଶଙ୍କୁ ନୂଆ ଅଞ୍ଚଳରେ ନିଜ ବାସସ୍ଥାନ ବିସ୍ତାର ପାଇଁ ମଧ୍ୟ ସୁଯୋଗ ମିଳିଥାଏ। ସମ୍ପ୍ରତି ଏସୀୟ ରାଷ୍ଟ୍ରଗୁଡ଼ିକରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଅହେତୁକ ଭାବେ ଅନୁଭୂତ ହେଉଥିବାରୁ ଏହି କୀଟଙ୍କୁ ନେଇ ଆତଙ୍କ ବଢ଼ିବାରେ ଲାଗିଛି।**



**ସିଓଲ,୧୫।୧୧**

କୋଭିଡ୍-୧୯ ମହାମାରୀ ପରେ ଦକ୍ଷିଣ କୋରିଆର ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ଦେଖିବାକୁ ମିଳିଥିବାବେଳେ ଓଡ଼ଶଙ୍କ ବଂଶବୃଦ୍ଧି ଦେଶବାସୀଙ୍କୁ ଆତଙ୍କିତ କରିଛି। ଫଳରେ ଏହି ରକ୍ତଶୋଷଣକାରୀ ପୋକ ଦୌରାତ୍ମ୍ୟରୁ ମୁକ୍ତି ପାଇବା ପାଇଁ ଅନେକ ଲୋକ ସାଧାରଣ ପରିବହନର ବ୍ୟବହାର ଓ ସିନେମା ହଲ୍‌କୁ ଯିବା ବନ୍ଦ କରିଦେଲେଣି। ପରିଚ୍ଛନ୍ନତା ଦାୟିତ୍ୱରେ ଥିବା ଅଧିକାରୀମାନେ ଓଡ଼ଶଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଫ୍ରାନ୍ସ ଓ ବ୍ରିଟେନ୍ ସମେତ ବିଭିନ୍ନ ଦେଶରୁ ଆସୁଥିବା ଅନ୍ତର୍ଜାତୀୟ ଯାତ୍ରୀଙ୍କୁ ନିଜ ନିଜ ଜିନିଷପତ୍ରଗୁଡ଼ିକରେ ସତର୍କତାର ସହ କୀଟାଣୁନାଶକ ପ୍ରୟୋଗ କରିବାକୁ ପରାମର୍ଶ ଦେଉଛନ୍ତି। ଓଡ଼ଶଙ୍କ ଶିକାର ହୋଇଥିବା ବ୍ୟକ୍ତିମାନେ ବିଦେଶ ଯାତ୍ରାବେଳେ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"ରାଜସ୍ଥାନ ଭୋଟର କଂଗ୍ରେସର ଦୁର୍ନୀତି ଓ ତୁଷ୍ଟୀକରଣ ରାଜନୀତିକୁ ପ୍ରତ୍ୟାଖ୍ୟାନ କରି ଶାସକ ଦଳକୁ କ୍ଷମତାଚ୍ୟୁତ କରିବା ବେଳ ଆସିଯାଇଛି।

-ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତେଲ ଘଡ଼ିକି ଆଶା,**
**ପୁଅ ମୁଣ୍ଡକୁ ଆଶା।**

କେଶ ବା ଚୁଟି ନୁଖୁରା ନ ହେବା ଲାଗି ମୁଣ୍ଡରେ ତେଲ ଲଗାଇବାକୁ ପଡ଼ିଥାଏ। ତେବେ ତେଲ ସରିଯିବା ଭୟରେ ମୁଣ୍ଡରେ ତେଲ ଲଗାଇବାକୁ ଚାହୁଁ ନ ଥିବା ବ୍ୟକ୍ତି ଜଣକ ଯେ କୃପଣ ହୋଇଥାଏ ସେକଥା କାହାରିକୁ ଅଛପା ରହି ନ ଥାଏ। ଗୋଟିଏ ପଟେ କେଶ ନୁଖୁରା ନ ହୋଇ ଯିବାର ଚିନ୍ତା ତ ଅନ୍ୟ ପଟେ ଅର୍ଥ ଖର୍ଚ୍ଚର ଭୟ। ଏପରି ଅବସ୍ଥା ବ୍ୟକ୍ତିକୁ ହରଡ଼ଘଣାରେ ପକାଇଦେବା ସ୍ୱାଭାବିକ ହୋଇଥିବା ସ୍ଥଳେ କୃପଣ ବ୍ୟକ୍ତିଙ୍କର ଧନ ପ୍ରତି ରହିଥିବା ଅହେତୁକ ଦୁର୍ବଳତା ଭାବ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ତୁଚ୍ଛା କଥା;**
**ତୁଚ୍ଛା କଥାରେ ଏତେ ହୀନସ୍ତା।**

କଥା ନିହାତି ମାମୁଲି, ଅର୍ଥହୀନ ପରନ୍ତୁ ସେଇ କଥାରେ ମାତି ସମସ୍ତେ ଅସ୍ତବ୍ୟସ୍ତ, ହଇରାଣ ହରକତ। ସାଧାରଣତଃ ଅଯଥା ବା ମୂଲ୍ୟହୀନ କଥାକୁ ଅଧିକ ଗୁରୁତ୍ୱ ଦେବା ଉଚିତ ହୋଇ ନ ଥାଏ। ମୂଲ୍ୟହୀନ କଥା ଶୁଣି ମନ ଖରାପ କରିବାରେ ଲାଭ କିଛି ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




# ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ କେନ୍ଦ୍ରମନ୍ତ୍ରୀ

**ପିଏମ୍ ଶ୍ରୀ ଯୋଜନା ଓଡ଼ିଶାରେ ଲାଗୁ ହୋଇନାହିଁ**

ଭୁବନେଶ୍ୱର, ୧୫।୧୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ପାଇଁ ୨ ଥର ପତ୍ର ଲେଖାଯିବା ପରେ ମଧ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ (ଡିଓଏସ୍‌ଇଏଲ୍) ସହ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ କରିନାହାନ୍ତି। ଏହି ମର୍ମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୩ୟ ଥର ପାଇଁ ଚିଠି ଲେଖି ରାଜ୍ୟରେ ପିଏମ୍ ଶ୍ରୀ ଯୋଜନା ଲାଗୁ କରିବା ତଥା ଏମ୍‌ଓୟୁ ସ୍ୱାକ୍ଷର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ସମଗ୍ର ଦେଶରେ ୧୪,୫୦୦ରୁ ଅଧିକ ପ୍ରଧାନମନ୍ତ୍ରୀ ସ୍କୁଲ ଫର୍ ରାଇଜିଂ ଇଣ୍ଡିଆ (ପିଏମ୍ ଶ୍ରୀ ସ୍କୁଲ) ପ୍ରତିଷ୍ଠା ଲକ୍ଷ୍ୟ ରଖାଯାଇଥିଲା। ୨୦୨୨ ସେପ୍ଟେମ୍ବର ୭ରେ ପିଏମ୍ ଶ୍ରୀ ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି ସ୍କୁଲଗୁଡ଼ିକ ଜାତୀୟ ଶିକ୍ଷା ନୀତିର ପୂର୍ଣ୍ଣ ଭାବନାକୁ ନେଇ କାର୍ଯ୍ୟ କରିବ ତଥା ସମସ୍ତ ମୌଳିକ ଉପାଦାନକୁ ପ୍ରଦର୍ଶିତ କରିବ। ଏହା ସବୁ ବିଦ୍ୟାଳୟ ପାଇଁ ଏକ ଉଦାହରଣ ଭାବେ କାର୍ଯ୍ୟ କରିବ। ପିଏମ୍ ଶ୍ରୀ ସ୍କୁଲଗୁଡ଼ିକ ଉତ୍ସାହଭରା ପରିବେଶରେ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ଶିକ୍ଷା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସହ ଏମ୍‌ଓୟୁ ସ୍ୱାକ୍ଷର କରିବା ପାଇଁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ଅନୁରୋଧ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ପ୍ରାୟ ଅଧିକାଂଶ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଏହି ଏମ୍‌ଓୟୁ ସ୍ୱାକ୍ଷର କରିସାରିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ସ୍କୁଲ ଚୟନ ସମ୍ପୂର୍ଣ୍ଣ ହୋଇସାରିଛି। ପିଏମ୍ ଶ୍ରୀ ସ୍କୁଲ ଯୋଜନାର କ୍ରିୟାନ୍ୱୟନ ପାଇଁ ପ୍ରଥମ କିସ୍ତି ମଧ ଜାରି ହୋଇଛି। ୨ୟ ପର୍ଯ୍ୟାୟରେ ପିଏମ୍ ଶ୍ରୀ ସ୍କୁଲ ପାଇଁ ଚୟନ ପ୍ରକ୍ରିୟା ଜାରି ରହିଥିବା ବେଳେ ଓଡ଼ିଶା ଏପର୍ଯ୍ୟନ୍ତ ଏହି ବୁଝାମଣାପତ୍ର ସ୍ୱାକ୍ଷର କରିନାହିଁ। ଏଥିପାଇଁ ପୂର୍ବରୁ ଗତ ଅକ୍ଟୋବର ୯ ଏବଂ ମାର୍ଚ୍ଚ ୧୩ରେ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରାଯିବା ସତ୍ତ୍ୱେ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇ ନ ଥିବା ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି।

# ରୋଗପୋକ ଉପଦ୍ରବରୁ ଚାଷୀ ଆତ୍ମହତ୍ୟା

- କୀଟନାଶକ ସିଞ୍ଚନ ପରେ ସୁଫଳ ନ ମିଳିବାରୁ ହତାଶ ହୋଇଥିଲେ
- ମୃତ ଚାଷୀଙ୍କ ପରିବାରକୁ ୫୦ ଲକ୍ଷ କ୍ଷତିପୂରଣ ଦାବି
- କୃଷି ଅଧିକାରୀ କ୍ଷେତ୍ର ପରିଦର୍ଶନ କରୁନାହାନ୍ତି: ବିଧାୟକ
- ଚାଷୀ କୃଷି କର୍ମଚାରୀଙ୍କୁ ସମସ୍ୟା ଜଣାଇ ନ ଥିଲେ: ସିଡିଏଓ

ବଲାଙ୍ଗୀର, ୧୫।୧୧
(ବୀରେନ୍ଦ୍ର କୁମାର ଝାଙ୍କର)

ଫସଲରେ ରୋଗପୋକ ଉପଦ୍ରବ ଯୋଗୁ ବଲାଙ୍ଗୀର ଜିଲା ପୁଇଁତଳା ବ୍ଲକ ଅନ୍ତର୍ଗତ ବୁବେଲ ଗାଁର ଚାଷୀ ରମେଶ ଭୋଇ(୫୦) ବିଷପିଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ରମେଶ ୧୦ଏକର ଜମିରେ ଧାନଚାଷ କରିଥିଲେ। ସେଥିରୁ ପ୍ରାୟ ୭ଏକର ଜମି ଚକଡା ପ୍ରଭାବିତ ହୋଇଥିଲା। ମାଟିଆଗୁଣ୍ଡି ପୋକ ଲାଗିବା ପରେ ତିନିଥର କୀଟନାଶକ ସିଞ୍ଚନ କଲେ ମଧ ରୋଗପୋକ କମି ନ ଥିଲା। ଏଥିରେ ମ୍ରିୟମାଣ ହୋଇ ମଙ୍ଗଳବାର ଅପରାହ୍ନ ୫ଟାରେ ରମେଶ ନିଜ ଚାଷଜମିରେ କୀଟନାଶକ ପିଇ ଦେଇଥିବା ଜଣାପଡିଥିଲା। ରମେଶଙ୍କ ଭାଇ ଏବଂ ଗାଁ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଆଣି ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ରୋଗପୋକ ଉପଦ୍ରବରୁ ଫସଲ ନଷ୍ଟ ହେବା ଏବଂ ପ୍ରାୟ ୫ ଲକ୍ଷ ଟଙ୍କା ଋଣ ଆଣିଥିବା କାରଣରୁ ରମେଶ ବିଷପାନ କରି ଆତ୍ମହତ୍ୟା କରିଥିବା ମୃତଚାଷୀଙ୍କ ଭାଇ ଜୟଭାରତ ଭୋଇ ଏବଂ


ମୃତଚାଷୀ ରମେଶ ଭୋଇ।

ଅଶୋକ ଭୋଇ ଅଭିଯୋଗ କରିଛନ୍ତି। ଏ ନେଇ ସେମାନେ ପୁଇଁତଳା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ମୃତଚାଷୀଙ୍କ ସ୍ତ୍ରୀ କ୍ଷୀରୋଦ୍ରୀ ଏବଂ ଦୁଇ ସନ୍ତାନ ଅଛନ୍ତି। ରମେଶଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ବୁଧବାର ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପରିବାର ବର୍ଗଙ୍କ ଅଭିଯୋଗ ହେଲା ଯେ, ରମେଶଙ୍କ ୧୦ ଏକର ଧାନରୁ ପ୍ରାୟ ୭ ଏକର ଜମି ଚକଡା ପ୍ରଭାବିତ ହୋଇଥିଲେ ମଧ କୌଣସି କୃଷି ଅଧିକାରୀ କିମ୍ବା କର୍ମଚାରୀ ଘଟଣା ସମ୍ପର୍କରେ ଜାଣି ନ ଥିଲେ। ଚାଷୀ ରମେଶ ରୋଗପୋକ ଉପଦ୍ରବରୁ ମୁକ୍ତି ପାଇଁ ବାରମ୍ବାର କୀଟନାଶକ ସିଞ୍ଚନ କରି ଖର୍ଚ୍ଚାନ୍ତ ହୋଇଥିଲେ। ହେଲେ ରୋଗପୋକ ଉପଦ୍ରବ ନ କମିବାରୁ ଶେଷରେ ଆତ୍ମହତ୍ୟା ପନ୍ଥା ବାଛି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏଭଳି ଦୁଃଖଦ ଖବର ପାଇ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ଓ ଜିଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ସୁବାସ ଚନ୍ଦ୍ର ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ। କୃଷି ବିଭାଗର କୌଣସି ଅଧିକାରୀ କିମ୍ବା କର୍ମଚାରୀ କ୍ଷେତ୍ର ପରିଦର୍ଶନରେ ଆସୁ ନ ଥିବାରୁ ରୋଗପୋକ ଉପଦ୍ରବ ହେଉଥିଲେ ମଧ କିଛି ଜାଣିପାରୁନାହାନ୍ତି ବୋଲି କହିଥିଲେ। ଏଭଳିକି ଚାଷୀ କୃଷି ବିଶେଷଜ୍ଞ ଏବଂ ଅଧିକାରୀଙ୍କଠାରୁ କୌଣସି ସୁପରାମର୍ଶ ପାଉ ନ ଥିବାରୁ ବଜାରରୁ ଚଢ଼ା ଦରରେ କୀଟନାଶକ ଆଣି ସିଞ୍ଚନ କରିବାକୁ ବାଧ ହେଉଛି ବୋଲି ସେ କହିଥିଲେ। କୃଷି ଅଧିକାରୀଙ୍କ ଅବହେଳାରୁ ଏଭଳି ଦୁଃଖଦ ଘଟଣା ଘଟୁଛି ବୋଲି ବିଧାୟକ ମହାଲିଙ୍ଗ କହିଛନ୍ତି। ମୃତ ଚାଷୀଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ସେ ଦାବି କରିଛନ୍ତି। ଅନ୍ୟପଟେ ଜିଲା ମୁଖ୍ୟ କୃଷି ଅଧିକାରୀ ବେହେରା ମୃତ ଚାଷୀ ଭୋଇଙ୍କ ଉଜୁଡା କ୍ଷେତକୁ ଯାଇ ପରିଦର୍ଶନ କରିବା ସହ ଏହା ଚକଡା ପ୍ରଭାବିତ ନୁହେଁ ବୋଲି କହିଛନ୍ତି। ଚାଷୀ କୌଣସି କୃଷି ଅଧିକାରୀଙ୍କୁ ତାଙ୍କ ସମସ୍ୟା ଜଣାଇ ନ ଥିଲେ ବୋଲି କହିଛନ୍ତି। କୃଷି ବିଭାଗ ଅବହେଳାକୁ ନେଇ ଗାଁ ଲୋକେ ତୀବ୍ର ପ୍ରତିକ୍ରିୟା ପ୍ରକଶ କରିଛନ୍ତି। ଅନ୍ୟପକ୍ଷେ ଘରୋଇ କଳହକୁ ନେଇ ରମେଶ ଆତ୍ମହତ୍ୟା କରିଥିବା ନେଇ ହେଉଥିବା ଚର୍ଚ୍ଚା ଅମୂଳକ ବୋଲି ମୃତଚାଷୀଙ୍କ ଭାଇ ଅଶୋକ ଭୋଇ କହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଫାଇନାଲରେ ଭାରତ...

କରି ଆଉଟ ହୋଇଥିଲେ। ଆୟର ମଧ ଏଠାରେ ଖେଳିଥିଲେ ଅନ୍ୟତମ ସ୍ମରଣୀୟ ଇନିଂସ। ସେ ଚୌକା ଅପେକ୍ଷା ଅଧିକ ଛକା ମାରି ହାସଲ କରିଥିଲେ କ୍ୟାରିୟରର ୫ମ ଦିନିକିଆ ଶତକ। ମାତ୍ର ୭୦ ବଲ୍‌ରୁ ସେ ୪ ଚୌକା ଓ ୮ ଛକା ସହାୟତାରେ ୧୦୫ ରନ କରିଥିଲେ। ବଡ଼ ଶଟ୍ ଖେଳିବା ଚକ୍କରରେ ସୂର୍ଯ୍ୟକୁମାର ଯାଦବ ଯଦିଓ ମାତ୍ର ୧ ରନକରି ଆଉଟ ହୋଇଯାଇଥିଲେ ଲୋକେଶ ରାହୁଲ ୨୦ ବଲ୍‌ରୁ ୩୯ (୫ ଚୌକା, ୨ ଛକା) ରନକରି ଅପରାଜିତ ରହିବାରୁ ଭାରତ ସ୍କୋର ୩୯୭ରେ ପହଞ୍ଚିଯାଇଥିଲା। ସୂର୍ଯ୍ୟଙ୍କ ଉଇକେଟ ପତନ ପରେ ପୁଣି କ୍ରିଜକୁ ଆସିଥିବା ଗିଲ୍ ୮୦ (୬୬ ବଲ, ୮ ଚୌକା, ୩ ଛକା) ରନରେ ଅପରାଜିତ ଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ୩ ଉଇକେଟ ନେଇଥିବା ଟିମ୍ ସୌଦୀ ସବୁଠାରୁ ମହଙ୍ଗା ସାବ୍ୟସ୍ତ ହୋଇଥିଲେ। ସେ ୧୦ ଓଭରରେ ୧୦୦ ରନ ବ୍ୟୟ କରିଥିଲେ। ଟ୍ରେଣ୍ଟ ବୋଲ୍ଟ ୮୬ ରନ ବିନିମୟରେ ଗୋଟିଏ ଉଇକେଟ ନେଇଥିଲେ।

ବୃହତ୍ ସ୍କୋରର ପିଛା କରିଥିବା ନ୍ୟୁଜିଲାଣ୍ଡ ୩୯ ରନ ମଧରେ ଦୁଇ ଓପନର ଡେଭନ କନ୍‌ୱେ ଓ ରାଚିନ ରବୀନ୍ଦ୍ରଙ୍କ ଉଇକେଟ ହରାଇ ବିପଦରେ ପଡ଼ିଥିଲା। ଉଭୟ ଖେଳାଳି ୧୩ ରନ ଲେଖାଏ କରି ମହମ୍ମଦ ଶାମିଙ୍କ ଶିକାର ହୋଇଥିଲେ। ପରେ ଅଧିନାୟକ କେନ୍ ୱିଲିୟମସନ ଓ ଡାରିଲ ମିଚେଲ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିବା ସହ ଭାରତ ପାଇଁ ବିପଦ ସୃଷ୍ଟି କରିଥିଲେ। ଇତିମଧରେ ମିଚେଲ କ୍ୟାରିୟରର ୬ଷ୍ଠ ଶତକ ମଧ ହାସଲ କରିଥିଲେ। ତୃତୀୟ ଉଇକେଟରେ ଦୁହେଁ ୧୪୯ ବଲ୍‌ରୁ ୧୮୧ ରନ ଯୋଗ କରିବା ପରେ ଭାରତକୁ ବହୁ ପ୍ରତିକ୍ଷୀତ ବ୍ରେକ୍ ଥ୍ରୁ ଦେଇଥିଲେ ଶାମି। ସେ ୩୩ତମ ଓଭରର ଦ୍ୱିତୀୟ ବଲ୍‌ରେ ୱିଲିୟମସନଙ୍କୁ ଆଉଟ କରି ଭାରତୀୟ ଶିବିରରେ ଉତ୍ସାହ ଖେଳାଇ ଦେଇଥିଲେ। କେବଳ ସେତିକି ନୁହେଁ, ସେ ଏହି ଓଭରର ୪ର୍ଥ ବଲ୍‌ରେ ଟମ୍ ଲଥାମଙ୍କୁ ଏଲବିଡବ୍ଲ୍ୟୁ କରି ନ୍ୟୁଜିଲାଣ୍ଡକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଦ୍ରୁତ ହାରରେ ରନ ସଂଗ୍ରହ କରି ବିପଜ୍ଜନକ ସାବ୍ୟସ୍ତ ହୋଇଆସୁଥିବା ଗ୍ଲେନ୍ ଫିଲିପ୍ସ (୩୩ ବଲ୍‌ରୁ ୪୧ରନ, ୪ ଚୌକା, ୨ ଛକା)ଙ୍କୁ ପ୍ୟାଭିଲିୟନ ପଥ ଦେଖାଇଥିଲେ ଯଶପ୍ରୀତ୍ ବୁମ୍ରା। ଏକାକୀ ଲଢ଼େଇ କରି ୧୧୯ ବଲ୍‌ରୁ ୧୩୪ (୯ ଚୌକା, ୭ ଛକା) ରନ କରିଥିବା ମିଚେଲଙ୍କୁ ଆଉଟ୍ କରି ଚଳିତ ବିଶ୍ୱକପରେ ନ୍ୟୁଜିଲାଣ୍ଡ ବିପକ୍ଷରେ ଦ୍ୱିତୀୟ ଏବଂ ମୋଟ ଉପରେ ୩ୟ ଥରପାଇଁ ୫ ଉଇକେଟ ପୂରଣ କରିଥିଲେ ଶାମି। ଦିନିକିଆ କ୍ରିକେଟରେ ସେ ୫ମ ଥରପାଇଁ ୫ ଉଇକେଟ୍ ସଫଳତା ପାଇଥିଲେ। ଶାମି ନିଜର ୯.୫ ଓଭର ସ୍ପେଲ୍‌ରେ ୫୭ ରନଦେଇ ୭ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଏହାଥିଲା ତାଙ୍କ କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ। ବୁମ୍ରା, ମହମ୍ମଦ ସିରାଜ ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ୩୦୦ ଫୁଟ୍ ଖସିଲା ...

ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ୧୫ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟ ୫ ଜଣଙ୍କୁ ହେଲିକପ୍ଟର ଯୋଗେ ଜମ୍ମୁସ୍ଥିତ ସରକାରୀ ମେଡିକାଲ କଲେଜରେ ଚିକିତ୍ସା କରାଯାଉଥିବା ଜଣେ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ଦୁର୍ଘଟଣାର ପ୍ରକୃତ କାରଣ ଖୋଜିବା ପାଇଁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ଡୋଡା ଡେପୁଟି କମିଶନର ହରବିନ୍ଦର ସିଂ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକଙ୍କ ସମ୍ପର୍କୀୟଙ୍କୁ ୨ ଲକ୍ଷ ଓ ଆହତମାନଙ୍କୁ ୫୦ ହଜାର ଟଙ୍କା ଲେଖାଏ ସହାୟତା ରାଶି ଦେବାକୁ ଘୋଷଣା କରିଛନ୍ତି। ବସ୍‌ରେ ଧାରଣ କ୍ଷମତାଠାରୁ ଅଧିକ ଯାତ୍ରୀ ଯାଉଥିବାବେଳେ ଚାଳକ ଏହାକୁ ରାସ୍ତାର ଡାହାଣ ପାର୍ଶ୍ୱରେ ନେବାରୁ ଏପରି ଘଟିଥିବା କୁହାଯାଉଥିବାବେଳେ ସ୍ଥାନୀୟ ଲୋକେ ଏହି ଜାତୀୟ ରାଜପଥର ଦୁରବସ୍ଥାକୁ ଦୁର୍ଘଟଣା ପାଇଁ ଦାୟୀ କରିଛନ୍ତି।

### ଘାଟି ତଳକୁ କାର୍ ...

ବିଶାଖାପାଟଣାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ବାହାରିଥିଲେ। ଗୌରବଙ୍କ କାର ପଛରେ ରହିଥିବା ବେଳେ ଅନ୍ୟ କାରଟି ଆଗେ ଆଗେ ଚାଲିଥିଲା। ହେଲେ ଗୌରବଙ୍କ କାର ଯୋଡିମାବିଲି ଘାଟିରେ ଭାରସାମ୍ୟ ହରାଇ ଘାଟି ତଳକୁ ଖସି ପଡ଼ିଥିଲା। ଘଟଣାସ୍ଥଳରେ ଉପରୋକ୍ତ ୩ ଜଣଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ଥିବା ରଚନାଙ୍କୁ ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ପରିବାର ଲୋକେ ତାଙ୍କୁ ଘରକୁ ନେଇ ଯାଇଛନ୍ତି। ପଟ୍ଟାଙ୍ଗି ଥାନା ପୋଲିସ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ମୃତଦେହଗୁଡ଼ିକୁ ଘଟଣାସ୍ଥଳରୁ ବାହାର କରି ବ୍ୟବଚ୍ଛେଦ କରାଇ ସମ୍ପର୍କୀୟମାନଙ୍କୁ ହସ୍ତାନ୍ତର କରିଛି।

ମୃତକମାନଙ୍କ ଜଣେ ସମ୍ପର୍କୀୟ ପ୍ରତୀକ ମୋଦି କହନ୍ତି, ଗୌରବ ଠକରଙ୍କ କାର୍ ଅନେକ ପଛରେ ଥିବା ବେଳେ ଅନ୍ୟ କାରଟି ଆଗରେ ଚାଲିଥିଲା। ଗୌରବଙ୍କ କାରରେ ଥିବା ୪ ଜଣ ଫୋନ୍ ଯୋଗେ ନିଜ ଗ୍ରାମ ରାଜନନ୍ଦଗାଁଓରେ ଥିବା ଅନ୍ୟମାନଙ୍କ ସହ କଥାବାର୍ତ୍ତା ହେଉଥିଲେ। ରାତି ସାଢ଼େ ୯ଟା ପରେ ଆଉ କେହି ଫୋନ୍ ଉଠାଇ ନ ଥିଲେ। ଫଳରେ କିଛି ଅଘଟଣ ଘଟିଥିବା ସନ୍ଦେହ କରି ପ୍ରଥମେ ସୁଙ୍କି ପୋଲିସ ପରେ ପଟ୍ଟାଙ୍ଗି ପୋଲିସକୁ ଯୋଗାଯୋଗ କରି ଗୌରବଙ୍କ ଖବର ଆମେ ପାଇଥିଲୁ ବୋଲି ମୋଦି କହିଛନ୍ତି। ବୁଧବାର ଭୋରରେ କାର ଦୁର୍ଘଟଣାଗ୍ରସ୍ତ ହୋଇଥିବା ପୋଲିସ ଖବର ଦେଇଥିଲା।

### ଜୟପୁରରୁ ୫ ଛାତ୍ରଙ୍କୁ ...

ଧରିଥିଲା। ସେମାନଙ୍କୁ ପଚରାଉଚରା ପରେ ସମ୍ପୃକ୍ତ ଅଭିଯୁକ୍ତମାନେ ଜୟପୁରର ଉପରୋକ୍ତ ଛାତ୍ରମାନଙ୍କ ନାମ କହିଥିଲେ। ଫଳରେ ନାର୍କୋଟିକ୍ସ ଟିମ୍ ମଙ୍ଗଳବାର ରାତିରେ ଚଢ଼ାଉ କରି ସେମାନଙ୍କୁ ଧରିଥିବା ଟାଉନଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ଛାତ୍ରଙ୍କ ପରିବାର ଲୋକେ ଜୟପୁର ଟାଉନ ଥାନାରେ ସେମାନଙ୍କ ପିଲାଙ୍କ ନିଖୋଜ ନେଇ ଲିଖିତ ଅଭିଯୋଗ କରିଛନ୍ତି। ସୂଚନାଯୋଗ୍ୟ, ପାରାବେଡ଼ା ଉକ୍ତ ଭଡ଼ାଘରେ ରହି ଏମାନେ ପାଠ ପଢୁଥିଲେ ବୋଲି ଜଣାପଡ଼ିଛି।

### ଚାଇନାରେ ଦ୍ରୁତତମ...

ବେକ୍‌ବୋନ୍ ନେଟ୍‌ୱର୍କ ପ୍ରତି ସେକେଣ୍ଡରେ ୧୦୦ ଜିଗାବାଇଟ୍‌ରେ କାର୍ଯ୍ୟକରେ। ନିକଟରେ ଆମେରିକା ଏହାର ପଞ୍ଚମ ଜେନେରେଶନ ଇଣ୍ଟରନେଟ୍-୨କୁ ପ୍ରତି ସେକେଣ୍ଡରେ୪୦୦ଜିଗାବାଇଟ୍‌ରେପରିବର୍ତ୍ତନକରିପାରିଛି।

### ଆର୍ଥିକ ପରିଚାଳନାରେ ...

ଝାଡ଼ଖଣ୍ଡ ଓ ଛତିଶଗଡ଼ ଅଛନ୍ତି। ରାଜ୍ୟର ଆର୍ଥିକ ପରିଚାଳନାକୁ କେନ୍ଦ୍ର ସରକାର ଓ ନୀତି ଆୟୋଗ ନିୟମିତ ପ୍ରଶଂସା କରି ଆସୁଛନ୍ତି। ଓଡ଼ିଶା ଏବେ ଦେଶର ଆର୍ଥିକ ଶକ୍ତି ଭାବେ ଉଭା ହୋଇଛି। ସମଗ୍ର ବିଶ୍ୱରେ ଆର୍ଥିକ ମାନ୍ଦାବସ୍ଥା ଲାଗି ରହିଥିବା ବେଳେ ଓଡ଼ିଶାର ଉତ୍ତମ ଆର୍ଥିକ ପରିଚାଳନା ରାଜ୍ୟକୁ ରାଜସ୍ୱ ବଳକାରେ ପରିଣତ କରିପାରିଛି। ଏଥିଯୋଗୁ ରାଜ୍ୟ ସରକାର ନିଜସ୍ୱ ସମ୍ବଳରେ ଅନେକ କିଛି ଜନହିତକର ଯୋଜନା କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇପାରୁଛନ୍ତି। ରାଜ୍ୟର ରୂପାନ୍ତରଣରେ ଏହାର ବଳିଷ୍ଠ ଯୋଗଦାନ ରହିଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ଜଳସେଚନ, ଗ୍ରାମାଞ୍ଚଳ ବିକାଶ, ମହିଳା ସଶକ୍ତୀକରଣ ଇତ୍ୟାଦିରେ ବ୍ୟାପକ ଉନ୍ନତି ଆସିପାରିଛି।

### ଶ୍ରୀମନ୍ଦିର ନାଟମଣ୍ଡପ: ଆଜିଠୁ ...

ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିର ନାଟମଣ୍ଡପ ମରାମତି ମାମଲାରେ ଏଏସ୍‌ଆଇ ପକ୍ଷରୁ ଗତ ୮ ତାରିଖରେ ଦାଖଲ ସତ୍ୟପାଠକୁ ଅସମ୍ପୂର୍ଣ୍ଣ ଅଭିହିତ କରି ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ। ୨୦୧୭ରୁ ଦୀର୍ଘ ୫ ବର୍ଷ ଧରି ନାଟମଣ୍ଡପ ଓ ଜଗମୋହନ ମରାମତି କାର୍ଯ୍ୟ ଏଏସ୍‌ଆଇ ଦ୍ୱାରା କରାଯାଉଥିଲେ ବି ତାହା ସରୁ ନ ଥିବାରୁ ହାଇକୋର୍ଟ ଅସନ୍ତୋଷ ପ୍ରକାଶ କରିଥିଲେ। ଏଏସ୍‌ଆଇ ପକ୍ଷରୁ ଉକ୍ତ ଦିନ ଦାଖଲ ସତ୍ୟପାଠକୁ ଫେରସ୍ତ ନେବାକୁ ନିବେଦନ କରାଯିବା ସହ ସାନି ସବିଶେଷ ସତ୍ୟପାଠ ୧୫ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ଅଦାଲତଙ୍କ ଅନୁମତି ଲୋଡ଼ିଥିଲେ। ତଦନୁସାରେ, ଏଏସ୍‌ଆଇ ପକ୍ଷରୁ ବୁଧବାର ହାଇକୋର୍ଟରେ ବିସ୍ତୃତ ସତ୍ୟପାଠ ଦାଖଲ କରାଯାଇଥିଲା। କଟକର ଅଭିଷେକ ଦାସଙ୍କ ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାକୁ ଆଇନଜୀବୀ ଆଲୋକ କୁମାର ମହାପାତ୍ର ପରିଚାଳନା କରୁଛନ୍ତି।

### ଜଳବାୟୁ ପରିବର୍ତ୍ତନରୁ ...

ସାଙ୍ଗରେ ନେଇ ଯାଉଥିବା ସାମଗ୍ରୀଗୁଡ଼ିକୁ ଷ୍ଟେରଲାଇଜ୍ କରାଇବା ଉଚିତ ବୋଲି ନିକଟରେ କୋରିଆ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ ଏଜେନ୍ସି ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ତେବେ ଓଡ଼ଶ ଉପରେ କୀଟାଣୁନାଶକ ସିଞ୍ଚନ କଲେ ସୁଫଳ ମିଳି ନ ପାରେ ବୋଲି ଅଧିକାରୀମାନେ ସତର୍କ କରାଇଛନ୍ତି। ଏଥିସହ ଓଡ଼ଶ ମାରିବା ପାଇଁ ଦେଶ ପାଇରେଥ୍ରୋଇଡ୍ ଭିତ୍ତିକ ରାସାୟନିକ ଥିବା ପେଷ୍ଟିସାଇଡ୍ ଆପଣାଇବା ଆବଶ୍ୟକ ବୋଲି ସେମାନେ ମାନିଛନ୍ତି। ସ୍ଥାନୀୟ ନ୍ୟୁଜ୍ ଚ୍ୟାନେଲଗୁଡ଼ିକରେ ପ୍ରଦର୍ଶିତ ଭିଡିଓରେ ଛୋଟ ଛୋଟ ଲାଲ-ଧୂସର ଓଡ଼ଶ ଦେଖିବାକୁ ମିଳିଛି, ଯାହାର ଆକାର ସେଓ ମଞ୍ଜି ସଦୃଶ। ସେଗୁଡ଼ିକ ପୋଷାକ, ଘରର ଭାଙ୍ଗ, ସୋଫା ଆଦିରେ ବୁଲି ସାଧାରଣରେ ଆତଙ୍କ ସୃଷ୍ଟି କରୁଛନ୍ତି। ଦକ୍ଷିଣ କୋରିଆରେ ପୂର୍ବରୁ ଏଭଳି ଓଡ଼ଶ କେବେ ଦେଖିବାକୁ ମିଳି ନ ଥିଲା।

ଓଡ଼ଶ ମଣିଷ ଓ ପ୍ରାଣୀଙ୍କ ରକ୍ତ ଶୋଷିଥାଏ। କିନ୍ତୁ ଏହା ରୋଗ ସଂକ୍ରାମକ ନୁହେଁ ବୋଲି ସିଓଲ ସିଟିର ଜଣେ ସ୍ୱାସ୍ଥ୍ୟ ଅଧିକାରୀ ୟୁ-ମି କହିଛନ୍ତି। ଅନ୍ୟପକ୍ଷେ ଓଡ଼ଶକୁ ନେଇ ଚିନ୍ତିତ ହେବାର କାରଣ ନାହିଁ ବୋଲି ହଂକଂ କହିଛି। ତେବେ ଓଡ଼ଶ କାମୁଡ଼ିବା ଦ୍ୱାରା ଚର୍ମରୋଗ, କୁଣ୍ଡିଆ ହେଉଥିବାରୁ ଏହାର ନିରାକରଣ ଦିଗରେ ଆମେ ବିଶେଷ ଯତ୍ନବାନ ହେବୁ ବୋଲି ସେ କହିଛନ୍ତି। ସିଓଲର ଏକ ଛୋଟ ରୁମ୍‌ରେ ରହୁଥିବା ପାର୍କ ନାମକ ଜଣେ ୬୬ ବର୍ଷୀୟଙ୍କ ବୃଦ୍ଧାଙ୍ଗୁଳି ନଖରେ ଓଡ଼ଶ ଚଢ଼ିଥିବା ଟିଭି ଚୋସୁନ ନ୍ୟୁଜରେ ଦେଖିବାକୁ ମିଳିଛି। ପାର୍କ କହିଛନ୍ତି, ଓଡ଼ଶ କାମୁଡ଼ିଲେ ଭୀଷଣ କୁଣ୍ଡାଇଥାଏ। ବସ୍ ଯାତ୍ରୀମାନେ କହିଛନ୍ତି, ସେମାନେ ସିଟ୍‌ରେ ବସିବା ପୂର୍ବରୁ ଓଡ଼ଶ ଅଛି କି ବୋଲି ଭଲଭାବେ ଦେଖିନେଉଛନ୍ତି। ଜଣେ ୨୮ ବର୍ଷୀୟା ମହିଳା କର୍ମଚାରୀ କହିଛନ୍ତି, ଓଡ଼ଶ କାମୁଡ଼ା କିମ୍ବା ସାଙ୍ଗରେ ଘରକୁ ଚାଲିଆସିବା ଭୟରେ ସେ ସିନେମା ଦେଖିଯିବା ବନ୍ଦ କରିଦେଲେଣି। ସ୍ୱାସ୍ଥ୍ୟ ଅଧିକାରୀମାନଙ୍କ ମତରେ ଦେଶରେ ଗତ ୧୦ ବର୍ଷ ମଧରେ ୯ ଥର ଓଡ଼ଶ ସଂକ୍ରମଣ ଦେଖିବାକୁ ମିଳିଥିବାବେଳେ କେବଳ ମାସକରେ ଏହି ସଂଖ୍ୟା ଅନ୍ୟୂନ ୩୩। ସିଙ୍ଗାପୁରର ଜଣେ ବ୍ୟକ୍ତି ଓଡ଼ଶଙ୍କୁ ମାରିବା ପାଇଁ ନିଜ ମସିଣାରେ ନିଆଁ ଲଗାଇଦେଇଛନ୍ତି।

ସାରା ବିଶ୍ୱରେ ଓଡ଼ଶଙ୍କ ବଂଶବୃଦ୍ଧି ଘଟୁଛି। ଏପରି କି କୀଟନାଶକ ମଧ ଓଡ଼ଶଙ୍କୁ କାମ କରୁନାହିଁ। ଦକ୍ଷିଣ କୋରିଆରେ ଡିଡିଟି କୀଟନାଶକ ପ୍ରୟୋଗ ଯୋଗୁ ୧୯୬୦ରୁ ୧୯୭୦ ଦଶକ ମଧରେ ଓଡ଼ଶ ବଂଶ ପ୍ରାୟତଃ ନିପାତ ହୋଇଯାଇଥିଲେ। କିନ୍ତୁ ଏବେ ଡିଡିଟି ବ୍ୟବହାରକୁ ନିଷେଧ କରାଯାଇଛି। ଓଡ଼ଶ ବୃଦ୍ଧି ଘଟିଲେ ରିପୋର୍ଟ ଗ୍ରହଣ ପାଇଁ ସିଓଲ ସିଟିରେ ଏକ କଲ୍ ସେଣ୍ଟର ଖୋଲାଯାଇଛି। ଫୋନ୍ କରିବା ମାତ୍ରେ ନିୟନ୍ତ୍ରଣ ପାଇଁ ଅଧିକାରୀମାନେ ପହଞ୍ଚିଯାଉଛନ୍ତି। ଆସନ୍ତା ବର୍ଷ ହେବାକୁ ଥିବା ପ୍ୟାରିସ ଓଲିମ୍ପିକ୍ସ ପୂର୍ବରୁ ଫ୍ରାନ୍ସରେ ଓଡ଼ଶ ଏକ ରାଜନୈତିକ ପ୍ରସଙ୍ଗ ପାଲଟିଯାଇଛି। ଫେବ୍ରିକ୍ ବସ୍‌ର ସିଟଗୁଡ଼ିକରେ ଅଧିକାରୀମାନେ ନିୟମିତ ଭାବେ ହଟ୍-ଷ୍ଟିମ୍ ଦେବାକୁ ଯୋଜନା କରିଛନ୍ତି। ଗୃହ ମନ୍ତ୍ରଣାଳୟର ଜଣେ ସୁରକ୍ଷା ଅଧିକାରୀଙ୍କ ମତରେ ବିଜ୍‌ନେସ୍ ଅପରେଟରମାନେ ସେମାନଙ୍କ ବ୍ୟବସାୟ ପ୍ରଭାବିତ ହେବା ଆଶଙ୍କାରେ ଓଡ଼ଶଙ୍କ ପ୍ରକୃତ ପ୍ରାଦୁର୍ଭାବକୁ ନେଇ ରିପୋର୍ଟ କରୁନାହାନ୍ତି। ସେମାନେ ଚୁପଚାପ୍ ଘରୋଇ ପେଷ୍ଟ-କଣ୍ଟ୍ରୋଲ ସର୍ଭିସଗୁଡ଼ିକ ସହ ଯୋଗାଯୋଗ କରୁଛନ୍ତି। ୩ଟି ପର୍ଯ୍ୟାୟରେ କୀଟାଣୁନାଶକ ପ୍ରୟୋଗ ପାଇଁ ଏଭଳି ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକ ପ୍ରାୟ ୭୬୮ ଆମେରିକୀୟ ଡଲାର ନେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କୁ ସାମାଜିକ ସ୍ତରରେ ସମ୍ମାନ, ବ୍ୟବସାୟରେ ଆର୍ଥିକ ଅଭିବୃଦ୍ଧି, ପାରିବାରିକ କ୍ଷେତ୍ରରେ ସୁଖସମୃଦ୍ଧି ପ୍ରାପ୍ତ ହେବ। ଉପସ୍ଥିତ ବୁଦ୍ଧି ଅନ୍ୟକୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡ଼ା ଲାଗିପାରେ।

**ବୃଷ** ସମସ୍ୟା ଜାଲରେ ଛନ୍ଦି ହୋଇ ମନୋବଳ ଭାଙ୍ଗିଲାଭଳି ଅନୁଭବ କରିବେ। ଟେନ୍‌ସନ ଲାଗି ରହିଲେ ମଧ ଅନ୍ୟମାନଙ୍କ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ ଏବଂ ଲାଭବାନ୍ ମଧ ହେବେ। ପରିବହନ କ୍ଷେତ୍ରରେ ସାଧାରଣ କଥାରେ ଝଗଡ଼ାର ଆଶଙ୍କା ରହିଛି।

**ମିଥୁନ** ଅର୍ଥନୈତିକ ଅଭିବୃଦ୍ଧି ସାଙ୍ଗକୁ ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବାରୁ ଖୁସି ରହିବେ। ଛୋଟ କଥାକୁ କେନ୍ଦ୍ର କରି ଆତ୍ମୀୟଙ୍କ ସହ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ନିଜ ନିଜର କର୍ମକ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ** ସ୍ଥଗିତ କାମଟି ସୁରୁଖୁରୁରେ ସମ୍ପନ୍ନ ହେବାରୁ ଟେନସନ୍ କମିଯିବ। ପୂର୍ବ ସମସ୍ୟା ସମାଧାନ ହେବାରେ କୌଣସି ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ସଭାସମିତିରେ ତର୍କ ବୃଦ୍ଧି କାରଣରୁ ଆଲୋଚନା ଅମୀମାଂସିତ ରହିପାରେ। ନିର୍ମାଣ କିମ୍ବା ଯୋଜନାଗୁଡିକ ଠିକ୍‌ଭାବେ ସମ୍ପନ୍ନ ହେବ ନାହିଁ।

**ସିଂହ** ନିକଟସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ସହଯୋଗରେ ସମସ୍ୟାର ସରଳ ସମାଧାନ ହୋଇଯିବ। ଆଜି ଆର୍ଥିକ ଦିଗରୁ ଉପକୃତ ହେବେ ଓ ସ୍ଥଗିତ କାମଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସମର୍ଥ ହେବେ। ପରିବାରରେ ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ ଓ ମଧୁମୟ କରିବ।

**କନ୍ୟା** ଖଳ ଲୋକଙ୍କ ଦ୍ୱାରା ପ୍ରାୟୋଜିତ କୌଣସି ଗୁଜବ ମନକୁ ଚହଲାଇ ଦେଇପାରେ। ପାରିବାରିକ ସ୍ତରରେ ଅର୍ଥ କିମ୍ବା ଅଳଙ୍କାର ଦେବା ନେବାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ଆଶଙ୍କା ରହିଛି। ଉପର ଅଧିକାରୀ ଆପଣଙ୍କ ସହଯୋଗ ଆଶା କରିପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଭଲ ଭଲ ଜିନିଷ କିଣିବା ସକାଶେ ମନ ବଳାଇବେ।

**ତୁଳା** ଆଜି ଆକସ୍ମିକ ଭାବରେ ରାସ୍ତାରେ ଯିବା ସମୟରେ ନୂତନ ବନ୍ଧୁ ସମ୍ପର୍କ ସ୍ଥାପନ ହୋଇପାରେ। ଜଣେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ଧର୍ମକାର୍ଯ୍ୟ କିମ୍ବା ସାଂସ୍କୃତିକ କାର୍ଯ୍ୟ ସକାଶେ ସତ୍‌ସଙ୍ଗୀଙ୍କ ପ୍ରେରଣା ମିଳିପାରେ। ପିଲାଙ୍କ ଆଚରଣରେ ପରିବର୍ତ୍ତନ କାରଣରୁ ମନେ ମନେ ବିରକ୍ତି ଅନୁଭବ କରିବେ।

**ବିଛା** ଠିକ୍ ସମୟରେ ସବୁ କାମ ସମ୍ପନ୍ନ ହେବାରୁ ମନ ଏକ ପ୍ରକାର ଖୁସି ହୋଇଯିବ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ ଦେଖିବେ ସବୁ ପ୍ରତିବନ୍ଧକ ଦୂରେଇଯିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ବହୁତ ଭଲ। କଳା, ସାହିତ୍ୟ, ସଭା ସମିତି ଓ ମନୋରଞ୍ଜନରେ ଆଗ୍ରହୀ ହେବେ।

**ଧନୁ** ପୂର୍ବ ପରିକଳ୍ପିତ ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ଯେଉଁ କଥା ପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। କିଛି ସମୟ ପୂର୍ବରୁ ଅପେକ୍ଷା କରିବାକୁ କହିଥିବା ବନ୍ଧୁଙ୍କୁ ନିର୍ଦ୍ଦିଷ୍ଟ ସ୍ଥାନରେ ନ ପାଇ ବ୍ୟସ୍ତ ହୋଇପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି।

**ମକର** ଆଜି ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ଭଲ, ଏପରିକି ଘରେ ଓ ବାହାରେ ସବୁଠି ଆଦର, ସମ୍ମାନ ପାଇବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରି କାମ ତୁଲାଇ ନେବାକୁ ବାଧ ହେବେ। ସମ୍ପର୍କୀୟମାନେ ସାହାଯ୍ୟ, ସହଯୋଗରେ କୁଣ୍ଠାବୋଧ କରିବେ ନାହିଁ। ଅଟକି ରହିଥିବା କାମଗୁଡ଼ିକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ।

**କୁମ୍ଭ** ଆବଶ୍ୟକ ଅନୁଯାୟୀ ନୂତନ ଜିନିଷ କ୍ରୟ କରିବା ସକାଶେ ମନ ବଳାଇପାରନ୍ତି। କର୍ମ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଯାହାକି ପରିସ୍ଥିତିକୁ ବଦଳାଇଦେଇପାରେ। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ଅନ୍ୟଥା ହରାଇବାକୁ ପଡିପାରେ। ଦୀର୍ଘଦିନରୁ ଲାଗିରହିଥିବା ପୁରାତନ ରୋଗପୀଡ଼ାରୁ ବିଶେଷ କଷ୍ଟ ପାଇବେ।

**ମୀନ** ଆଜି ପରିବାରର ଅଶାନ୍ତ ପରିବେଶକୁ ସ୍ୱାଭାବିକ କରିବାରେ ବନ୍ଧୁଙ୍କ ଭୂମିକା ଅବିସ୍ମରଣୀୟ ରହିବ। ଅର୍ଥ ଆଦାୟରେ ସକ୍ଷମ ହେବେ ତଥାପି ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିବ ଏବଂ ସହଯୋଗ ନିରର୍ଥକ ମନେହେବ। ବ୍ୟବସାୟ ଟଙ୍କା କୌଣସି ଅନ୍ୟ ଉଦ୍ଦେଶ୍ୟରେ ବିନିଯୋଗ କରିପାରନ୍ତି।

ଆଜି କାର୍ତ୍ତିକ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଗୁରୁବାର, ମାସାନ୍ତ, ଚାତୁର୍ମାସ୍ୟା ଗୁରୁବାର ବ୍ରତ, ନଭେମ୍ବର ୧୬ ତାରିଖ, ଜାତୀୟ ପ୍ରେସ୍ ଦିବସ, ରାଶି ନକ୍ଷତ୍ର-ମୂଳା/ଧନୁ, ତୃତୀୟାର ଏକୋଦ୍ଦିଷ୍ଟ ଓ ଚତୁର୍ଥୀର ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୫୯ ଗତେ ଘ.୦୭।୨୭ ମଧ୍ୟେ ଶୁଦ୍ଧ ଶୁଭବେଳା । ଦିବା ଘ.୧୨।୫୪ ଗତେ ଘ. ୦୨।୧୭ ମଧ୍ୟେ ରାହୁକାଳ ।

# ଲକ୍ଷ୍ନୌରୁ ଆରମ୍ଭ କରିଥିଲେ ସାମ୍ରାଜ୍ୟ

**ନୂଆଦିଲ୍ଲୀ,୧୫।୧୧**


ସୁବ୍ରତ ରୟ

## ଆଜି ଆସିବ ସୁବ୍ରତଙ୍କ ମରଶରୀର

ସାହାରା ଗ୍ରୁପ୍ ପ୍ରତିଷ୍ଠାତା ସୁବ୍ରତ ରୟଙ୍କ ମଙ୍ଗଳବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ସୁବ୍ରତଙ୍କୁ ରବିବାର ମୁମ୍ବାଇର କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଥିବାବେଳେ ସେ ଆଖି ବୁଜିଦେଇଥିବା ସାହାରା ଇଣ୍ଡିଆ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ମରଶରୀରକୁ ଗୁରୁବାର ଲକ୍ଷ୍ନୌ ଅଣାଯିବା ପରେ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି। ସୁବ୍ରତଙ୍କ ମୃତ୍ୟୁରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶୋକଦ୍‌ବ୍ୟକ୍ତ କରିଛନ୍ତି।

ବିହାରର ଅରାରିଆରେ ଏକ ବଙ୍ଗୀୟ ହିନ୍ଦୁ ପରିବାରରେ ୧୯୪୮ ଜୁନ୍ ୧୦ରେ ଜନ୍ମିତ ସୁବ୍ରତ କୋଲକାତାସ୍ଥିତ ହୋଲି ଚାଇଲ୍ଡ ଇନ୍‌ଷ୍ଟିଚ୍ୟୁଟ୍‌ରେ ପାଠପଢ଼ା ପରେ ଉତ୍ତରପ୍ରଦେଶର ଗୋରଖପୁରସ୍ଥିତ ଗଭର୍ନମେଣ୍ଟ ଟେକ୍‌ନିକାଲ ଇନ୍‌ଷ୍ଟିଚ୍ୟୁଟ୍‌ରେ ମେକାନିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ସେହି ଗୋରଖପୁର ହିଁ ତାଙ୍କ କର୍ମକ୍ଷେତ୍ରର ଏକ୍ତିଆରଶାଳ ପାଲଟିଥିଲା। ୧୯୭୬ରେ ସେ ଆରମ୍ଭ କରିଥିବା ସାହାରା ଫାଇନାନ୍ସ (ଚିଟ୍‌ଫଣ୍ଡ ସଂସ୍ଥା) ପରବର୍ତ୍ତୀ ସମୟରେ ଭାରତର ଏକ ଅଗ୍ରଣୀ ତଥା ଦ୍ୱିତୀୟ ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ କମ୍ପାନୀରେ ପରିଣତ ହୋଇଥିଲା। ୧୯୯୦ ଦଶକରେ ସୁବ୍ରତ ଲକ୍ଷ୍ନୌରେ ନିଜ ଆର୍ଥିକ ସାମ୍ରାଜ୍ୟର ମୂଳଦୁଆ ପକାଇଥିଲେ। ସେହିଠାରୁ ହିଁ ସାହାରା ଇଣ୍ଡିଆ ଆର୍ଥିକ ସେବା, ଶିକ୍ଷା, ରିୟଲ ଇଷ୍ଟେଟ୍, ଗଣମାଧ୍ୟମ, ମନୋରଞ୍ଜନ, ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ଓ ଆତିଥେୟତା ଆଦି ବ୍ୟବସାୟିକ କ୍ଷେତ୍ରରେ ସଫଳତା ହାସଲ କରିପାରିଥିଲା। ୧୯୯୨ରେ ତାଙ୍କ ଦ୍ୱାରା ପ୍ରକାଶିତ ହିନ୍ଦୀ ଖବରକାଗଜ ରାଷ୍ଟ୍ରୀୟ ସାହାରା ଉତ୍ତର ଭାରତ ସମେତ ଦେଶର ବିଭିନ୍ନ ଭାଗରେ ବେଶ୍ ପାଠକୀୟ ଆଦୃତି ଲାଭ କରିଥିଲା। ୯୦ ଦଶକର ଶେଷ ଭାଗରେ ମହତ୍ତ୍ୱାକାଂକ୍ଷୀ ଆମ୍ବି ଭ୍ୟାଲି ସିଟି ପ୍ରକଳ୍ପ, ୨୦୦୦ରେ ସାହାରା ଟିଭି, ୨୦୦୩ରେ ସାହାରା ଟାଇମ୍, ସାହାରା ସମୟ, ସାହାରା ଆଲ୍‌ମି ନାମରେ ୩ଟି ସାପ୍ତାହିକର ପ୍ରକାଶନ ଆରମ୍ଭ ହୋଇଥିଲା। ୨୦୧୨ରେ 'ଇଣ୍ଡିଆ ଟୁଡେ'ର ୧୦ ପ୍ରଭାବଶାଳୀ ଭାରତୀୟଙ୍କ ମଧ୍ୟରେ ସୁବ୍ରତ ରହିଥିଲେ। ୨୦୧୩ରେ ଉତ୍ତରାଖଣ୍ଡର ବନ୍ୟା ପ୍ରଭାବିତଙ୍କୁ ରିଲିଫ ସମେତ ଅନେକ ଜନକଲ୍ୟାଣକାରୀ କାର୍ଯ୍ୟରେ ସୁବ୍ରତ ନିୟୋଜିତ ରହି ପ୍ରଶଂସିତ ହୋଇଥିଲେ। ନିଜ ବଦାନ୍ୟତା ପାଇଁ ସେ ଦେଶ ବିଦେଶରେ ଅନେକ ସମ୍ମାନ ଓ ପୁରସ୍କାରର ଅଧିକାରୀ ହୋଇଥିଲେ। ଦୀର୍ଘବର୍ଷ ଧରି ସେ ଭାରତୀୟ କ୍ରିକେଟର ପ୍ରାୟୋଜକ ରହିଆସିଥିଲେ। ଅନ୍ୟ କମ୍ପାନୀଗୁଡ଼ିକର ମୁଖ୍ୟ ଭଳି ସୁବ୍ରତ ନିଜକୁ ମ୍ୟାନେଜିଂ ଡାଇରେକ୍ଟର ନ କହି ମ୍ୟାନେଜିଂ ୱାର୍କର ଭାବେ ପରିଚିତ ହେବାକୁ ପସନ୍ଦ କରୁଥିଲେ। ସାହାରା ପରିବାର ତାଙ୍କୁ ଶ୍ରଦ୍ଧାରେ 'ସାହାରାଶ୍ରୀ' ସମ୍ବୋଧନ କରୁଥିଲା। ଏସବୁ ସତ୍ତ୍ୱେ ସୁବ୍ରତଙ୍କ ଜୀବନ ବିବାଦ ଘେରରେ ରହିଆସିଥିଲା। ଜମାକାରୀଙ୍କ ଅର୍ଥ ମାଚ୍ୟୁରିଟି ପରେ ମଧ୍ୟ ଫେରସ୍ତ ନ କରିବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ରହିଛି। ବଜାର ନିୟନ୍ତ୍ରକ ସେବି ସହ ଆଇନଗତ ବିବାଦକୁ ନେଇ ୨୦୧୪ ଫେବୃୟାରୀ ୨୬ରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଗିରଫ କରାଯାଇଥିଲା।

# ଆତିଥେୟ ଶିଳ୍ପକୁ ପରିଚୟ ଦେଇଥିଲେ ପିଆର୍‌ଏସ୍ ଓବେରୟ

**ଭୁବନେଶ୍ୱର,୧୫।୧୧ (ଅନୁରାଧା ମହାରଣା)**


ପୃଥ୍ୱୀରାଜ ସିଂ ଓବେରୟ

ଦେଶରେ ଆତିଥେୟ ଶିଳ୍ପକୁ ସ୍ୱତନ୍ତ୍ର ପରିଚୟ ଦେଇଥିବା କର୍ପୋରେଟ ହୋଟେଲିୟର ପୃଥ୍ୱୀରାଜ ସିଂ(ପିଆର୍‌ଏସ୍) ଓବେରୟଙ୍କ ବୁଧବାର ଅନ୍ତିମ ସଂସ୍କାର କରାଯାଇଛି। ମଙ୍ଗଳବାର ତାଙ୍କର ଦେହାନ୍ତ ହୋଇଥିଲା। ଶିଳ୍ପକ୍ଷେତ୍ରରେ ତାଙ୍କର ଅବଦାନ ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ଭାବେ କାର୍ଯ୍ୟ କରିବ। ଭିକି ଓବେରୟ ଭାବେ ଜଣାଶୁଣା ଏହି ବ୍ୟକ୍ତିତ୍ୱ ୧୯୨୯ ମସିହା ଫେବୃୟାରୀ ୩ ତାରିଖରେ ଦିଲ୍ଲୀରେ ଜନ୍ମଗ୍ରହଣ କରିଥିଲେ। ଦାର୍ଜିଲିଂର ସେଣ୍ଟ ପଲ୍ ସ୍କୁଲ ଓ ପରେ ପରେ ୟୁକେ ଏବଂ ସୁଇଜରଲାଣ୍ଡରୁ ସେ ଶିକ୍ଷାଗ୍ରହଣ କରିଥିଲେ। ଓବେରୟ ସୁଇଜରଲାଣ୍ଡରୁ ହୋଟେଲ ମ୍ୟାନେଜମେଣ୍ଟରେ ଡିଗ୍ରୀ ହାସଲ କରିଥିଲେ। ପିତା ମୋହନସିଂହ ଓବେରୟଙ୍କ ଦେହାନ୍ତ ପରେ ୨୦୦୨ରୁ ଇଆଇଏଚ୍‌ର ଚେୟାରମ୍ୟାନ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୨ରେ ସେ ଇଆଇଏଚ୍ ଲିମିଟେଡର କାର୍ଯ୍ୟକାରୀ ଅଧ୍ୟକ୍ଷ ଏବଂ ଇଆଇଏଚ ଆସୋସିଏଟେଡ ହୋଟେଲ ଲିମିଟେଡର ଚେୟାରମ୍ୟାନ ପଦ ମଧ୍ୟ ଛାଡ଼ିଥିଲେ। ୨୦୦୪ ପରଠାରୁ ସେ ଜେଟ୍ ଏୟାରୱେଜ୍(ଭାରତ)ର ଚେୟାରମ୍ୟାନ ଭାବେ କାର୍ଯ୍ୟରତ ଥିଲେ। ୧୯୬୭ରେ ସେ ନୂଆଦିଲ୍ଲୀରେ 'ଦ ଓବେରୟ ସେଣ୍ଟର ଅଫ୍ ଲର୍ଣ୍ଣିଂ'ର ସ୍ଥାପନା କରିଥିଲେ। ଏହି ଅନୁଷ୍ଠାନରୁ ଅନେକ ହୋଟେଲ ଏକ୍ସିକ୍ୟୁଟିଭ୍ ଡିଗ୍ରୀ ହାସଲ କରିଛନ୍ତି। ଜୀବନ କାଳରେ ୩୨ ହୋଟେଲର ଏକ ବିଶାଳ ଶୃଙ୍ଖଳ ନିର୍ମାଣ କରିବାରେ ଓବେରୟ ସଫଳ ହୋଇଥିଲେ। ଓବେରୟ ଗ୍ରୁପ୍ ଅଧୀନରେ ଓବେରୟ ହୋଟେଲ୍‌ସ ଆଣ୍ଡ ରିସୋର୍ଟସ୍, ଟ୍ରାଇଡେଣ୍ଟ ବ୍ରାଣ୍ଡ୍‌ର ବିଳାସପୂର୍ଣ୍ଣ ହୋଟେଲ ରହିଛି। ପର୍ଯ୍ୟଟନ ତଥା ଆତିଥେୟ ଶିଳ୍ପ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୨୦୦୮ରେ ତାଙ୍କୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୧୦ରେ ସେ ହୋଟେଲସ୍ ମାଗାଜିନ୍ ପକ୍ଷରୁ 'କର୍ପୋରେଟ୍ ହୋଟେଲିୟର ଅଫ୍ ୱାର୍ଲ୍ଡ'ର ମାନ୍ୟତା ପାଇଥିଲେ। ୨୦୨୨ ଜୁନରେ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି ପକ୍ଷରୁ ଚୟନ କରାଯାଇଥିବା ଅନ୍ତର୍ଜାତୀୟସ୍ତରରେ ୧୦୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରୁ ଓବରେୟ ଜଣେ ଥିଲେ। ସେହିପରି ଓବେରୟଙ୍କ ଅସାଧାରଣ ନେତୃତ୍ୱ ଏବଂ ଦୂରଦର୍ଶିତା ପାଇଁ ତାଙ୍କୁ ଇଣ୍ଟରନ୍ୟାଶନାଲ ଲଗ୍‌ଜୁରୀ ଟ୍ରାଭେଲ ମାର୍କେଟ (ଆଇଏଲଟିଏମ)ରେ ଲାଇଫ୍ ଟାଇମ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ତାଙ୍କ ପୁଅ ବିକ୍ରମ ଓବେରୟ ବର୍ତ୍ତମାନ ଇଆଇଏଚ୍‌ର ପରିଚାଳନା ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ। ତାଙ୍କର ୨ ଝିଅ ମଧ୍ୟ ଅଛନ୍ତି।




# ଓଡ଼ିଶା ଉପକୂଳରେ ଯିବ ବାତ୍ୟା

**ଭୁବନେଶ୍ୱର,୧୫।୧୧(ଅନିଲ ଦାସ)**

- ୧୬ରୁ ୧୮ ପ୍ରବଳ ବର୍ଷା ସମ୍ଭାବନା
- ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ବୁଧବାର ଅବପାତ(ଡିପ୍ରେସନ)ରେ ପରିଣତ ହୋଇଛି। ଏହା କ୍ରମେ ଘନୀଭୂତ ହୋଇ ଗଭୀର ଅବପାତ ରୂପ ନେବା ସମ୍ଭାବନା ରହିଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ, ଅବପାତ କ୍ରମେ ଘନୀଭୂତ ହୋଇ ୧୬ ତାରିଖ ବେଳକୁ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଆନ୍ଧ୍ର ଉପକୂଳରେ ପହଞ୍ଚି ଗଭୀର ଅବପାତର ରୂପ ନେବ। ପରେ ଧୀରେ ଧୀରେ ଗତିପଥ ପରିବର୍ତ୍ତନ କରି ବାତ୍ୟା ରୂପ ନେବ। ଏହା ଉତ୍ତର-ଉତ୍ତର ପୂର୍ବ ଦିଗରେ ଗତି କରି ଉତ୍ତର-ପଶ୍ଚିମ ବଙ୍ଗୋପସାଗର ମଧ୍ୟରେ ଓଡ଼ିଶା ଉପକୂଳମୁହାଁ ହେବ। ବାତ୍ୟାର ବେଗ ଘଣ୍ଟା ପ୍ରତି ୮୦ରୁ ୧୦୦ କି.ମି. ରହିବ। ସମୁଦ୍ର ମଧ୍ୟଦେଇ ଯାଉଥିବାରୁ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ନାହିଁ। ବାତ୍ୟା ପଶ୍ଚିମବଙ୍ଗର ସୁନ୍ଦରବନ କିମ୍ବା ବାଂଲାଦେଶ ଉପକୂଳ ଦେଇ ଅତିକ୍ରମ କରିବା ସମ୍ଭାବନା ରହିଛି। ଓଡ଼ିଶା ଉପକୂଳ ଦେଇ ଗଲାବେଳେ ଘଣ୍ଟାକୁ ୪୦ରୁ ୫୦ କି.ମି. ବେଗରେ ପବନ ବହିବା ସହିତ ବର୍ଷା ହେବ।

ଲଘୁଚାପ ପ୍ରଭାବରେ ୧୫ ତାରିଖ ରାତ୍ରିରୁ ମାଲକାନଗିରି, କୋରାପୁଟ, ଗଞ୍ଜାମ, ଗଜପତି, ରାୟଗଡ଼ା, ଜଗତ୍‌ସିଂହପୁର ଓ ପୁରୀ ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି ୧୬ ଓ ୧୭ ତାରିଖରେ ଉପକୂଳବର୍ତ୍ତୀ ଜିଲାଗୁଡ଼ିକରେ ବର୍ଷାର ମାତ୍ରା ଅଧିକ ରହିବ। ୧୬ ତାରିଖରେ ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା ଓ ଭଦ୍ରକରେ ପ୍ରବଳରୁ ଅତି ପ୍ରବଳ (୭ରୁ ୨୦ ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ସେହିପରି କଟକ, ଖୋର୍ଦ୍ଧା, ପୁରୀ, ଗଞ୍ଜାମ, ଯାଜପୁର, ବାଲେଶ୍ୱର ଓ ଢେଙ୍କାନାଳ ଜିଲାରେ ଗୋଟିଏରୁ ୨ଟି ସ୍ଥାନରେ ପ୍ରବଳ ବର୍ଷା (୭ରୁ ୧୧ ସେଣ୍ଟିମିଟର) ହେବାର ସମ୍ଭାବନା ରହିଛି। ୧୭ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ଯାଜପୁର ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ(୭ରୁ ୧୧ସେଣ୍ଟିମିଟର) ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏସବୁ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ୧୮ ତାରିଖରେ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଜିଲାରେ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ୧୫ରୁ ୧୮ ତାରିଖ ମଧ୍ୟରେ ସମୁଦ୍ର ମଧ୍ୟକୁ ନ ଯିବା ଲାଗି ମତ୍ସ୍ୟଜୀବୀମାନଙ୍କୁ ପରାମର୍ଶ ଦିଆଯାଇଛି।

ଭୁବନେଶ୍ୱରରେ ଆରମ୍ଭ ହେଲା ଅତ୍ୟାଧୁନିକ
COLONOSCOPY: UNDERWATER



Colonoscopy ଭୁବନେଶ୍ୱର ଶହୀଦନଗରସ୍ଥିତ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ପ୍ରଥମ କରି ଆରମ୍ଭ ହୋଇଛି ଅତ୍ୟାଧୁନିକ ପଦ୍ଧତି Underwater Endoscopy Mucosal Resection (EMR)। ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର୍ ସାଇନ୍ସର ପ୍ରତିଷ୍ଠାତା ପ୍ରସିଦ୍ଧ ପେଟ ରୋଗ ବିଶେଷଜ୍ଞ ଡା. ଆଶୁତୋଷ ମହାପାତ୍ର କହିଛନ୍ତି: Colon (ବୃହଦନ୍ତ୍ର)ରୁ Polyp removal ପାଇଁ Underwater EMR ହେଉଛି ସବୁଠୁ ଅତ୍ୟାଧୁନିକ ଓ ସୁରକ୍ଷିତ ପଦ୍ଧତି। Colonoscopyରେ ପାଣି ଭର୍ତ୍ତି କରି ଏହି Polypectomy - EMR କରାଯାଇଥାଏ। Polyp ନିରୂପଣ କରି ତା'ର Removal ଏହା ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହୋଇଛି।

ଘଟଣାରୁ ପ୍ରକାଶ ଯେ, ଜଣେ ୫୦ ବର୍ଷର ମହିଳା ତାଙ୍କର ପେଟ ସମସ୍ୟା ନେଇ ଆସିଥିଲେ। Water immersion ପଦ୍ଧତିରେ Polyp ନିରୂପଣ ହୋଇଥିଲା। ତା'ପରେ ସେଇ Polypକୁ ଏହି ପଦ୍ଧତି ଦ୍ୱାରା ସହଜରେ ଏବଂ ସୁବିଧାରେ କାଢ଼ି ଦିଆଯାଇଥିଲା। ବର୍ତ୍ତମାନ ସେହି ମହିଳା ଜଣଙ୍କ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି। ଡା. ସୋନ୍‌ମୁନ୍ ମହାପାତ୍ର Underwater - EMR ପଦ୍ଧତି କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ, ଡା. ସୋନ୍‌ମୁନ୍ ମହାପାତ୍ର ଯୁକ୍ତରାଷ୍ଟ୍ର ଆମେରିକାର ବିଶ୍ୱ ପ୍ରସିଦ୍ଧ ସ୍ୱାସ୍ଥ୍ୟ ଅନୁଷ୍ଠାନ Mayo Clinicରୁ ଏହି ସମ୍ବନ୍ଧରେ ପୂର୍ଣ୍ଣ ପ୍ରଶିକ୍ଷଣ ହାସଲ କରି ଓଡ଼ିଶା ଆସିଛନ୍ତି। ଡା. ଆଶୁତୋଷ ମହାପାତ୍ର ମଧ୍ୟ ଜାପାନର ଟୋକିଓସ୍ଥିତ ନ୍ୟାସନାଲ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍ ଏବଂ ଓସାକା ଇଣ୍ଟରନ୍ୟାସନାଲ୍ କ୍ୟାନ୍‌ସର ଇନ୍‌ଷ୍ଟିଚ୍ୟୁଟ୍‌ରୁ ପ୍ରଶିକ୍ଷଣ ନେଇଛନ୍ତି। ତେଣୁ ସାଇ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଗ୍ୟାଷ୍ଟ୍ରୋଲୋଜି ଆଣ୍ଡ୍ ଲିଭର ସାଇନ୍ସରେ ବିଶ୍ୱସ୍ତରୀୟ ଗୁଣାତ୍ମକ ରୋଗୀସେବା ଉପଲବ୍ଧ ହେଉଛି, ଯଦ୍ୱାରା ଖୁବ୍ କମ୍ ସମୟ ଭିତରେ ସମଗ୍ର ପୂର୍ବ ଭାରତରେ ଏହା ଯଥେଷ୍ଟ ପ୍ରସିଦ୍ଧି ପାଇସାରିଛି।




## ପିଲା ପଢ଼ିବେ 'ନିର୍ବାଚନ ସାକ୍ଷରତା'

**ଭୁବନେଶ୍ୱର, ୧୫।୧୧ (ଅସମାପିକା ସାହୁ):** ଦେଶର ସମସ୍ତ ବିଦ୍ୟାଳୟରେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପାଠ୍ୟକ୍ରମରେ 'ନିର୍ବାଚନ ସାକ୍ଷରତା' ବିଷୟ ସାମିଲ ହେବ। ନିର୍ବାଚନ ସମ୍ପର୍କରେ ବିଦ୍ୟାଳୟରୁ ସଚେତନତା ଆରମ୍ଭ ହେବ। ମତଦାନ କେତେ ଜରୁରୀ, ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯିବା ସହ ବିଦ୍ୟାଳୟ ପାଠ୍ୟକ୍ରମରେ ଏହି ବିଷୟ ଅନ୍ତର୍ଭୁକ୍ତ ହେବ। ଏ ନେଇ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ଦିଆଯାଇଥିବା ବିସ୍ତୃତ ପ୍ରସ୍ତାବ ଏନ୍‌ସିଇଆର୍‌ଟିରେ ବିଚାରାଧୀନ ରହିଛି। ତେବେ ଆସନ୍ତା ଶିକ୍ଷାବର୍ଷରୁ ପାଠ୍ୟପୁସ୍ତକରେ ଏହା ସାମିଲ ହେବା ନେଇ ଆଶା କରାଯାଉଛି ବୋଲି ନିର୍ବାଚନ ଆୟୋଗ ପକ୍ଷରୁ ସବୁ ରାଜ୍ୟକୁ ଚିଠି ଲେଖାଯାଇଛି।



ଈଶ୍ୱରଙ୍କ ହାତରେ ସବୁତକ ସମୟ ଅଛି – ତେଣୁ ସେ କୌଣସି କାର୍ଯ୍ୟରେ ତରବର ହୁଅନ୍ତି ନାହିଁ। ସେ ମଧ୍ୟ ତାଙ୍କ ଲକ୍ଷ୍ୟ ସମ୍ବନ୍ଧେ ନିଶ୍ଚିତ। ତାଙ୍କର ସଫଳତା ସମ୍ବନ୍ଧେ ବି ନିଶ୍ଚିତ। ତେଣୁ ସେ ସହସ୍ରବାର କାର୍ଯ୍ୟରୁ ବିରତ ହେଲେ ବି, ବ୍ୟସ୍ତ ହୁଅନ୍ତି ନାହିଁ। କାରଣ ତଦ୍ୱାରା ସେ ପୂର୍ଣ୍ଣତାର ନିକଟବର୍ତ୍ତୀ ହୁଅନ୍ତି। **–ଶ୍ରୀଅରବିନ୍ଦ**

# ଅନେକ ଭରତ



ଦେବଦତ୍ତ ପଟ୍ଟନାୟକ

ଚାରି ବେଦ ମଧ୍ୟରେ ଋକ୍ ବେଦ ସର୍ବପୁରାତନ। ଲେଖାଗୁଡ଼ିକୁ ଏକାଠି କରି ପ୍ରାୟ ଖ୍ରୀଷ୍ଟପୂର୍ବ ୧୦୦୦ରେ ଏହାର ସଙ୍କଳନ ଶେଷ ହୋଇଥିଲା। ଏଥିରେ ଦର୍ଶାଯାଇଥିବା ଭରତ ଶବ୍ଦ କୁରୁବଂଶର ଏକ ଗୋଷ୍ଠୀକୁ ସୂଚିତ କରେ। ସେମାନେ ସେହି ସମୟରେ ଯେଉଁ ଅଞ୍ଚଳକୁ ନିୟନ୍ତ୍ରଣରେ ରଖିଥିଲେ, ତାହାକୁ ଆମେ ବର୍ତ୍ତମାନ ପଞ୍ଜାବ ଏବଂ ହରିୟାଣା ବୋଲି କହୁଛୁ। ସେମାନଙ୍କ ସାମ୍ରାଜ୍ୟ ଯାହା ସିନ୍ଧୁ ନଦୀ ଅବବାହିକାରୁ ଯମୁନା ପର୍ଯ୍ୟନ୍ତ ଏବଂ ପଶ୍ଚିମରେ ଗଙ୍ଗା ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା। ଏହିଠାରେ ଭାରତର ସର୍ବପ୍ରଥମ ରାଜା ଭାବେ କୁରୁବଂଶୀମାନେ ଶାସନ କରିଥିଲେ, ଯେଉଁମାନେ ଗାଙ୍ଗେୟ ସମତଳ ଅଞ୍ଚଳରେ ବୈଦିକ ସଂସ୍କୃତି ପ୍ରତିଷ୍ଠା କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହି ଶାସନର ଏକ ହଜାର ବର୍ଷ ପରେ ପ୍ରାୟ ଖ୍ରୀଷ୍ଟପୂର୍ବ ୧୦୦ ସମୟର ରାଜ ଶାସନର ଏକ ଲେଖା ଓଡ଼ିଶାରେ ମିଳିଥିଲା। ସେଥିରେ ଲେଖାଥିଲା ଯେ, ଖାରବେଳ ନାମକ ଜଣେ ଜୈନ ରାଜା ଗାଙ୍ଗେୟ ଉପତ୍ୟକା ଅଞ୍ଚଳକୁ ଭାରତବର୍ଷ ବୋଲି ନାମ ଦେଇଥିଲେ।

ପ୍ରାୟ ସେହି ସମୟରେ ଭରତ ରାଜାମାନଙ୍କ (କୁରୁବଂଶର ରାଜା) କାହାଣୀ ବ୍ରାହ୍ମଣମାନଙ୍କ ଦ୍ୱାରା ସଂକଳିତ ହୋଇଥିଲା। ଏହି ମହାକାବ୍ୟ ସଂସ୍କୃତରେ ରଚନା କରାଯାଇଥିଲା ଓ ଏହାର ନାମ ପ୍ରଥମେ ଥିଲା ଜୟା, ଯାହା ପରେ ମହାଭାରତ ଭାବରେ ଜଣାଶୁଣା। ଏହି ମହାକାବ୍ୟରେ ଋକ୍ ବେଦରେ ଉଲ୍ଲିଖିତ ରାଜାମାନଙ୍କ କାହାଣୀ ରହିଥିଲା। ବିଶେଷକରି ଏଥିରେ ଯଯାତି, ଶାନ୍ତନୁ, ପୁରୁ, କୁରୁ ଏବଂ ଭରତଙ୍କ ଭଳି ରାଜାଙ୍କ ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ତେଣୁ ଏହା ଏକ ଭାବନା ସୃଷ୍ଟି କରୁଛି ଏବଂ ମନେହେଉଛି ଯେ, ଏହି ମହାକାବ୍ୟ ବୈଦିକ ବିଚାରଧାରାକୁ ଆଗକୁ ବଢ଼ାଇଛି। କିନ୍ତୁ ତାହା ହୋଇନାହିଁ। ଏହି ନୂତନ ମହାକାବ୍ୟରେ ଭରତ ଶକୁନ୍ତଳା ଏବଂ ବିଶ୍ୱାମିତ୍ରଙ୍କ ପୁତ୍ର ବୋଲି ଉଲ୍ଲେଖ ଅଛି। ଶକୁନ୍ତଳାଙ୍କ ମାତା ଜଣେ ଦିବ୍ୟ ଅପ୍‌ସରା ହୋଇଥିବାବେଳେ ତାଙ୍କ ପିତା ସୂର୍ଯ୍ୟ ରାଜବଂଶର ବଂଶଧର ବୋଲି ଉଲ୍ଲେଖ ଅଛି। ଦୁଷ୍ମନ୍ତ ହେଉଛନ୍ତି ଚନ୍ଦ୍ର ରାଜବଂଶୀ। ତେଣୁ ଭରତ ହେଉଛି ସୌର ଓ ଚନ୍ଦ୍ର ଦୁଇଟି



ମହାନ୍ ରାଜବଂଶର ମିଳନ। ଏହି କାବ୍ୟ ପ୍ରଥମ ଥର ପାଇଁ ବିଶ୍ୱ କିପରି ଅସୁବିଧାରେ ପଡ଼ିଥିଲା, ତାହା ମଧ୍ୟ ବର୍ଣ୍ଣନା କରେ। ପୃଥିବୀରେ ଧର୍ମ ପୁନଃ ସ୍ଥାପନ କରିବା ସକାଶେ କିପରି ବିଷ୍ଣୁ ଅବତରଣ କରିଥିଲେ ସେ ସମ୍ପର୍କିତ ବିଚାରକୁ ମଧ୍ୟ ଏହା ଉପସ୍ଥାପନ କରେ। ସେହି ସମୟରେ ପୃଥିବୀ ଆର୍ଯ୍ୟଙ୍କ ଦେଶ ଥିଲା ଏବଂ ତାହା କେବଳ ଉତ୍ତର ଭାରତରେ ସୀମିତ ଥିଲା।

ପ୍ରାୟ ଖ୍ରୀଷ୍ଟପୂର୍ବ ୫୦୦ ସୁଦ୍ଧା ବିଷ୍ଣୁ ପୁରାଣରେ ଆଉ ଜଣେ ଭରତଙ୍କ ବିଷୟରେ ଜାଣିବାକୁ ପାଉ। ଏହି ଭରତ ଥିଲେ ଋଷଭଙ୍କ ପୁତ୍ର। ଋଷଭ ସନ୍ନ୍ୟାସୀ ହୋଇଯିବା ପରେ ଭରତ ରାଜା ହେଲେ। ଋଷଭ ହେଉଛନ୍ତି ପ୍ରଥମ ଜୈନ ତିର୍ଥଙ୍କର। ବିଷ୍ଣୁ ପୁରାଣରେ ତାଙ୍କର ଉପସ୍ଥିତି ତାଙ୍କୁ ପୌରାଣିକ କାଳରେ ସମାହିତ କରିବାର ପ୍ରୟାସକୁ ସୂଚିତ କରେ। ଜୈନଧର୍ମ ଏକ ସନ୍ନ୍ୟାସ ବ୍ୟବସ୍ଥା ଥିଲା। ଏହା ବୌଦ୍ଧ ଧର୍ମ ପରି ଗଣ୍ଡକିର ପୂର୍ବ ଭାଗରେ ଥିବା ନିମ୍ନ ଗାଙ୍ଗେୟ ସମତଳ ଭୂମିରେ ଆତ୍ମପ୍ରକାଶ ଲାଭ କରିଥିଲା। ଜୈନଶାସ୍ତ୍ରରେ ପୁରୁଷଙ୍କ ଦ୍ୱାରା ବୈଦିକ ଅଗ୍ନି ବେଦୀ ସୃଷ୍ଟି କରାଯିବା ବିଷୟ ରହିଛି, ଯାହାକୁ ଭୁଲ୍ ବୁଝାଯାଇଥିଲା ଏବଂ ଋଷଭଙ୍କ ଅନ୍ତିମ ସଂସ୍କାର କରାଯାଇ ତାହାକୁ ଭୁଲ୍ ଭାବେ ଉପସ୍ଥାପିତ କରାଯାଇଥିଲା। ଜୈନ ବିଚାରଧାରାଗୁଡ଼ିକ ଦୀର୍ଘ ସମୟ ପର୍ଯ୍ୟନ୍ତ ମୌଖିକ ଭାବରେ ପ୍ରସାରିତ ହୋଇଥିଲା। ଉଲ୍ଲେଖ କରାଯିବା ସମୟରେ ସେଥିରୁ ବହୁତ କିଛି ସ୍ଥାନିତ ହୋଇପାରିନଥିଲା। ବିଷ୍ଣୁ ପୁରାଣ ରଚନା ହେବାର ପାଖାପାଖି ସମୟରେ ପ୍ରାୟ ୧୫୦୦ ବର୍ଷ ପୂର୍ବେ କିଛି ସିଦ୍ଧାନ୍ତ ଲିଖିତ ଆକାରରେ ରଖାଯାଇଥିଲା। ଜୈନଗ୍ରନ୍ଥ ଅନୁଯାୟୀ, ଭରତ ଥିଲେ ଭାରତର ପ୍ରଥମ ଚକ୍ରବର୍ତ୍ତୀ। ସେ ଋଷଭଙ୍କ ପୁତ୍ର। ସେ ତାଙ୍କ ଅନେଶତ ଭାଇଙ୍କୁ ପରାସ୍ତ କରିଥିଲେ, କିନ୍ତୁ ମେରୁ ପର୍ବତ ଉପରେ ତାଙ୍କ ନାମ ଖୋଦେଇ କରିବାବେଳେ ସେ ଶାନ୍ତ ଚିତ୍ତରେ ହୃଦୟଙ୍ଗମ କରିଥିଲେ ଯେ ସେ ପୃଥିବୀକୁ ଜୟ କରିବାରେ ପ୍ରଥମ ସମ୍ରାଟ୍ ନୁହନ୍ତି।

ତେବେ ଭରତ କିଏ, ଯାହାଙ୍କ ନାମରେ ଭାରତର ନାମ ଭାରତବର୍ଷ ରଖାଯାଇଛି। ସେ ଜଣେ ବୈଦିକ ରାଜା, ନା ମହାକାବ୍ୟର ବର୍ଣ୍ଣିତ ରାଜା, ନା ଜୈନ ରାଜା? କିନ୍ତୁ କୌଣସି ରାଜା କେବେ ବି ସମଗ୍ର ଭାରତରେ ଶାସନ କରି ନ ଥିଲେ। ଇତିହାସ ପାଠ୍ୟ ପୁସ୍ତକରେ ସେମାନଙ୍କ ନିୟନ୍ତ୍ରିତ ସାମ୍ରାଜ୍ୟର ମାନଚିତ୍ରଗୁଡ଼ିକର ଏକ ଭୁଲ୍ ଧାରଣା ଉପସ୍ଥାପନ କରିଛି। ପାରସ୍ୟ ରାଜାମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସମ୍ରାଟ୍ ଅଶୋକ ୨,୩୦୦ ବର୍ଷ ପୂର୍ବେ ତୁଙ୍ଗଭଦ୍ର ନଦୀ ପର୍ଯ୍ୟନ୍ତ ବାଣିଜ୍ୟ ମାର୍ଗର ଏକ ବିସ୍ତୃତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥିଲେ, କିନ୍ତୁ ସମଗ୍ର ଭୂମିକୁ ନୁହେଁ। ସେହିଭଳି ସମ୍ରାଟ୍ ଆକବର କେବଳ ଉତ୍ତର ଭାରତରେ ଶାସନ କରିଥିଲେ। ତା' ପରେ ଆସିଲା ବ୍ରିଟିଶ୍ ସାମ୍ରାଜ୍ୟ। ଏହି ସାମ୍ରାଜ୍ୟ ଭାରତର ଅଧା ଅଞ୍ଚଳରେ ବିସ୍ତାର ଲାଭ କରିଥିଲା। ଅବଶିଷ୍ଟ ଅର୍ଦ୍ଧେକ ଅଞ୍ଚଳ ଥିଲା ଅନେକ ଶହ ଗଡ଼ଜାତ ରାଜ୍ୟ, ଯେଉଁଗୁଡ଼ିକ ଦେଶୀୟ ରାଜାମାନଙ୍କ ଦ୍ୱାରା ଶାସିତ ହେଉଥିଲା।

ହିମାଳୟଠାରୁ ସମୁଦ୍ର (କନ୍ୟାକୁମାରୀ) ପର୍ଯ୍ୟନ୍ତ ଭାରତ ଏକ ଦେଶ ବୋଲି ଯେଉଁ ଧାରଣା ରହିଛି ତାହା ରାଜନୈତିକ ନୁହେଁ ବରଂ ସାଂସ୍କୃତିକ, ଯାହା ପ୍ରାୟ ୧୮୦୦ ବର୍ଷ ପୂର୍ବେ ପ୍ରଥମେ ମନୁସ୍ମୃତିରେ ଉଲ୍ଲେଖ କରାଯାଇଥିଲା। ଏହି ସାଂସ୍କୃତିକ ଐକ୍ୟତା ବ୍ରାହ୍ମଣମାନଙ୍କ ବିସ୍ତାର ଓ ପ୍ରଭାବ ଦ୍ୱାରା ସୃଷ୍ଟି କରାଯାଇଥିଲା। ସେହି ସମୟରେ ବ୍ରାହ୍ମଣମାନେ ରାଜ ଦରବାରରେ ଶାସନ ପରାମର୍ଶଦାତା ଭାବରେ କାର୍ଯ୍ୟ କରୁଥିଲେ ଏବଂ ଜାତି (ଚାରିବର୍ଣ୍ଣ ଧର୍ମ)ର ସିଦ୍ଧାନ୍ତକୁ ଲୋକମାନଙ୍କ ମଧ୍ୟରେ ପ୍ରଚାର କରିଥିଲେ। ରାଜ ଦରବାରର ଭାଷା ସଂସ୍କୃତ କରିବା ସହ ରାମାୟଣ ଏବଂ ମହାଭାରତକୁ ରାଜାଙ୍କ ପୁସ୍ତକ ଭାବରେ ପ୍ରଚାର କରିଥିଲେ। ଏଣୁ ହିନ୍ଦୁ ରାଷ୍ଟ୍ରର ଧାରଣା ରାଜନୈତିକ ଓ ସାଂସ୍କୃତିକ ବିଚାରଧାରାରେ ଏକ ଦ୍ୱନ୍ଦ୍ୱ ସୃଷ୍ଟି କରିଥାଏ।

–devduttofficial@gmail.com

## ଏଇ ଭାରତରେ

ସାରା ଦେଶର ବିଭିନ୍ନ ସ୍ଥାନରେ ଜମି ମାଫିଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ସେମାନେ ବିଭିନ୍ନ ସ୍ଥାନରେ ଭୟ ଦେଖାଇ ଜମି ଦଖଲ କରୁଛନ୍ତି। କିନ୍ତୁ ଜମି ମାଫିଆଙ୍କ ଭୟକୁ ଭ୍ରୂକ୍ଷେପ ନ କରି ତାମିଲନାଡୁର ଜି. ଶ୍ରୀକାନ୍ତ ଗୁଡିୟାଥାମ ସହର ନିକଟବର୍ତ୍ତୀ ଉଲ୍ଲି ଗାଁର ପଲାର ନଦୀ କୂଳରେ ୨୫ ଏକର ଜମି ସେମାନଙ୍କ କବଳରୁ ମୁକ୍ତ କରିପାରିଛନ୍ତି। କେବଳ ସେତିକି ନୁହେଁ, ଶ୍ରୀକାନ୍ତ ସେହି ଜମିରେ ଏକ ଜଙ୍ଗଲ କରିପାରିଛନ୍ତି। ଶ୍ରୀକାନ୍ତ କମ୍ପ୍ୟୁଟର ବିଜ୍ଞାନରେ ଶିକ୍ଷା ଶେଷ କରି ଚେନ୍ନାଇରେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାର୍ଯ୍ୟ କରୁଥିଲେ। ତାଙ୍କ ବଡ଼ ଭାଇଙ୍କର ଦୁର୍ଘଟଣାରେ ମୃତ୍ୟୁ ହେବା ପରେ ସେ ଗାଁକୁ ଫେରି କୃଷିକାର୍ଯ୍ୟ ଆରମ୍ଭ କରିବା ସହ ୨୦୧୮ରେ ଆଖପାଖରେ ଜଙ୍ଗଲ ସୃଷ୍ଟି କରିବା ଆରମ୍ଭ କରିଥିଲେ। ଏବେ ସୁଦ୍ଧା ସେ ୧୫ ହଜାର ଗଛ ଲଗାଇ ସାରିଲେଣି। ଜମି ମାଫିଆଙ୍କ କବଳରୁ ଉଦ୍ଧାର କରିଥିବା ୨୫ ଏକର ଜମିରେ ଶ୍ରୀକାନ୍ତ ୭ ହଜାର ଗଛ ଲଗାଇଛନ୍ତି। ଏଥିପାଇଁ ସେ ପକେଟରୁ ୧.୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

**୧୬ ନଭେମ୍ବର ୧୯୯୮**

- ପୁରୁଣା ଭୁବନେଶ୍ୱରସ୍ଥିତ ଅନନ୍ତ ବାସୁଦେବଙ୍କ ମନ୍ଦିରର ରୋଷଘରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ରୋଷଘର ସମ୍ପୂର୍ଣ୍ଣ ଭସ୍ମୀଭୂତ।
- କୋଚି ଉପକୂଳସ୍ଥିତ ଭାରତୀୟ ନୌଘାଟି ଆଇଏନ୍ଏସ୍ ଦ୍ରୋଣାଚାର୍ଯ୍ୟରୁ ଭୂପୃଷ୍ଠରୁ ଆକାଶମାର୍ଗକୁ ଲକ୍ଷ୍ୟଭେଦ କରୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ର 'ତ୍ରିଶୂଳ'ର ସଫଳ ପରୀକ୍ଷଣ।
- କରାଚୀରେ ଅବସ୍ଥାନ କରୁଥିବା ଅଣ୍ଡରୱାର୍ଲ୍ଡ ଡନ୍ ଦାଉଦ ଇବ୍ରାହିମଙ୍କ ଭାଇ ଅନିସ ଇବ୍ରାହିମ ଦୁବାଇ ପୋଲିସ ଦ୍ୱାରା ଗିରଫ।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | | | | | | |
| | 4 | 7 | | | | | | 6 |
| 2 | | | | | 1 | 9 | 7 | |
| | | | | | 5 | | 2 | |
| | | | 6 | | | 1 | | 9 |
| | | | 8 | 2 | | | 3 | |
| | | 2 | 1 | | 6 | | | 7 |
| | 3 | | | 9 | | 2 | | |
| 8 | | | | | | 3 | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 4 | 5 | 3 | 8 | 6 | 1 | 7 | 2 |
| 1 | 7 | 6 | 2 | 5 | 9 | 4 | 8 | 3 |
| 3 | 2 | 8 | 1 | 4 | 7 | 5 | 9 | 6 |
| 6 | 8 | 9 | 4 | 3 | 1 | 2 | 5 | 7 |
| 7 | 3 | 2 | 8 | 6 | 5 | 9 | 1 | 4 |
| 5 | 1 | 4 | 7 | 9 | 2 | 3 | 6 | 8 |
| 2 | 9 | 7 | 6 | 1 | 4 | 8 | 3 | 5 |
| 8 | 6 | 1 | 5 | 2 | 3 | 7 | 4 | 9 |
| 4 | 5 | 3 | 9 | 7 | 8 | 6 | 2 | 1 |

ଗତକାଲିର ଉତ୍ତର

# ସଇତାନ ସାବଧାନ



ମାୟାଧର ନାୟକ

ସାରା ଦୁନିଆର ନଜର ଏବେ ଇସ୍ରାଏଲ୍–ପାଲେଷ୍ଟାଇନ୍–ଗାଜା ମହାଯୁଦ୍ଧ ଉପରେ। ଯୁଦ୍ଧରେ ନିର୍ଦ୍ଦୋଷଙ୍କୁ ହତ୍ୟା କରାଯାଉଛି। ଏ ଯୁଦ୍ଧରେ ଉଭୟପକ୍ଷ ପାଗଳ ଭଳି ଲଢୁଛନ୍ତି। ସାମ୍ରାଜ୍ୟବାଦୀମାନଙ୍କର କୌଣସି ଜାତି ନଥାଏ କି ନୀତି ନଥାଏ, ବିବେକ ନଥାଏ କି ହୃଦୟ ନଥାଏ। ଏ ଦେଶଗୁଡ଼ିକ ଯେକୌଣସି ହିଂସ୍ର ପଶୁଠାରୁ ବି ଅଧିକ କ୍ଷତିକାରକ। ଏମାନେ ନିଜ ଦେଶକୁ ଧ୍ୱଂସମୁଖକୁ କେବଳ ଟାଣିନିଅନ୍ତି ନାହିଁ– ବିଶ୍ୱର ବହୁ ଦେଶକୁ ପ୍ରଭୂତ କ୍ଷତି ପହଞ୍ଚାଇଥା'ନ୍ତି। କଥାରେ ଅଛି– 'ଗୋଟିଏ ଦେଶ ଧ୍ୱଂସ ହେବା ପାଇଁ ଜଣେ 'ମୂର୍ଖରାଜା', ନିଷ୍କ୍ରିୟ ପ୍ରଜା ଓ ବିକ୍ରିଯୋଗ୍ୟ ଗଣମାଧ୍ୟମ ହିଁ ଯଥେଷ୍ଟ।' ଏବେ ଇସ୍ରାଏଲ୍‌ରେ ତାଙ୍କ ପ୍ରଧାନମନ୍ତ୍ରୀଙ୍କୁ ଅଯୋଗ୍ୟ କହି ଇସ୍ତଫା ଦାବି କଲେଣି। ବୁଦ୍ଧିଆମାନେ ଲଢ଼ିବା ପୂର୍ବରୁ ଜିତିଥାଆନ୍ତି। ମୂର୍ଖମାନେ ଜିତିବା ପାଇଁ ଲଢୁଥାଆନ୍ତି। ଏବେ ଏହା ଋଷିଆ–ୟୁକ୍ରେନ୍ ଓ ଇସ୍ରାଏଲ୍–ପାଲେଷ୍ଟାଇନ୍ ଯୁଦ୍ଧରେ ଦେଖାଦେଇଛି। ଏହା କୁରୁକ୍ଷେତ୍ର ସହ ତୁଳନା କରାଯାଇପାରେ। ପାଣ୍ଡବମାନେ ଶ୍ରୀକୃଷ୍ଣଙ୍କ ନେତୃତ୍ୱରେ ଯୁଦ୍ଧ ପୂର୍ବରୁ ଜିତି ଯାଇଥିଲେ। କପଟି ଶକୁନୀ ବୁଦ୍ଧିରେ କୌରବକୁଳ ମିଛଟାରେ ଜିତିବା ପାଇଁ ଲଢ଼ି ଲଢ଼ି ଧ୍ୱଂସ ହୋଇଗଲେ। ଅହଂକାର, କ୍ରୋଧ, ରାଗ, ଅପରାଧର କୌଣସି ସୀମା ନାହିଁ।

ଇସ୍ରାଏଲ୍‌କୁ ଚାରିପଟୁ ଆକ୍ରମଣ। ହମାସ୍ ସହ ଇସ୍‌ଲାମିକ୍ ଜିହାଦ୍, ଲେବାନନ୍ ହଜିବୁଲ୍ଲା ଆକ୍ରମଣ କରିଥିବାବେଳେ ଏବେ ୟେମନର ହାଉଥି ବିଦ୍ରୋହୀ ଡ୍ରୋନ୍ ଓ ମିଶାଇଲ୍ ମାଧ୍ୟମରେ ଆକ୍ରମଣ କରିଛନ୍ତି। ହାଉଥି ବିଦ୍ରୋହୀଙ୍କୁ ଇରାନ୍ ସମର୍ଥନ ଯୋଗାଇଛି। ଏମାନଙ୍କ ପାଖରେ ୨ଲକ୍ଷ ସେନା ଅଛନ୍ତି। ଏମାନେ ସିଧାସଳଖ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇଲେ ଇସ୍ରାଏଲ୍ ପାଇଁ ବଡ଼ସମସ୍ୟା ସୃଷ୍ଟି କରିବ। ଆମେରିକା ସେନା ଇସ୍ରାଏଲ୍ ସେନାଙ୍କ ସହ ମିଶି ଯୁଦ୍ଧ କରିପାରନ୍ତି। ଏଣେ ଇସ୍ରାଏଲ୍‌କୁ ଚାରିପଟୁ ଆକ୍ରମଣ ବଢୁଥିବାବେଳେ ଇରାନ୍, ରୁଷ, ଚାଇନା ଯୁଦ୍ଧକୁ ଡେଇଁଲେ ଅବସ୍ଥା ଅସମ୍ଭାଳ ହୋଇଯିବ। ୩ୟ ବିଶ୍ୱଯୁଦ୍ଧରେ ବିଶ୍ୱର ସବୁଦେଶ ଦୁଇଭାଗରେ ବିଭକ୍ତ ହୋଇ ଲଢ଼ିବେ– ପରମାଣୁ ବୋମା ପକାଇବାକୁ କେହି ପଛଘୁଞ୍ଚା ଦେବେନି। ବିଶ୍ୱଧ୍ୱଂସର କାରଣ ହେବ।

ଋଷିଆ–ୟୁକ୍ରେନ୍ ଯୁଦ୍ଧ ୨୨ମାସରୁ ଉର୍ଦ୍ଧ୍ୱ ହେଲା ଚାଲିଛି। ୭ ଅକ୍ଟୋବର ୨୦୨୩ରୁ ହମାସ୍–ଇସ୍ରାଏଲ୍ ରକ୍ତଯୁଦ୍ଧ ଚାଲିଛି। ଏହି ଦୁଇଯୁଦ୍ଧରେ ଶାନ୍ତି ପ୍ରତିଷ୍ଠା ପାଇଁ ଜାତିସଂଘ ବିଫଳ ହୋଇଛି। ୨ୟ ବିଶ୍ୱଯୁଦ୍ଧ ପରେ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ଏଥିରେ ପୃଥିବୀର ପ୍ରାୟ ସବୁଦେଶ ସଦସ୍ୟ ହୋଇଥିଲେ। ଶୀତଳ ଯୁଦ୍ଧ ପରେ ୧୯୯୦ରେ ସୋଭିଏତ୍ ୟୁନିୟନ୍‌ର ପତନ ଘଟିଲା। ଆମେରିକାର ଆଧିପତ୍ୟ ବୃଦ୍ଧି ପାଇଲା। ଆମେରିକାର ସୈନ୍ୟମାନେ ଆଫଗାନିସ୍ଥାନ, ମାଲି, ଲିବ୍ୟା ଓ ଇରାକରେ ପଶିଗଲେ। ସେତେବେଳେ ବିଶ୍ୱ ଅର୍ଥନୀତି ସଂକଟଜନକ ପରିସ୍ଥିତିରେ। ଏହି ଖଣ୍ଡଯୁଦ୍ଧମାନଙ୍କରେ ଜାତିସଂଘର ଭୂମିକା ରହିଲା ନାହିଁ। ୨୦୦୮ ପରେ ଆମେ ଜଟିଳ ଯୁଦ୍ଧର ସାମ୍ନା କରୁଛେ। ଜାତିସଂଘରେ ୫ ମହାରଥୀ ଆମେରିକା, ଚାଇନା, ଋଷିଆ, ଇଂଲଣ୍ଡ, ଫ୍ରାନ୍ସର 'ଭିଟୋ' ଅଖଣ୍ଡ କ୍ଷମତାଧାରୀ। ଗୋଟିଏ ଦେଶ 'ଭିଟୋ' ପ୍ରୟୋଗକଲେ ପ୍ରସ୍ତାବ କାଟ୍ ଖାଇଯିବ।

ବିଶ୍ୱ ଅନ୍ଧାରି ଯୁଗରେ ପହଞ୍ଚଗଲାଣି। କୌଣସି ଦେଶରେ ଡାକ୍ତରଖାନା, ଆମ୍ବୁଲାନ୍ସ, ରେଡ୍‌କ୍ରସ୍, ଔଷଧ ଦୋକାନ ଉପରେ ଆକ୍ରମଣ ମନା ବୋଲି ଅନ୍ତର୍ଜାତୀୟ ଆଇନ ପ୍ରଣୟନ କରାଯାଇଛି। ହେଲେ ଇସ୍ରାଏଲ୍ ଏ ଆଇନକୁ ଫୁତ୍କାରରେ ଉଡ଼ାଇଦେଇ ବୋମା ବର୍ଷଣ କରିଚାଲିଛି।



ଯେତେବେଳେ ଯୁଦ୍ଧ ହୁଏ, ମାନବତା କ୍ରନ୍ଦନ କରେ। ଅନ୍ତର୍ଜାତୀୟ କାନୁନକୁ କେହି ମାନୁନାହାନ୍ତି। ଗାଜାବାସୀ କହୁଛନ୍ତି – 'ଆମେ ପଶୁନୋହୁଁ, ମଣିଷ।' ଆମ ମାତୃଭୂମି ରକ୍ଷାପାଇଁ ମରିଯିବୁ ପଛେ ମୁଣ୍ଡ ନୁଆଁଇବୁ ନାହିଁ। ଗାଜାବାସୀ ଏଭଳି ଏକ ଭୂଗୋଳରେ ବାସ କରୁଛନ୍ତି– ସେଠାରୁ ଅନ୍ୟତ୍ର ବାସକରିବା ଅସମ୍ଭବ। ଆମେରିକା, ଇସ୍ରାଏଲ୍, ଫ୍ରାନ୍ସ, ବ୍ରିଟିଶ୍, ଋଷିଆ, ଚାଇନା ପ୍ରମୁଖ ଦେଶ ବିଶ୍ୱର ଅନ୍ୟାନ୍ୟ ଦେଶକୁ ଯୁଦ୍ଧାସ୍ତ୍ର ବିକ୍ରି କରନ୍ତି। ଯୁଦ୍ଧାସ୍ତ୍ର ବେପାରରୁ ଏମାନେ ନାହିଁନଥିବା ଅର୍ଥ ଲାଭକରନ୍ତି। ତେଣୁ ଏମାନେ ଯୋଜନାବଦ୍ଧ ଭାବେ ଦେଶେଦେଶେ ଯୁଦ୍ଧ ଲଗେଇଦିଅନ୍ତି। ଯୁଦ୍ଧରେ ଯୁଦ୍ଧାସ୍ତ୍ର ନଷ୍ଟ ହୁଏ। ପୁଣି ନୂଆ ଯୁଦ୍ଧାସ୍ତ୍ର କିଣିବାକୁ ବହୁଦେଶ ସାଧାରଣ ନାଗରିକଙ୍କ ଟିକସ ଟଙ୍କାରେ ରାଜକୋଷରୁ ସିଂହଭାଗ ଖର୍ଚ୍ଚ କରନ୍ତି।

ଛକାପଞ୍ଝାରେ ଛଳ ବେପାରୀଙ୍କ ଏ ଯୁଦ୍ଧ ଲାଭଜନକ ବ୍ୟବସାୟ। ଯେଉଁମାନେ ଉଭୟ ପକ୍ଷକୁ ଯୁଦ୍ଧାସ୍ତ୍ର ବିକ୍ରି କରନ୍ତି– ଯୁଦ୍ଧରେ କିଏ ଜିତିଲା କିଏ ହାରିଲା ଯୁଦ୍ଧ ବେପାରୀଙ୍କର କିଛି ଯାଏଆସେନା। ଅର୍ଥ ହିଁ ଏମାନଙ୍କର ସର୍ବସ୍ୱ। ବିଶ୍ୱ ଇତିହାସରେ ଏକବିଂଶ ଶତାବ୍ଦୀରେ ଭୟଙ୍କର ଯୁଦ୍ଧରେ ପ୍ରାୟ ସବୁଦେଶ ପରୋକ୍ଷ ବା ପ୍ରତ୍ୟକ୍ଷରେ ମାତିଯିବେ। ଯୁଦ୍ଧ ପାଇଁ ଅର୍ଥ, ପୁଣି ଅର୍ଥ ପାଇଁ ଯୁଦ୍ଧ। ଯୁଦ୍ଧରେ ଧ୍ୱଂସ ପାଇଥିବା କୋଠାବାଡ଼ି ପ୍ରମୁଖ ପୁନଃ ନିର୍ମାଣ ପାଇଁ ଅର୍ଥ ଦରକାର। ସବୁଥିରେ ଅର୍ଥ। କଥାରେ ଅଛି– ଟଙ୍କା ଖାଇ ଗୋଡ଼ାଏ, ଯାହାପାଖରେ କିମ୍ବା ଦେଶରେ ଅମାପମାପ ଅର୍ଥ ଅଛି ସେ ପାଗଳ ହୋଇଯିବ। ସେ ମଣିଷ କି ଦେଶ ବିଶ୍ୱଧ୍ୱଂସର କାରଣ ହୁଅନ୍ତି। ସମ୍ପ୍ରତି ୟୁକ୍ରେନ୍‌କୁ ଆମେରିକା ଓ 'ନାଟୋ' ଦେଶ, ଋଷିଆକୁ ଚାଇନା, ଇରାନ୍ ଯୁଦ୍ଧାସ୍ତ୍ର ବାକିରେ ଦେଉଛନ୍ତି। ସେମାନେ ଏ ବାକିଆ ଅର୍ଥକୁ ପରିଶୋଧ କରି ନ ପାରିଲେ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ। ଏହା ବଦଳରେ ସାରାଦେଶର ଜଳସ୍ଥଳ, ଭୂତଳ, ଆକାଶକୁ ବନ୍ଧା ରଖିବେ। ଋଣ ପରିଶୋଧ ପର୍ଯ୍ୟନ୍ତ ସେ ଦେଶର ସମ୍ପତ୍ତି ମନଇଚ୍ଛା ବୋହିନେବେ। ଯେମିତି ଭାରତରୁ ବ୍ରିଟିଶ୍‌ମାନେ ଦୁଇଶହ ବର୍ଷ ଧରି ଆମ ସମ୍ପତ୍ତି ହରଣ କରୁଥିଲେ।

ଯୁଦ୍ଧ କେବେ ସରେନି – ଯୁଦ୍ଧ କେବେ ସରିବାର ନାହିଁ। ମଣିଷର ଜୀବନ ବିନିମୟରେ ମାରଣାସ୍ତ୍ର ବିକ୍ରୟ ଏକମାତ୍ର ଲକ୍ଷ୍ୟ। ନିୟମିତ ଜାରି ରହିଥିବା ମାରଣାସ୍ତ୍ର ଉତ୍ପାଦନର ଅସ୍ତ୍ରଚୁଲ୍ଲିଶାଳର ନିଆଁ ଭିତରୁ ଏ ଯୁଦ୍ଧାସ୍ତ୍ର ଜନ୍ମ। ଯାହାର ପଣ– ଏ ଜୀବନ୍ତ ଗ୍ରହକୁ ଏକ ମୃତପିଣ୍ଡର ମୁଠେ ପାଉଁଶ ଏବଂ ଡିନାମାଇଟ୍‌ଠୁ ଆରମ୍ଭ କରି ପରମାଣୁ ବୋମା ପର୍ଯ୍ୟନ୍ତ ଯେଉଁ ଅସ୍ତ୍ର ବେପାର ସେ ଶସ୍ୟଶ୍ୟାମଳା ପୃଥିବୀକୁ ମରୁଗ୍ରହରେ ପରିଣତ କରିବାର ଯୋଜନାରେ ଆଜି ମଧ୍ୟ ପ୍ରବୃତ୍ତ। କ୍ଷୋଭର ବିଷୟ ଯେ– ସେମାନଙ୍କୁ ମିଳୁଛି ପ୍ରଚୁର ପ୍ରଶସ୍ତିର ପାଉଣା। ଯଥା– ଡିନାମାଇଟର ଉଦ୍ଭାବକ ଆଲ୍‌ଫ୍ରେଡ୍ ନୋବେଲ୍– ଯାହାଙ୍କର ବିପୁଳ କାଳ ମୁନାଫାର ଏକ ନଗଣ୍ୟ ଅଂଶ ପୃଥିବୀର ବିଭିନ୍ନ କ୍ଷେତ୍ର ବିଷୟକ ଦିଗରେ ପୁରସ୍କାର ପାଇଁ ପ୍ରେରିତ ହୋଇଆସୁଛି। ମାତ୍ର କିଛି କୋଟି ଟଙ୍କାର ପୁରସ୍କାରକୁ କୁକୁର ଆଗରେ ଅଇଁଠା ଫିଙ୍ଗିଲା ପରି ଫିଙ୍ଗିଦିଆଯାଇ ୮ଶହ କୋଟି ଜନସଂଖ୍ୟକ ତମାମ ପୃଥିବୀରୁ ଅସୁଲ କରାଯାଉଛି – ଅପରିମେୟ ଯଶ ଓ ଜୟ ଜୟକାର। ଏଣୁ ମଣିଷ ମାର – ମୁନାଫା କର – ଆହେ ଯୁଦ୍ଧଖୋର। ଏ ହେଉଛି ବର୍ତ୍ତମାନର ମାରଣାସ୍ତ୍ର ବଜାରିଙ୍କ ଭିତିରିଆ ବିଜ୍ଞାପନ। ସବୁବେଳେ ଯୁଦ୍ଧର ଇତିହାସ ବିଚିତ୍ର ଓ ଅତ୍ୟନ୍ତ ପୀଡ଼ାଦାୟକ। ସବୁ ଯୁଦ୍ଧ ଯୋଜନାବଦ୍ଧ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ସମ୍ପ୍ରତି ଧର୍ମଯୋଦ୍ଧାମାନଙ୍କର ଯୁଗ ଶେଷ। ବର୍ତ୍ତମାନ ପୃଥିବୀ ପ୍ରେମଯୋଦ୍ଧାମାନଙ୍କୁ ଦରକାର କରେ। କାରଣ ଧର୍ମଯୁଦ୍ଧ ଏ ଦୁନିଆରେ ସୃଷ୍ଟି କରିଛି ମଣିଷରକ୍ତର ଦଙ୍ଗା। ମାତ୍ର ଆସନ୍ନ ପ୍ରେମଯୁଦ୍ଧ ଏ ପୃଥିବୀରେ ଆଣିବ ମହାପ୍ଲାବନମୟ ମଣିଷ ହୃଦୟର ମହାଗଙ୍ଗା। ତେଣୁ ସଇତାନ ସାବଧାନ।

**ଯାଜପୁର ରୋଡ, ଯାଜପୁର**
**ମୋ: ୯୮୬୧୦୩୪୧୬୩**

## ବାର ମୁହଁରେ ବାର କଥା



ରାନୀ ନାୟକ

ସମାଜରେ ଅନେକ ଲୋକ ଅଛନ୍ତି, ଯେଉଁମାନେ ପରିସ୍ଥିତି ବା ସମସ୍ୟାର ମୁକାବିଲା କରି ନ ପାରି ମଦ୍ୟପାନ କରନ୍ତି। ଆଉ କିଏ ନିଜର ସଉକ ମେଣ୍ଟେଇବାକୁ ଯାଇ ନିଶା ସେବନ କରନ୍ତି। ମଦ୍ୟପାନକୁ ନେଇ ଭାରତୀୟମାନଙ୍କ ସମ୍ପର୍କ ଅତି ଜଟିଳ। କିଏ ମଦ ସପକ୍ଷରେ ତ ଆଉ ଅନେକେ ବିପକ୍ଷରେ ମଧ୍ୟ ଅଛନ୍ତି। ସେଥିପାଇଁ ତ ମଦକୁ ନେଇ ବାର ମୁହଁରେ ବାର କଥା। ଆୟୁର୍ବେଦ ମତ ଅନୁସାରେ ମାଦକଦ୍ରବ୍ୟର ବ୍ୟାଖ୍ୟାରେ କୁହାଯାଇଛି ''ବୁଦ୍ଧି ଲୁପତି ଯଦ୍ ଦ୍ରବ୍ୟମ୍ ମଦକାରି ତଦୁଚ୍ୟତେ''। ଅର୍ଥାତ୍ ଯେଉଁ ବସ୍ତୁ ବୁଦ୍ଧିକୁ ନାଶ କରିଦିଏ, ତାହାକୁ ମଦକାରୀ କୁହାଯାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ରିପୋର୍ଟ ଅନୁଯାୟୀ ଯଦି ମଦ ବୋତଲରେ ଏକ ମାଂସ ଖଣ୍ଡ ପକାଇ ଦିଆଯାଏ ତେବେ ତାହା କିଛି ସମୟ ପରେ ଦ୍ରବିତ ହୋଇ ସୂକ୍ଷ୍ମ ତନ୍ତୁରେ ପରିଣତ ହୋଇଯିବ। ଏହି ପ୍ରକାର ରକ୍ତରେ ଆଲକାଇନର ଘନତ୍ୱ ୦.୨ ପ୍ରତିଶତରୁ ୦.୫ ପ୍ରତିଶତ ପହଞ୍ଚିଯାଏ ଓ ମଦ ପିଉଥିବା ବ୍ୟକ୍ତିର ତୁରନ୍ତ ମୃତ୍ୟୁ ହୋଇଯାଏ। ଇଟାଲିର ବୈଜ୍ଞାନିକମାନେ ପ୍ରମାଣିତ କରିଛନ୍ତି ଯେ 'କର୍କଟ ରୋଗର ମୁଖ୍ୟ କାରଣ ହେଉଛି ମଦ୍ୟପାନ'। ମୁଖ ଓ ଗଳା କର୍କଟ ରୋଗଗ୍ରସ୍ତ ପ୍ରାୟ ଶତକଡ଼ା ୮୦ ଭାଗ। ଏହାର କାରଣ ହେଉଛି ମଦ୍ୟପାନ କିମ୍ବା ନିଶାଦ୍ରବ୍ୟ ସେବନ। ମଦ୍ୟପାନ ଯୋଗୁ ଯକୃତରେ ପ୍ରଭାବ ପଡ଼ିଥାଏ।

ଭାରତରେ ମଦ ବିକ୍ରି ପ୍ରଥମେ ରବର୍ଟ କ୍ଲାଇବ ନାମକ ଜଣେ ଇଂରେଜଙ୍କ ଦ୍ୱାରା ୧୭୬୦ ମସିହାରେ କୋଲକାତାରେ ଆରମ୍ଭ ହୋଇଥିଲା। ଏହି ଜହର ରୂପକ ଜାଲରେ ସମସ୍ତେ ଛନ୍ଦି ହୋଇ ଅଛନ୍ତି। ଗାନ୍ଧିଜୀ କହିଥିଲେ ''ଦେଶ ସ୍ୱାଧୀନ ହେବାର ୨୪ ଘଣ୍ଟା ମଧ୍ୟରେ ନିଶାକୁ ନିଷିଦ୍ଧ କରି ଏହା କାର୍ଯ୍ୟକାରୀ ହେବା କଥା, ମାତ୍ର ତାହା ହୋଇପାରିଲା ନାହିଁ। କାରଣ ମହାତ୍ମା ମଦକୁ ବିଦେଶୀ ମନେକରିବା ସହିତ ତାକୁ 'ପାପ'ବୋଲି ମନେକରୁଥିଲେ। ଏକ ରିପୋର୍ଟରେ ଦର୍ଶାଇଯାଇଛି ଯେ, ଯେତିକି ମଦରେ ସରକାରଙ୍କ ଆଦାୟ ହୁଏ ତା'ର ଶହେଗୁଣ ଲୋକଙ୍କୁ କ୍ଷତି ସହିବାକୁ ପଡ଼ିଥାଏ। ଯୁଗ ବଦଳିବା ସହିତ ଲୋକଙ୍କ ଜୀବନଶୈଳୀରେ ମଧ୍ୟ ପରିବର୍ତ୍ତନ ହୋଇଛି। ଲୋକ ଏବେ ଆଧୁନିକତା ଆଡ଼କୁ ଅଗ୍ରସର ହେଉଛନ୍ତି। କିନ୍ତୁ ଗାଁଠାରୁ ସହର ଯାଏ ସବୁଠି ଏବେ ମଦ ବାସ୍ନା ଭରିଯାଇଛି। ସହରରେ ୨୩୪ ପ୍ରତିଶତ ଓ ଗାଁରେ ୧୧୭ ପ୍ରତିଶତ ହାରରେ ପ୍ରତିବର୍ଷ ବିକ୍ରି ବଢୁଛି। ଭାରତରେ ମଦ ନିଷେଧ ବିହାର, ଗୁଜରାଟ, ମିଜୋରାମ, ନାଗାଲାଣ୍ଡ ଆଦି ରାଜ୍ୟରେ ଲାଗୁ ହୋଇଛି। ଅନ୍ୟ ସମସ୍ତ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳ ମଦ ବିକ୍ରିକୁ ଅନୁମତି ଦେଇଛନ୍ତି। ବୈଦିକ ଯୁଗରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଭାରତରେ ମଦକୁ ନେଇ ଅନେକ କଥା ଅଛି। ଆମେ ତ ବିଭିନ୍ନ ଦେବଦେବୀଙ୍କୁ ପୂଜା କରି ଆସୁଛନ୍ତି କିନ୍ତୁ ସେଥି ମଧ୍ୟରୁ ମଦର ବି ଜଣେ ଦେବୀ ଅଛନ୍ତି। କଥାଟି ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ତାଙ୍କୁ ସୁରୀଦେବୀ ବୋଲି କୁହାଯାଏ। ଗ୍ରନ୍ଥରେ ଉଲ୍ଲେଖ ଅଛି ସମୁଦ୍ର ମନ୍ଥନ ବେଳେ ସୁରିଦେବୀ ସେଥିରୁ ପ୍ରକଟ ହୋଇଥିଲେ। ଦେବତାମାନଙ୍କୁ ସୁରା ଢାଳିବା ସମୟରେ ସେଥିରୁ କିଛି ବୁନ୍ଦା ପୃଥିବୀରେ ପଡ଼ିଗଲା। ସେହି ବୁନ୍ଦାଗୁଡିକରୁ ହିଁ ଜାତ ହୋଇଛି ଯେତେ ପ୍ରକାରର ନିଶାଦ୍ରବ୍ୟ। ନିର୍ଦ୍ଦିଷ୍ଟ ଭାବେ ମଦ କେବେଠାରୁ ଆରମ୍ଭ ହେଲା କିଛି ତଥ୍ୟ ନାହିଁ କିନ୍ତୁ ଅନେକ ତତ୍ତ୍ୱବିତ୍‌ମାନେ କୁହନ୍ତି ଆଜକୁ ୧୦ହଜାର ବର୍ଷ ତଳୁ ଏହା ଆରମ୍ଭ ହୋଇଛି। ଦିନ ଥିଲା ମଦକୁ ସାଧାରଣତଃ ଔଷଧି ରୂପେ ବ୍ୟବହାର କରାଯାଉଥିଲା। ଆଉ ତାକୁ ମଧ୍ୟ ଅନେକେ ବିକାର ଓ ମୃତ୍ୟୁ ରୂପକ ତରଳ ଜହର ରୂପେ ଜଣାଯାଏ। ଏହି ନିଶା ପାନ ଯୋଗୁ ଯଦୁ ବଂଶ ବି ଧ୍ୱଂସ ହୋଇଛି। ପ୍ରତିଦିନ ସକାଳୁ ଉଠୁ ଉଠୁ ବଳାତ୍କାର, ଦୁର୍ଘଟଣା, ହତ୍ୟା ଖବର ଗଣମାଧ୍ୟମରେ ଦେଖିବାକୁ ମିଳୁଛି। ମଦ୍ୟପାନ ପାଇଁ କେତେ ସୁନା ସଂସାର ଚୂନା ହେବାରେ ଲାଗୁଛି। ତଥାପି ଆମେ ଚୁପ ହୋଇ ଦେଖିବା ଛଡ଼ା ଆଉ କିଛି ଉପାୟ ନାହିଁ। ଛାଡ଼ ଏସବୁ ଆମ ଲୋକଙ୍କୁ ଶୁଣେଇଲେ କିଛି ସୁଫଳ ମିଳିବ ନାହିଁ। କଥାରେ ଅଛି ''ମୋତେ ଯେତେ ମାଠିବୁ ମାଠ ମୁଁ ସେଇ ଦରପୋଡ଼ା କାଠ।'' ଆମ ଲୋକ ହିଁ ସେଇଭଳି ହୋଇଗଲେଣି। ଛୋଟ ପିଲାଟିକୁ ଯଦି କହିବ ନିଆଁକୁ ଧରିବୁନି ହାତ ପୋଡ଼ିଯିବ, କିନ୍ତୁ ସେ ତାକୁ ଆହୁରି ଧରିବ ବୋଲି ମନ ବଳେଇବ। ସେମିତି ମଦକୁ ନେଇ ଯେତେ ସଚେତନ କଲେ ମଧ୍ୟ କିଛି ଲାଭ ନାହିଁ ସେମାନେ ପିଇବେ ହିଁ ପିଇବେ। ଆମ ଲୋକଙ୍କର ଏହା ଶୁଣି ଦେହସୁଆ ହୋଇଗଲାଣି।

**ଢେଙ୍କାନାଳ**
**ମୋ: ୭୬୦୬୯୯୬୦୫୩**

## ପାଠକ ଶ୍ରେଷ୍ଠ ବିଚାରକ

### ନିୟମକୁ ଅଣଦେଖା

ମହାଶୟ,

ପୁରୀ ଶ୍ରୀମନ୍ଦିର ଚାରିପାଖର ସ୍ୱଚ୍ଛତା ଓ ପବିତ୍ରତା ରଖିବା ପାଇଁ ମନ୍ଦିର ପ୍ରଶାସନ ପାନ, ଗୁଟଖା ଓ ମାଦକ ଦ୍ରବ୍ୟ ଆଦି ନିଷେଧ କରିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏ କ୍ଷେତ୍ରରେ ଶ୍ରୀମନ୍ଦିରର ପରିଚାଳନା ନିମନ୍ତେ ପ୍ରଶାସନିକ ବ୍ୟବସ୍ଥାକୁ ସମ୍ମାନ ଦେବା ଆବଶ୍ୟକ। ଏ ପ୍ରସଙ୍ଗର ପ୍ରାସଙ୍ଗିକତାର ସଫଳ ରୂପାୟନ ସମ୍ଭବ ହେବ ଯେତେବେଳେ ସବୁ ନୀତିନିୟମକୁ ପ୍ରଣୟନ କରିଥିବା ଆଇନ ବିଶାରଦ ଓ ଅଧିକାରୀ ମାନେ ନିଜ କ୍ଷମତାର ଅପବ୍ୟବହାରରୁ ବିରତ ହୋଇ ସେସବୁକୁ ମାନିବେ। ଯେଉଁ ନିୟମ ସମସ୍ତଙ୍କ ନିମନ୍ତେ, ସେଇ ନିୟମ ତାଙ୍କ ପାଇଁ ମଧ୍ୟ। ପ୍ରଥମରୁ ସ୍ମାର୍ଟ ମୋବାଇଲ ଫୋନ ମନ୍ଦିର ଭିତରକୁ ନେବାରେ ସମସ୍ତଙ୍କ ପାଇଁ କଟକଣା ଥିବା ସହ ଜରିମାନାର ବ୍ୟବସ୍ଥା ଅଛି। ଏହାସତ୍ତ୍ୱେ ମନ୍ଦିର କର୍ମଚାରୀ, ହୋମ ଗାର୍ଡ ସମେତ ପୋଲିସ ଅଧିକାରୀ, ମହାପ୍ରଭୁଙ୍କ ସେବାରେ ନିୟୋଜିତ ପ୍ରାୟ ସଭିଙ୍କ ପାଖରେ ମୋବାଇଲ ରହୁଛି। ଆନନ୍ଦବଜାରରେ ମହାପ୍ରସାଦ ବିକ୍ରି ପାଇଁ ନିର୍ଦ୍ଧାରିତ ମୂଲ୍ୟ ତାଲିକା ଲଗାଇବା ନିୟମ ଥିଲେ ବି ସେସବୁକୁ ଅଣଦେଖା କରାଯିବା ଦୁଃଖଦାୟକ। ସମସ୍ତ ସୁବ୍ୟବସ୍ଥା ଆଜି ଅବ୍ୟବସ୍ଥା ରୂପେ ପ୍ରତୀୟମାନ ହେଉଛି। ସରକାର ଏଥିପ୍ରତି ଧ୍ୟାନ ଦେବା ଉଚିତ।

**–ଅଶୋକ କୁମାର ଆଢ୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୁଖେ ଅଛି ହସ, ଆଖିରୁ ତୋହର ଶୁଖିନି ପାଣି
ନିରୋଳାରେ ଯଦି କଣ୍ଠୁ ବେଦନା ବାଜଇ ବାଣୀ।
ଚରଣ ନୋହିଛି ଶିଥିଳ ଅବଶ ହୋଇନି କର
ଲୋମର ପୁଲକ ନୟନର ତୃଷା ରହିଛି ତୋର।
–(ଜୀବନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କେରଳ ଶ୍ରମ କମିଶନରଙ୍କୁ ଜବାବ ମାଗିଲେ ଏନ୍‌ଏଚ୍‌ଆର୍‌ସି

**କେରଳରେ ଦାଦନ ଶ୍ରମିକ ମୃତ୍ୟୁ ଘଟଣା**

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅମଥାଗୁଡା ଗ୍ରାମର ଦାଦାନ ଶ୍ରମିକ ନରେନ୍ଦ୍ର ମାଝି (୨୯) କେରଳ କନ୍ନୁର ଜିଲା ଛେରୁପରମ୍ବାକୁ କାମ କରିବାକୁ ଯାଇ ଗତ ୧୩ ଅକ୍ଟୋବରରେ ମୃତ୍ୟୁବରଣ କରିଥିଲେ। ଏହି ଘଟଣା ନେଇ ବୁଧବାର କେରଳ ଶ୍ରମ କମିଶନର, କନ୍ନୁର ଜିଲାପାଳ ଓ କନ୍ନୁର ଏସ୍‌ପିଙ୍କୁ ନୋଟିସ ଜାରି କରିଛନ୍ତି ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)। ଆସନ୍ତା ୪ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବା ପାଇଁ ୩ ଅଧିକାରୀଙ୍କୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ, ନରେନ୍ଦ୍ର ଛେରୁପରମ୍ବାଠାରେ ଥିବା ଶକ୍ତି ଷ୍ଟୋନ କ୍ରଶରରେ ଶ୍ରମିକ ଭାବେ କାମ କରୁଥିଲେ। ସେଠାରେ ପଥର ଖାଦାନରେ କାମ କରୁଥିବା ବେଳେ ତାଙ୍କ ଉପରେ ପଥର ଖସି ପଡିଥିଲା। ଗୁରୁତର ଆହତ ହୋଇ ପେରିୟାରମ ମେଡିକାଲ କଲେଜରେ ଭର୍ତ୍ତି ହୋଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ପରିବାର ଲୋକଙ୍କଠାରୁ ଖବର ପାଇ ଭବାନୀପାଟଣାର ମାନବ ଅଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ନରେନ୍ଦ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଦାବି କରିବା ସହିତ ଶକ୍ତି ଷ୍ଟୋନ କ୍ରଶର ମାଲିକ ବିରୋଧରେ ଫୌଜଦାରି ମକଦ୍ଦମା ଚଳାଇବାକୁ ନିର୍ଦ୍ଦେଶ ଦେବାକୁ ସେ ଅନୁରୋଧ କରିଥିଲେ। ଏହି ଅଭିଯୋଗ କମିଶନ ଗ୍ରହଣ କରି ଏକ ମାମଲା (ନଂ. ୬୪୧/୨୦୨୩ )ରେ ପଞ୍ଜୀକରଣ କରିବା ସହିତ ବୁଧବାର ପ୍ରଥମ ଶୁଣାଣି କରିଛନ୍ତି।

### ଓକିଲ ସଂଘ ସମ୍ପାଦକ ଅମନ ନାଗଙ୍କ ପରଲୋକ

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଓକିଲ ସଂଘ ସାଧାରଣ ସମ୍ପାଦକ ତଥା ବିଶିଷ୍ଟ କ୍ରୀଡା ସଙ୍ଗଠକ ଅମନ ନାଗ (୫୧)ଙ୍କ ପରଲୋକ ଘଟିଛି। ମଙ୍ଗଳବାର ରାତିରେ ସେ ହଠାତ୍ ଅସୁସ୍ଥ ହୋଇପଡିଥିଲେ। ଛାତିରେ



ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ବରଗଡ ସ୍ଥିତ ଏକ ଘରୋଇ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ବିୟୋଗ ଘଟିଛି। ତାଙ୍କ ମରଶରୀରକୁ ବୁଧବାର ବଲାଙ୍ଗୀର ଅଣାଯିବା ପରେ ଜିଲା ଓକିଲ ସଂଘ ସଭାପତି, ସମ୍ପାଦକ, କ୍ରୀଡାବିତ୍, କ୍ରୀଡା ସଙ୍ଗଠକ, ରାଜନେତା ଶେଷଦର୍ଶନ କରିଥିଲେ। ଜଣେ ବିଶିଷ୍ଟ କ୍ରୀଡାବିତ୍ ଏବଂ କ୍ରୀଡା ସଙ୍ଗଠକ ଭାବେ ଅମନ ପରିଚିତ ଥିଲେ। ତାଙ୍କ ସ୍ୱର୍ଗତ ପିତାଙ୍କ ନାଁରେ ସେ ଫୁଟବଲ ଟୁର୍ନାମେଣ୍ଟ କରି ବହୁ ଫୁଟବଲ ଖେଳାଳି ସୃଷ୍ଟି କରିଛନ୍ତି। ବଲାଙ୍ଗୀର ଓକିଲ ସଂଘର ଦୁଇଥର ସେ ସାଧାରଣ ସମ୍ପାଦକ ପଦବୀରେ ରହିଥିଲେ। ଭାଜପାରେ ଯୋଗଦାନ କରି ରାଜନୈତିକ ଜୀବନ ଆରମ୍ଭ କରିଥିଲେ। ମିଷ୍ଟଭାଷୀ, ପରୋପକାରୀ ଯୁବ ସଙ୍ଗଠକ ଭାବେ ପରିଚିତ ଥିଲେ। ଗୁରୁବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ବହୁ ବିଶିଷ୍ଟ ବ୍ୟକ୍ତି ଅମନଙ୍କ ଅକାଳ ବିୟୋଗରେ ଶୋକବ୍ୟକ୍ତ କରିଛନ୍ତି।

# ବନ୍ଦୀଛୋଡ ବଂଶୀୟଙ୍କ ଚାଉଳଧୁଆ ପର୍ବ

କୋକସରା,୧୫।୧୧(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ କୁସୁମଖୁଣ୍ଟି ଗ୍ରାମରେ ରହୁଥିବା ବନ୍ଦୀଛୋଡ ବଂଶୀୟ ଯାଦବଙ୍କ (ଦିଏଲ) ଚାଉଳଧୁଆ ପର୍ବ ଗୌନ୍ତିଆ ପରିବାରରେ ପ୍ରବଳ ଉତ୍ସାହ ଓ ଉଦ୍ଦିପନା ସହ ପାଳିତ ହୋଇଛି। ପରିବାର ସମସ୍ତ ଛୁଆଠୁ ବୁଢ଼ା ଓ ମହିଳାମାନେ ଏହି ପର୍ବକୁ ପାଳନ କରି ଭାଇଚାରାର ନିଦର୍ଶନ ସାଜିଛନ୍ତି। ପିତୃ ପୁରୁଷ, ମା' ସମଲେଇ, ଛତ୍ରୀଏନ, ଠାକୁରାଣୀଙ୍କୁ ଆବାହନ କରି ନୂତନ ଧାନର ଚାଉଳରେ ପ୍ରସ୍ତୁତ ବିଭିନ୍ନ ଭୋଗ ଅର୍ପଣ କରି ଆଜିଠୁଁ ଚାଉଳ ଧୋଇ ଓ ଝୁଡ଼ଙ୍ଗ ଡାଲିକୁ ଖାଇବା ପାଇଁ ସମ୍ମତି ହୋଇଛି। ଏହି ଅବସରରେ ବନ୍ଦୀଛୋଡ ବଂଶୀୟ ବନାବାଡ଼ି ମଧ୍ୟ ଆଜିଠୁଁ ଆରମ୍ଭ ହୋଇଛି। ଗୋଟିଏ ପିଢ଼ି ପରେ ଆରମ୍ଭ ହୋଇଥିବା ଏହି ବନାବାଡ଼ିକୁ



ନିଷ୍କାସନ ପାଇଁ ଦିଏଲ ଦିନ ବା ଚାଉଳ ଧୁଆ ଦିନ ପିତୃ ପୁରୁଷ ଓ ମାଁ ସମଲେଇ ଛତ୍ରୀଏନଙ୍କୁ ଆବାହନ କରି ଆଶୀର୍ବାଦ ଭିକ୍ଷା କରି ଗାଦୀରେ ଥିବା ପାରମ୍ପରିକ ଅସ୍ତ୍ର, ବନାବାଡ଼ି, ମା'ଙ୍କ ଖଣ୍ଡା, ତ୍ରିଶୂଳ, ଆଦି ନିଷ୍କାସନ କରି ଧଳା ବୋକାକୁ ସମର୍ପଣ କରାଯାଏ। ଯାହାକି ମାଘ ଦଶମୀ ଉଦଯାପନୀ ଦିନ ବଳି ଦିଆଯାଇଥାଏ। ବନାବାଡି ବାହାରିବା ପରେ ଗ୍ରାମ୍ୟ ପୂଝାରୀ ଓ ବନ୍ଧୁକୁଟୁମ୍ବ ଘରକୁ ଯିବା ପରେ ରଖାଯାଇଛି। ନିର୍ଦ୍ଧାରିତ ତିଥିବାର ଅନୁସାରେ ପୁଣି ବନ୍ଧୁ କୁଟୁମ୍ବ ଘରକୁ ବୁଲେଇ ନେବା ଓ ମାଘ ଦଶମୀରେ ଶିଥିଳ କରିବା ବା ଉଦଯାପନୀ ହେବା ପାଇଁ ସ୍ଥିର କରାଯାଇଛି। ଦୀର୍ଘ ଚାଳିଶ ବର୍ଷ ପରେ ଏହି ବନାବାଡି ନିଷ୍କାସନ ହେଉଥିବାରୁ ବନ୍ଦୀଛୋଡ ବଂଶୀୟ ସମସ୍ତେ ଖୁବ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ବନ୍ଦୀଛୋଡ ବଂଶୀୟ ପ୍ରାୟ ୧୩୦ ଭାଇ ଏକାଠି ହୋଇ ଭାଇଚାରା ବଜାୟ ରଖି ଏହି ଚାଉଳ ଧୁଆ ଓ ବନାବାଡି ଖେଳରେ ସାମିଲ ହୋଇଥିଲେ। କମିଟି ସଭାପତି କାନ୍ତ ବେହେରା, ସମ୍ପାଦକ ଲକ୍ଷ୍ମୀ ନାରାୟଣ ବେହେରା, କୋଷାଧକ୍ଷ ଭୂପେନ୍ଦ୍ର ବେହେରା ଓ ଉପଦେଷ୍ଟା ଭାବେ ଘେନୁ ବେହେରା, ବଂଶୀଧର ବେହେରା, କୁଶ ଧର ବେହେରା, ସୁଦର୍ଶନ ବେହେରା, ଯୋଗେନ୍ଦ୍ର ବେହେରା, ବିଷ୍ଣୁ ବେହେରା, ସୁସେଣ ବେହେରା, ଲିଙ୍ଗରାଜ ବେହେରା, ହିରଣ୍ୟ ବେହେରା, ସଦାନନ ବେହେରା, ପଦ୍ମନ ବେହେରା ଏବଂ ବନ୍ଦୀଛୋଡ ବଂଶର ସମସ୍ତଙ୍କ ସହଯୋଗରେ ବନାବାଡି କାର୍ଯ୍ୟକ୍ରମ ଉଦଘାଟନ ହୋଇଥିଲା।

# ଯୋଗଦେଲେ ୩୫ ସ୍କୁଲର ୧୨୪ କୁନି ବୈଜ୍ଞାନିକ

**ବଲାଙ୍ଗୀରରେ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା**

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ମଣ୍ଟେଶୋରୀ ପବ୍ଲିକ ସ୍କୁଲରେ ଆନ୍ତଃ ବିଦ୍ୟାଳୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ପଥରଚେପା ଆଦର୍ଶ ବିଦ୍ୟାଳୟ ଅଧକ୍ଷ କ୍ଷମାନିଧି ଝାଙ୍କର ଏବଂ ସିଡିଏମ୍‌ଓ କୁବେର ଚନ୍ଦ୍ର ମହନ୍ତ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିଥିଲେ । ଏହି ମେଳାରେ ବଲାଙ୍ଗୀର ସହରର ୩୫ଟି ସ୍କୁଲର ୧୨୪ ଜଣ କୁନି ବୈଜ୍ଞାନିକ ଯୋଗ ଦେଇଥିଲେ। ଜୁନିୟର, ସବ୍‌ଜୁନିୟର ଓ ସିନିୟର ବିଭାଗରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସିନିୟର ବର୍ଗରେ ପ୍ରଥମ ସ୍ଥାନରେ ମଣ୍ଟେଶୋରୀ ପବ୍ଲିକ୍ ସ୍କୁଲର ଶିବାନୀ ମେହେର ଓ ଆମ୍‌ନା ପରବିନ୍, ଜୁନିୟର ଗ୍ରୁପ ପ୍ରଥମ ସ୍ଥାନରେ ଏକାଡେମୀ ହାଇଟ୍ ପବ୍ଲିକ ସ୍କୁଲର ଚନ୍ଦ୍ରକ ପଧାନ ଏବଂ ସବ୍ ଜୁନିୟର ଗ୍ରୁପରେ



ବିଜ୍ଞାନ ମେଳାରେ ଛାତ୍ରମାନେ ପ୍ରଦର୍ଶିତ ପ୍ରକଳ୍ପ ବିଷୟରେ କହୁଛନ୍ତି।

ଓଏଭି ପଥରଚେପାର ଶ୍ରେୟାଂଶୀ ଝାଙ୍କର ପୁରସ୍କୃତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ମ୍ୟୁନ୍‌ସିପାଲିଟି ଚେୟାରମ୍ୟାନ୍ ଲିକା ସାହୁ ଏବଂ ଡାକ୍ତର ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ହିମାନୀ ତ୍ରିପାଠୀ, ସଞ୍ଜୁକ୍ତା ମିଶ୍ର, ପ୍ରିୟବ୍ରତ ମିଶ୍ର, ସ ଅଖିଳ ଚନ୍ଦ୍ର ହୋତା ଓ ବୁଲୁ ସାହୁ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ। ସ୍କୁଲ ଅଧକ୍ଷ ରବିଚନ୍ଦ୍ର ଉଦ୍‌ଗାତା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଚେୟାରମ୍ୟାନ୍ ବୀରେନ୍ଦ୍ର ନାରାୟଣ ଉଦ୍‌ଗାତା ସମସ୍ତ ପ୍ରତିଯୋଗୀଙ୍କୁ ବିଜ୍ଞାନ ମେଳାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଛାତ୍ରୀ ଆର୍ଯ୍ୟ ଆଦ୍ୟାଶା ସାହୁ ଏବଂ ଦିବ୍ୟାଶା ଦାସ ମଞ୍ଚ ପରିଚାଳନା କରିଥିଲେ।

### ୩୦ଟି ଅକ୍ସିଜେନ କନ୍ସେନ୍‌ଟ୍ରେଟର୍ ଚୋରି

**କଳାହାଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟ**

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟ ପୁଷ୍ଟି ସାଧନ କେନ୍ଦ୍ର (ଏନଆରସି) ପୁରୁଣା କୋଠାରୁ ୩୦ଟି ଅକ୍ସିଜେନ କନ୍ସେନ୍‌ଟ୍ରେଟର୍ ଚୋରି ହୋଇଛି। ଦୁର୍ବୃତ୍ତମାନେ ଝରକା ପଛ ପଟୁ ଏହା ଚୋରି କରିଥିବା ଜଣାପଡିଛି। ଗୋଟେ କନ୍ସେନ୍‌ଟ୍ରେଟର୍ର ବଜାର ମୂଲ୍ୟ ୪୦ରୁ ୬୦ ହଜାର ଟଙ୍କା ପଡୁଥିବା ବେଳେ ୩୦ଟିର ମୂଲ୍ୟ ପ୍ରାୟ ୧୨ଲକ୍ଷରୁ ଅଧିକ ହେବ ବୋଲି କୁହାଯାଉଛି। ଜିଲା ମୁଖ୍ୟ ଡାକ୍ତରଖାନା କର୍ତ୍ତୃପକ୍ଷ ଭବାନୀପାଟଣା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ନଂ(୪୦୪/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣା ଗତ ୬ ତାରିଖର ହୋଇଥିବାବେଳେ ପୋଲିସର ତଦନ୍ତ ଆରମ୍ଭ ହେବାରୁ ଘଟଣାଟି ପ୍ରଘଟ ହୋଇଛି। ଫଳରେ ଏହି ଚୋରି ଘଟଣାରେ ବାହାର ଚୋର ନା ଅଭ୍ୟନ୍ତର କର୍ମଚାରୀଙ୍କ ସମ୍ପୃକ୍ତି ରହିଛି ତାହାକୁ ନେଇ ଏବେ ଛାନ୍‌ବିନ ଆରମ୍ଭ ହୋଇଛି।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com



@ ମାନସ ରଞ୍ଜନ



@ ଜସପ୍ରୀତି



@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR SUPPLY OF MOSQUITO NET (ALUMINIUM) FOR WINDOWS OF HOSTELS AT NLUO, CUTTACK**

Sealed quotations in prescribed format are invited for "**Supply of Mosquito Net (Aluminium) for windows of hostels**" at NLUO Cuttack. Last date & time of receipt is **23.11.2023 at 11.00AM.** For details please visit website: www.nluo.ac.in.

Sd/- Registrar


# ଆସନ୍ତା ୧୮ରେ କୋଶଳ ମହାବନ୍ଦ



ଖବରଦାତା ସମ୍ମିଳନୀରେ କୋଶଳ ମୁକ୍ତିମୋର୍ଚ୍ଚା ପକ୍ଷରୁ ସୂଚନା ଦିଆଯାଉଛି।

**ଖବରଦାତା ସମ୍ମିଳନୀରେ କୋଶଳ ମୁକ୍ତି ମୋର୍ଚ୍ଚାର ସୂଚନା**

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

ପଶ୍ଚିମ ଓଡ଼ିଶାକୁ ଅବହେଳା, ଆଞ୍ଚଳିକ ବୈଷମ୍ୟ ତଥା କଳା ସଂସ୍କୃତିକୁ ଅବହେଳା ପ୍ରତିବାଦରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଓଲିଉଡ ବିବାଦରେ ମଧ୍ୟ କୋଶଳ ସଂଗଠନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା। ଆସନ୍ତା ୧୮ରେ ପଶ୍ଚିମ ଓଡିଶାରେ ହେବ କୋଶଳ ମହାବନ୍ଦ ହେବ ବୋଲି କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ପକ୍ଷରୁ ଭବାନୀପାଟଣାସ୍ଥିତ କାର୍ଯ୍ୟାଳୟରେ ବୁଧବାର ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କୋଶଳ ରାଜ୍ୟ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ସାଗର ଚରଣ ଦାସ, ସମ୍ପାଦକ ଗଣେଶ ସାହୁ ପ୍ରମୁଖ ଯୋଗଦେଇ ଆସନ୍ତା ୧୮ ତାରିଖରେ ଦିଆଯାଇଥିବା କୋଶଳ ମହାବନ୍ଦ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ୧୨ ଘଣ୍ଟିଆ ବନ୍ଦ ଡାକରାରେ ଜରୁରୀକାଳୀନ ସେବାକୁ ଛାଡି ଅନ୍ୟ ସରକାରୀ ଓ ବେସରକାରି ଅଫିସ, ଜାନବାହନ, ସ୍କୁଲ, କଲେଜ ଆଦି ବନ୍ଦ ରହିବ। ପଶ୍ଚିମାଞ୍ଚଳ ଅଞ୍ଚଳକୁ ବିଭିନ୍ନ କ୍ଷେତ୍ରରେ ଅବହେଳା ଓ ଅଣଦେଖା କରାଯାଉଥିବା ନେଇ ଦୀର୍ଘ ବର୍ଷରୁ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି ଆଦୌ ଗୁରୁତ୍ୱ ଦେଇ ନ ଥିବା ଅଭିଯୋଗ କରିଛି କୋଶଳ ରାଜ୍ୟ ମୁକ୍ତିମୋର୍ଚ୍ଚା। ଫଳରେ ପଶ୍ଚିମାଞ୍ଚଳରେ ସ୍ୱତନ୍ତ୍ର ରାଜ୍ୟ ଗଠନ ପାଇଁ ଦାବି ଜୋରଦାର ହୋଇଛି।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି ଭିତ୍ତିରେ"** ତା.୨୨.୧୨.୨୦୨୩ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୧୨.୨୦୨୩ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିଗୁଡିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କା, ୨) ଶ୍ରୀ ନିଗମଜ୍ୟୋତି ଲେଙ୍କା, ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ପୁରୀ, ବଡୁମହାପାତ୍ର ଜାଗା ନିକଟ, ପିନ୍ - ୭୫୨୦୦୧ | ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି ନଂ.: ୧ (ସାବିକ ମୌଜା: ଚୁଡଙ୍ଗ ସାହି-୧), ତହସିଲ/ଥାନା/ଜିଲ୍ଲା: ପୁରୀ, ଓଡିଶା, ମ୍ୟୁଟେଡ୍ ଖାତା ନଂ.: ୬୪୦/୪୪, ମ୍ୟୁଟେଡ୍ ପ୍ଲଟ୍ ନଂ.: ୭୬୨/୧୫୦୭, କ୍ଷେତ୍ର: ଏକର ୦.୦୧୮୫ ଡିସିମିଲି, ଥାନା: ପୁରୀ ଟାଉନ, ଜିଲ୍ଲା: ପୁରୀ | ୦୬.୧୦.୨୦୨୨ ସୁଦ୍ଧା ଟ.୪୭,୩୫,୩୫୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୬.୧୦.୨୦୨୨ | ଟ.୩୩,୬୧,୦୦୦/- / ଟ.୩,୩୬,୧୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରାଜଶ୍ରୀ ଚୌଧୁରୀ, ଉଭୟଙ୍କ ଠିକଣା-ସା: ବାସେଳି ସାହି, ପୋ: ପୁରୀ, ଲୋକନାଥ ରୋଡ, ନୀଳମାଧବ ଲେନ୍, ପୁରୀ, ପିନ୍ - ୭୫୨୦୦୧ | ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପୁରୀ ସହର ୟୁନିଟ୍ - ୩, ମଙ୍ଗଳାଘାଟ, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଖାତା ନଂ.: ୩୨୭, ପ୍ଲଟ୍ ନଂ.: ୧୫୪/୮୪୬, କ୍ଷେତ୍ର: ଏକର ୦.୦୧୧ ଡିସିମିଲି ଏବଂ ଶ୍ରୀମତୀ ରାଜଶ୍ରୀ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୦୦/୧୦୦, ପ୍ଲଟ୍ ନଂ.: ୧୫୪/୧୦୬୯, କ୍ଷେତ୍ର: ଏକର ୦.୦୧୧ ଡିସିମିଲି, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର ୦.୦୨୨ ଡିସିମିଲି | ୦୨.୦୩.୨୦୨୩ ସୁଦ୍ଧା ଟ.୨୩,୦୧,୬୩୩/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୦୩.୨୦୨୩ | ଟ.୩୯,୨୯,୦୦୦/- / ଟ.୩,୯୨,୯୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଓ ସମୟ: ୨୦.୧୨.୨୦୨୩, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର


# ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ଉଦ୍‌ଘାଟନ କଲେ ଜିଲାପାଳ

କେସିଙ୍ଗା,୧୫।୧୧(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନ ଚାଙ୍ଗେର ସରକାରୀ ଉଚ୍ଚ ବିଦ୍ୟାଳୟରେ ବିକାଶ ଭାରତ ସଂକଳ୍ପ ଯାତ୍ରାକୁ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ବୁଧବାର ଉଦଘାଟନ କରିଥିଲେ। ଏହି ସଂକଳ୍ପ ଯାତ୍ରା ଉପଲକ୍ଷେ ଜିଲାର ପ୍ରଥମେ ଚାଙ୍ଗେର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲାପାଳ ଶୁଭାରମ୍ଭ କରିଥିଲେ। କେନ୍ଦ୍ର ସରକାରଙ୍କ ବିକାଶ ଭାରତ ସଂକଳ୍ପ ଯାତ୍ରା ପକ୍ଷରୁ ମହିଳାଙ୍କ ପାଇଁ ଧୂଆଁମୁକ୍ତ ରୋଷେଇ ଘର ନିମନ୍ତେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ମହିଳାମାନଙ୍କୁ ଗ୍ୟାସ



ଚାଙ୍ଗେର ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିକାଶ ଭାରତ ସଂକଳ୍ପ ଯାତ୍ରା।

ଓ ଚୁଲା ବଣ୍ଟନ କରିଥିଲେ। ଗରିବ ଶ୍ରେଣୀର ମହିଳାଙ୍କୁ ଚିହ୍ନଟ କରି ଏହି ଯୋଜନାରେ ସାମିଲ କରିବା ପାଇଁ ନିଷ୍ପତ୍ତି ନେଇଥିଲେ। ରାଷ୍ଟ୍ର ଓ ଜିଲାର ଉନ୍ନତି ପାଇଁ ଏକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମରେ କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତ, ଚାଙ୍ଗେର ନିର୍ବାହୀ ଅଧିକାରୀ ଲମ୍ଭୁ ଶିଖା, ଉକ୍କେଲା ସରପଞ୍ଚ ନରେନ୍ଦ୍ର ମାଝିଙ୍କ ସମେତ ସମସ୍ତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ୱାର୍ଡ ସଭ୍ୟାସଭ୍ୟ, ମିଶନ ଶକ୍ତି ମହିଳା, ବିଭିନ୍ନ ମହିଳା ସ୍ୱୟଂ ସହାୟିକା ମହିଳା ଗ୍ରୁପ ଅଂଶଗ୍ରହଣ କରିଥିଲେ।


बैंक ऑफ़ बड़ौदा Bank of Baroda

 କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧, ମୋ: ୮୦୯୩୦୪୭୨୧୮, ଇମେଲ୍: legal.cuttack@bankofbaroda.com

**ଡ଼ିମାଣ୍ଡ ନୋଟିସ୍** (ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଅଁଳାବେରଣୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ /ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ରଞ୍ଜନ କୁମାର ସାହୁ, ୨) ମହୁର ସାହୁ, ପିତା: ୰ପଳଉ ସାହୁ, ଉଭୟଙ୍କ ଠିକଣା - ସା/ପୋ: ଅଁଳାବେରଣୀ, ଥାନା: ତୁମୁସିହାଁ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୬ | ୩୦.୧୦.୨୦୨୩ / ୩୧.୧୦.୨୦୨୩ / ଋଣଗ୍ରହୀତା ତାଙ୍କ ଠିକଣାରେ ଉପସ୍ଥିତ ନାହାଁନ୍ତି | ୧)ଗୃହ ଋଣ: ଟ.୧୦.୦୦ ଲକ୍ଷ ୨) ପିଏମ୍‌ଏମ୍‌ୱାଇ ଋଣ: ଟ.୨.୦୦ ଲକ୍ଷ ୩) କ୍ୟାଶକ୍ରେଡିଟ୍ ଜେନେରାଲ: ଟ.୬.୦୦ ଲକ୍ଷ ୪)ବିଜିଇସିଏଲ: ଟ.୧.୧୮ ଲକ୍ଷ | ୧) ୯.୩୫% ୨) ୧୧.୫% ୩) ୧୧.୩୫% ୪) ୯.୨୫% | ୧) ଟ. ୯,୮୩,୭୩୪.୦୩ ୨) ଟ. ୧,୩୯,୩୭୭.୬୮ ୩) ଟ. ୫,୯୮,୯୩୭.୦୫ ୪) ଟ. ୩୬,୬୯୬.୨୧ ୩୦.୧୦.୨୦୨୩ ସୁଦ୍ଧା ସମୁଦାୟ: ଟ.୧୭,୫୮,୭୪୪.୯୭ (୩୦.୧୦.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** ମହୁର ସାହୁ, ପିତା: ୰ପଳଉ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଁଳାବେରଣୀ, ଥାନା: କାମାକ୍ଷାନଗର, ଥାନା ନଂ.: ୨୪୨, ମ୍ୟୁଟେସନ୍ ଖାତା ନଂ.: ୩୨୫/୧୯୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୮୪୬/୩୦୭୭, କ୍ଷେତ୍ର: ଏକର ୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ଦୁର୍ଗା ଚରଣ ପଣ୍ଡା ଏବଂ ଅନ୍ୟମାନେ, ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ୍ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ ହେବ। ଏତଦ୍ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ: କଟକ, ତାରିଖ: ୧୫.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ବିର୍ସା ମୁଣ୍ଡାଙ୍କ ତ୍ୟାଗର ପଟାନ୍ତର ନାହିଁ

**ସୋହେଲା, ୧୫।୧୧ (ଅଶ୍ୱିନୀ କୁମାର ପାତ୍ର)**




ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ।

ଜୟ କିସାନ ଆନ୍ଦୋଳନ ବରଗଡ ଜିଲା ଶାଖା ପକ୍ଷରୁ ସୋହେଲା ବ୍ଲକ ଶ୍ରୀଗିଡାଠାରେ ମହାନ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୪୯ ତମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବର୍ଷିୟାନ ଚାଷୀନେତା ଡୋଲାମଣି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବରିଷ୍ଠ ଚାଷୀନେତା ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ତଥା ଜୟ କିସାନ ଆନ୍ଦୋଳନ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲିଙ୍ଗରାଜ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଲିଙ୍ଗରାଜ କହିଥିଲେ ଯେ, ବୀର୍ସା ମୁଣ୍ଡା ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ଲଢେଇ କରି ମାତ୍ର ୨୫ ବର୍ଷ ବୟସରେ ସହୀଦ ହୋଇଯାଇଥିଲେ। ଦେଶର ଆଦିବାସୀମାନେ ତାଙ୍କୁ ଧରତୀ ଆବା ବା ଧରତୀର ଭଗବାନ ବୋଲି କହନ୍ତି। ଆଜି ଆମ ଦେଶର କେନ୍ଦ୍ର ଓ ରାଜ୍ୟ ସରକାର କୃଷୀ, କୃଷି ବୀମା, ବ୍ୟାଙ୍କ, ଖଣି ଖାଦାନ, ରେଳ ଆଦି କ୍ଷେତ୍ରକୁ ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଟେକି ଦେବା ଷଡଯନ୍ତ୍ର ଚଳାଇଛନ୍ତି । କେନ୍ଦ୍ର ସରକାର ପୁଣି ଥରେ ତିନି କଳା ଆଇନକୁ ଲାଗୁ କରିବା ପାଇଁ ଯୋଜନା ଚଲାଇଛନ୍ତି। ଯାହାକୁ ନେଇ ସଂଯୁକ୍ତ କିସାନ ମୋର୍ଚ୍ଚା ଦିଲ୍ଲୀ ସୀମାରେ ଦୀର୍ଘ ତେରମାସ ଧରି ଆନ୍ଦୋଳନ କରି ୭୫୦ଜଣ କୃଷକ ସହୀଦ ହୋଇଥିଲେ। ଏହାକୁ ପୁଣି ଲାଗୁ କରିବାର ଷଡ଼ଯନ୍ତ୍ରକୁ ଚାଷୀମାନେ ବୁଝି ସାରିଲେଣି। ସଂଯୁକ୍ତ କିସାନ ମୋର୍ଚ୍ଚା ପୁଣିଥରେ ଆନ୍ଦୋଳନର ପ୍ରସ୍ତୁତି ଆରମ୍ଭ କରି ସରିଛି। ଚଳିତ ମାସ ୨୬, ୨୭ ଏବଂ ୨୮ ଦେଶର ସମସ୍ତ ରାଜ୍ୟର ରାଜଧାନୀଠାରେ ଧାରଣା ଦେବାପାଇଁ ଆହ୍ୱାନ ଦେଇଛି। ଯେଉଁଥିରେ ଜୟ କିସାନ ଆନ୍ଦୋଳନ, ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ସହ ସହ ପ୍ରତିନିଧି ମାନଙ୍କ ସହିତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ସରକାର ୨୩ ବର୍ଷର ଶାସନରେ ଗୋଟିଏ ମଣ୍ଡି ବ୍ୟବସ୍ଥିତ କରିପାରିଲେନାହିଁ। ବିଜୁଳିକୁ ଟାଟା ପାୱାରକୁ ବିକି ଦେଲେ। ଧାନ ବିକ୍ରି ସମସ୍ୟା, ବିଜୁଳିର ଘରୋଇକରଣ ବିରୋଧରେ ଲଢେଇ ପାଇଁ ଲିଙ୍ଗରାଜ ଆହ୍ୱାନ ଦେଇଥିଲେ। ସଭାରେ ଜୟ କିସାନ ଆନ୍ଦୋଳନ ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ସୋହେଲା ବ୍ଲକ ସଭାପତି ସୁରେନ୍ଦ୍ର ମେହେର, ଅତାବିରା ବ୍ଲକ ସଭାପତି ଭଞ୍ଜନ ବାରିକ, ଭଟଲି ବ୍ଲକ ସମ୍ପାଦକ ମିନିଷ୍ଟର୍ ବାରିକ ବକ୍ତବ୍ୟ ରଖିଥିଲେ।

## କୁନି ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା

**ସୋହେଲା, ୧୫।୧୧ (ଅଶିନୀ କୁମାର ପାତ୍ର):** ଜାପାନରୁ ଫେରିବା ପରେ କୁନି ବୈଜ୍ଞାନିକ ସୁଶ୍ରୀ ତିତିକ୍ଷା ବେହେରାଙ୍କୁ ନିଜ ଗ୍ରାମ ତଥା ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋହେଲା ବ୍ଲକ ଗ୍ରୀଞ୍ଜାଲ ଗ୍ରାମର ଦଶମ ଶ୍ରେଣୀରେ ଅଧ୍ୟୟନ ଛାତ୍ରୀ ତିତିକ୍ଷା ଜାପାନର ସାକୁରା ବିଜ୍ଞାନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ମହାସଭାରେ ଭାଗ ନେଇଥିଲେ। ସେ ବରଗଡ଼ ଜିଲାରୁ ଏକମାତ୍ର ଛାତ୍ରୀ ଭାବେ ଜାପାନ ଗସ୍ତ କରିଥିଲେ। ବୁଧବାର ଗ୍ରୀଞ୍ଜାଲ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ମିଳିତ ସହଯୋଗରେ ତିତିକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏହା ସହିତ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ତନ୍ମୟୀ ପ୍ରଧାନ ଓ ଆଥଲେଟିକ୍ସରେ ବୁଦ୍ଧଦେବ ମୁଡ଼ୁଳିଆଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୋଜରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଦଣ୍ଡ ବେହେରା ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଜୟସିଂ ମହାନନ୍ଦ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ।

## ଶୋକସଭାରେ ଭୀଷ୍ମ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସରଣ୍ଡା, ୧୫।୧୧ (ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ଖବରଦାତା ତଥା ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ (ଜାବ)ର ପ୍ରତିଷ୍ଠାତା ସଦସ୍ୟ ଦିବଂଗତ ଭୀଷ୍ମଦେବ ପଣ୍ଡାଙ୍କୁ ବୁଧବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଜାର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ସଚ୍ଚିଦାନନ୍ଦ ପାତ୍ର, ନରେନ୍ଦ୍ର ଦାଶ, ଅତାବିରା ଆବାହକ କୀର୍ତ୍ତନ ବିଶ୍ୱାଳ, ସୁରେନ୍ଦ୍ର କାଠର, ହୀରା ମହାକୁର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ସ୍ୱର୍ଗତ ଭୀଷ୍ମ ପଣ୍ଡାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଜିଲା ସହସମ୍ପାଦକ ନିତ୍ୟାନନ୍ଦ ନାଏକ, ଭିଏଚ୍‌ପି ଗୋଶାଖାର ସୁଧୀର ବାରିକ, ସନତ ମାହାଣା, ତରୁଣ ବାଗ, ଅଙ୍କିତ ଜାଲ, ମନୋଜ ମହାରଣା ତାଙ୍କର ପୁତ୍ର ରାଜେଶ ପଣ୍ଡାଙ୍କ ସହ ସାକ୍ଷାତ କରି ଶୋକ ପ୍ରକଟ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୧ତାରିଖ ଭୀଷ୍ମଦେବଙ୍କ ଚିକିତ୍ସାଧୀନ ଅବସ୍ଥାରେ ୬୬ବର୍ଷ ବୟସରେ ମୃତ୍ୟୁ ଘଟିଥିଲା।



ଜାବ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ବରଗଡ଼ରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ




ବିର୍ସା ମୁଣ୍ଡା ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବରଗଡ଼, ୧୫।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମୁଣ୍ଡାପଡ଼ାରେ ବୁଧବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଛି। ଏହି ଅବସରରେ ପାରମ୍ପରିକ ବେଶଭୂଷା, ଗୀତନୃତ୍ୟରେ ଗ୍ରାମ ପରିକ୍ରମା କରିଥିଲେ। ପରେ ବିର୍ସା ମୁଣ୍ଡାଙ୍କ ପ୍ରତିଛବିରେ ପୁଷ୍ପ ମାଲ୍ୟାର୍ପଣ କରିଥିଲେ। ଆଦିବାସୀ ନେତା କୁଞ୍ଜବିହାରୀ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ସୁଶିଳା ଭୋଇ, ପବିତ୍ର ଦେହେରୀ ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ। କଳା, ସଂସ୍କୃତି, ଭାଷାକୁ ସୁରକ୍ଷିତ ରଖିବା ସହିତ ସାମ୍ବିଧାନିକ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବାକୁ ଅତିଥି ଦେହେରୀ ଆହ୍ୱାନ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ଆଦିବାସୀ ସଂଗ୍ରାମୀଙ୍କ ଅବଦାନ ବିଷୟରେ ମୁଖ୍ୟ ଅତିଥି ଭୋଇ କହିଥିଲେ। ସମସ୍ତ ଆଦିବାସୀ ମୂଳନିବାସୀ ପ୍ରକୃତି ସହ ଜଡ଼ିତ ବୋଲି କହିବା ସହିତ ଆଦିବାସୀମାନଙ୍କ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଯୋଗ କରିବାକୁ ଅନ୍ୟତମ ଅତିଥି ଭୋଇ ଆହ୍ୱାନ କରିଥିଲେ। ମୁଣ୍ଡାପଡ଼ାରୁ ଡମ୍ପିଂୟାର୍ଡ଼ ସ୍ଥାନାନ୍ତରଣ ଦାବିରେ ହୋଇଥିବା ଆନ୍ଦୋଳନରୁ ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ଜନ୍ମ ଏବଂ ଏହା ଏକ ସଫଳ ପ୍ରୟୋଗ ବୋଲି ଅତିଥି ଭବାନୀ ସାହୁ କହିଥିଲେ। ଜମି ଅଧିଗ୍ରହଣକୁ ନେଇ ରାଜ୍ୟ ସରକାର ଆଇନରେ ପରିବର୍ତ୍ତନ କରିଥିବାରୁ ଆଦିବାସୀଙ୍କ ଜମି ହରାଇବା ସମ୍ଭାବନା ଅଧିକ ରହିଛି ବୋଲି ଅତିଥି ଅମିତାଭ ପାତ୍ର କହିଥିଲେ। ବିର୍ସା ମୁଣ୍ଡା ସଂଘର୍ଷ ବାହିନୀର ସଭାନେତ୍ରୀ ମାରିୟମ ବାର୍ଲା ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜ୍ୟ ଖାଦ୍ୟ କମିଶନଙ୍କ ଖଡ଼ିଆଲ ବ୍ଲକ ପରିଦର୍ଶନ

**ଖଡ଼ିଆଲ, ୧୫।୧୧ (ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକକୁ ରାଜ୍ୟ ଖାଦ୍ୟ କମିଶନର ଗସ୍ତ କରିଛନ୍ତି। ବ୍ଲକର ଅରେଡ଼ା, ଭୋଜପୁର ଗ୍ରାମପଞ୍ଚାୟତ ଗସ୍ତ କରି ସରକାରଙ୍କ ଖାଦ୍ୟ ଯୋଜନାରେ ହିତାଧିକାରୀଙ୍କୁ ସାକ୍ଷାତ କରି ପ୍ରଦାନ କରାଯାଉଥିବା ବିଭିନ୍ନ ବିଷୟ ସହିତ ତାହାର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ। ବ୍ଲକ ଗସ୍ତ ପରେ ଜିଲାପାଳଙ୍କୁ ସାକ୍ଷାତ କରି ଖାଦ୍ୟ ଯୋଜନାର ସମୀକ୍ଷା କରିବେ ବୋଲି ସୂଚନା ଦେଇଥିଲେ। ସେହିପରି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିବା ବେଳେ ଏନଏଫଏସଏ ୨୦୧୩ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଖାଦ୍ୟ କମିଶନ ଅବନୀ କାନ୍ତ ସାହୁ, ଦୟାନିଧି ଦାଶ, ଅକ୍ଷୟ କୁମାର ବେହେରା ଗସ୍ତରେ ଆସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁବାସ ଚନ୍ଦ୍ର ରାଇତା, ଖଡିଆଳ ବିଡ଼ିଓ ବିରସେନ ବେହେରା ଯୋଗଦେଇଥିଲେ।


ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

smbselfie@gmail.com




@ ମାନସ ରଞ୍ଜନ



@ ଜସପ୍ରୀତି



@ ଶଶିକାନ୍ତ


ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR SUPPLY OF MOSQUITO NET (ALUMINIUM) FOR WINDOWS OF HOSTELS AT NLUO, CUTTACK**

Sealed quotations in prescribed format are invited for "**Supply of Mosquito Net (Aluminium) for windows of hostels**" at NLUO Cuttack. Last date & time of receipt is **23.11.2023 at 11.00AM**. For details please visit website: **www.nluo.ac.in**.

Sd/- Registrar


## ପିପିଲିପାଲି ପ୍ରାଥମିକ ସ୍କୁଲର ବାର୍ଷିକୋତ୍ସବ

**ବରଗଡ଼, ୧୫।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ପିପିଲିପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ପଙ୍କଜିନୀ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ସିଆରସିସି ରାଜେଶ୍ୱର ବେହେରା ଉଦ୍‌ଘାଟନ କରିଥିଲେ। ସ୍କୁଲ କମିଟି ଚେୟାରମ୍ୟାନ ପ୍ରଫୁଲ୍ଲ ମେହେର ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଛାତ୍ରୀ ବିନି ନାଏକ ସଭା ପରିଚାଳନା କରିଥିବାବେଳେ ଛାତ୍ରୀ ରେଣୁକା ପାତ୍ର, ତୁଳସୀ ମେହେର, ବିନି ନାଏକ, ପୂଜା ପଟେଲ ପ୍ରମୁଖ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିନି ନାଏକ ଶ୍ରେଷ୍ଠ ଛାତ୍ରଭାବେ ପୁରସ୍କୃତ ହୋଇଥିଲେ। ଭୋଜରାଜ ଦୀପ, ଜଗଦିଶ ପ୍ରଧାନ, ଶୁକଦେବ ସାହୁ ପ୍ରମୁଖ ବିଚାରକଭାବେ ଯୋଗଦାନ କରିଥିଲେ। ସ୍କୁଲ ପରିଚାଳନା କମିଟିର ଉପସଭାନେତ୍ରୀ ଚନ୍ଦ୍ରକାନ୍ତୀ ଦୀପ୍, ଇନ୍ଦ୍ରା ପଟେଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ରୋହିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସମ୍ବିଧାନ ସଚେତନତା ରଥ ପରିକ୍ରମା

**ଲୋଇସିଂହା, ୧୫।୧୧ (ସୁଶାନ୍ତ ବାରିକ):** ସମ୍ବିଧାନ ସଚେତନତା ଅଭିଯାନ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବିଭିନ୍ନ ଗ୍ରାମରେ ମଙ୍ଗଳବାର ଓ ବୁଧବାର ସମ୍ବିଧାନ ସଚେତନତା ରଥ ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରାଯାଇଛି। ଏହାବ୍ୟତୀତ ସଚେତନତା ରଥ ପରିକ୍ରମାର ଷଷ୍ଠବର୍ଷ ବିଷୟବସ୍ତୁ ନାରୀ ସୁରକ୍ଷା, ଅଧିକାର ସମ୍ପର୍କରେ ଆଲୋକପାତ କରାଯାଇଛି। ଦେଶଦ୍ରୋହୀଙ୍କ ଦ୍ୱାରା ୨୦୧୮ ହୋଇଥିବା ସମ୍ବିଧାନ ପୋଡ଼ିକୁ ନିନ୍ଦା କରାଯାଉଛି। ଅକ୍ଟୋବର ୧୪ରୁ ଧର୍ମଚକ୍ର ଦିବସରୁ ବୌଦ୍ଧରୁ ଏହି ରଥ ବାହାରି ଆସନ୍ତା ନଭେମ୍ବର ୨୬ରେ ବରଗଡ଼ରେ ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି।


**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଅଫ ଫାଇନାନ୍ସିଆଲ ଆସେଟସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୨୨.୧୨.୨୦୨୩ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୧୨.୨୦୨୩ ରିଖ ଅପରାହ୍ନ ୦୨.୦୦ ଘଟିକାରୁ ଅପରାହ୍ନ ୦୫.୦୦ ଘଟିକା ମଧ୍ୟରେ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ**

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିଗୁଡିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) **ଶ୍ରୀମତୀ ଇନ୍ଦୁମତୀ ଲେଙ୍କା,** ସ୍ୱାମୀ: ଯୁଧିଷ୍ଠିର ଲେଙ୍କା, ୨) **ଶ୍ରୀ ନିଗମଜ୍ୟୋତି ଲେଙ୍କା,** ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ପୁରୀ, ବଡୁମହାପାତ୍ର ଜାଗା ନିକଟ, ପିନ୍ - ୭୫୨୦୦୧ | **ଶ୍ରୀମତୀ ଇନ୍ଦୁମତୀ ଲେଙ୍କା,** ସ୍ୱାମୀ: ଯୁଧିଷ୍ଠିର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି ନଂ.: ୧ (ସାବିକ ମୌଜା: ଚୁଡଙ୍ଗ ସାହି-୧), ତହସିଲ/ଥାନା/ଜିଲ୍ଲା: ପୁରୀ, ଓଡିଶା, ମ୍ୟୁଟେଡ୍ ଖାତା ନଂ.: ୬୪୦/୪୪, ମ୍ୟୁଟେଡ୍ ପ୍ଲଟ୍ ନଂ.: ୭୬୨/୧୫୦୭, କ୍ଷେତ୍ର: ଏକର ୦.୦୧୮୫ ଡିସିମିଲି, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ | ୦୬.୧୦.୨୦୨୨ ସୁଦ୍ଧା **ଟ.୪୭,୩୫,୩୫୬/-** ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / **୦୬.୧୦.୨୦୨୨** | ଟ.୩୩,୬୧,୦୦୦/- / ଟ.୩,୩୬,୧୦୦/- / ଟ.୫୦,୦୦୦/- |
| ୨. | **ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରାଜଶ୍ରୀ ଚୌଧୁରୀ,** ଉଭୟଙ୍କ ଠିକଣା-ସା: ବାସେଳି ସାହି, ପୋ: ପୁରୀ, ଲୋକନାଥ ରୋଡ, ନୀଳମାଧବ ଲେନ୍, ପୁରୀ, ପିନ୍ - ୭୫୨୦୦୧ | **ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପୁରୀ ସହର ୟୁନିଟ୍ - ୩, ମଙ୍ଗଳାଘାଟ, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଖାତା ନଂ.: ୩୨୭, ପ୍ଲଟ୍ ନଂ.: ୧୫୪/୮୪୬, କ୍ଷେତ୍ର: ଏକର ୦.୦୧୧ ଡିସିମିଲି ଏବଂ **ଶ୍ରୀମତୀ ରାଜଶ୍ରୀ ଚୌଧୁରୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୦୦/୧୦୦, ପ୍ଲଟ୍ ନଂ.: ୧୫୪/୧୦୬୯, କ୍ଷେତ୍ର: ଏକର ୦.୦୧୧ ଡିସିମିଲି, ୨ଟି ପ୍ଲଟ୍, **ସମୁଦାୟ କ୍ଷେତ୍ର: ଏକର ୦.୦୨୨ ଡିସିମିଲି** | ୦୨.୦୩.୨୦୨୩ ସୁଦ୍ଧା **ଟ.୨୩,୦୧,୬୩୩/-** ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / **୦୨.୦୩.୨୦୨୩** | ଟ.୩୯,୨୯,୦୦୦/- / ଟ.୩,୯୨,୯୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଓ ସମୟ: ୨୦.୧୨.୨୦୨୩, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର


## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ଏବଂ ଟ୍ରାଇସାଇକେଲ ପ୍ରଦାନ କରାଯାଉଛି।

**ଅତାବିରା, ୧୫।୧୧ (ହୃଷୀକେଶ ଖମାରୀ)**

ବରଗଡ଼ ଜିଲା ଅତାବିରା ଏନଏସି ଅନ୍ତର୍ଗତ ଲାଦେରପାଲିସ୍ଥିତ ରାମଚଣ୍ଡୀ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ଅତାବିରା ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୂର୍ଯ୍ୟକୁମାର ନାଏକ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗିରିନ୍ଦ୍ର ସାହୁ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହମ୍ମଦ ଅକବର ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ୩୦ରୁ ଊର୍ଦ୍ଧ୍ୱ ଦିବ୍ୟାଙ୍ଗଙ୍କୁ ବସ୍‌ପାସ୍, ୪ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର, ୪ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ଶ୍ରବଣ ଯନ୍ତ୍ର ପ୍ରଦାନ କରାଯାଇଥିଲା।


**बैंक ऑफ़ बड़ौदा Bank of Baroda**

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧, ମୋ: ୮୦୯୩୦୪୭୨୧୮, ଇମେଲ୍: legal.cuttack@bankofbaroda.com

**ଡିମାଣ୍ଡ ନୋଟିସ୍**
(ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଅଁଳାବେରଣୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ /ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ରଞ୍ଜନ କୁମାର ସାହୁ, ୨) ମହୁର ସାହୁ, ପିତା: ୰ପଳଉ ସାହୁ, ଉଭୟଙ୍କ ଠିକଣା - ସା/ପୋ: ଅଁଳାବେରଣୀ, ଥାନା: ତୁମୁସିହାଁ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୬ | ୩୦.୧୦.୨୦୨୩ / ୩୧.୧୦.୨୦୨୩ / ଋଣଗ୍ରହୀତା ତାଙ୍କ ଠିକଣାରେ ଉପସ୍ଥିତ ନାହାଁନ୍ତି | ୧)ଗୃହ ଋଣ: ଟ.୧୦.୦୦ ଲକ୍ଷ<br>୨) ପିଏମ୍‌ଏମ୍‌ୱାଇ ଋଣ: ଟ.୨.୦୦ ଲକ୍ଷ<br>୩) କ୍ୟାଶକ୍ରେଡିଟ୍ ଜେନେରାଲ: ଟ.୬.୦୦ ଲକ୍ଷ<br>୪)ବିଜିଇସିଏଲ୍: ଟ.୧.୧୮ ଲକ୍ଷ | ୧) ୯.୩୫%<br>୨) ୧୧.୫%<br>୩) ୧୧.୩୫%<br>୪) ୯.୨୫% | ୧) ଟ. ୯,୮୩,୭୩୪.୦୩<br>୨) ଟ. ୧,୩୯,୩୭୨.୬୮<br>୩) ଟ. ୫,୯୮,୯୩୭.୦୫<br>୪) ଟ. ୩୬,୬୯୬.୨୧<br>୩୦.୧୦.୨୦୨୩ ସୁଦ୍ଧା ସମୁଦାୟ: ଟ.୧୭,୫୮,୭୪୪.୯୭ (୩୦.୧୦.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ: ମହୁର ସାହୁ,** ପିତା: ୰ପଳଉ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଁଳାବେରଣୀ, ଥାନା: କାମାକ୍ଷାନଗର, ଥାନା ନଂ.: ୨୪୨, ମ୍ୟୁଟେସନ୍ ଖାତା ନଂ.: ୩୨୫/୧୯୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୮୪୬/୩୦୭୭, କ୍ଷେତ୍ର: ଏକର ୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ଦୁର୍ଗା ଚରଣ ପଣ୍ଡା ଏବଂ ଅନ୍ୟମାନେ, ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା

ଉପର ସାରଣୀରେ ଦର୍ଶିତ ଆମ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ: କଟକ, ତାରିଖ: ୧୫.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

# ବିର୍ସା ମୁଣ୍ଡାଙ୍କ ତ୍ୟାଗର ପଟାନ୍ତର ନାହିଁ

**ସୋହେଲା, ୧୫।୧୧ (ଅଶ୍ୱିନୀ କୁମାର ପାତ୍ର)**



ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥିମାନେ।

ଜୟ କିସାନ ଆନ୍ଦୋଳନ ବରଗଡ ଜିଲା ଶାଖା ପକ୍ଷରୁ ସୋହେଲା ବ୍ଲକ ଶ୍ରୀଗିଡାଠାରେ ମହାନ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ୧୪୯ ତମ ଜୟନ୍ତୀ ପାଳନ ଅବସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବର୍ଷିୟାନ ଚାଷୀନେତା ଡୋଲାମଣି ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜୟନ୍ତୀ ସଭାରେ ବରିଷ୍ଠ ଚାଷୀନେତା ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ଆବାହକ ତଥା ଜୟ କିସାନ ଆନ୍ଦୋଳନ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଲିଙ୍ଗରାଜ ମୁଖ୍ୟବକ୍ତାଭାବେ ଯୋଗ ଦେଇଥିଲେ। ଲିଙ୍ଗରାଜ କହିଥିଲେ ଯେ, ବୀର୍ସା ମୁଣ୍ଡା ଇଂରେଜ ସାମ୍ରାଜ୍ୟବାଦ ବିରୋଧରେ ଲଢେଇ କରି ମାତ୍ର ୨୫ ବର୍ଷ ବୟସରେ ସହୀଦ ହୋଇଯାଇଥିଲେ। ଦେଶର ଆଦିବାସୀମାନେ ତାଙ୍କୁ ଧରତୀ ଆବା ବା ଧରତୀର ଭଗବାନ ବୋଲି କହନ୍ତି। ଆଜି ଆମ ଦେଶର କେନ୍ଦ୍ର ଓ ରାଜ୍ୟ ସରକାର କୃଷୀ, କୃଷି ବୀମା, ବ୍ୟାଙ୍କ, ଖଣି ଖାଦାନ, ରେଳ ଆଦି କ୍ଷେତ୍ରକୁ ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଟେକି ଦେବା ଷଡଯନ୍ତ୍ର ଚଳାଇଛନ୍ତି । କେନ୍ଦ୍ର ସରକାର ପୁଣି ଥରେ ତିନି କଳା ଆଇନକୁ ଲାଗୁ କରିବା ପାଇଁ ଯୋଜନା ଚଳାଇଛନ୍ତି। ଯାହାକୁ ନେଇ ସଂଯୁକ୍ତ କିସାନ ମୋର୍ଚ୍ଚା ଦିଲ୍ଲୀ ସୀମାରେ ଦୀର୍ଘ ତେରମାସ ଧରି ଆନ୍ଦୋଳନ କରି ୭୫୦ଜଣ କୃଷକ ସହୀଦ ହୋଇଥିଲେ। ଏହାକୁ ପୁଣି ଲାଗୁ କରିବାର ଷଡ଼ଯନ୍ତ୍ରକୁ ଚାଷୀମାନେ ବୁଝି ସାରିଲେଣି। ସଂଯୁକ୍ତ କିସାନ ମୋର୍ଚ୍ଚା ପୁଣିଥରେ ଆନ୍ଦୋଳନର ପ୍ରସ୍ତୁତି ଆରମ୍ଭ କରି ସରିଛି। ଚଳିତ ମାସ ୨୬, ୨୭ ଏବଂ ୨୮ ଦେଶର ସମସ୍ତ ରାଜ୍ୟର ରାଜଧାନୀଠାରେ ଧାରଣା ଦେବାପାଇଁ ଆହ୍ୱାନ ଦେଇଛି। ଯେଉଁଥିରେ ଜୟ କିସାନ ଆନ୍ଦୋଳନ, ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ସହ ସହ ପ୍ରତିନିଧି ମାନଙ୍କ ସହିତ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଶା ସରକାର ୨୩ ବର୍ଷର ଶାସନରେ ଗୋଟିଏ ମଣ୍ଡି ବ୍ୟବସ୍ଥିତ କରିପାରିଲେନାହିଁ। ବିଜୁଳିକୁ ଟାଟା ପାୱାରକୁ ବିକି ଦେଲେ। ଧାନ ବିକ୍ରି ସମସ୍ୟା, ବିଜୁଳିର ଘରୋଇକରଣ ବିରୋଧରେ ଲଢେଇ ପାଇଁ ଲିଙ୍ଗରାଜ ଆହ୍ୱାନ ଦେଇଥିଲେ। ସଭାରେ ଜୟ କିସାନ ଆନ୍ଦୋଳନ ଜିଲା ସଭାପତି ସୁଶୀଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବରିଷ୍ଠ ଚାଷୀ ନେତା ଶିବ ପ୍ରସାଦ ପ୍ରଧାନ, ସୋହେଲା ବ୍ଲକ ସଭାପତି ସୁରେନ୍ଦ୍ର ମେହେର, ଅତାବିରା ବ୍ଲକ ସଭାପତି ଭଞ୍ଜନ ବାରିକ, ଭଟଲି ବ୍ଲକ ସମ୍ପାଦକ ମିନିଷ୍ଟର୍ ବାରିକ ବକ୍ତବ୍ୟ ରଖିଥିଲେ।

## କୁନି ବୈଜ୍ଞାନିକଙ୍କୁ ସମ୍ବର୍ଦ୍ଧନା

**ସୋହେଲା, ୧୫।୧୧ (ଅଶିନୀ କୁମାର ପାତ୍ର):** ଜାପାନରୁ ଫେରିବା ପରେ କୁନି ବୈଜ୍ଞାନିକ ସୁଶ୍ରୀ ତିତିକ୍ଷା ବେହେରାଙ୍କୁ ନିଜ ଗ୍ରାମ ତଥା ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୋହେଲା ବ୍ଲକ ଗ୍ରୀଞ୍ଜାଲ ଗ୍ରାମର ଦଶମ ଶ୍ରେଣୀରେ ଅଧ୍ୟୟନ ଛାତ୍ରୀ ତିତିକ୍ଷା ଜାପାନର ସାକୁରା ବିଜ୍ଞାନ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଜ୍ଞାନ ମହାସଭାରେ ଭାଗ ନେଇଥିଲେ। ସେ ବରଗଡ଼ ଜିଲାରୁ ଏକମାତ୍ର ଛାତ୍ରୀ ଭାବେ ଜାପାନ ଗସ୍ତ କରିଥିଲେ। ବୁଧବାର ଗ୍ରୀଞ୍ଜାଲ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ମିଳିତ ସହଯୋଗରେ ତିତିକ୍ଷାଙ୍କୁ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଏହା ସହିତ ଜିଲାସ୍ତରୀୟ କୁଇଜ ପ୍ରତିଯୋଗିତାରେ ଭାଗ ନେଇଥିବା ତନ୍ମୟୀ ପ୍ରଧାନ ଓ ଆଥଲେଟିକ୍ସରେ ବୁଦ୍ଧଦେବ ମୁଡ଼ରୁଲିଆଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୋଜରାଜ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୋଦଣ୍ଡ ବେହେରା ଓ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କ୍ଷୀରୋଦ୍ର ସାହୁ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ଜୟସିଂ ମହାନନ୍ଦ ସଭା କାର୍ଯ୍ୟକୁ ସଂଯୋଜନା କରିଥିଲେ।

## ଶୋକସଭାରେ ଭୀଷ୍ମ ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

**ସରଣ୍ଡା, ୧୫।୧୧ (ଯୁଧିଷ୍ଠିର ମହାପାତ୍ର):** ବରଗଡ ଜିଲା ଅତାବିରା ବ୍ଲକ ଗୋଡ଼ଭଗାର ଖବରଦାତା ତଥା ଜର୍ଣ୍ଣାଲିଷ୍ଟ ଆସୋସିଏଶନ ଅଫ ବରଗଡ(ଜାବ)ର ପ୍ରତିଷ୍ଠାତା ସଦସ୍ୟ ଦିବଂଗତ ଭୀଷ୍ମଦେବ ପଣ୍ଡାଙ୍କୁ ବୁଧବାର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁରେଶ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶୋକସଭାରେ ଜାର ସାଧାରଣ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ସଚ୍ଚିଦାନନ୍ଦ ପାତ୍ର, ନରେନ୍ଦ୍ର ଦାଶ, ଅତାବିରା ଆବାହକ କୀର୍ତ୍ତନ ବିଶ୍ୱାଳ, ସୁରେନ୍ଦ୍ର କାଠର, ହୀରା ମହାକୁର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି ପାଇଁ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବିଶ୍ୱ ହିନ୍ଦୁ ପରିଷଦର କର୍ମକର୍ତ୍ତାମାନେ ସ୍ୱର୍ଗତ ଭୀଷ୍ମ ପଣ୍ଡାଙ୍କ ଘରକୁ ଯାଇ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଜିଲା ସହସମ୍ପାଦକ ନିତ୍ୟାନନ୍ଦ ନାଏକ, ଭିଏଚ୍‌ପି ଗୋଶାଖାର ସୁଧୀର ବାରିକ, ସନତ ମାହାଣା, ତରୁଣ ବାଗ, ଅଙ୍କିତ ଜାଲ, ମନୋଜ ମହାରଣା ତାଙ୍କର ପୁତ୍ର ରାଜେଶ ପଣ୍ଡାଙ୍କ ସହ ସାକ୍ଷାତ କରି ଶୋକ ପ୍ରକଟ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ ୧୧ତାରିଖ ଭୀଷ୍ମଦେବଙ୍କ ଚିକିତ୍ସାଧୀନ ଅବସ୍ଥାରେ ୬୬ବର୍ଷ ବୟସରେ ମୃତ୍ୟୁ ଘଟିଥିଲା।


ଜାବ କର୍ମକର୍ତ୍ତା ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ମହିଳା କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ



**ସୁନ୍ଦରଗଡ, ୧୫।୧୧ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହିଳା କଲେଜରେ ଓଡିଶା ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ତରଫରୁ ବୁଧବାର କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.କୁମୁଦିନୀ ରାଉତରାୟ ସମାରୋହକୁ ଉଦ୍‌ଘାଟନ କରି ପ୍ରତିଯୋଗୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସହ ପ୍ରଧାପକ ଅଜିତ କୁମାର ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ମୁଖ୍ୟ ଡା.ଇନ୍ଦିରା ଗଡନାୟକ ଛାତ୍ରୀଙ୍କୁ କ୍ରୀଡାର ଗୁରୁତ୍ୱ ସମ୍ପର୍କରେ ବୁଝାଇ ସୁସ୍ଥ ମାନସିକତା ନିର୍ମାଣରେ ସହାୟକ ହୋଇଥାଏ ବୋଲି କହିଥିଲେ। ଅପରାହ୍ନରେ ଖୋ ଖୋ ଖେଳ ଅନୁଷ୍ଠିତ ହୋଇଥିଲା। ନୋଡାଲ ଅଫିସର ଭାବେ ସହ ପ୍ରାଧ୍ୟାପକ ମନୋଜ କୁମାର ନାୟକ ଓ କରନ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ ସଂଖ୍ୟାରେ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

## ରାଜ୍ୟ ଖାଦ୍ୟ କମିଶନଙ୍କ ଖଡ଼ିଆଳ ବ୍ଲକ ପରିଦର୍ଶନ

**ଖଡ଼ିଆଳ, ୧୫।୧୧ (ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକକୁ ରାଜ୍ୟ ଖାଦ୍ୟ କମିଶନର ଗସ୍ତ କରିଛନ୍ତି। ବ୍ଲକର ଅରେଡ଼ା, ଭୋଜପୁର ଗ୍ରାମପଞ୍ଚାୟତ ଗସ୍ତ କରି ସରକାରଙ୍କ ଖାଦ୍ୟ ଯୋଜନାରେ ହିତାଧିକାରୀଙ୍କୁ ସାକ୍ଷାତ କରି ପ୍ରଦାନ କରାଯାଉଥିବା ବିଭିନ୍ନ ବିଷୟ ସହିତ ତାହାର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ। ବ୍ଲକ ଗସ୍ତ ପରେ ଜିଲାପାଳଙ୍କୁ ସାକ୍ଷାତ କରି ଖାଦ୍ୟ ଯୋଜନାର ସମୀକ୍ଷା କରିବେ ବୋଲି ସୂଚନା ଦେଇଥିଲେ। ସେହିପରି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିବା ବେଳେ ଏନଏଫଏସଏ ୨୦୧୩ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଖାଦ୍ୟ କମିଶନ ଅବନୀ କାନ୍ତ ସାହୁ, ଦୟାନିଧି ଦାଶ, ଅକ୍ଷୟ କୁମାର ବେହେରା ଗସ୍ତରେ ଆସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁବାସ ଚନ୍ଦ୍ର ରାଇତା, ଖଡିଆଳ ବିଡ଼ିଓ ବିରସେନ ବେହେରା ଯୋଗଦେଇଥିଲେ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ମାନସ ରଞ୍ଜନ


@ ଜସପ୍ରୀତି


@ ଶଶିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack -753015, Odisha

**QUOTATION CALL NOTICE FOR SUPPLY OF MOSQUITO NET (ALUMINIUM) FOR WINDOWS OF HOSTELS AT NLUO, CUTTACK**

Sealed quotations in prescribed format are invited for "**Supply of Mosquito Net (Aluminium) for windows of hostels**" at NLUO Cuttack. Last date & time of receipt is **23.11.2023 at 11.00AM**. For details please visit website: www.nluo.ac.in.

Sd/- Registrar

# ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

**ବାଲିଶଙ୍କରା, ୧୫।୧୧ (ହୃଦାନନ୍ଦ ବାରିକ)**

### ପଞ୍ଚାୟତ ସମିତି ସପ୍ତମ ଅଧିବେଶନ ବୈଠକ

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ପଞ୍ଚାୟତ ସମିତି ସଭାଗୃହରେ ସପ୍ତମ ଅଧିବେଶନ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତିର୍ମୟୀ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବ୍ଲକ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୯ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଜନପ୍ରତିନିଧି ସେମାନଙ୍କ ବିଭିନ୍ନ ସମସ୍ୟା ତାଙ୍କୁ ଅବଗତ କରିବେ ଏବଂ ତାହାର ସମାଧାନ ପାଇଁ ସମସ୍ତେ ମିଶି କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ବିଡିଓ ଚନ୍ଦନ ନିଖଣ୍ଡିଆ, ବ୍ଲକ ଉପାଧ୍ୟକ୍ଷ ପୀତାମ୍ବର ଶେଖର ଦେଓ, ସହକାରୀ ଯନ୍ତ୍ରୀ ମହେନ୍ଦ୍ର କୁମାର ଅମାତ, ଜିଲାପରିଷଦ (ଖ) ଜୋନ ସଭ୍ୟା ଜୟନ୍ତୀ ଏକ୍କା, ବିଧାୟକ ପ୍ରତିନିଧି ଉଚ୍ଛବ ତନ୍ତୀ, ପର୍ଶୁରାମ ପଟେଲଙ୍କ ସମେତ ୧୯ ପଞ୍ଚାୟତର ସରପଞ୍ଚ, ସମିତି ମେମ୍ବର ତଥା ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା ପ୍ରମୁଖ ଯୋଗଦେଇଥିଲେ। ସରପଞ୍ଚଙ୍କୁ ରାଜ୍ୟ ସରକାର ଅଣଦେଖା କରୁଥିବାରୁ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଗାମୀ ନିର୍ବାଚନରେ ଉଚିତ ପଦକ୍ଷେପ ନିଆଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏଥିରେ ବ୍ଲକ କର୍ମଚାରୀ ତଥା ସମସ୍ତ ଜନପ୍ରତିନିଧି ଯୋଗଦେଇଥିଲେ। ଶେଷରେ ଜିପିଓ କିଶୋର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ବିଧାନ ସଚେତନତା ରଥ ପରିକ୍ରମା

**ଲୋଇସିଂହା, ୧୫।୧୧ (ସୁଶାନ୍ତ ବାରିକ):** ସମ୍ବିଧାନ ସଚେତନତା ଅଭିଯାନ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବିଭିନ୍ନ ଗ୍ରାମରେ ମଙ୍ଗଳବାର ଓ ବୁଧବାର ସମ୍ବିଧାନ ସଚେତନତା ରଥ ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରାଯାଇଛି। ଏହାବ୍ୟତୀତ ସଚେତନତା ରଥ ପରିକ୍ରମାର ଷଷ୍ଠବର୍ଷ ବିଷୟବସ୍ତୁ ନାରୀ ସୁରକ୍ଷା, ଅଧିକାର ସମ୍ପର୍କରେ ଆଲୋକପାତ କରାଯାଇଛି। ଦେଶଦ୍ରୋହୀଙ୍କ ଦ୍ୱାରା ୨୦୧୮ ହୋଇଥିବା ସମ୍ବିଧାନ ପୋଡ଼ିକୁ ନିନ୍ଦା କରାଯାଉଛି। ଅକ୍ଟୋବର ୧୪ରୁ ଧର୍ମଚକ୍ର ଦିବସରୁ ବୌଦ୍ଧରୁ ଏହି ରଥ ବାହାରି ଆସନ୍ତା ନଭେମ୍ବର ୨୬ରେ ବରଗଡ଼ରେ ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି।

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** SBI
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ପ୍ଲଟ୍ ନଂ.: ୭୭୮, ପ୍ରଥମ ମହଲା, ମହର୍ଷି କଲେଜ ରୋଡ, ସହୀଦ ନଗର, ଭୁବନେଶ୍ୱର, ଫୋନ୍ ନଂ.: ୦୬୭୪-୨୫୪୯୬୬୩, ୨୫୪୯୬୧୨, ଫ୍ୟାକ୍ସ ନଂ.: ୦୬୭୪-୨୫୪୯୭୧୩, ଇ-ମେଲ ଆଇଡି: sbi.05174@sbi.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

ସିକ୍ୟୁରିଟାଇଜେସ୍‌ନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ।

ଭାରତୀୟ ଷ୍ଟେଟ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟର ୨୦୦୨ର ଧାରା ୧୩(୪) ଅନୁଯାୟୀ ନୋଟିସ ଜାରିକରି ବ୍ୟାଙ୍କର ବକେୟା ଦେୟ ବାବଦ ନିମ୍ନରେ ପ୍ରଦତ୍ତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ଋଣ/ଅଗ୍ରୀମଧାରୀ ଆକାଉଣ୍ଟ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସମ୍ପତ୍ତିକୁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି ଭିତ୍ତିରେ" ତା.୨୨.୧୨.୨୦୨୩ରିଖ ଦିନ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି, ଯାହାର ନିୟମ ଓ ସର୍ତ୍ତାବଳୀ ନିମ୍ନରେ ପ୍ରଦତ୍ତ।

**ଇ-ନିଲାମ ତାରିଖ ଏବଂ ସମୟ: ତା.୨୨.୧୨.୨୦୨୩ ରିଖ ଅପରାହ୍ଣ ୦୨.୦୦ ଘଟିକାରୁ ଅପରାହ୍ଣ ୦୪.୦୦ ଘଟିକା** ମଧ୍ୟରେ, ପ୍ରତ୍ୟେକଙ୍କ ନିମନ୍ତେ ୧୦ ମିନିଟ୍ ଅସୀମିତ ବର୍ଦ୍ଧିତ ସମୟ ସହିତ

| କ୍ର. ନଂ. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ ଏବଂ ସମ୍ପତ୍ତିଗୁଡିକର ମାଲିକଙ୍କ ନାମ | ବକେୟା ପରିମାଣ ଯାହାର ଆଦାୟ ନିମନ୍ତେ ସମ୍ପତ୍ତିର ବିକ୍ରୟ / ଡିମାଣ୍ଡ ନୋଟିସ୍ ତାରିଖ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କା, ୨) ଶ୍ରୀ ନିଗମଜ୍ୟୋତି ଲେଙ୍କା, ଉଭୟଙ୍କ ଠିକଣା - ସା: ଚୁଡଙ୍ଗ ସାହି, ପୁରୀ, ବଡୁମହାପାତ୍ର ଜାଗା ନିକଟ, ପିନ୍ - ୭୫୨୦୦୧ | ଶ୍ରୀମତୀ ଇନ୍ଦୁମତୀ ଲେଙ୍କା, ସ୍ୱାମୀ: ଯୁଧିଷ୍ଠିର ଲେଙ୍କାଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ମାର୍କଣ୍ଡେଶ୍ୱର ସାହି ନଂ.: ୧ (ସାବିକ ମୌଜା: ଚୁଡଙ୍ଗ ସାହି-୧), ତହସିଲ/ଥାନା/ଜିଲ୍ଲା: ପୁରୀ, ଓଡିଶା, ମ୍ୟୁଟେଡ୍ ଖାତା ନଂ.: ୬୪୦/୪୪, ମ୍ୟୁଟେଡ୍ ପ୍ଲଟ୍ ନଂ.: ୭୬୨/୧୫୦୭, କ୍ଷେତ୍ର: ଏକର ୦.୦୧୮୫ ଡିସିମିଲି, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ | ୦୬.୧୦.୨୦୨୨ ସୁଦ୍ଧା ଟ.୪୭,୩୫,୩୫୬/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୬.୧୦.୨୦୨୨ | ଟ.୩୩,୬୧,୦୦୦/- / ଟ.୩,୩୬,୧୦୦/- / ଟ.୫୦,୦୦୦/- |
| ୨. | ଋଣଗ୍ରହୀତା: ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀ / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ରାଜଶ୍ରୀ ଚୌଧୁରୀ, ଉଭୟଙ୍କ ଠିକଣା-ସା: ବାସେଳି ସାହି, ପୋ: ପୁରୀ, ଲୋକନାଥ ରୋଡ, ନୀଳମାଧବ ଲେନ୍, ପୁରୀ, ପିନ୍ - ୭୫୨୦୦୧ | ଶ୍ରୀ ସୂର୍ଯ୍ୟନାରାୟଣ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ମୌଜା: ପୁରୀ ସହର ୟୁନିଟ୍ - ୩, ମଙ୍ଗଳାଘାଟ, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଖାତା ନଂ.: ୩୨୭, ପ୍ଲଟ୍ ନଂ.: ୧୫୪/୮୪୬, କ୍ଷେତ୍ର: ଏକର ୦.୦୧୧ ଡିସିମିଲି ଏବଂ ଶ୍ରୀମତୀ ରାଜଶ୍ରୀ ଚୌଧୁରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୪୦୦/୧୦୦, ପ୍ଲଟ୍ ନଂ.: ୧୫୪/୧୦୬୯, କ୍ଷେତ୍ର: ଏକର ୦.୦୧୧ ଡିସିମିଲି, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର ୦.୦୨୨ ଡିସିମିଲି | ୦୨.୦୩.୨୦୨୩ ସୁଦ୍ଧା ଟ.୨୩,୦୧,୬୩୩/- ସହିତ ତତ୍‌ପରବର୍ତ୍ତୀ ସୁଧ ଏବଂ ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଖର୍ଚ୍ଚ ଓ ଦେୟ ଇତ୍ୟାଦି / ୦୨.୦୩.୨୦୨୩ | ଟ.୩୯,୨୯,୦୦୦/- / ଟ.୩,୯୨,୯୦୦/- / ଟ.୫୦,୦୦୦/- |

ସମ୍ପତ୍ତିଗୁଡିକୁ ତନଖି କରିବାର ତାରିଖ ଓ ସମୟ: ୨୦.୧୨.୨୦୨୩, ପୂର୍ବାହ୍ଣ ୧୧.୦୦ ଘଟିକା ରୁ ଅପରାହ୍ଣ ୪.୦୦ ଘଟିକା ମଧ୍ୟରେ

ସରଫେଶୀ ଆକ୍ଟ ୨୦୦୨ର ସଂଶୋଧନ ଦ୍ୱାରା ରୁଲ ୮(୬) ଏବଂ ୯(୧) ଅନୁଯାୟୀ ପରବର୍ତ୍ତୀ ବିକ୍ରୟ ପାଇଁ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସୁରକ୍ଷିତ ଋଣଦାତାଙ୍କ ପ୍ରଦତ୍ତ ୱେବସାଇଟ୍ ଲିଙ୍କ୍ ଦେଖନ୍ତୁ: www.sbi.co.in, https://bank.sbi/web/sbi-in-the-news/auction-notices/sarfaesi-and-others, https://ibapi.in ଏବଂ ନିଲାମ ପାଇଁ ଲଗ୍‌ଇନ୍ କରନ୍ତୁ : https://www.mstcecommerce.com/auctionhome/ibapi/index.jsp

ପରବର୍ତ୍ତୀ ସବିଶେଷ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ: ଶ୍ରୀ ଆଶିଷ କୁମାର ମହାନ୍ତି (କ୍ଷମତାପ୍ରାପ୍ତ ଅଧିକାରୀ), ମୋ.: ୯୪୩୭୫୫୨୫୩୫, ସିସିଓ: ଶ୍ରୀ କେଶବ ଚନ୍ଦ୍ର ମଲ୍ଲିକ, ମୋ.: ୯୪୩୭୯୫୩୬୪୨

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୫.୧୧.୨୦୨୩ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା, ଭୁବନେଶ୍ୱର

# ଫୁଟବଲ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ବନ୍ଧମୁଣ୍ଡା, ୧୫।୧୧ (ସୁବ୍ରତ ଡେ)**



ବନ୍ଧମୁଣ୍ଡାର ଡୁମେରତାଠାରେ ପ୍ରଗତି କ୍ଲବର କ୍ରୀଡା ପଡିଆରେ ଆୟୋଜିତ ୪ ଦିନିଆ ଶହୀଦ ଆଲବର୍ଟ ଏକ୍କା ମେମୋରିଆଲ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ମୁଖ୍ୟ ଅତିଥିଭାବେ ଯୋଗଦେଇ ଫାଇନାଲ ମ୍ୟାଚର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ କାଉନସିଲର ଆଫ୍ରୋଜ ଅହମ୍ମଦ, ଯଶବିନ୍ଦର ସିଂ, ମହମ୍ମଦ ଖାଲିଦ, ନିଆଜୁଲ ହସନ, ଅନୀତା ତିର୍କୀ, ରବି ନାରାୟଣ ମାଝି ଏବଂ ଜିତେନ୍ଦ୍ର ନାଥ ମାହାତୋ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଡିଜେଲ କଲୋନୀ ଇରଫାନ, ଆଫାନ୍ ଏବଂ ଟିମଜୋର ଦଳ ମଧ୍ୟରେ ଖେଳାଯାଇଥିଲା। ଇରଫାନ୍ ଏବଂ ଆଫାନଙ୍କ ଦଳ ଟାଏ ବ୍ରେକରରେ ୪-୨ ଗୋଲରେ ବିଜୟୀ ହୋଇଛି। ଶେଷରେ ବିଜେତା ଏବଂ ଉପବିଜେତା ଟିମ୍‌କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ମୋଟ ୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ଟୁର୍ନାମେଣ୍ଟର ଆୟୋଜନରେ ରମେଶ ଓରାମ, ଆନନ୍ଦ ଲାକ୍ରା, ବିଶାଲ ଏକ୍କା, ଛଟୁ ମାହାତୋ, ରୋଶନ କେରକେଟ୍ଟା, ଅନୁଜ କେରକେଟ୍ଟା, ମହେଶ ଲାକ୍ରା, ସୁରଜ ମାହାତୋ, ସଞ୍ଜୟ ଓରାମ, ସୁମିତ ଏକ୍କା, ରୋନି ଖାଲକୋ, ରୋହିତ ଏକ୍କା, ଆର ଓରାମ ପ୍ରମୁଖ ସହଯୋଗ କରିଥିଲେ।

बैंक ऑफ़ बड़ौदा Bank of Baroda

**କ୍ଷେତ୍ରୀୟ କାର୍ଯ୍ୟାଳୟ : କଟକ**
୨ୟ ମହଲା, ଚଳଚ୍ଚିତ୍ର ଭବନ, ବକ୍ସିବଜାର, କଟକ, ଓଡ଼ିଶା-୭୫୩୦୦୧, ମୋ: ୮୦୯୩୦୪୭୨୧୮, ଇମେଲ୍: legal.cuttack@bankofbaroda.com

**ଡିମାଣ୍ଡ ନୋଟିସ୍** (ସରଫେଶୀ ଆକ୍ଟ ୨୦୦୨ ଧାରା ୧୩ର ଉପଧାରା (୨) ଅନୁଯାୟୀ)

ଶାଖାର ନିମ୍ନଲିଖିତ ଋଣଗ୍ରହୀତାଙ୍କ ବିରୁଦ୍ଧରେ ସୁରକ୍ଷିତ ଋଣଦାତା ଭାବେ **ବ୍ୟାଙ୍କ ଅଫ୍ ବରୋଦା** ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ଜାରି କରାଗଲା ।

| ଅଁଳାବେରଣୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଏନ୍‌ପିଏ ତାରିଖ / ଡିମାଣ୍ଡ ନୋଟିସ୍ ତାରିଖ / ନୋଟିସ୍ ଫେରସ୍ତ କାରଣ | ଋଣ ପରିମାଣ (ଟଙ୍କାରେ) | ସୁଧ ହାର | ବକେୟା ପରିମାଣ |
|---|---|---|---|---|
| ଋଣଗ୍ରହୀତାମାନେ: ୧) ରଞ୍ଜନ କୁମାର ସାହୁ, ୨) ମହୁର ସାହୁ, ପିତା: ୰ପଲଉ ସାହୁ, ଉଭୟଙ୍କ ଠିକଣା - ସା/ପୋ: ଅଁଳାବେରଣୀ, ଥାନା: ତୁମୁସିହାଁ, ଜିଲ୍ଲା: ଢେଙ୍କାନାଳ, ପିନ୍ - ୭୫୯୦୨୬ | ୩୦.୧୦.୨୦୨୩ / ୩୧.୧୦.୨୦୨୩ / ଋଣଗ୍ରହୀତା ତାଙ୍କ ଠିକଣାରେ ଉପସ୍ଥିତ ନାହାଁନ୍ତି | ୧)ଗୃହ ଋଣ: ଟ.୧୦.୦୦ ଲକ୍ଷ ୨) ପିଏମ୍‌ଏମ୍‌ୱାଇ ଋଣ: ଟ.୨.୦୦ ଲକ୍ଷ ୩) କ୍ୟାଶକ୍ରେଡିଟ୍ ଜେନେରାଲ: ଟ.୬.୦୦ ଲକ୍ଷ ୪)ବିଜିଇସିଏଲ୍: ଟ.୧.୧୮ ଲକ୍ଷ | ୧) ୯.୩୫% ୨) ୧୧.୫% ୩) ୧୧.୩୫% ୪) ୯.୨୫% | ୧) ଟ. ୯,୮୩,୭୩୪.୦୩ ୨) ଟ. ୧,୩୯,୩୭୭.୬୮ ୩) ଟ. ୫,୯୮,୯୩୭.୦୫ ୪) ଟ. ୩୬,୬୯୬.୨୧ ୩୦.୧୦.୨୦୨୩ ସୁଦ୍ଧା ସମୁଦାୟ: ଟ.୧୭,୫୮,୭୪୪.୯୭ (୩୦.୧୦.୨୦୨୩ ପର୍ଯ୍ୟନ୍ତ ସୁଧ ଅନ୍ତର୍ଭୁକ୍ତ) |

**ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ:** ମହୁର ସାହୁ, ପିତା: ୰ପଲଉ ସାହୁଙ୍କ ନାମରେ ଥିବା ସମ୍ପତ୍ତି ଯାହାର ମୌଜା: ଅଁଳାବେରଣୀ, ଥାନା: କାମାକ୍ଷାନଗର, ଥାନା ନଂ.: ୨୪୨, ମ୍ୟୁଟେସନ୍ ଖାତା ନଂ.: ୩୨୫/୧୯୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୧୮୪୬/୩୦୭୭, କ୍ଷେତ୍ର: ଏକର ୦.୨୩୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜସ୍ୱ, ଦକ୍ଷିଣ: ଦୁର୍ଗା ଚରଣ ପଣ୍ଡା ଏବଂ ଅନ୍ୟମାନେ, ପୂର୍ବ: ନିଜସ୍ୱ, ପଶ୍ଚିମ: ରାସ୍ତା

ଉପର ସାରଣୀରେ ଦର୍ଶିତ ଆମ୍ଭ ଶାଖାରୁ ଚୁକ୍ତିନାମା ହାରରେ ପରବର୍ତ୍ତୀ ସୁଧ ସହିତ ଦର୍ଶିତ ଋଣ ରାଶି ପରିଶୋଧ କରିବାରେ ଆପଣ ବିଫଳ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ରେଜିଷ୍ଟ୍ରି ଡ଼ାକ ଯୋଗେ ଡିମାଣ୍ଡ ନୋଟିସ ଆପଣମାନଙ୍କ ନିକଟକୁ ପଠାଯାଇଥିଲେ ମଧ୍ୟ ତାହା ଉପରୋକ୍ତ କାରଣ ଦର୍ଶାଯାଇ ଫେରସ୍ତ ଆସିଛି। ଆପଣ ବକେୟା ଦେୟ ପ୍ରଦାନ କରିବାରେ ବିଫଳ ହୋଇଛନ୍ତି । ଏଣୁ ଏହି ନୋଟିସ୍‌ର **୬୦ଦିନ** ମଧ୍ୟରେ ସୁଧ ସହିତ ସମସ୍ତ ଦେୟ ପରିଶୋଧ ପାଇଁ ଆପଣମାନଙ୍କୁ କୁହାଯାଉଛି । ଏଥିରେ ଖିଲାପ କଲେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନୁଯାୟୀ ବ୍ୟାଙ୍କ ସୁରକ୍ଷିତ ସମ୍ପତ୍ତି ଉପରେ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଅନୁଯାୟୀ ଅଧିକାର ସାବ୍ୟସ୍ତ କରିବାକୁ ବାଧ୍ୟ ହେବ। ଏତଦ୍‌ଦ୍ୱାରା ଆପଣଙ୍କୁ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଆପଣ କଥିତ ଆକ୍ଟର ଧାରା ୧୩ର ଉପଧାରା (୧୩) ଅନୁସାରେ ଉପର ଦର୍ଶିତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ ବ୍ୟାଙ୍କର ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। ପୁନଶ୍ଚ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସର୍ବସାଧାରଣ ନିଲାମ/କୋଟେସନ ଆହ୍ୱାନ/ଟେଣ୍ଡର/ଘରୋଇ ଚୁକ୍ତି ମାଧ୍ୟମରେ ସମ୍ପତ୍ତି ବିକ୍ରୟ ନୋଟିସ ପ୍ରକାଶନର ଯେକୌଣସି ସମୟ ପୂର୍ବରୁ ବ୍ୟାଙ୍କକୁ ସମସ୍ତ ବକେୟା ରାଶି ସହିତ ସୁଧ, ଖର୍ଚ୍ଚ, ଦେୟ ଇତ୍ୟାଦି ପୈଠ କରି ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରନ୍ତି, କଥିତ କି ଉପରୋକ୍ତ ନୋଟିସ ପ୍ରକାଶନ ପରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବାର ଅଧିକାର ଉପଲବ୍ଧ ହେବ ନାହିଁ। ଏହି ନୋଟିସ୍ ଆଇନତଃ ନିରପେକ୍ଷ ତଥା ବ୍ୟାଙ୍କ ଦ୍ୱାରା ଆରମ୍ଭ ହେବାକୁ ଥିବା ଆଇନ୍‌ଗତ ପଦକ୍ଷେପ ସମୂହକୁ ପ୍ରତିହତ କରିବ ନାହିଁ ।

ସ୍ଥାନ: କଟକ, ତାରିଖ: ୧୫.୧୧.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ବ୍ୟାଙ୍କ ଅଫ୍ ବରୋଦା

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ଚୋରି

ନର୍ଲା,(ସନ୍ତୋଷ ପାତ୍ର): କଳାହାଣ୍ଡି ଜିଲା ରୁପ୍ରାରୋଡସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶ୍ରେଣୀ ଗୃହ କବାଟ, ଝରକା ଭାଙ୍ଗି ବ୍ୟବହୃତ ସାଉଣ୍ଡ ବକ୍ସ, ଏମ୍ପି ସେଟ, ମାଇକ୍ରୋ ଫୋନ, ପାଣି ପାଇପ ସହିତ ଅନ୍ୟ ଜିନିଷ ପତ୍ର ଦୁର୍ବୃତ୍ତମାନେ ଚୋରି କରଛନ୍ତି ଏ ନେଇ ଶିକ୍ଷା କମିଟି ସମ୍ପାଦକ ସଞ୍ଜୀବ କୁମାର ଦାଶ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ନର୍ଲା ପୋଲିସ ସ୍ଥାନୀୟ ୨ଜଣ ଯୁବକଙ୍କୁ ଥାନାକୁ ଆଣି ପଚରାଉଚୁରା କରି ଛାଡ଼ି ଦେଇଥିବା ସୂଚନା ମିଳିଛି। ଚୋରି ଘଟଣାରେ ଚୋରମାନେ ଧରାପଡୁ ନ ଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

**ସଂକ୍ଷେପରେ**

## ରାଜ୍ୟ ଖାଦ୍ୟ କମିଶନଙ୍କ ଖଡ଼ିଆଳ ବ୍ଲକ ପରିଦର୍ଶନ

ଖଡ଼ିଆଳ,୧୫।୧୧(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକକୁ ରାଜ୍ୟ ଖାଦ୍ୟ କମିଶନର ଗସ୍ତ କରିଛନ୍ତି। ବ୍ଲକର ଅରେଡ଼ା, ଭୋଜପୁର ଗ୍ରାମପଞ୍ଚାୟତ ଗସ୍ତ କରି ସରକାରଙ୍କ ଖାଦ୍ୟ ଯୋଜନାରେ ହିତାଧିକାରୀଙ୍କୁ ସାକ୍ଷାତ କରି ପ୍ରଦାନ କରାଯାଉଥିବା ବିଭିନ୍ନ ବିଷୟ ସହିତ ତାହାର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ। ବ୍ଲକ ଗସ୍ତ ପରେ ଜିଲାପାଳଙ୍କୁ ସାକ୍ଷାତ କରି ଖାଦ୍ୟ ଯୋଜନାର ସମୀକ୍ଷା କରିବେ ବୋଲି ସୂଚନା ଦେଇଥିଲେ। ସେହିପରି ପଞ୍ଚାୟତ ପ୍ରତିନିଧିଙ୍କ ସହ ଆଲୋଚନା କରିଥିବା ବେଳେ ଏନଏଫଏସଏ ୨୦୧୩ ହିତାଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ଖାଦ୍ୟ କମିଶନ ଅବନୀ କାନ୍ତ ସାହୁ, ଦୟାନିଧି ଦାଶ, ଅକ୍ଷୟ କୁମାର ବେହେରା ଗସ୍ତରେ ଆସିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଉପଜିଲାପାଳ ସୁବାସ ଚନ୍ଦ୍ର ରାଇତା, ଖଡିଆଳ ବିଡ଼ିଓ ବିରସେନ ବେହେରା ଯୋଗଦେଇଥିଲେ।

# ରାସ୍ତା ହେଲା, ପୋଲ ହେଲାନି

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

- ବର୍ଷା ଦିନେ ଜଳବନ୍ଦୀ ରହନ୍ତି ଜାକମ ଗ୍ରାମବାସୀ
- ପଢ଼ିବାକୁ ଛାତ୍ରୀଛାତ୍ର ଯାଉଛନ୍ତି ୯ କି.ମି.

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଦୁର୍ଗମ ଅଞ୍ଚଳର ବିକାଶ ପାଇଁ ରାସ୍ତା, ପୋଲ ନିର୍ମାଣ ଭଳି ଆଦି ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଏବେ ବି ଅନେକ ଦୁର୍ଗମ ଅଞ୍ଚଳରେ ସରକାରଙ୍କ ଏହି ଯୋଜନା ଗୁଡିକ ପହଞ୍ଚି ପାରୁନାହିଁ। ଫଳରେ ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଗମନାଗମନ କ୍ଷେତ୍ରରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରି ଏକ ଉଦାହରଣ ଭାବେ କଳାହାଣ୍ଡି ଜିଲା ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଶଗଡା ପଞ୍ଚାୟତର କର୍ଲାପାଟ ଅଭୟାରଣ୍ୟ ନିକଟରେ ଥିବା ଜାକମ ଗାଁକୁ ନିଆଯାଇପାରେ। କାରଣ ପୋଲ ନ ଥିବାରୁ ବର୍ଷା ସମୟରେ ଏହି ଗାଁ ଲୋକେ ଜଳବନ୍ଦୀ ହୋଇ ରହିନ୍ତି। ଗାଁକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ଶଗଡା ନଦୀ ପଡୁଥିବାରୁ ସେଠାରେ ବର୍ଷା ସମୟରେ ପ୍ରବଳ ପାଣି ଆସିଥାଏ।



ଶଗଡା ନଦୀ ଦେଇ ଛାତ୍ରମାନେ ଗାଁକୁ ଆସୁଛନ୍ତି।

ଅନ୍ୟ କେଉଁପଟେ ରାସ୍ତା ନ ଥିବାରୁ ବାଧହୋଇ ଗ୍ରାମବାସୀଙ୍କୁ ଜଳବନ୍ଦୀ ହୋଇ ରହିବାକୁ ପଡିଥାଏ। ପୂର୍ବରୁ ଏହି ଗାଁକୁ ରାସ୍ତା ମଧ୍ୟ ନ ଥିଲା। ତେବେ ଗତ ମାର୍ଚ୍ଚରେ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶଗଡା ନଦୀ ଦେଇ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ଫଳରେ ଉକ୍ତ ରାସ୍ତାରେ ଏବେ ସୁରୁଖୁରୁରେ ଗ୍ରାମବାସୀ ଯାତାୟାତ କରୁଛନ୍ତି। ତେବେ ନଦୀ ଉପରେ ପୋଲ ହୋଇ ନ ଥିବାରୁ ବର୍ଷା ଦିନେ ଗ୍ରାମବାସୀ ପୂର୍ବବର୍ଷ ଭଳି ଜଳ ବନ୍ଦୀ ହୋଇ ଜୀବନ ଯାପନ କରିବେ ବୋଲି ପ୍ରକାଶ କରିଛନ୍ତି। କାରଣ ଯେଉଁ ରାସ୍ତା ନିର୍ମାଣ କରାଯାଇଛି ତାହା ଉପରେ ବର୍ଷା ସମୟରେ ବଢ଼ି ପାଣି ଚାଲିବ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ପ୍ରଶାସନ ଏହି ନଦୀ ଉପରେ ଏକ ପୋଲ ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଗାଁରେ ପାଖାପାଖି ୩୫୦ରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଗ୍ରାମରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏଁ ସ୍କୁଲ ରହିଥିବାବେଳେ ଷଷ୍ଠରୁ ମାଟ୍ରିକ ଯାଏଁ ଛାତ୍ରୀଛାତ୍ରଙ୍କୁ ୯ କି.ମି. ଦୂର ପଞ୍ଚାୟତ ମୁଖ୍ୟାଳୟ ଶଗଡା ଗ୍ରାମକୁ ଯିବାକୁ ପଡିଥାଏ। ଏହି ଗାଁର ପ୍ରତ୍ୟହ ପ୍ରାୟ ୧୦ଜଣ ଛାତ୍ରୀଛାତ୍ର ପ୍ରତ୍ୟହ ୯ କମି ଶଗଡାକୁ ପଢିବାକୁ ଯାଇଥାନ୍ତି। ସେହିପରି ବର୍ଷା ସମୟରେ ନଦୀରେ ପାଣି ଆସୁଥିବାରୁ ସ୍କୁଲକୁ ଯାଇ ପାରନ୍ତି ନାହିଁ। କେହି କେହି ବିପଦ ସଙ୍କୁଳ ଅବସ୍ଥାରେ ମଧ୍ୟ ନଦୀ ପାର ହୋଇଥାନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଏହି ନଦୀ ଉପରେ ଏକ ପୋଲ ନିର୍ମାଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଜିଲାପାଳଙ୍କ ଦ୍ୱାରା ମିଶନ ଶକ୍ତି କାଫେ ଉଦ୍‌ଘାଟିତ



ଜିଲାପାଳ ମିଶନ ଶକ୍ତି କାଫେ ଉଦ୍‌ଘାଟନ କରୁଛନ୍ତି।

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସହରସ୍ଥିତ ନୂତନ ଆଦର୍ଶ ବସ ଟର୍ମିନାଲରେ ବୁଧବାର ମିଶନ ଶକ୍ତି କାଫେ ଉଦଘାଟିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଜିଲାପାଳ ମହିଳା ଉଦ୍ୟୋଗୀଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ସଫଳତା ପାଇଁ ଉଦ୍ୟମ କରିବାକୁ ଉତ୍ସାହିତ କରିଥିଲେ। ଏହି କାଫେ ଦ୍ୱାରା ଅନେକ ମହିଳାମାନେ ନିଜର ବ୍ୟବସାୟ ଆରମ୍ଭ କରିବା ସହ ରୋଜଗାର କରିବାର ସୁଯୋଗ ପାଇବେ। ଯଦ୍ୱାରା ମହିଳା ସଶକ୍ତି କରଣ ହୋଇପାରିବ ବୋଲି ଲକ୍ଷ୍ୟ ରଖାଯାଇଛି। ସେହିପରି ମିଶନ ଶକ୍ତି କାଫେରେ ୪୦ରୁ ଅଧିକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ନିୟୋଜିତ ହେବେ ବୋଲି ଜଣାପଡିଛି। ଉଦଘାଟନୀ ସମାରୋହରେ ଭବାନୀପାଟଣା ପୌରାଧ୍ୟକ୍ଷା ସଂଯୁକ୍ତା ବେହେରା, ଡିଏସଡବ୍ଲୁଓ ପ୍ରଭାତୀ ରାଣୀ ତ୍ରିପାଠୀ, ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ କିଶୋର ମହାଲିଙ୍ଗ, ମିଶନ ଶକ୍ତି ଜିଲା ପ୍ରକଳ୍ପ ସଂଯୋଜକ ଅମରିତ ପାଢ଼ୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ରାଜ୍ୟ ସରକାରଙ୍କ ଦୁର୍ନୀତ, ଭ୍ରଷ୍ଟାଚାର ବିରୋଧରେ ଭାଜପାର ବିକ୍ଷୋଭ

କୋକସରା,୧୫।୧୧(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା ପକ୍ଷରୁ ବିଜେଡି ସରକାରଙ୍କ ବିରୋଧରେ ବୁଧବାର ବିକ୍ଷୋଭ ଓ ଧାରଣା ଦିଆଯାଇଛି। କୋକସରା ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ପଟୁଆରରେ ଦଳୀୟ କର୍ମକର୍ତ୍ତାମାନେ ସହର ପରିକ୍ରମା କରି ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇ ବ୍ଲକ କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ ଅନୁଷ୍ଠିତ ସାଧାରଣ ସଭାରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ରଙ୍କ ନେତୃତ୍ୱରେ ଜିଲା ଉପ ସଭାପତି ଅଜୟ ପାଣିଗ୍ରାହୀ, ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପଜ୍ୟୋତି ମୁଣ୍ଡ, ବରିଷ୍ଠ ନେତା ଜନାର୍ଦ୍ଦନ ପଣ୍ଡା, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ଭାରତ ଭୂଷଣ ଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଭବେନ୍ଦ୍ର ପଣ୍ଡା ମହିଳା ନେତ୍ରୀ କୁନ୍ତି ପାଳଙ୍କ ସହ ଦଳୀୟ ନେତାମାନେ ରାଜ୍ୟ ସରକାରଙ୍କ ଦୁର୍ନୀତି, ଅପାରଗତା ଓ ଭ୍ରଷ୍ଟାଚାରରେ ରାଜ୍ୟବାସୀ ଅତିଷ୍ଠ ହୋଇଛନ୍ତି ବୋଲି କହିଛନ୍ତି। ଗୋଦାବରୀଶ ପାତ୍ର ମଞ୍ଚ ସଂଯୋଜନା କରିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ଜରିଆରେ ଦେଇଥିଲେ। ଭାଜପା କୋକସରା ୩ ମଣ୍ଡଳର କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ।

# ଡେପୁଟେଶନ ଶିକ୍ଷକଙ୍କୁ ଫେରାଇବା ଦାବିରେ ଧାରଣା



ବ୍ଲକ ସମ୍ମୁଖରେ ଧାରଣା ରତ ଛାତ୍ରୀଛାତ୍ର ଓ ଅଭିଭାବକ।

କର୍ଲାମୁଣ୍ଡା,୧୫।୧୧(ପ୍ରଦୀପ କୁମାର ସାହୁ)

**କର୍ଲାମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୩ଜଣ ଶିକ୍ଷକଙ୍କୁ ଡେପୁଟେଶନରେ ସ୍ଥାନାନ୍ତର ପରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟମାନେ ବୈଠକ କରି ସମ୍ପୃକ୍ତ ୩ଶିକ୍ଷକଙ୍କୁ ଫେରାଇବାକୁ ନେଇ ବ୍ଲକ ପ୍ରଶାସନ ଓ ଜିଲା ପ୍ରଶାସନଙ୍କୁ ଲିଖିତ ଭାବେ ଅଭିଯୋଗ କରିଥିଲେ। ଅଭିଯୋଗର ସପ୍ତାହ ମଧ୍ୟରେ କୌଣସି ପଦକ୍ଷେପ ନିଆ ନ ଯିବାରୁ ବୁଧବାରଠାରୁ ବ୍ଲକ ସମ୍ମୁଖରେ ପରିଚାଳନା କମିଟି ସଦସ୍ୟ ତଥା ଛାତ୍ରୀଛାତ୍ରମାନେ ଧାରଣାରେ ବସିଛୁ ବୋଲି କମିଟି ସଭାପତି ଚନ୍ଦ୍ର ଭାନୁ ସାହୁ କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ୧୫୬ଜଣ ଛାତ୍ରୀଛାତ୍ରଙ୍କ ପାଇଁ ପୂର୍ବରୁ ୮ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିଲେ। ସେମାନଙ୍କ ମଧ୍ୟରୁ ଶିକ୍ଷକ ଗୋପମଣି ସାହୁ ପ୍ରଧାନ ଶିକ୍ଷକ ପଦବୀରେ ପଦୋନ୍ନତି ପାଇବା ପରେ ତାଙ୍କୁ ଗୋଷ୍ଠୀ ଶିକ୍ଷା ବିଭାଗ ପକ୍ଷରୁ ଏବିଇଓ ପଦବୀରେ ନିଯୁକ୍ତି ଦେଇଥିବା ବେଳେ ଅନ୍ୟ ଦୁଇ ଶିକ୍ଷକ ମନୋଜ କୁମାର ମିଶ୍ର ଓ ବିଶି କେଶନ ସୁନାଙ୍କୁ ସିଆରସିସି ପଦବୀରେ ନିଯୁକ୍ତି ଦିଆଯାଇଛି। ବିଦ୍ୟାଳୟରେ ୩ଶିକ୍ଷକଙ୍କ ଅନ୍ୟତ୍ର ଦାୟିତ୍ୱରେ ରହିବା ଯୋଗୁ ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୌପଦାରଙ୍କୁ ପଚାରିବାରୁ କମିଟିର ଦାବି ଅନୁସାରେ ୩ଜଣ ଶିକ୍ଷକଙ୍କ ଡେପୁଟେଶନ ବାତିଲ କରାଯାଇଛି। ସେହି ସ୍କୁଲରେ ଛାତ୍ରୀଛାତ୍ର ଅନୁପାତରେ ଯଥେଷ୍ଟ ଶିକ୍ଷକ ଶିକ୍ଷୟିତ୍ରୀ ରହିଥିବା ବେଳେ ଏମିତି ଧାରଣାରେ ବସିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି। ଅନ୍ୟପଟେ ଡେପୁଟେଶନ ବାତିଲ ହେବା ପରେ ଉକ୍ତ ବିଦ୍ୟାଳୟରେ ମୋଟ ୮ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ୨ ଆର୍ଟ ଓ ଖେଳ ଶିକ୍ଷକଙ୍କୁ ମିଶେଇ ୧୦ଜଣ ରହିଛନ୍ତି।

## ନେତାଜୀ ଯୁବକ ସଂଘ ପକ୍ଷରୁ ଫୁଲପିନ୍ଧା କାର୍ଯ୍ୟକ୍ରମ

ଥୁଆମୂଳ ରାମପୁର, ୧୫।୧୧(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ପୋଖରୀ ଭଟାଗୁଡାରେ ପରମେଶ୍ୱର ନାଏକ, ଲକ୍ଷ୍ମୀଧର ନାଏକ ଏବଂ ସୁରମଣୀ ନାଏକଙ୍କ ଅଧକ୍ଷତାରେ ଫୁଲ ପିନ୍ଧା କାର୍ଯ୍ୟଯକ୍ରମ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ଯୁବକ ସଂଘ ପକ୍ଷରୁ କାର୍ଯ୍ୟକ୍ରମ ସମେଶ୍ୱର ନାଏକ ପରିଚାଳନା କରିଥିଲେ। ଆୟୋଜିତ ଫୁଲ ପିନ୍ଧା କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତେ ଅଂଶଗ୍ରହଣ କରିଥିଲେ। ଏହି ପର୍ବ ପୋଖରୀ ଭଟାଗୁଡା ଉଭୟ ଦୁଇ ଗୋଟି ଗ୍ରାମ ଓ ପ୍ରିୟଜନଙ୍କ ପାଇଁ ଏକ ଭାଇଚାରାରେ ବାନ୍ଧି ରଖିବା ଏକ ନିଆରା ପରମ୍ପରା ଆଜକୁ ୭ ବର୍ଷ ହେଲା ପାଳନ କରିଆସୁଛନ୍ତି। କାର୍ଯ୍ୟକ୍ରମରେ ବାଳବୃଦ୍ଧା ସର୍ବ ପ୍ରିୟଜନ, ପୁରୁଷ ମହିଳାଙ୍କୁ ସ୍ୱାଗତ ପୂର୍ବକ ସେମାନଙ୍କୁ ମଞ୍ଚରେ ବସେଇ ସମ୍ମାନର ସହିତ କୁଆରୀ ଝିଅଙ୍କ ଦ୍ୱାରା ଫୁଲ ପିନ୍ଧାଇବା ଦୃଶ୍ୟ ଅତି ମନୋରମ ପରିବେଶ ସୃଷ୍ଟି କରିଥିଲା। ଯାହାକି ଲୋକଲୋଚନ ଆଢୁଆଳରେ ଥିଲେ ମଧ୍ୟ ଏହା ଏହି ଗ୍ରାମ ପାଇଁ ଗର୍ବ ଓ ଗୌରବ। ଫୁଲ ପିନ୍ଧା କାର୍ଯ୍ୟକ୍ରମ ନେତାଜୀ ଯୁବକ ସଂଘ ପୋଖରୀ ଭଟାଗୁଡା ମିଳିତ ଭାବେ ସହଯୋଗ କରିଥିବା ବେଳେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ପରିବେଷଣ ହେଇଛି।

## ଆଇନ ସଚେତନତା ଶିବିର




ସିଭିଲ ଜଜ୍ ସଚେତନତା କରୁଛନ୍ତି।

ଜୁନାଗଡ଼,୧୫।୧୧(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର କାର୍ଯ୍ୟକ୍ଷେତ୍ରରେ ଯୌନ ଶୋଷଣର ଶିକାର ହେଉଥିବା ମହିଳାଙ୍କ ଉପରେ ଏକ ଆଇନଗତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁନାଗଡ଼ ଓକିଲ ସଂଘ ସଭାପତି ଅଶୋକ ପାତ୍ର ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ମୁଖ୍ୟାତ ଅତିଥି ଭାବେ ଜୁନାଗଡ଼ ଜେଏମଏଫ ସି/ ସିଭିଲ ଜଜ୍ ସିକୁନ ରାୟ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରାଧିକାରୀ ଡାକ୍ତର ଭଗବାନ ପଣ୍ଡା, ଓକିଲ ସଂଘ ସମ୍ପାଦକ ହିମାଂଶୁ ଶେଖର ବରାଡ଼ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ଷେତ୍ରରେ ଯୌନ ଶୋଷଣର ଶିକାର ହେଉଥିବା ମହିଳାମାନେ କିପରି ଆଇନର ଆଶ୍ରୟ ନେବେ ସେ ନେଇ ସଚେତନତା କରାଯାଇଥିଲା। ଶିବିରରେ ଜୁନାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ମହିଳା କର୍ମଚାରୀଙ୍କ ସମେତ ସ୍ଥାନୀୟ କୋର୍ଟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ବିଜ୍ଞାନ ପ୍ରଦର୍ଶନୀରେ ୭୦ ପ୍ରକଳ୍ପ ପ୍ରଦର୍ଶିତ



ଛାତ୍ରୀଛାତ୍ରମାନେ ନିଜର ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ସିନାପାଲି,୧୫।୧୧(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ଉଚ୍ଚ ବିଦ୍ୟାଳୟଠାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ, ପରିବେଶ ତଥା ଗଣିତ ପ୍ରକଳ୍ପ ପ୍ରଦର୍ଶନୀ ତଥା ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀ ଯତୀନ୍ଦ୍ର କୁମାର ସେଠ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ପ୍ରଦର୍ଶନୀରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୭୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବରିଷ୍ଠ ବର୍ଗରେ ଶୁଭମ କୁମାର ମେହେର ଓ ରୁବି ମେହେର ଏବଂ କନିଷ୍ଠ ବର୍ଗରେ ପ୍ରବିଣ ମେହେରଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ଆଗାମୀ ବ୍ଲକସ୍ତରୀୟ ପ୍ରଦର୍ଶନୀ ନିମନ୍ତେ ମନୋନୀତ ହୋଇଛି। ଉଦଯାପନୀ ସମାରୋହରେ ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀ, ବରିଷ୍ଠ ଶିକ୍ଷକ ମୁବାରକ ଖାନ ଉପସ୍ଥିତ ରହି କୁନି ବୈଜ୍ଞାନିକଙ୍କୁ ପୁରସ୍କୃତ କରିଥିଲେ। ମହେଶ ମେହେର କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ କମଳଜିତ ବୈକାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଜ୍ଞାନ ଶିକ୍ଷକ ମନୋରଞ୍ଜନ ମେହେର, ଅନିଲ କୁମାର ସା, ଅଜିତ କୁମାର ମେହେରଙ୍କ ସମେତ ନିକୁଞ୍ଜ ବିହାରୀ ସା, ପ୍ରତିଶ୍ୱରୀ ପାତ୍ର, ସୁରଭି ପଣ୍ଡା, ଜୟଶ୍ରୀ ସ୍ୱାଇଁ, ଶୁଭ୍ରାଂଶୁ ଦାସ ତଥା ବିଦ୍ୟାଳୟ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ଘାଟିପଡ଼ା ଛକ ବିର୍ସାମୁଣ୍ଡା ଛକରେ ନାମିତ ହେଉ

ନୂଆପଡ଼ା,୧୫।୧୧(ମକାରୁ ବେମାଲ)

ନୂଆପଡା ଜିଲା କୁରୁମପୁରିସ୍ଥିତ ଘାଟିପଡା ତ୍ରିକୋଣୀୟ ଛକକୁ ଜନନାୟକ ବିର୍ସାମୁଣ୍ଡା ଛକ ନାମରେ ନାମିତ କରିବା ସହ ପୂର୍ଣ୍ଣାଙ୍ଗ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଜିଲାପାଳ ହେମକାନ୍ତ ସାଏଙ୍କୁ ଦାବିପତ୍ର ବୁଧବାର ପ୍ରଦାନ କରାଯାଇଛି। ଗରିବସେନା ଜିଲା ଆବାହକ ରବି ମଙ୍ଗରାଜଙ୍କ ନେତୃତ୍ୱରେ ଜିଲା ଶତାଧିକ ଆଦିବାସୀ ଏକତ୍ରିତ ହୋଇ ବିର୍ସାମୁଣ୍ଡାଙ୍କ ଜୟନ୍ତି ପାଳନ କରି ଘଟିପଡା ଛକକୁ ବିର୍ସାମୁଣ୍ଡା ଛକ ନାମରେ ନାମିତ କରିବା ପାଇଁ ପ୍ରସ୍ତାବ ଆଣି ଜିଲାପାଳଙ୍କୁ ଅବଗତ କରିଛନ୍ତି। ନୂଆପଡା ଏକ ଆଦିବାସୀ ବହୁଳ ଜିଲା। ଆଦିବାସୀ ଜନନାୟକ ବିର୍ସାମୁଣ୍ଡା ଜଳ, ଜଙ୍ଗଲ, ଜମି ପାଇଁ ସଂଗ୍ରାମ କରିଥିବା ଜନନାୟକଙ୍କୁ ପ୍ରତି ବର୍ଷ ଜିଲାରେ ନଭେମ୍ବର ୧୫ରେ ମନେ ପକାଇ ଜୟନ୍ତୀ ପାଳନ କରିଥାନ୍ତି। କିନ୍ତୁ ଜିଲାରେ ତାଙ୍କର ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ନାହିଁ କିମ୍ବା କୌଣସି ଛକ ତାଙ୍କ ନାମରେ ନାମିତ କରାଯାଇନାହିଁ। ଜିଲାରେ ଥିବା ଲକ୍ଷାଧିକ ଅନୁଗାମୀ ବହୁତ ଦୁଃଖ ପ୍ରକାଶ କରୁଛନ୍ତି। ତେଣୁ କୁରୁମପୁରି ଘାଟିପଡାସ୍ଥିତ ତ୍ରିକୋଣୀୟ ଛକକୁ ବିର୍ସାମୁଣ୍ଡା ଛକ ନାମରେ ନାମିତ କରିବା ସହ ଏକ ପ୍ରତିମୂର୍ତ୍ତି ସ୍ଥାପନ କଲେ ତାଙ୍କ ଅନୁଗାମୀମାନେ ଉଚିତ ନ୍ୟାୟ ପାଇବା ସହ ଭବିଷ୍ୟତରେ ତାଙ୍କ ବିଷୟରେ ଅବଗତ ହେବେ ଓ ଜନନାୟକ ବିର୍ସାମୁଣ୍ଡା ପାଇଁ ଏହା ଏକ ବଡ ସମ୍ମାନ ହେବ। ସରକାର ଆଦିବାସୀମାନଙ୍କ ସଂସ୍କୃତି, ପରମ୍ପରା, ସୁରକ୍ଷା ପାଇଁ ଚିନ୍ତିତ ଥିବା ବେଳେ ମହାପୁରୁଷଙ୍କ ପ୍ରତି ଏହି ପରି ଏକ ସମ୍ମାନ ଦେଲେ ଜିଲାବାସୀ ଗର୍ବିତ ଅନୁଭବ କରି ଛକରେ ସବୁବେଳେ ତାଙ୍କ ପ୍ରମୂର୍ତି ଶୋଭା ପାଉଥିବ ବୋଲି ଦାବି କରିଛନ୍ତି। ଏହି ସମୟରେ ଗଦାଧର ମାଝି, ତୁଳସି ରାମ ମାଝି, ଜୟସ୍ୱର ମାଝି, ବଳଦେବ ଦୁରିଆ, ପୁରୁଷୋତମ ମାଝି, ସାଗର କରୁଆ, ତରୁନ ତାଣ୍ଡି ପ୍ରମୁଖ ଓ ଶତାଧିକ ଆଦିବାସୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଦଣ୍ଡପାଟ ଯୁବ ସେବା ସଙ୍ଗଠନର ନୂତନ କର୍ମକର୍ତ୍ତା

**ରଜତ ବଂଶଲ ସଭାପତି, ତ୍ରିଲୋକନାଥ ସିଂ ଉପସଭାପତି**





ବେହେରା,୧୫।୧୧(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଦଣ୍ଡପାଟ ଅଞ୍ଚଳର ଅଗ୍ରଣୀ ସଂସ୍ଥା ଦଣ୍ଡପାଟ ଯୁବ ସେବା ସଙ୍ଗଠନ ବେହେରାର ନୂତନ କର୍ମକର୍ତ୍ତା ଚୟନ ହେଇଯାଇଛି। ଏଥିରେ ସାମାଜିକ କର୍ମୀ ରଜତ ବଂଶଲ ସଭାପତି ଏବଂ ସାମାଜିକ କର୍ମୀ ତ୍ରିଲୋକନାଥ ସିଂ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଙ୍ଗଠନ ସମ୍ପାଦକ ଭାବେ ଭୁଜବଳ ନାଏକ, ସହସମ୍ପାଦକ ସୁଶୀଲ ଚନ୍ଦ୍ର ନାଗ, କୋଷାଧ୍ୟକ୍ଷ ଭିକାରୀ ଚରଣ ଗୋପାଳ ଏବଂ ସଦସ୍ୟ ଭାବେ ସୁଚିତ୍ରା ଗୋପାଳ, ଈଶ୍ୱର ବାଣୁଆ, ଟିକେଶ୍ୱର ଭୋଇ, କ୍ଷୀରସିନ୍ଧୁ ବାଣୁଆ, କ୍ଷୀରସିନ୍ଧୁ ବାଗ, ରଙ୍ଗାଧର ନାଗ, ହେମାଳ ବିଶି, ରିଙ୍କୁ ବିଶି, ରୂପେଶ ନାଏକ ରହିଛନ୍ତି। ନୂତନ ସଦସ୍ୟ ଭାବେ ଲଳିତ ବାଣୁଆ, ଭବାନୀ ଶଙ୍କର ବାରିକ, ପ୍ରକାଶରାମ ସାହୁ, ଭୀଷ୍ମ ବାଣୁଆ, ଚନ୍ଦ୍ରକାନ୍ତ ରଣା, ଉଗ୍ରସେନ ନାଏକ ଯୋଗଦାନ କରିଛନ୍ତି।

## ପୋଷ୍ୟ ସନ୍ତାନ ସଚେତନତା ରଥର ଶୁଭାରମ୍ଭ

ଭବାନୀପାଟଣା,୧୫।୧୧(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଶିଶୁ ଦିବସ ଓ ପୋଷ୍ୟ ସନ୍ତାନ ପାଳନ ମାସ ଉପଲକ୍ଷେ ପୋଷ୍ୟ ସନ୍ତାନ ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ ଯୋଗଦେଇ ସବୁଜ ପତକା ଦେଖାଇ ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ୧୩ଟି ବ୍ଲକର ବିଭିନ୍ନ ଅଞ୍ଚଳକୁ ଯାଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ନିମନ୍ତେ ଲୋକଙ୍କୁ ସଚେତନତା କରାଇବ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଓ ଜିଲା ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ଜିଲାପାଳଙ୍କ ଦ୍ୱାରା ଏକ ଶିଶୁ ଝୁଲା ଉଦଘାଟିତ୍ ହୋଇଥିଲା। ପରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଭିନ୍ନ ବର୍ଗର କର୍ମକର୍ତ୍ତାଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦ୍ର ଶେଖର ମହାପାତ୍ର ଯୋଗଦେଇ ଆଇନଗତ ପୋଷ୍ୟ ସନ୍ତାନ ଗ୍ରହଣ ଉପରେ ବୁଝାଇଥିଲେ। ସଭାରେ ଜିଲାର ବିଭିନ୍ନ ସ୍ଥାନରେ ପରିତ୍ୟକ୍ତ ଅବସ୍ଥାରେ ଥିବା ଶିଶୁକୁ ଉଦ୍ଧାର କରି ଜିଲା ପ୍ରଶାସନକୁ ହସ୍ତାନ୍ତର କରିଥିବା ୫ଜଣ ବ୍ୟକ୍ତିଙ୍କୁ ସମ୍ବଦ୍ଧନା ଦିଆଯାଇଥିଲା। ସଭାରେ ଜିଲା ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରଞ୍ଜନ କୁମାର ମିତ୍ରା, ଜିଲା ଲୋକ ସୂଚନା ଅଧିକାରୀ ମନୋଜ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ରାଜଲକ୍ଷ୍ମୀ ଦାସ ଧନ୍ୟବାଦ ଦେଇଥିଲେ।

# ପୁନଃ କ୍ରପ୍ କଟିଂ କରିବାକୁ ଚାଷୀଙ୍କ ଦାବି

ନୂଆପଡ଼ା,୧୫।୧୧(ମକାରୁ ବେମାଲ)

ନୂଆପଡା ଜିଲାରେ ଚଳିତ ଖରିଫ ଚାଷ ୨୦୨୩-୨୪ରେ ସରକାର ପକ୍ଷରୁ କ୍ରପ୍ କଟିଂ କରାଯାଇଛି। ଏହି କ୍ରପ୍ କଟିଂକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇ ପୁନଃ କ୍ରପ୍‌କଟିଂ କରିବା ପାଇଁ ଜିଲାପାଳ ହେମକାନ୍ତ ସାଏ ଓ ସଦର ଅତିରିକ୍ତ ତହସିଲଦାର ଭୋଲାନାଥ ମାଝିଙ୍କୁ ୪ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଚଳିତ ୨୦୨୩-୨୪ ବର୍ଷ ପାଇଁ ଜିଲାରେ କ୍ରପ୍‌କଟିଂ ଚାଲିଛି। ନିୟମ ମୁତାବକ କ୍ରପ୍‌କଟିଂ କରା ଯାଉନାହିଁ। ଯେଉଁ ଅଞ୍ଚଳରେ ଉଠା ଜଳସେଚନ ଓ କେନାଲ ପାଣିର ସୁବିଧା ଅଛି, ସେହି ଅଞ୍ଚଳରେ କ୍ରପ୍‌କଟିଂ କରି ସରକାରଙ୍କୁ ରିପୋର୍ଟ ଦେଉଛନ୍ତି। ଏହାକୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସଦର ବ୍ଲକ କେନ୍ଦୋମେରି ମୌଜା ପ୍ଲଟ ନଂ-୩୨୫ ଗାୟତ୍ରୀ ମାଝି ଓ ନେଗିପାଲି ମୌଜା ପ୍ଲଟ ନଂ-୪୯୯ ପରମାନନ୍ଦ ପାଣ୍ଡେଙ୍କ ଜମିରେ ଗତ ୯ରେ କ୍ରପ୍‌କଟିଂ କରି ସରକାରଙ୍କୁ ରିପୋର୍ଟ ଦିଆଯାଉଥିବା ଚାଷୀ ଜାଣି ବିରୋଧ କରିଛନ୍ତି। କାରଣ ଯେଉଁ ଅଞ୍ଚଳରେ କ୍ରପ୍‌କଟିଂ କରାଯାଇଛି, ସେହି ଅଞ୍ଚଳରେ ପାଣିର ସୁବିଧା ଅଛି। କ୍ରପ୍‌କଟିଂ କରିବା ପୂର୍ବରୁ ଚାଷୀଙ୍କୁ ସୂଚନା ଦିଆଯାଉ, ରେନଡୋମର ମାପଦଣ୍ଡ ଅନୁସାରେ ୫/୫ ମିଟର ଠିକ ସ୍ଥାନରେ କ୍ରପ୍‌କଟିଂ କରାଯାଉ, ଉଠା ଜଳ ସେଚନ କିମ୍ବା କେନାଲ ପାଣି ସୁବିଧା ଥିବା ସ୍ଥାନରେ ନ କରି ଅଣଜଳସେଚିତ ଜମିରେ କ୍ରପ୍ କଟିଂ କରାଯାଉ, କରାଯାଇଥିବା କ୍ରପ୍ କଟିଂ ରଦ୍ଦ କରି ପୁନଃ କରାଯାଉ ବୋଲି ଚାଷମୀମାନେ ଦାବି କରିଛନ୍ତି।



ଜିଲାପାଳଙ୍କୁ ଚାଷୀମାନେ ଦାବିପତ୍ର ଦେବା ପାଇଁ ଆସିଛନ୍ତି।

## ସିଦ୍ଧାର୍ଥ ଜୁନିୟର କଲେଜରେ ଭୋଟର ସଚେତନତା ରାଲି

ବିନିକା,(ରାମ ଗୋପାଳ ବାଘ): ସୁବର୍ଣ୍ଣପୁର ଜିଲା ବିନିକାର ସିଦ୍ଧାର୍ଥ ଜୁନିୟର କଲେଜ ତରଫରୁ ଅଧକ୍ଷା ରେଖା ପଧାନଙ୍କ ନେତୃତ୍ୱରେ ବୁଧବାର ଭୋଟର ସଚେତନତା ରାଲି ହୋଇଯାଇଛି। ରାଲିରେ କଲେଜର ଛାତ୍ରୀଛାତ୍ର ଓ ବ୍ଲକର ସମସ୍ତ ବିଏଲଓ ସାମିଲ ହୋଇଥିଲେ। ସେମାନେ ପ୍ରଥମେ କଲେଜ ପରିସରରୁ ବାହାରି ସହର ପରିକ୍ରମା କରିଥିଲେ। ଏହି ଅବସରରେ ଭୋଟରଙ୍କୁ ସଚେତନ କରିବା ପାଇଁ ବିଭିନ୍ନ ସ୍ଲୋଗାନ ଦେଇଥିଲେ।

## ସଂକ୍ଷେପରେ

### ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ

ବିନିକା,୧୫।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଟାଉନହଲଠାରେ ବୁଧବାର ବିନିକା ବ୍ଲକ ଆଦିବାସୀ ସଂଘର ସଭାପତି ବିରଞ୍ଚି କୁଅଁରଙ୍କ ସଭାପତିତ୍ୱରେ ଶହୀଦ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ସଭାପତି ଯୋଗୀନ୍ଦ୍ର ଭୋଇ ଓ ମୁଖ୍ୟବକ୍ତା ଭାବେ ଅବଧୁତ ଆଡବାଙ୍କ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆଦିବାସୀ ନେତା ଦଇତାରୀ ଭୁଏ, ଭାଗରଥୀ ମରପାଚି, ବେଦ୍ୟନାଥ ଭୁଏ, ନରସିଂହ ଭୁଏ, ପ୍ରସନ୍ନ କୁଅଁର, ମିତ୍ରଭାନୁ ଭୁଏ, ରାମ ଗୋପାଳ ବାଘ ପ୍ରମୁଖ ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ନଗର ସଭାପତି କରଞ୍ଜିତ ଭୋଇ ମଞ୍ଚ ପରିଚାଳନା କରିଥିବା ବେଳେ ସୁଶାନ୍ତ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ମହିଳା ପୁରୁଷ ଯୋଗ ଦେଇଥିଲେ। ରାଜୁ ଭୁଏ, ଅନିରୁଦ୍ଧ ଡାଙ୍ଗ, ପ୍ରମୋଦ ଲବଣିଆ ପ୍ରମୁଖ ସହଯୋଗ କରିଥିଲେ।

### ଦକ୍ଷତା ବୃଦ୍ଧି ତାଲିମ ଶିବିର

ବିନିକା,୧୫।୧୧(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି କମ୍ୟୁନିଟି ସେଣ୍ଟରଠାରେ ବୁଧବାର ନଗରପାଳ ସୁବାଷ ଚନ୍ଦ୍ର ଭୁଏଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳ ବସ୍ତି ବାସିନ୍ଦା ସଂଘର ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଏକଜକ୍ୟୁଟିଭ ଅଫିସର ସତ୍ୟ ନାରାୟଣ ପଧାନ, ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷା ତପସ୍ୱିନୀ ମେହେର, କାଉନସିଲର ବିଜୟ ନାରାୟଣ ବରାଇ, ସିଏମଏମ ଉମାକାନ୍ତ ସିଂ ଯୋଗଦେଇ ବସ୍ତି ବାସିନ୍ଦା କର୍ମକର୍ତ୍ତାମାନଙ୍କୁ ଦକ୍ଷତା ବୃଦ୍ଧି ତାଲିମ ପ୍ରଦାନ କରିଥିଲେ। କର୍ମଚାରୀ ନେତା ମୋହନ ମହାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ୬୩ ୟୁନିଟ ରକ୍ତ ସଂଗ୍ରହ

ଡୁଙ୍ଗୁରିପାଲି,୧୫।୧୧ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବଡନୂଆଁପାଲି ସରକାରୀ ଉନ୍ନୀତ ବିଦ୍ୟାଳୟରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବଡନୂଆଁପାଲି ହେଲପ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବଡ ନୁଆଁପାଲି ପ୍ରଧାନଶିକ୍ଷକ ସୁରଥ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ। ଶିବିରରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ସଂଗ୍ରହରେ ଭୀମସାରର ଡା. ଅକ୍ଷୟ କୁମାର , ଲାଲୁ ବିଶାଲ, କରୁଣା କର ସାହୁ, ଜନକ ବେହେରା, ଗଣେଶ ପଧାନ ନିୟୋଜିତ ଥିଲେ। ଏହାଛଡା ଶିବିରରେ ମାଗଣା ଚକ୍ଷୁ ପରୀକ୍ଷା, ମଧୁମେହ, ରକ୍ତଚାପ ପରୀକ୍ଷା, ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ଦ୍ୱାରା ହୋଇଥିଲା। କାର୍ଯ୍ୟକ୍ରମରେ ବଡନୂଆଁପାଲି ହେଲପ ଫାଉଣ୍ଡେଶନର ସମ୍ପାଦକ ସୁରେନ୍ଦ୍ର ସା, ଉପ ସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବିରେନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

# ମୁକୁଳାପଡ଼ିଛି ଶତାଧିକ ବୋର୍‌ୱେଲ

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

- ଓଏଲଆଇସି ଏମ୍‌ଡିଙ୍କ ତାଗିଦ କୌଣସି ପ୍ରକଳ୍ପ ମୁକୁଳା ନ ରହୁ
- କ୍ଷେତ୍ରୀୟ ଅନୁଧାନ କରିବେ ବିଭାଗୀୟ ଇଞ୍ଜିନିୟର
- ନିର୍ବାହୀ ଯନ୍ତ୍ରୀ ୭ ଦିନ ଭିତରେ ଲିଖିତ ଭାବେ ଜଣାଇବେ
- ଦୁଃଖୀଙ୍କ ମୃତ୍ୟୁ ପରେ ସରକାର ତତ୍ପର

ସୁବର୍ଣ୍ଣପୁର ଜିଲା ସୋନପୁର ବ୍ଲକ ମୟୂରଉଡାନ ପଞ୍ଚାୟତର କଇଁଫୁଲ ଗାଁରେ ଏକ ଡିପ୍ ବୋରୱେଲରେ ପଡି ଦୁଃଖୀ ନେଗୀ(୭୨) ନାମ୍ନୀ ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା। ଓଡିଶା ଉଠା ଜଳସେଚନ ନିଗମ(ଓଏଲଆଇସି) ପକ୍ଷରୁ ୧୦ ବର୍ଷ ପୂର୍ବରୁ ଏହି ଗଭୀର ନଳକୂପ ଖୋଳା ଯାଇଥିଲା। ତେବେ ନଳକୂପଟି ଶୁଷ୍କ ପଡିବାରୁ ଠିକା ସଂସ୍ଥା ଉକ୍ତ ଗାତକୁ ବାଲି ଫିଲିଂ ନ କରି ସେମିତି ଛାଡି ଦେଇଥିଲା। ବର୍ଷାରେ ଧୋଇ ହୋଇ ଗାତର ଉପରି ଭାଗ କ୍ରମଶଃ ଓସାରିଆ ହୋଇ ଯାଇଥିଲା। ଫଳରେ ଘାସରେ ଭର୍ତ୍ତି ହୋଇଥିବା ଉକ୍ତ ଗାତରେ ପଡି ବୃଦ୍ଧା ଦୁଃଖୀଙ୍କ ଜୀବନ ଗଲା ବୋଲି ଅଭିଯୋଗ ହୋଇଛି। ଏହି ଘଟଣା ପରେ ରାଜ୍ୟ ସରକାର ତତ୍ପର ହୋଇଛନ୍ତି। ଓଏଲଆଇସି ପକ୍ଷରୁ ରାଜ୍ୟରେ ଖୋଳା ଯାଇଥିବା ସମସ୍ତ ଡିପ୍ ବୋରୱେଲ ଓ ସାଲୋ ଟ୍ୟୁବ୍‌ୱେଲର ସ୍ଥିତି ଜାଣିବା ପାଇଁ ତତ୍ପରତା ପ୍ରକାଶ ପାଇଛି।

ଓଡିଶା ଉଠା ଜଳସେଚନ ନିଗମର ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଏହି ପ୍ରସଙ୍ଗରେ ବୁଧବାର ନିଗମର ସମସ୍ତ ଅଧୀକ୍ଷଣ ଯନ୍ତ୍ରୀ, ନିର୍ବାହୀ ଯନ୍ତ୍ରୀ ଓ ଠିକାସଂସ୍ଥାର ପ୍ରତିନିଧିଙ୍କ ସହିତ ଭିଡିଓ କନ୍‌ଫରେନ୍ସିଂ ଯୋଗେ ଆଲୋଚନା କରିଥିଲେ। ଏଭଳି ଦୁର୍ଭାଗ୍ୟଜନକ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ସତର୍କ ରହିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ବୁଧବାରଠାରୁ ରାଜ୍ୟର ସମସ୍ତ ପୁରାତନ ଓ ନୂତନ ଡିପ୍ ବୋରୱେଲ, ସାଲୋ ଟ୍ୟୁବ୍ ୱେଲର ସ୍ଥିତି ଜାଣିବା ପାଇଁ ଓଏଲଆଇସିର ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀମାନେ ପ୍ରକଳ୍ପ ଅଞ୍ଚଳ ବୁଲିବେ। ଅସଫଳ ପ୍ରକଳ୍ପଗୁଡିକ ମୁକୁଳା ପଡିଥିଲେ ନିଗମ ପକ୍ଷରୁ ସେଗୁଡିକୁ ତୁରନ୍ତ ପୋତାଯିବ। ସେହିପରି ଯେଉଁ ପ୍ରକଳ୍ପଗୁଡିକରେ ବିଦ୍ୟୁତ୍ ସଂଯୋଗ ହୋଇନି ସେଗୁଡିକୁ ଚିହ୍ନଟ କରାଯାଇ କେସିଂ ପାଇପ୍‌ରେ କ୍ୟାପିଂ କରାଯିବାକୁ ଏମ୍‌ଡି ସାମଲ ନିର୍ବାହୀ ଯନ୍ତ୍ରୀ ଓ ଠିକା ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ୩୦ ଜିଲାରେ ୭ ଦିନ ଭିତରେ ଏହି କାମ ସାରିବାକୁ କୁହାଯାଇଛି। ନିଜ ଅଞ୍ଚଳରେ କୌଣସି ଡିପ୍ ବୋରୱେଲ ଓ ସେଲୋ ଟ୍ୟୁବ୍ ୱେଲ ମୁକୁଳା ପଡିନାହିଁ, ସେଗୁଡିକ ଆବଦ୍ଧ କରାଯାଇଛି ବୋଲି ନିଗମର ନିର୍ବାହୀ ଯନ୍ତ୍ରୀମାନେ ଲିଖିତ ଭାବେ ଜଣାଇବାକୁ ଏମ୍‌ଡି ସାମଲ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷେ ଏଭଳି ଦୁଃଖଦ ଘଟଣା ପରେ ବୁଧବାର ସୁବର୍ଣ୍ଣପୁର ଜିଲାର କେତେକ ଗ୍ରାମରେ ସ୍ଥିତି ଅନୁଧାନ



ସୋନପୁର ବ୍ଲକ କସୁରପାଲି ଗାଁରେ ମୁକୁଳା ପଡ଼ିଥିବା ଡିପ୍ ବୋରୱେଲ।

କରାଯାଇଥିଲା। ଖୋଳା ଯାଇଥିବା ପୁରାତନ ଓ ନୂତନ ଡିପ୍ ବୋରୱେଲଗୁଡିକ ସେମିତି ମୁକୁଳା ପଡିଥିବା ଦେଖିବାକୁ ମିଳିଥିଲା। ଅସଫଳ ପ୍ରକଳ୍ପଗୁଡିକୁ ଠିକାସଂସ୍ଥା ନ ପୋତି ସେମିତି ଛାଡି ଦେଇଛନ୍ତି। ବିଭାଗୀୟ ଇଞ୍ଜିନିୟରମାନେ ଏ ଦିଗରେ ଯତ୍ନବାନ ନୁହନ୍ତି। ସେହିପରି ନୂତନ ଭାବେ ଖୋଳା ଯାଇଥିବା ବୋରୱେଲଗୁଡିକରେ ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସେଗୁଡିକ କାର୍ଯ୍ୟକ୍ଷମ ହୋଇପାରୁନି। ଦୀର୍ଘ ମାସ ଧରି କେସିଂ ପାଇପ୍‌ରେ କ୍ୟାପିଂ କରାଯାଇନି। ଗଭୀର ନଳକୂପର ପାଇପ୍‌ଗୁଡିକ ମୁକୁଳା ପଡିଛି। ମୃତ ବୃଦ୍ଧାଙ୍କ ଝିଅ ଜ୍ୱାଇଁଙ୍କ ଗାଁ ମଲ୍ଲିକମୁଣ୍ଡା ପଞ୍ଚାୟତର କସୁରପାଲିରେ ଏଭଳି ସ୍ଥିତି ଦେଖିବାକୁ ମିଳିଥିଲା। ଏକାଧିକ ଡିପ୍ ବୋରୱେଲର କେସିଂ ପାଇପ୍ ମୁକୁଳା ପଡିଛି। ସରକାରୀ ତଥ୍ୟ ଅନୁଯାୟୀ ସୁବର୍ଣ୍ଣପୁର ଜିଲାରେ ୨୦୧୪-୧୫ ମସିହା ପୂର୍ବରୁ ୨୬୦୧ଟି ସଚଳ ପ୍ରକଳ୍ପ ରହିଛି। ସେହିପରି ୨୦୧୫-୧୬ ମସିହା ପରେ ୮୪୦ଟି ବୋରୱେଲ ଖୋଳାଯାଇଛି। ସେଥିମଧ୍ୟରୁ ୫୨୩ଟି ପ୍ରକଳ୍ପ ସଚଳ ଥିବା ବେଳେ ୩୧୭ଟି ଅଚଳ ହୋଇପଡିଛି। ଚଳିତବର୍ଷ ପୁଣି ୨୩୦୦ଟି ନୂଆ ବୋରୱେଲ ଖୋଳିବା ପାଇଁ ଟେଣ୍ଡର ପରେ କାର୍ଯ୍ୟ ଚାଲୁ ରହିଛି। ତେବେ କେତୋଟି ବୋରୱେଲ ମୁକୁଳା ପଡିଛି ସେ ସମ୍ପର୍କରେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁନାହାନ୍ତି। ଏ ସମ୍ପର୍କରେ ସୁବର୍ଣ୍ଣପୁର ଉଠା ଜଳସେଚନ ନିଗମର ନିର୍ବାହୀ ଯନ୍ତ୍ରୀ ଇଂ ପ୍ରଫୁଲ୍ଲ କୁମାର ବେହେରା କୁହନ୍ତି ସମସ୍ତ ପୁରାତନ ଓ ନୂତନ ପ୍ରକଳ୍ପଗୁଡିକୁ ଅନୁଧାନ କରାଯିବ। ଅସଫଳ ପ୍ରକଳ୍ପଗୁଡିକ ମୁକୁଳା ପଡିଥିଲେ ସେଗୁଡିକୁ ତୁରନ୍ତ ପୋତାଯିବ। ସଫଳ ପ୍ରକଳ୍ପଗୁଡିକ ମୁକୁଳା ପଡିଥିଲେ କେସିଂ ପାଇପ୍‌ଗୁଡିକୁ କ୍ୟାପିଂ କରାଯିବ ବୋଲି କହିଛନ୍ତି। କଇଁଫୁଲ ଘଟଣାରେ ପ୍ରକଳ୍ପଟି ଅସଫଳ ହୋଇଥିଲା। ଠିକାସଂସ୍ଥା ପକ୍ଷରୁ ତାହା ପୋତା ଯାଇଥିଲା। ତେବେ ବର୍ଷାରେ ମାଟି ଦବି ଯିବାରୁ ୨୦ ଫୁଟ ଗାତ ସୃଷ୍ଟି ହୋଇଥିବା ଇଂ ବେହେରା ସ୍ୱୀକାର କରିଛନ୍ତି।

ସୂଚନାଯୋଗ୍ୟ, ମୁକୁଳା ବୋରୱେଲରେ ପଡି ମୃତ୍ୟୁବରଣ କରିଥିବା ଦୁଃଖୀଙ୍କ ଘର ସୋନପୁର ବ୍ଲକ ଖଲିଆପାଲି ପଞ୍ଚାୟତର ଗୋବିନ୍ଦପୁର ଗାଁରେ। ସେ ଝିଅ ଘରକୁ ବୁଲି ଆସିଥିବା ବେଳେ ଏଭଳି ଅଘଟଣ ଘଟିଥିଲା।ଏହି ଘଟଣାରେ ସୋନପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ୩୩୬ ଏସ୍‌ଏଚ୍‌ଜିକୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ

ଅମରପାଲି,୧୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଜାତୀୟକରଣ ବ୍ୟାଙ୍କ ଦ୍ୱାରା ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣମଣ୍ଡପଠାରେ ଆୟୋଜିତ ଏହି ଋଣ ମେଳାରେ ଲିଡ଼ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୭ ଗୋଟି ଜାତୀୟକରଣ ବ୍ୟାଙ୍କ ଯୋଗଦେଇ ୩୩୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୦ କୋଟି ୧୩ ଲକ୍ଷ ୪୫ ହଜାର ଟଙ୍କାର ଋଣ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ମିଶନ ଶକ୍ତି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ସୁବର୍ଣ୍ଣପୁର ଜିଲା ଲିଡ଼ବ୍ୟାଙ୍କର ମ୍ୟାନେଜର ବି କାମରାଜ ଦୋରା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଉପାଧ୍ୟକ୍ଷ ନାରାୟଣ ଲୁହା, ଡିପିଏମ ଫ୍ରାନସିସ ବାର୍ଲା, ଡିପିସି ବିଶ୍ୱଜିତ ପରିଡା, ସିଡିପିଓ ଜୋତ୍ସ୍ନାରାଣୀ ପଣ୍ଡା ଯୋଗ ଦେଇଥିଲେ। ଓଡିଶା ଜୀବିକା ମିଶନର ବ୍ଲକ ଅଧିକାରୀ ମନୋଜ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଏଲସି ରମାକାନ୍ତ ହରିପାଲ, ଏସଡିସି ରଞ୍ଜିତ ଖମାରି, ବିଥିକାରାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଶାନ୍ତନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ‘ଦେଉଳଝରୀର ବିକାଶ ପାଇଁ ନିଆଯିବ ପଦକ୍ଷେପ’



ଦେଉଳଝରି ମହୋତ୍ସବରେ ଅତିଥିଙ୍କ ସହ ନୃତ୍ୟଶିଳ୍ପୀ।

ଅମରପାଲି,୧୫।୧୧(ପୀତାମ୍ବର ସାହୁ)

**ପ୍ରଥମ ସୁବର୍ଣ୍ଣ-ସମ୍ବଲ ଦେଉଳଝରୀ ମହୋତ୍ସବ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର-ରେଢାଖୋଲ ସୀମାବର୍ତ୍ତୀ କୁନ୍ଦପାଲ ନିକଟରେ ଥିବା ଦେଉଳଝରି ପାହାଡରେ ପ୍ରଥମ ସୁବର୍ଣ୍ଣ-ସମ୍ବଲ ଦେଉଳଝରୀ ମହୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶାଶ୍ୱତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପ୍ରଥମ ପର୍ଯ୍ୟାୟରେ ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ଜୋନ -୧ ଜିଲା ପରିଷଦ ସଦସ୍ୟ ଲବ କୁମାର ସାହୁ, ଆମ୍ବା ଅଧ୍ୟକ୍ଷ ବିବସତି ପଣ୍ଡା, ଚମ୍ପାମାଳ ସମିତିସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଏବଂ ରେଢାଖୋଲ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ବୀରମହାରାଜପୁର ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜିତ ରଥ, ଭରତାପୁରର ସମିତିସଭ୍ୟ ଦିବାକର ପ୍ରଧାନ, କିଶୋର ହୋତା, ସରପଞ୍ଚ ପ୍ରତିନିଧି ଶରତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ବିଧାୟକ ନିଜ ବକ୍ତବ୍ୟରେ ଦେଉଳଝରିର ମନୋରମ ପରିବେଶରେ ଆୟୋଜିତ ପ୍ରଥମ ମହୋତ୍ସବକୁ ପ୍ରଶଂସା କରିଥିଲେ। ଏହାସହିତ ଦେଉଳଝରିର ବିକାଶ ପାଇଁ ପଦକ୍ଷେପ ନିଆଯିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ସଂସ୍କୃତି ଗବେଷକ ଆଖୋଜ ଷାଣ୍ଢ ,ଭାଗିରଥି ମିଶ୍ର, କଣ୍ଠଶିଳ୍ପୀ ଚୁମକି ପାଢ଼ୀ,ପ୍ରଦୀପ ବାରିକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରେ ସୁରେଶରୀ ଓ ସମଲେଇ ଭଜନରୁ ଆରମ୍ଭ ହେଇଥିଲା ସାଂସ୍କୃତିକ କାର୍ଯ୍ୟକ୍ରମ। ସୁବର୍ଣ୍ଣପୁରର ରୁମକୁଝୁମନା ସାଂସ୍କୃତିକ ଦଳ ତରଫରୁ ସମ୍ବଲପୁରୀ, ଡାଲଖାଇ, ରସରକେଲି ଆଦି ନୃତ୍ୟଗୀତ ପରିବେଷଣ ହୋଇଥିଲା। ଏହାବ୍ୟତୀତ କର୍ତ୍ତଙ୍ଗ ର ମହିଳା ସଙ୍କୀର୍ତ୍ତନ ଦଳ, ଗରିଆମାଲର ଦିବ୍ୟାଙ୍ଗ ମନଭଙ୍ଗୀ ଭୋଇଙ୍କ ଦ୍ୱାରା ସୁନ୍ଦରାକାଣ୍ଡ ପରାୟଣ ଗାନ କରାଯାଇଥିଲା। ଏହାସହିତ ବାଉଁଶୁଣୀ (ବିନିକା) ର ମହିଳା ସଙ୍କୀର୍ତ୍ତନ ଆଦି ପରିବେଷଣ କରାଯାଇଥିଲା। ଶେଷରେ ଦୁଃଖୀଶ୍ୟାମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦେଉଳଝରିର ମଠର ମହନ୍ତ ମନୋହର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଅଞ୍ଚଳର ଦର୍ଶକ ମନଭରି ଉପଭୋଗ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଜିତ ପୁରୋହିତ, ଆନନ୍ଦ ପ୍ରଧାନ, ଶାନ୍ତନୁ ପ୍ରଧାନ, ଶ୍ରବଣ ନନ୍ଦ, ଝାଣ୍ଟୁ ଘିବିଲା, ଲାଲ ବିହାରୀ ପ୍ରମୁଖ ସହଯୋଗ କରିଥିଲେ।

## ଘଣ୍ଟାପଡା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ଘଣ୍ଟାପଡ଼ା,୧୫।୧୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଆଞ୍ଚଳିକ ଗ୍ରାମ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଦସ୍ୟ ପ୍ରଭାତ କୁମାର ସାହୁ, କଲେଜ ଅଧ୍ୟକ୍ଷ ଗିରିଧର ଦେହୁରୀ ଓ ସାମାଜିକ କର୍ମୀ ଅଜୟ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରକୁ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ। ପ୍ରଥମଥର ପାଇଁ କଲେଜର ଛାତ୍ରୀଛାତ୍ରଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ମୋଟ ୫୦ ଜଣ ଛାତ୍ରୀଛାତ୍ର ରକ୍ତଦାନ କରି ବୌଦ୍ଧ ଜିଲାରେ କଲେଜ ସ୍ତରରେ ଉଦାହରଣ ସୃଷ୍ଟି କରିଛନ୍ତି। ପରେ ରକ୍ତଦାନ ଜୀବନ ଦାନ ବିଷୟବସ୍ତୁକୁ ନେଇ ଏକ ସଚେତନତା ସଭା କଲେଜ ପରିଚାଳନା କମିଟି ସଭାପତି କାର୍ତ୍ତିକେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସୁମିତ୍ରା ସାହୁ, ଦିବ୍ୟଶଙ୍କର ରାଉତ, ଫିରିଙ୍ଗିଆ ବ୍ଲକ ଉପାଧ୍ୟକ୍ଷ ଅଜିତ କୁମାର ସାହୁ, ଶ୍ରୀକାନ୍ତ ମିଶ୍ର, ଶିକ୍ଷାବିତ ନୀଳାଞ୍ଚଳ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ତ୍ୱ ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। କଲେଜ ଅଧ୍ୟକ୍ଷ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୁର୍ଲା ଡାକ୍ତରଖାନାରୁ ଆସିଥିବା ଟେକନିସିଆନ ଟିମ୍ ଓ ଡାକ୍ତର ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ସକାଳ ୧୦ଟା ଠାରୁ ଅପରାହ୍ଣ ୨ଟା ସମୟ ମଧ୍ୟରେ ମୋଟ ୬୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ଅମଳ ପରବର୍ତ୍ତୀ ଯତ୍ନ, ପରିଚାଳନା ସମ୍ପର୍କରେ ଆଲୋଚନା



ଉଦ୍ୟାନ କୃଷି ସମ୍ପର୍କିତ କୃଷକ କର୍ମଶାଳାରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୋନପୁର,୧୫।୧୧(ମୃତ୍ୟୁଞ୍ଜୟ ଶତପଥୀ)

ଉଦ୍ୟାନ କୃଷି ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଏକ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସୋନପୁର ସହକାରୀ ଉଦ୍ୟାନ କୃଷି ଅଧିକାରୀଙ୍କ ପକ୍ଷରୁ ସୋନପୁର ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ ସହଯୋଗରେ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର ସମ୍ମିଳନୀ କକ୍ଷରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏଥିରେ ସୋନପୁର ବ୍ଲକର ଶତାଧିକ ମହିଳା ଓ ପୁରୁଷ ଚାଷୀ ଯୋଗ ଦେଇଥିଲେ। ବିଭିନ୍ନ ଖାଦ୍ୟ ଶସ୍ୟ ଓ ପନିପରିବାର ଅମଳ ପରବର୍ତ୍ତୀ ଯତ୍ନ ଏବଂ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ଫୁଲ, ମସଲା ଓ ଛତୁ ଚାଷ ପାଇଁ କୃଷକଙ୍କ ଦକ୍ଷତା ବିକାଶ ସକାଶେ ଏହି କର୍ମଶାଳାରେ ବିଶେଷ ଆଲୋଚନା ହୋଇଥିଲା। ଜିଲା ପରିଷଦ ସଦସ୍ୟ ମଧୁସୂଦନ ଓତା ମୁଖ୍ୟଅତିଥି ଭାବେ ଯୋଗଦାନ କରି କହିଥିଲେ, ଛତୁ, ଫୁଲ ଓ ମସଲା ଚାଷ ଏକ ଲାଭଜନକ ବ୍ୟବସାୟ। ଏହାର ଚାହିଦା ସବୁ ସମୟରେ ରହିଛି। ଚାଷୀମାନେ ନିଜର ଦକ୍ଷତା ବୃଦ୍ଧି କରିବା ସହ ଅଧିକରୁ ଅଧିକ ଲାଭ ପାଇବା ପାଇଁ ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଥିଲେ। ସୋନପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତ୍ରିନାଥ ଖଣ୍ଡାୟତରାୟ ଯୋଗଦାନ କରି ସୁବର୍ଣ୍ଣପୁର ଜିଲା କୃଷି ଓ ଆନୁସଙ୍ଗିକ କ୍ଷେତ୍ରରେ ଉନ୍ନତି କରିଛି। ଚାଷୀଙ୍କ ସମସ୍ୟାର ସମାଧାନ ଓ ପରାମର୍ଶ ପାଇଁ କେନ୍ଦ୍ରର ବୈଜ୍ଞାନିକମାନେ ସବୁବେଳେ ପ୍ରସ୍ତୁତ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସୋନପୁର କେଭିକେର ବୈଜ୍ଞାନିକ ଗୀତାଞ୍ଜଳି ପ୍ରଧାନ ଓ ଲୋପାମୁଦ୍ରା ରାୟ ଯୋଗଦେଇ ଛତୁ ଓ ଫୁଲ ଚାଷ ସମ୍ପର୍କରେ ଚଷୀମାନଙ୍କୁ ବୁଝାଇଥିଲେ। ସୋନପୁର ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ହୃଷିକେଶ ଦାସ ଏଥିରେ ଯୋଗଦେଇ ଛତୁ, ଫୁଲ ଓ ମସଲା ଚାଷ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଏବଂ ଚାଷୀ କିଭଳି ନିଜର ଆୟ ବୃଦ୍ଧି କରି ପାରିବ ସେ ସମ୍ପର୍କରେ ସୂଚନା ଦେଇଥିଲେ। ଡୁଙ୍ଗୁରିପାଲି ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ତ୍ରିଦେବ ବଘାର ଉଦ୍ୟାନ କୃଷି ସମ୍ପର୍କିତ ବିଭିନ୍ନ ଯୋଜନା ଓ ସରକାରଙ୍କ ସବ୍‌ସିଡି ବିଷୟରେ ଆଲୋଚନା କରିଥିଲେ। ସୋନପୁର ବ୍ଲକ ସହକାରୀ ଉଦ୍ୟାନ କୃଷି ଅଧିକାରୀ ଲୁସି ପ୍ରିୟଦର୍ଶନୀ ପୂଜାହାରୀ ଧନ୍ୟବାଦ ପ୍ରଦାନ କରିଥିଲେ। କମଳ କୁମାର ରାଜହଂସ, ଶରତ କୁମାର କଲତା କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ଭ୍ରଷ୍ଟାଚାର ଓ ଦୁର୍ନୀତି ଅଭିଯୋଗ ନେଇ ହରଭଙ୍ଗା ବ୍ଲକ ଘେରିଲା ଭାଜପା

ବୌଦ୍ଧ,୧୫।୧୧ (ଅଜିତ କୁମାର ବାରିକ)

ଭ୍ରଷ୍ଟାଚାର, ଦୁର୍ନୀତି ଅଭିଯୋଗ ନେଇ ବୁଧବାର ବୌଦ୍ଧ ଭାଜପା ପକ୍ଷରୁ ଜିଲାର ହରଭଙ୍ଗା ବ୍ଲକ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦଳ ପକ୍ଷରୁ ଚାରିଛକ ବଜାରର ତହସିଲ କାର୍ଯ୍ୟାଳୟ ଠାରୁ ଦଳୀୟ ନେତା ଓ କର୍ମୀ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟକୁ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ବ୍ଲକ କାର୍ଯ୍ୟାଳୟ ଆଗରେ ଏକ ସଭା ହୋଇଥିଲା। ଏଥିରେ ଜିଲା ସଭାପତି ବିପ୍ରଚରଣ ମହାନ୍ତି ସଭାପତିତ୍ୱ କରିଥିଲେ। ସଭାରେ ରାଜ୍ୟ ଭାଜପା ଉପସଭାନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର ଯୋଗଦେଇ ବିଭିନ୍ନ ବ୍ଲକରେ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି, ଅନିୟମିତତା ହୋଇଥିବା ନେଇ ଅଭିଯୋଗ କରିଥିଲେ। ବରିଷ୍ଠ ନେତା ସୁଶାନ୍ତ କୁମାର ପ୍ରଧାନ ଚାଉଳ ବଣ୍ଟନ, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତି ହେଉଥିବା ନେଇ ଅଭିଯୋଗ କରିଥିଲେ। କର୍ଣ୍ଣେଲ ଶିଶିର କୁମାର ଘୋଷ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିକ୍ଷୋଭରେ ସରୋଜ କୁମାର ପ୍ରଧାନ, ମାଗୁଣି ଗାଇଗୌରିଆ, ବିକାଶ ମହାକୁଡ, ସଞ୍ଜିତ ମଣ୍ଡଳ, ଉମେଶ ମହାନ୍ତି, ବାମନ ବାରିକ, ତପନ କୁମାର ଡାଙ୍ଗ, ଶମ୍ଭୁ ପ୍ରଧାନ, ସୁକାନ୍ତ କୁମାର ପାଣିଗ୍ରାହୀ, ସୂର୍ଯ୍ୟ ନାରାୟଣ ମହାପାତ୍ର, ସଂଗ୍ରାମ ବେହେରା,ମନୋରଞ୍ଜନ ଦାସ, ନିମିତାରାଣୀ ଦାସ, ପ୍ରେମାନନ୍ଦ ମିଶ୍ରଙ୍କ ସମେତଦଳୀୟନେତା,କର୍ମୀସାମିଲଥିଲେ।



ହରଭଙ୍ଗା ବ୍ଲକ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ରାଷ୍ଟ୍ର ନିର୍ମାଣରେ ଶିଶୁଙ୍କ ଉତ୍ତମ ଭବିଷ୍ୟତ ଜରୁରୀ

ଅମରପାଲି,୧୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଅମରପାଲି ହାଇସ୍କୁଲରେ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଏହି ଅବସରରେ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପୂର୍ବତନ ସମିତି ସଭ୍ୟ ପୀତାମ୍ବର ସାହୁ ଅତିଥି ଭାବେ ଯୋଗଦେଇ ନେହେରୁଙ୍କ ବହୁମୁଖୀ ପ୍ରତିଭା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ଶ୍ୟାମସୁନ୍ଦର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ବିତ ପ୍ରଧାନ ଓ ପଦ୍ମନାଭ ପ୍ରଧାନ ନେହେରୁଙ୍କ ଜୀବନୀ ଉପରେ ବକ୍ତବ୍ୟ ଦେବା ସହିତ ପିଲାଙ୍କୁ ଉତ୍ତମ ନାଗରିକ ହେବା ପାଇଁ ପରାମର୍ଶ ଦେଇଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଅମରପାଲି ୟୁପି ସ୍କୁଲରେ ପ୍ରଧାନଶିକ୍ଷକ ଦୁଃଖୀଶ୍ୟାମ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିଶୁ ଦିବସରେ ଶିକ୍ଷକ ପ୍ରାଣବନ୍ଧୁ ସାହୁ, ଶୁଭାଶିଷ ମିଶ୍ର, ଅମୂଲ୍ୟ ମହାରଣା,ରାଜୀବ ଦୀପ ଓ ପ୍ରଦୀପ ଜଗଦଲା ଶିଶୁ ଦିବସର ତାତ୍ପର୍ଯ୍ୟ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ରାଷ୍ଟ୍ରନିର୍ମାଣରେ ଶିଶୁଙ୍କ ଉତ୍ତମ ଭବିଷ୍ୟତ ଗଠନ ଜରୁରୀ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ସେହିପରି ବୀରମହାରାଜପୁର ବାଳକ ହାଇସ୍କୁଲରେ ପ୍ରଧାନଶିକ୍ଷକ ନିରଞ୍ଜନ ଦାସଙ୍କ ତତ୍ତ୍ୱାବଧାନରେ ଶିଶୁଦିବସ ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର ସଭାରେ ଅଧ୍ୟକ୍ଷତା କରିଥିଲେ। ସଂସ୍କୃତି ଗବେଷକ ଗଦାଧର ବାରିକ ମୁଖ୍ୟଅତିଥି ଏବଂ ଅଧ୍ୟାପକ ହିମାଂଶୁ ଶେଖର ପାଢ଼ୀ, ସିଡବ୍ଲୁସି ସଭାପତି ଶଙ୍କର୍ଷଣ ପଣ୍ଡା, ଧର୍ମୁ କୁମାର ଶତପଥୀ, ହରେକୃଷ୍ଣ ପଣ୍ଡା, ବିନୋଦ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାରାୟଣ ମହକୁର ସ୍ୱାଗତ ସଙ୍ଗୀତ ଗାନ କରିଥିବା ବେଳେ ଜ୍ୟୋତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୀରମହାରାଜପୁର ବାଳିକା ହାଇସ୍କୁଲରେ ଅନୁଷ୍ଠିତ ଶିଶୁ ଦିବସରେ ପ୍ରଧାନ ଶିକ୍ଷୟିତ୍ରୀ ଅନିତା ରାଣୀ ହୋତା ପୌରୋହିତ୍ୟ କରିଥିଲେ।



ଶିଶୁ ଦିବସ ଅବସରରେ ଅମରପାଲି ହାଇସ୍କୁଲରେ ଛାତ୍ରୀଛାତ୍ର ଓ ଶିକ୍ଷକମାନେ।

## ସଂକ୍ଷେପରେ

### ସଡ଼କ ଦୁର୍ଘଟଣାରେ ୨ ଯୁବକ ମୃତ

ବଡ଼ଗାଁ,୧୫।୧୧(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଜରଙ୍ଗଲୋଇ ଗାଁ ନିକଟ ଏକ ଢାବା ସମ୍ମୁଖରେ ବୁଧବାର ଭୋର ସମୟରେ ସଡ଼କ ଦୁର୍ଘଟଣା ଘଟି ୨ ଯୁବକଙ୍କ ଘଟଣା ସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକ ହେଲେ ଜରଙ୍ଗଲୋଇ ଗ୍ରାମର ଢାବା କର୍ମଚାରୀ କ୍ଷିରୋଦ ପୃଷେଟ (୪୫) ଓ ଗୁପଚୁପ ବିକାଳି ଗିରିଜା ଶଙ୍କର ସାହୁ ଓରଫ ସୋମବାରୁ (୪୦)। କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ପୂର୍ବାହ୍ନ ୯ରୁ ଅପରାହ୍ନ ପ୍ରାୟ ୩ଟା ପର୍ଯ୍ୟନ୍ତ ମୃତଦେହ ରଖି ରାସ୍ତା ଅବରୋଧ କରିଥିଲେ। ଅତିରିକ୍ତ ତହସିଲଦାର ରମେଶ ବୋଇତାଇ ଓ ରାଜଗାଙ୍ଗପୁର ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ଘଟଣାସ୍ଥଳକୁ ଯାଇ ଲୋକଙ୍କୁ ବୁଝାଶୁଝା କରିବା ସହିତ ମୃତ କ୍ଷିରୋଦଙ୍କ ଝିଅଙ୍କୁ ନିଯୁକ୍ତି ଓ ଗିରିଜାଶଙ୍କରଙ୍କ ସନ୍ତାନଙ୍କୁ ରୋଜଗାର ବ୍ୟବସ୍ଥା କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଭୋର ସମୟରେ ଦୁହେଁ ଢାବା ସମ୍ମୁଖ ରାସ୍ତା ପାର୍ଶ୍ୱରେ ସାଇକେଲ ରଖି ଶୌଚ ପାଇଁ ରାସ୍ତା ପାର ହେବା ସମୟରେ ସୁନ୍ଦରଗଡ ପଟୁ ଦ୍ରୁତ ଗତିରେ ଆସୁଥିବା ନଂ ଓଡି୦୫ଭି ୬୭୨୩ କାର ତାଙ୍କୁ ଧକ୍କା ଦେଇଥିଲା। ଏଥିସହ ପାର୍ଶ୍ୱରେ ଥିବା ୨ ଟି ଟ୍ରାଫିକ ସୂଚନା ଫଳକକୁ ଧକ୍କା ଦେଇ କାର ଫେରାର ହୋଇଯାଇଥିଲା। ଜଗତଗଡଠାରେ କାରଟି ଧରାପଡ଼ିଛି।

### ହେଲ୍‌ମେଟ ଚେକିଂ, ୨୦ ହଜାର ଜରିମାନା ଆଦାୟ

କୁଆଁରମୁଣ୍ଡା,୧୫।୧୧(ମହେନ୍ଦ୍ର କୁମାର ସାହୁ): ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ମଙ୍ଗଳବାର ରାତି ୯ଟାରେ ଫାଣ୍ଡି ସମ୍ମୁଖ ୧୪୩ ନମ୍ବର ଜାତୀୟ ରାଜପଥରେ ହେଲମେଟ ଓ ମଦ୍ୟପାନ ଚେକିଂ କରାଯାଇଥିଲା। ଏହି ସମୟରେ ୧୮ଜଣ ବାଇକ୍ ଆରୋହୀ ବିନା ହେଲମେଟରେ ବାଇକ୍ ଚଳାଉଥିବା ବେଳେ ପୋଲିସ ହାତରେ ଧରାପଡ଼ି ଜରିମାନା ଦେଇଛନ୍ତି। ସର୍ବମୋଟ ୨୦ ହଜାରେ ଟଙ୍କା ଜରିମାନା ଆଦାୟ ହୋଇଛି ବୋଲି ଫାଣ୍ଡି ଅଧିକାରୀ ଅଭୟ ମହାପାତ୍ର ସୂଚନା ଦେଇଛନ୍ତି। ଏହାସହ ୨ ଜଣ ବାଇକ୍ ଆରୋହୀ ମଦ୍ୟପାନ କରି ବାଇକ୍ ଚଳାଉଥିବା ବେଳେ ପୋଲିସ ଚେକିଂ କରି ଉକ୍ତ ୨ ବାଇକକୁ ଜବତ କରି ଫାଣ୍ଡିରେ ରଖିଛି ବୋଲି ଜଣାପଡିଛି।

### ରାଜାମୁଣ୍ଡାଠାରେ ସାର୍ବଜନୀନ କାଳୀପୂଜା



ଲହୁଣୀପଡ଼ା,୧୫।୧୧(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡାରେ ସାର୍ବଜନୀନ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକର ସାଜସଜ୍ଜା ହୋଇଥିବା ବେଳେ ଶ୍ରଦ୍ଧାଳୁଙ୍କୁ ବେଶ ଆକର୍ଷିତ କରିଥିବା ଜଣାପଡିଛି। କମିଟି ପକ୍ଷରୁ ରାଜମୁଣ୍ଡା ସାପ୍ତାହିକ ହାଟ ପଡ଼ିଆଠାରେ ମିନା ବଜାରଠାରୁ ଆରମ୍ଭ କରି ବିଭିନ୍ନ ଦୋଳି, ଅନ୍ୟାନ୍ୟ ଦୋକାନ ବଜାର ସହିତ ମନୋରଞ୍ଜନ ପାଇଁ ଯାତ୍ରାପାଟି ପଡିଛି। ୧୨ ତାରିଖରେ ଘଟ ସ୍ଥାପନ ଓ ଅଧିବାସ ପୂଜାର୍ଚ୍ଚନା ହୋଇଥିବା ବେଳେ ୧୩ ରାତିରେ ସନ୍ଧିପୂଜା, ୧୪ ହୋମଯଜ୍ଞ ଓ ପୂର୍ଣ୍ଣାହୁତ, ୧୫ରେ ଅପରାଜିତା ଓ ବିସର୍ଜନ ପୂଜା ହୋଇଥିଲା। ଚଳିତ ବର୍ଷ ଅକ୍ଷୟ କୁମାର ପଣ୍ଡା କର୍ତ୍ତା ଦାୟିତ୍ୱ ତୁଲାଉଥିବା ବେଳେ ପଣ୍ଡିତ ମୀରା ଶଙ୍କର ମିଶ୍ର ପୂଜାର୍ଚ୍ଚନା କରିଥିଲେ। ପୂଜା ଦେଖିବା ପାଇଁ ଓ ମେଳା ବୁଲିବା ପାଇଁ ପ୍ରତ୍ୟେକ ଦିନ ସନ୍ଧ୍ୟାରେଲୋକଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। କମିଟି ସଭାପତି ସାଧନ ଧଳ, ସମ୍ପାଦକ ଯୁଗଳ କିଶୋର ସାହୁ, କୋଷାଧକ୍ଷ ବଳରାମ ତ୍ରିପାଠୀଙ୍କ ସମେତ ମିଥୁନ ପଣ୍ଡା, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଆଶିଷ ତ୍ରିପାଠୀ, ବାସୁଦେବ ସାହୁ, ଅଜୟ ପଣ୍ଡା, ରାଜେଶ ମାହାନ୍ତ, ତୁଷାର କାନ୍ତ ଭୋଇ, ଦିଲୀପ ରାୟ, ପ୍ରକାଶ କୁମାର ପ୍ରଧାନ ପ୍ରମୁଖ କମିଟି କର୍ମକର୍ତ୍ତାଙ୍କ ତତ୍ତ୍ୱାବଧାନରେ ପୂଜା ପରିଚାଳିତ ହେଉଛି।

# ବିର୍ସା ମୁଣ୍ଡାଙ୍କ ବଳିଦାନ ଅତୁଳନୀୟ



ସୁନ୍ଦରଗଡ଼ ସଂସ୍କୃତି ଭବନଠାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।




କୋଇଡା ବସ୍‌ଷ୍ଟାଣ୍ଡରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ମଞ୍ଚାସୀନ ଅତିଥି ବୃନ୍ଦ।

ସୁନ୍ଦରଗଡ,୧୫।୧୧(ଜୟ ନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ ଜିଲା ସଂସ୍କୃତି ଭବନଠାରେ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। କମିଟି ସଭାପତି ପଞ୍ଚା ବାର୍ଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରାଧକ୍ଷା ତନୟା ମିଶ୍ର, ପୌର ନିର୍ବାହୀ ଅଧିକାରୀ ବିକାଶ ମୁଣ୍ଡାରୀ, ଉପାଧ୍ୟକ୍ଷ ଲଲାଟେନ୍ଦୁ ପରିଡା, ଜିଲା ସୂଚନା ଏବଂ ଲୋକ ସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସମ୍ପାଦକ ସୁଖଲାଲ ମୁଣ୍ଡା,ସୋମନାଥ ମୁଣ୍ଡା,ଲକ୍ଷ୍ମୀ କେରକେଟା, ବିଜୟ ମୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାରମ୍ଭରେ ହସ୍ପିଟାଲ ଛକରୁ ସଂସ୍କୃତି ଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ବହାରିଥିଲା।

**ଟେନ୍‌ସା (ସମୀର କୁମାର ପାଢୀ):** କୋଇଡା ବସଷ୍ଟାଣ୍ଡରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିର୍ସା ମୁଣ୍ଡାଙ୍କ ଆଦିବାସୀ ସଂଘ ପକ୍ଷରୁ ଅନୁଷ୍ଠିତ ସମାବେଶରେ ମୁଖ୍ୟ ଅତିଥିଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ସମ୍ମାନିତ ଅତିଥି କୋଇଡା ଜିଲାପରିଷଦ 'କ' ଶୁଶିଳା ମୁଣ୍ଡା, ସିଆଇଟିୟୁର ରାଜ୍ୟ ସମ୍ପାଦକ ପ୍ରଭାତ କୁମାର ପଣ୍ଡା, ଡେଙ୍ଗୁଲା ସରପଞ୍ଚ ବାବୁଲି ମୁଣ୍ଡା, ସମୀର କୁମାର ପାଢୀ, ସାମାଜିକ କର୍ମୀ ଚନ୍ଦ୍ରମଣି ନାଏକ, ସୁଦର୍ଶନ ପାତ୍ର, ତ୍ରିଲୋଚନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଦିବାସୀ ନୃତ୍ୟ ପରିବେଷଣ କରାଯାଇ ଅତିଥିଙ୍କୁ ସ୍ୱାଗତ କରାଯାଇଥିଲା। ଅତିଥିମାନେ ପ୍ରଥମେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆଦିବାସୀ ସଂଘ ସଭାପତି ଜନ ଡୁଙ୍ଗଡୁଙ୍ଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ବିର୍ସା ମୁଣ୍ଡା ଅମର ରହେ ସ୍ଲୋଗାନ ଦେଇଥିଲେ। ଆଦିବାସୀଙ୍କ ସୁରକ୍ଷା ନିମନ୍ତେ ଇଂରେଜଙ୍କ ବିରୋଧରେ ନିଜ ଜୀବନକୁ ବାଜି ଲଗାଇ ଦେଇଥିଲେ। ଦେଶର ସ୍ୱାଧୀନତା ପାଇଁ ଜେଲ ମଧ୍ୟରେ କିପରି ସ୍ଲୋପଏଜନ ଦେଇ ଇଂରେଜମାନେ ମାରି ଦେଇଥିଲେ ଏବଂ ତାଙ୍କର ଜୀବନୀ ଉପରେ ଅତିଥିମାନେ ଅଭିଭାଷଣ ଦେଇଥିଲେ। ଆଦିବାସୀ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

**କୁତ୍ରା,(ଦେବାଶିଷ ସାହୁ):** କୁତ୍ରା ବ୍ଲକ ତେଲିଘନା ଆମ୍ବବଗିଚାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହରବିନ୍ଦ୍ର ଭୋଇ ଓ ସରପଞ୍ଚ ଭୁବନ କୁଜୁର ଯୋଗଦେଇ ବିର୍ସା ମୁଣ୍ଡାଙ୍କ ଜୀବନୀ ଓ ଗୌରବ ଗାଥା ବ୍ୟକ୍ତବ ମାଧମରେ ପ୍ରଦାନ କରିଥିଲେ। ଉକ୍ତ ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ସହ ଆଦିବାସୀ ଭଉଣୀ ଭାଇ ଓ ୪୧ଟି ଆଦିବାସୀ ସାଂସ୍କୃତିକ ନୃତ୍ୟ ଦଳ ସଂସ୍କୃତିକ ବାଦ୍ୟର ତାଳେ ତାଳେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କରିଛନ୍ତି। ଫାଉଣ୍ଡେଶନ ସଭାପତି ଅମୂଲ୍ୟ ପ୍ରତାପ ଲାକ୍ରା ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ, ପ୍ରାକୃତିକ ଚାଷର ଲାଭ ଓ ପ୍ରାକୃତିକ ଚାଷ ପଦ୍ଧତି ସମ୍ବନ୍ଧରେ ଉପସ୍ଥିତ ଭାଇ ଭଉଣୀଙ୍କୁ ବୁଝାଇଥିଲେ। ୨୦୨୩ରେ ପ୍ରାକୃତିକ ପଦ୍ଧତିରେ ଚାଷ କରିଥିବା ଉତ୍ତମ ଚାଷୀଙ୍କୁ ଓ ସମ୍ମିଳନୀରେ ଭାଗ ନେଇଥିବା ସାଂସ୍କୃତିକ ଦଳକୁ ମାନପତ୍ର ପ୍ରଦାନ କରାଯାଇଥିଲା।



ବଡ଼ଗାଁ ଡୁଡୁଙ୍ଗୁପଡା ଖେଳ ପଡିଆଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଗ୍ରାମବାସୀ ଓ ଅନ୍ୟମାନେ।

**ବଡ଼ଗାଁ (ଅଶୋକ ଷଡ଼ଙ୍ଗୀ):** ବଡ଼ଗାଁ ନିକଟ ଡୁଡୁଙ୍ଗପଡା ଖେଳ ପଡିଆଠାରେ ସାମାଜିକ ସେବା ସଦନ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପୋଲିସ ଅଧୀକ୍ଷକ ନୃପ ଚରଣ ଡନସନା, ପୂର୍ବତନ ସରପଞ୍ଚ ବିକ୍ରମ୍ ଟପ୍ପୋ, ଅବସରପ୍ରାପ୍ତ ଶିକ୍ଷକ ଇମିଲ ଏକ୍କା, ଅବସରପ୍ରାପ୍ତ ସାମରିକ କର୍ମଚାରୀ ସେନକା ଓରାମ, ଯୁବ ସଂଗଠକ ଆଲବର୍ଟ କିଣ୍ଡୋ, ସାମାଜିକ ସେବା ସଦନ ସମ୍ପାଦିକା ବେରୋନିକା ଡୁଙ୍ଗଡୁଙ୍ଗ, ଦିବ୍ୟଜ୍ୟୋତି ଆଶ୍ରମର ଫାଦର ସନ୍ଦୀପ ତିର୍କୀ, ସମିତି ମେମ୍ବର ସାରିକା କେରକେଟା, ଚିନ୍ତାମଣି ସାହୁ, କେଶବ କର୍ସେଲ୍, ପ୍ରଶାନ୍ତ ଦାସ, ରାଜେନ୍ଦ୍ର ଡୁଙ୍ଗଡୁଙ୍ଗ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ବୀର ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନ, ଇଂରେଜଙ୍କ ବିରୋଧରେ ସଶସ୍ତ୍ର ସଂଗ୍ରାମ ଓ ବଳିଦାନ ଗାଥାକୁ ମନେ ପକାଇ ଦେଶପ୍ରେମ ଓ ସମାଜ ପ୍ରତି ଅତୁଳନୀୟ ଅବଦାନର ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଧୀର କେରକେଟା ଓ ଦିଲ୍ଲୀପ ଟେଟେ ମଞ୍ଚ ପରିଚାଳନା କରିଥିବାବେଳେ କୁଳଦୀପ ଡୁଙ୍ଗଡୁଙ୍ଗ, ଶିବ ଡୁଙ୍ଗଡୁଙ୍ଗ, ନୁଆସ କେରକେଟା, ଜନ ତୀର୍କି ପ୍ରମୁଖ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ।

**ବାଲିଶଙ୍କରା (ହୃଦାନନ୍ଦ ବାରିକ):** ମାହିପାନୀ ମୁଣ୍ଡା ପଡ଼ାରେ ଆୟୋଜିତ କାର୍ଯକ୍ରମରେ ମୁଖ୍ୟ ଅତିଥିଭାବେ ମେଘନାଥ ନାଏକ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥିଭାବେ ମଧୁସୂଦନ ସା, ଫୁଲମତି ସେଠ , ପ୍ରବୀଣ ମୁଣ୍ଡା , କ୍ଷୀରୋଦ ସେଠ, ସଭାପତି ଶିବ ମୁଣ୍ଡା , ଉପସଭାପତି ସୁନୀଲ ମୁଣ୍ଡା , ଦୀପକ ମୁଣ୍ଡା , ସଚିନ ମୁଣ୍ଡା ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଭୋଳାନାଥ ମୁଣ୍ଡା ଦାୟିତ୍ୱ ତୁଲାଇଥିଲେ।

# କୁସୁମୁରା ଲ୍ୟାମ୍ପସ ଉଦ୍‌ଘାଟିତ

ବାଲିଶଙ୍କରା,୧୫।୧୧( ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକ କୁସୁମୁରା ଲ୍ୟାମ୍ପସ ଲିମିଟେଡ ଝାରମୁଣ୍ଡା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଲ୍ୟାମ୍ପସ ସଭାପତି ଦଧିବ କାଲୋଙ୍କ ତତ୍ତ୍ୱାବଧାନରେ ଉଦ୍‌ଘାଟିତ ହୋଇଥିବାବେଳେ ଲ୍ୟାମ୍ପସ ରେଜିଷ୍ଟାର ଅଫ କୋ ଅପୋରେଟିଭଙ୍କ ଦ୍ୱାରା ପଞ୍ଜିକୃତ ହୋଇଛି। ମୁଖ୍ୟ ଅତିଥିଭାବେ ଏସଏଆର୍‌ସି ପ୍ରସନ୍ନ କୁମାର ପଟେଲ ଯୋଗଦେଇ ଫିତା କାଟି ଲ୍ୟାମ୍ପସର ଉଦ୍‌ଘାଟନ କରିଥିଲେ। ନୂତନ ଲ୍ୟାମ୍ପସର କାର୍ଯ୍ୟପଦ୍ଧତି ତଥା ନୂତନ ଲ୍ୟାମ୍ପସ ସ୍ଥାପନାରେ ସରକାରଙ୍କ ଉଦ୍ଦେଶ୍ୟ ଓ ଲ୍ୟାମ୍ପସରୁ ଚାଷୀଙ୍କୁ ମିଳୁଥିବା ସୁବିଧା ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ଅତିଥିଭାବେ କିଞ୍ଜିରକେଲା ଲ୍ୟାମ୍ପସ ଏମଡି ରେଣୁ ପ୍ରସାଦ ଚୌଧୁରୀ, ଲ୍ୟାମ୍ପସ ବୋର୍ଡ ମେମ୍ବର ସଞ୍ଜୁଲତା ସିଂ, ଜଗଦୀଶ କର, ସୀତାରାମ ମିଶ୍ର, ଉପେନ୍ଦ୍ର ଭୈସାଲ, ରଜତ ତୀର୍କି, ଟଙ୍କଧର ମାଝି, ଜନ ଟେଟେ, ମିତ୍ରଭାନୁ ପଟେଲ, କୁସୁମୁରା ସରପଞ୍ଚ ଜୋହାନି ଟେଟେ, ବି. କରୁଆବାହାଲ ସରପଞ୍ଚ ସବିତା କୁଜୁର, କୁସୁମୁରା ସମିତି ମେମ୍ବର, ପିଇଓ ବିନୋଦ କୁଜୁର ପ୍ରମୁଖ ଯୋଗଦେଇ ଲ୍ୟାମ୍ପସର ବିକାଶ ସମ୍ବନ୍ଧରେ ଆଲୋକପାତ କରିଥିଲେ। ପୂର୍ବତନ ଶାଖା ପରିଚାଳକ ରବୀନ୍ଦ୍ର କୁମାର ଦାସ, କାର୍ତ୍ତିକ କେର୍କେଟା କୁସୁମୁରା ଲ୍ୟାମ୍ପସ ସଭା ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ବିଲିୟାମ କୁଲୁ, କ୍ଷିରଧର ବୁଢ଼ା, ଅଭିଷେକ ମିଶ୍ର, କମାଲ ସାଗର କୁଲୁ, ଚକ୍ରଧର ବୁଢ଼ା, ଟଙ୍କଧର ଭୈସାଲ, ଦୁଷ୍ମନ୍ତ କୌଡୀ, ଆଭ୍ରାମ ଡୁଙ୍ଗଡୁଙ୍ଗ, ସରୋଜିନୀଙ୍କ ସହ ୩ ଶହ ଚାଷୀ ଯୋଗଦେଇଥିଲେ। ଲ୍ୟାମ୍ପସର ନୂତନ ଶାଖା ପରିଚାଳକ ଶିବରାମ କୁଁଅର ଶେଷରେ ଧନ୍ୟବାଦ ଦେଇଥିଲେ।

# ହକି ଟୁର୍ନାମେଣ୍ଟ: କହପାଣି ଚାମ୍ପିୟନ

କୁତ୍ରା,୧୫।୧୧(ଦେବାଶିଷ ସାହୁ)



ଅତିଥିଙ୍କ ଗ୍ରହଣରେ ଖେଳାଳି।

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଗଏରବାହାଲଠାରେ ବିର୍ସା ମୁଣ୍ଡା ଯୁଥ କ୍ଲବ ପକ୍ଷରୁ ବୀର ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ୫ ଦିନିଆ ହକି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୪୮ଟି ଦଳ ଅଂଶ ଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚ କହପାଣି ଏବଂ ସାଧୁମୁଣ୍ଡା ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟରେ ୨ -୨ ଗୋଲରେ ଅମିମାଂସିତ ରହିବା ପରେ ପେନାଲ୍ଟି ସୁଟ ଆଉଟରେ କହପାଣି ସାଧୁମୁଣ୍ଡାକୁ ୪ -୨ ଗୋଲରେ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ବିଜେଡିର ଜିଲା ସାଧାରଣ ସମ୍ପାଦକ ବେନେଦିକ ତୀର୍କି ଯୋଗଦେଇ ଏଠାରେ ପ୍ରଥମ ଥର ଆୟୋଜିତ ହେଉଥିବା ବିର୍ସା ମୁଣ୍ଡା ଜୟନ୍ତୀ ଆୟୋଜନକୁ ପ୍ରଶଂସା କରିବା ସହ ବର୍ତ୍ତମାନର ଯୁବ ପିଢ଼ୀ ଆଦିବାସୀ ବୀର ପୁରୁଷ ସଂଗ୍ରାମୀ ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ହେର୍ମେନ୍ଦ୍ର ଭୋଇ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ପତି, କାନାଡା ବ୍ୟାଙ୍କ ମ୍ୟାନେଜର ପ୍ରିୟା ନନ୍ଦ, ଏବିଡିଓ ଲିଲି ସଞ୍ଜିତା ମଞ୍ଜ, ସ୍ଥାନୀୟ ବିର୍ସା ମୁଣ୍ଡା କଲେଜ ଅଧକ୍ଷ ପ୍ରଶନ୍ନ କୁମାର ଧଳ, ଖବରଦାତା ପ୍ରଶାନ୍ତ ସାହୁ, ବିଜେଡି ବ୍ଲକ ଯୁବ ସଭାପତି ବିନୋଦ ଟପ୍ପୋ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ବିଜେତା କହପାଣି, ଉପବିଜେତା ସାଧୁମୁଣ୍ଡା ତଥା ୨ସେମିଫାଇନାଲିଷ୍ଟ କଣ୍ଡାଝାର ଓ ଜଉରାମୁଣ୍ଡା ଆଦି ସମସ୍ତ ଦଳକୁ ଖାସି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ଧନେଶ୍ୱର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଜୟନ୍ତୀ ପାଳନ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହାକୁ କମିଟି ସଦସ୍ୟ ମହେଶ ଲେହରି, ସୁନିଲ ବାଗ, ଅନିଲ ବାଗ, ମନୋଜ ମିଞ୍ଜ, ରୋହିତ ଟପ୍ପୋ, ସମିର ଲେହରି, ଡେନିଶ ମିଞ୍ଜ, ବିଶାଳ ନାଗ, ସୈମଶାଲିକ ବେକ, ଅନୁଗ୍ରହ ବେକ,ଅମ୍ରିତ ରକି ଲାକଡା ଆୟୋଜନର ଦାୟିତ୍ୱ ନେଇଥିଲେ। ହକି ଖେଳକୁ ସୁରେନ୍ଦ୍ର ମିଞ୍ଜ, ସତ୍ୟାନନ୍ଦ କିସପଟ୍ଟା,ବିକାଶ ଲାକଡା ଏବଂ ସାକୁନ୍ଦ ଲାକଡା ପରିଚାଳନା କରିଥିଲେ। କମିଟିର ସମସ୍ତ ସଦସ୍ୟ ଆୟୋଜନରେ ସହଯୋଗ କରିଥିଲେ।

# ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଯାପିତ

ବାଲିଶଙ୍କରା,୧୫।୧୧(ହୃଦାନନ୍ଦ ବାରିକ)

ବାଲିଶଙ୍କରା ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ବିଭାଗର ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସର୍ଗିଫୁଲ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅଧକ୍ଷା କୁଞ୍ଜଲତା ଭିତ୍ରିଆ ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଜିଲାପରିଷଦ (ଖ) ଜୟନ୍ତୀ ଏକ୍କା, ଏବିଡିଓ ଜାନକୀ ପଟେଲ, ଏମ୍‌ଆଇଏଫ ସୁମିତ ସରାଫ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିବ୍ୟଦର୍ଶିନୀ ସା, ବୀରକାଲଡ଼ିହି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କଳାଚାନ୍ଦ ପଟେଲ, ଅବସରପ୍ରାପ୍ତ ଶିକ୍ଷକ ପ୍ରେମାନନ୍ଦ ନାଏକ, ତିଲିଆ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମମତା ପଟେଲ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁବାସ ରଣା, ରାଉଳଡେଗା ସେବାଶ୍ରମର ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟେଲ, ବୀରକାଲଡ଼ିହି ଆଶ୍ରମର ପ୍ରଧାନ ଶିକ୍ଷକ ଗୋକୁଳାନନ୍ଦ ବାରିକ, ରଷ୍ଟି ସେବାଶ୍ରମର ପ୍ରଧାନ ଶିକ୍ଷକ ସରୋଜ ଦାସ, କୁସୁମୁରା ସେବାଶ୍ରମର ସହକାରୀ ଶିକ୍ଷକ ରୁଷି ଅଡା ପ୍ରମୁଖ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷକ ତଥା ଭାରପ୍ରାପ୍ତ ଅଧକ୍ଷ ପ୍ରମୋଦ କୁମାର ପଟେଲ ସଭାପତିତ୍ୱ କରିଥିବାବେଳେ ସୁରଜ କୁମାର ପଟେଲ ମଞ୍ଚ ପରିଚାଳନା କରିଥିଲେ। ସୁସ୍ମିତା କିଷାନ, ସୁଜାତା ଶତପଥୀ, ଶିବାନୀ ନାଏକ, ସୁପର୍ଣ୍ଣା ସନମ ନାଏକ, କବିର ପ୍ରଧାନ, କେତକୀ ସାହୁ, କପିଳ ହରିଜନ, ସୁଭଦ୍ରା ନାଏକ, ରାକେଶ ରୋଶନ ବାର୍ଲା, ବିମଳ ନାଏକ, ସରୋଜ ବେହେରା, ମଳୟ ରଞ୍ଜନ ସାମଲ, ଦୀପାଞ୍ଜଳି ଓରାମ, ମଞ୍ଜୁଲତା ପଟେଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କିସ୍ତି ବିତରଣ ଅଭିଭାଷଣର ସିଧାପ୍ରସାରଣ

ସୁନ୍ଦରଗଡ,୧୫।୧୧(ଜୟ ନାରାୟଣ ମେଣ୍ଡୁଲି )

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ ସମ୍ମିଳନୀ କକ୍ଷରେ ବୁଧବାର ପ୍ରଧାନମନ୍ତ୍ରୀଙ୍କ କିସାନ ସମ୍ମାନ କାର୍ଯ୍ୟକ୍ରମ ଅଭିଭାଷଣର ସିଧାପ୍ରସାରଣ ୬୦ ଜଣ କୃଷି ବିଭାଗର କର୍ମକର୍ତ୍ତା, ଅଗ୍ରଣୀ ଚାଷୀ ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ପିଏମ୍ କିସାନ ନିଧିର ୧୫ତମ କିସ୍ତିର ବିତରଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣକୁ ଝାରଖଣ୍ଡ ରାଜ୍ୟର ଖୁଣ୍ଟିରୁ ସିଧା ପ୍ରସାରଣ ହୋଇଥିଲା। ସ୍ଥାନୀୟ ସଦର ବ୍ଲକର ଜିଲାପରିଷଦ ସଦସ୍ୟ ଅଶ୍ୱିନୀ ନାଏକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରର ଭାରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡେଭିଡ୍ ଜେମସ୍ ବାଗେ, ମୃତ୍ତିକା ବୈଜ୍ଞାନିକ ଡ. ମନୋଜ କୁମାର ଜେନା, ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସଞ୍ଜୀବ ବିଶ୍ୱାସୀ, କ୍ଷେତ୍ର ପରିଚାଳକ ମୁଖ୍ୟ ଅଧିକାରୀ, ଓଡିଶା ଖଣିଜ ଧାରକ ଅଞ୍ଚଳ ବିକାଶର ଜୀବିକା ବିଶେଷଜ୍ଞ ସାଲୋନୀ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କେନ୍ଦ୍ରର ଅରୁଣ କୁମାର ମିଶ୍ର, କମଳ ଲୋଚନ ମହାନ୍ତ, ଜିତେନ୍ଦ୍ର ସେଠୀ, ଭ୍ରମରବର ସା, ଗଜାନନ ଛନ୍ଦ ପ୍ରମୁଖ ସହଯୋଗ କରିଥିଲେ।



ଉପସ୍ଥିତ କୃଷି ବିଭାଗର କର୍ମକର୍ତ୍ତା ଓ ଅନ୍ୟମାନେ।

# ବଡ଼ ସ୍ୱପ୍ନ ଦେଖିବାକୁ ଆହ୍ୱାନ

ସୁନ୍ଦରଗଡ,୧୫।୧୧(ଜୟ ନାରାୟଣ ମେଣ୍ଡୁଲି)




କୁନି କୁନି ପିଲାଙ୍କୁ ପୁରସ୍କୃତ କରାଯାଉଛି।

ସୁନ୍ଦରଗଡ଼ ପବ୍ଲିକ ସ୍କୁଲଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସଦର ବିଧାୟିକା କୁସୁମ ଟେଟେ, ସମ୍ମାନିତ ଅତିଥି ଉପାଧ୍ୟକ୍ଷ ପୌରପାଳିକା ଲଲାଟେନ୍ଦୁ ପରିଡ଼ା, ବିଦ୍ୟାଳୟର ଟ୍ରଷ୍ଟି ନିମାଇ ଚରଣ ନାଏକ, ବେଣୁ ମାଧବ ତ୍ରିପାଠୀ ଉପସ୍ଥିତ ରହି ସଭାରେ ସଭାପତିତ୍ୱ କରିଥିଲେ। ଅଧକ୍ଷା ହରିପ୍ରିୟା ପଟେଲ ପ୍ରଥମେ ଦୀପ ପ୍ରଜ୍ୱଳନ ସହ ବେଦ ପାଠ କରାଇଥିଲେ। ପରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ମୁଖ୍ୟ ଅତିଥି ତାଙ୍କ ଅଭିଭାଷଣରେ ପିଲାଙ୍କୁ ସବୁ ବେଳେ ବଡ଼ ସ୍ୱପ୍ନ ଦେଖିବାକୁ ଉପଦେଶ ଦେବା ସହ ସମାଜରେ ଭଲ ମଣିଷ ହେବା ପାଇଁ କହିଲେ। ସମ୍ମାନିତ ଅତିଥି ସୁନ୍ଦରଗଡ଼ ପବ୍ଲିକ ସ୍କୁଲକୁ ମଣିଷ ତିଆରି କାରଖାନା ବୋଲି ଆଖ୍ୟା ଦେଇଥିଲେ ଓ କହିଥିଲେ ବିଦ୍ୟାଳୟର ସମ୍ପାଦକ ରାଜ କିଶୋର ଷଡ଼ଙ୍ଗୀ ଯେଉଁ ସ୍ୱପ୍ନ ଦେଖିଥିଲେ ତାହା ବାସ୍ତବରେ ପରିଣତ ହୋଇଛି। କ୍ରୀଡା ଉତ୍ସବରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ତରଫରୁ ଅତିଥି ବୃନ୍ଦଙ୍କୁ ଉପଢୌକନ ଓ ସ୍ମୃତି ଚିହ୍ନ ପ୍ରଦାନ କରାଯାଇଥିଲା। ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ଅଭିଭାବକ ଓ ଅତିଥିଙ୍କ ମନ ମୋହିଥିଲା। ଶିକ୍ଷୟିତ୍ରୀ ପ୍ରିୟଙ୍କା ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଦେବାଶିଷ ଦାସ, ଅଶୋକ ପରିଡ଼ା, ରାଜଲକ୍ଷ୍ମୀ ନାୟକ, ଭାରତୀ ପଟେଲ, ସନ୍ତୋଷ ମହନ୍ତ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପ୍ରୀତି ପ୍ରସାଦ ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ

ଅତାବିରା,୧୫।୧୧(ହୃଷୀକେଶ ଖମାରୀ): ବରଗଡ଼ ଜିଲା ଅତାବିରା ବ୍ଲକ ଜାଙ୍ଗେଡ଼ ପଞ୍ଚାୟତ ଅନ୍ତର୍ଗତ ଟୁପାପଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟୋପ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅନସୂୟା ଦେବତା ମୁଖ୍ୟ ଅତିଥି ଏବଂ ସିଆରସିସି କିଚକ ସୁନା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଭଲ ପାଠପଢ଼ି ସୁନାଗରିକ ହେବାକୁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବା ସହିତ ଖାତା, କମ୍ପାସ ବକ୍ସ ଆଦି ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ଗୁଣେଶ୍ୱରୀ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

### ମାୟାପୁର ଯାତ୍ରାକଲେ ସଂକୀର୍ତ୍ତନ ମଣ୍ଡଳୀ

ବରଗଡ଼,୧୫।୧୧(ପ୍ରେମାନନ୍ଦ ଖମାରୀ): ବରଗଡ଼ ଜିଲା ଭଟଲି ମଧ୍ୟପଡ଼ା ଭବାନୀଶଙ୍କରେ ସଂକୀର୍ତ୍ତନ୍ୟ ମଣ୍ଡଳୀର ୮୫ ସଦସ୍ୟ ଶ୍ରୀଚୈତନ୍ୟ ମହାପ୍ରଭୂଙ୍କ ଜନ୍ମପୀଠ ପଶ୍ଚିମବଙ୍ଗ ମାୟାପୁରରେ ସଂକୀର୍ତ୍ତନ୍ୟ ପରିବେଷଣ ପାଇଁ ମଙ୍ଗଳବାର ସେଠାକୁ ଯାତ୍ରା କରିଛନ୍ତି। ଯାତ୍ରା ଆରମ୍ଭରୁ ସ୍ଥାନୀୟ ଦଧିବାମନ ମନ୍ଦିରକୁ ସେମାନେ ଯାଇଥିଲେ। ସେଠାରେ ଦଧିବାମନ ମହାପ୍ରଭୂଙ୍କ ପୂଜାର୍ଚ୍ଚନା କରିଥିଲେ। ସଂକୀର୍ତ୍ତନ୍ୟ ଗୁରୁ କିଶୋର ବେହେରା, ମ୍ୟାନେଜର ସୁବଳ ମେହେର, ଉପଦେଷ୍ଟା ଭିକାରୀ ମେହେର, ହଳଧର ମେହେର, ଜୀବର୍ଦ୍ଧନ ରଣା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସେମାନେ ମାୟାପୁର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ସମସ୍ତେ ପୁରୀ ଜଗନ୍ନାଥ ଧାମ ଅଭିମୁଖେ ଆସିବେ ଏବଂ ସଂକୀର୍ତ୍ତନ୍ୟ ପରିବେଷଣ କରି ପୁଣି ଭଟଲି ଫେରିବାର କାର୍ଯ୍ୟକ୍ରମ ରହିଛି ବୋଲି ମାର୍ଗଦର୍ଶକ ମୋତିଲାଲ ବନଛୋର ସୂଚନା ଦେଇଛନ୍ତି।ସଂକୀର୍ତ୍ତନ୍ୟ ମଣ୍ଡଳୀ ସମବେତ ହୋଇଛନ୍ତି ।

### ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

ପାଇକମାଳ, ୧୫।୧୧(ବଡ ଶତପଥି): ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଯାଦବ ସମାଜ ପକ୍ଷରୁ ଚାରିଦିନ ଧରି ଚାଲିଥିବା ଗିରି ଗୋବର୍ଦ୍ଧନ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳସ ଯାତ୍ରା, ବାଡ଼ିଖେଳ, ଗୀତ, ନାଚ, ରସି ଟଣା, ଝୋଟି ପ୍ରତିଯୋଗୀତା, ହୋମଯଜ୍ଞ, ସମାଜ ତରଫରୁ ବୈଠକ, ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯଜ୍ଞକର୍ତ୍ତାଭାବେ ରବୀନ୍ଦ୍ର ନାଗ ଓ ରିତା ନାଗ ଦାୟିତ୍ୱ ତୁଲାଇ ଥିଲେ। ବରଗଡ ଜିଲା ସଭାପତି ବ୍ରହ୍ମା ମହାକୁଡ଼, ଅଖିଳ ଭାରତୀୟ ରାଜ୍ୟ ଯୁବ ସଭାପତି ମାନସ ନାଗ, ଲଳିତ ଦୀପ, ଡୋଳମଣି ମାହାର, ଭରତ ରାଉତ, କୃଷ୍ଣ ଖରସେଲ ପ୍ରମୁଖ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ।

### ୬୩ ୟୁନିଟ ରକ୍ତ ସଂଗ୍ରହ

ଡୁଙ୍ଗୁରିପାଲି,୧୫।୧୧ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ବଡନୂଆଁପାଲି ସରକାରୀ ଉନ୍ନୀତ ବିଦ୍ୟାଳୟରେ ମଙ୍ଗଳବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ବଡନୂଆଁପାଲି ହେଲପ ଫାଉଣ୍ଡେଶନ ଆନୁକୂଲ୍ୟରେ ଅନୁଷ୍ଠିତ ଶିବିରକୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବଡ ନୁଆଁପାଲି ପ୍ରଧାନଶିକ୍ଷକ ସୁରଥ ବାରିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ । ବିଦ୍ୟାଳୟର ଶିକ୍ଷକ ଦୀନବନ୍ଧୁ ଭୋଇ ସଭାପତିତ୍ୱ କରିଥିଲେ । ଶିବିରରେ ୬୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ରକ୍ତ ସଂଗ୍ରହରେ ଭୀମସାରର ଡା. ଅକ୍ଷୟ କୁମାର , ଲାଲୁ ବିଶାଲ, କରୁଣା କର ସାହୁ, ଜନକ ବେହେରା, ଗଣେଶ ପଧାନ ନିୟୋଜିତ ଥିଲେ। ଏହାଛଡା ଶିବିରରେ ମାଗଣା ଚକ୍ଷୁ ପରୀକ୍ଷା, ମଧୁମେହ, ରକ୍ତଚାପ ପରୀକ୍ଷା, ମହାନଦୀ ନେତ୍ର ଚିକିତ୍ସାଳୟ ପଣ୍ଡାପାଲି ଦ୍ୱାରା ହୋଇଥିଲା। କାର୍ଯ୍ୟକ୍ରମରେ ବଡନୂଆଁପାଲି ହେଲପ ଫାଉଣ୍ଡେଶନର ସମ୍ପାଦକ ସୁରେନ୍ଦ୍ର ସା, ଉପ ସଭାପତି ପ୍ରଦୀପ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବିରେନ୍ଦ୍ର ନାଏକ ଧନ୍ୟବାଦ ଦେଇଥିଲେ।

# ଅଲୋଡା ଶିଶୁକନ୍ୟାଙ୍କୁ ଆପଣାଇଲେ ୨ ଦମ୍ପତି

ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)




ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ସୋମେଶ ଉପଧ୍ୟାୟଙ୍କ ଅଧକ୍ଷତା ଓ ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ଅବାହକତ୍ୱରେ ଜାତୀୟ ପୌଷ୍ୟ ସନ୍ତାନ ଗ୍ରହଣ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। କିଶୋର ନ୍ୟାୟ ଅଧିନିୟମ ଓ ପୋଷ୍ୟ ସନ୍ତାନ ଗ୍ରହଣ ନିୟମବଳୀ ଅନୁଯାୟୀ, ପିତୃମାତୃହୀନ ପିଲାଙ୍କ ଥଇଥାନ ପୋଷ୍ୟ ସନ୍ତାନ ଗ୍ରହଣମାଧ୍ୟମରେ କିପରି ତ୍ୱରାନ୍ୱିତ ହୋଇପାରିବ ସେ ସମ୍ପର୍କରେ ଜିଲାପାଳ ଉପଧ୍ୟାୟ ଆଲୋଚନା କରିଥିଲେ। ପୋଷ୍ୟ ସନ୍ତାନ ଗ୍ରହଣ ପ୍ରକ୍ରିୟାକୁ ନିୟନ୍ତ୍ରଣ ଓ ପରିଚାଳନା କରିବା ପାଇଁ ପ୍ରଶାସନ ପକ୍ଷରୁ ମହିଳା ଓ ଶିଶୁ ବିକାଶ ବିଭାଗର ସହାୟତାରେ ୨୦୧୮ରେ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସପୋର୍ଟକୁ ପରିଚାଳନା ପାଇଁ ଦାୟିତ୍ୱ ଦିଆଯାଇଥିବା ଶିଶୁ ସୁରକ୍ଷା ଅଧିକାରୀ ମହାପାତ୍ର ତଥ୍ୟ ପ୍ରଦାନ କରିଥିଲେ। ଆଜି ସୁଦ୍ଧା ମୋଟ ୨୪ ଜଣ ମାତୃପିତୃହୀନ ଶିଶୁଙ୍କୁ ପୋଷ୍ୟ ସନ୍ତାନ ଗ୍ରହଣ ମାଧ୍ୟମରେ ଥଇଥାନ କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣ ଶିଶୁଙ୍କୁ ଆନ୍ତର୍ଜାତୀୟ ସ୍ତରରେ ଯଥା କାନାଡା, ଇଟାଲୀ ଓ ମରିସସର ପିତାମାତା ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଛନ୍ତି। ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ଅଭିଯାନ ଅବସରରେ ବିଭିନ୍ନ ବିପଦ ସଙ୍କୁଳ ଓ ପରିତ୍ୟକ୍ତ ଅବସ୍ଥାରୁ ଜିଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଉଦ୍ଧାର ହୋଇ ଗତ ୨ ବର୍ଷରୁ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରରେ ରହି ଆସୁଥିବା ୨ ଶିଶୁ କନ୍ୟାଙ୍କୁ ସେମାନଙ୍କ ପୋଷ୍ୟ ପିତାମାତାଙ୍କୁ ହସ୍ତାନ୍ତର କରାଯାଇଥିଲା। ପୋଷ୍ୟ ସନ୍ତାନ ଗ୍ରହଣ ନିୟମବଳୀ ଓ ପ୍ରକ୍ରିୟା ଅନୁଯାୟୀ ପଶ୍ଚିମବଙ୍ଗର ଅର୍ନିବନ ଦତ୍ତ, ବେବି ଦତ୍ତ ଓ ଭୁବନେଶ୍ୱରର ରାକେଶ ସାହୁ, ଅନ୍ନପୂର୍ଣ୍ଣା ସାହୁଙ୍କ ପୋଷ୍ୟ ସନ୍ତାନ ଗ୍ରହଣ ପାଇଁ ଆବେଦନର ଶୁଣାଣି କରି ଜିଲାପାଳ ଉପଧ୍ୟାୟ ୨ କନ୍ୟା ପଦ୍ମାଳୟା ଓ ଅମୃତାକୁ ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିବାକୁ ଅନୁମୋଦନ କରିଥିଲେ। ପୋଷ୍ୟ ସନ୍ତାନ ଓ ପିତାମାତାଙ୍କ ମିଳନକୁ ସ୍ମରଣୀୟ କରିବା ପାଇଁ ଏହି ଅବସରରେ ଅତିରିକ୍ତ ଜିଲାପାଳ ରେବିକ ବିଲୁଙ୍ଗ, ଉପ ଜିଲାପାଳ ପରୀକ୍ଷିତ ସାହୁ , ଅତିରିକ୍ତ ଆରକ୍ଷି ଅଧିକାରୀ ହେମନ୍ତ ପଣ୍ଡା, ଜିଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ, ଜିଲା ମଙ୍ଗଳ ଅଧିକାରୀ ବିଭୁରଞ୍ଜନ ମହାନ୍ତି, ଶିଶୁ ମଙ୍ଗଳ ସମିତ ସୁଷମା ମହାପାତ୍ର , ଟିକେଶ୍ୱର ଧଳ , ରମା ସାହୁ , କିଶୋର ନ୍ୟାୟ ପରିଷଦର ସମୀର ନନ୍ଦା, ଗାୟତ୍ରୀ ଦିବେଦୀ, ସିଏସଡିଆର ନିର୍ଦ୍ଦେଶିକା ରୀତାରାଣୀ ରାଉତ, ସପୋର୍ଟ ଅନୁଷ୍ଠାନର ନିର୍ଦ୍ଦେଶକ ଚନ୍ଦ୍ର ଶେଖର ସାହୁ, ଅକସନଆଡ ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ୨ ଶିଶୁ କନ୍ୟାଙ୍କୁ ଆଶିଷ ଓ ଉପହାର ପ୍ରଦାନ କରିଥିଲେ। ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରାନ୍ତି ମଞ୍ଜରି ଧାଉନଲିଆ ଓ ଦେବାରଞ୍ଜନ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜାତୀୟ ପୌଷ୍ୟ ସନ୍ତାନ ଗ୍ରହଣ ଅଭିଯାନକୁ ଲୋକାଭିମୁଖୀ କରିବାପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଅତିରିକ୍ତ ଜିଲାପାଳ ଶୁଭାରମ୍ଭ କରିଥିଲେ।

**ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ଅଭିଯାନ**



## କ୍ଷୀରେଶ୍ୱର ମହାଦେବ ମନ୍ଦିରରେ ଲିଙ୍ଗ ସ୍ଥାପନ ଉତ୍ସବ

ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)

ତିଲେଇବଣି ବ୍ଲକ ପାରପୋଶି ପଞ୍ଚାୟତ କେରାବାହାଲ ଗ୍ରାମରେ ଥିବା କ୍ଷୀରେଶ୍ୱର ମହାଦେବ ମନ୍ଦିରରେ ବୁଧବାର ଲିଙ୍ଗ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମଙ୍ଗଳବାର କଳସ ଶୋଭାଯାତ୍ରା ଓ ଅଧିବାସ ସମ୍ପନ୍ନ ଆୟୋଜିତ ହୋଇଥିବା ବେଳେ ଏଥିରେ ଶତାଧିକ ଶ୍ରଦ୍ଧାଳୁ ସାମିଲ ହୋଇ ନିକଟସ୍ଥ ଜଳାଶୟରୁ ଜଳ ସଂଗ୍ରହ କରିବା ସହ ପୂଜା ମଣ୍ଡପରେ ପୂର୍ଣ୍ଣ କଳସୀ ସ୍ଥାପନ କରିଥିଲେ। ସକାଳୁ ସୂର୍ଯ୍ୟପୂଜା ପରେ ଲିଙ୍ଗ ସ୍ଥାପନ ପାଇଁ ପାରମ୍ପରିକ ପୂଜାର୍ଚ୍ଚନା କରାଯିବା ସହ ପୂର୍ବ ନିର୍ଦ୍ଧାରିତ ଲଗ୍ନ ଅନୁଯାୟୀ ଅପରାହ୍ନ ୩ଟାରେ ମନ୍ଦିର ଭିତରେ ବିଗ୍ରହ ପ୍ରବେଶ କରାଯାଇଥିଲା। ଅପରାହ୍ନ ୪ ଟାରେ ପୂର୍ଣ୍ଣାହୁତି ଓ ଶାଳା ଉତ୍ସର୍ଗ ପର୍ବ ସମ୍ପନ୍ନ ହୋଇଥିଲା। ମନ୍ଦିର କମିଟି ତଥା ପାରପୋଶି ଅଞ୍ଚଳବାସୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଳୟ ରଞ୍ଜନ କାଲୋ ଏବଂ ସ୍ତ୍ରୀ ଶାରିକା କାଲୋ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ ଅନୁଷ୍ଠାନର ସଭାପତି ସୌଭାଗ୍ୟ ପ୍ରଧାନଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ଖଗେଶ୍ୱର ମାକରଙ୍କ ସଂଯୋଜନାରେ ଅନୁଷ୍ଠିତ ଲିଙ୍ଗ ସ୍ଥାପନ ଉତ୍ସବରେ ଅତିଥି ଭାବେ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଇ, ବିଜେଡି ରାଜ୍ୟ ସମ୍ପାଦକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ବିଜେଡି ସଭାପତି ଇଂ.ଚିତରଞ୍ଜନ ପ୍ରଧାନ, ଭାଜପା ନେତ୍ରୀ ମାଧବୀ ଦେବୀ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, ଭାଜପା ନେତା ରଞ୍ଜିତ ପଟେଲ, ରୋହିତ ଗଙ୍ଗଦେବ ଓ ତିଲେଇବଣି ବ୍ଲକ ବିଜେଡି ସଭାପତି ବାବୁଲାଲ ପୃଷେଠ ପ୍ରମୁଖ ଯୋଗଦେଇ ଆଶିର୍ବାଦ କାମନା କରିବା ସହ ଅଞ୍ଚଳବାସୀଙ୍କ ମଙ୍ଗଳ କାମନା କରିଥିଲେ।

## ଘଣ୍ଟାପଡା ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

ଘଣ୍ଟାପଡ଼ା,୧୫।୧୧(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡା ଆଞ୍ଚଳିକ ଗ୍ରାମ ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ସଦସ୍ୟ ପ୍ରଭାତ କୁମାର ସାହୁ, କଲେଜ ଅଧକ୍ଷ ଗିରିଧର ଦେହୁରୀ ଓ ସାମାଜିକ କର୍ମୀ ଅଜୟ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରକୁ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ ଉଦଘାଟନ କରିଥିଲେ। ପ୍ରଥମଥର ପାଇଁ କଲେଜର ଛାତ୍ରୀଛାତ୍ରଙ୍କଠାରୁ ରକ୍ତ ସଂଗ୍ରହ କରାଯାଇଥିଲା। ମୋଟ ୫୦ ଜଣ ଛାତ୍ରୀଛାତ୍ର ରକ୍ତଦାନ କରି ବୌଦ୍ଧ ଜିଲାରେ କଲେଜ ସ୍ତରରେ ଉଦାହରଣ ସୃଷ୍ଟି କରିଛନ୍ତି। ପରେ ରକ୍ତଦାନ ଜୀବନ ଦାନ ବିଷୟବସ୍ତୁକୁ ନେଇ ଏକ ସଚେତନତା ସଭା କଲେଜ ପରିଚାଳନା କମିଟି ସଭାପତି କାର୍ତ୍ତିକେଶ୍ୱର ବେହେରାଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ଏଥିରେ ଜିଲା ଯୋଜନା ବୋର୍ଡ ଅଧକ୍ଷ ତଥା କଣ୍ଟାମାଳ ବିଧାୟକ ମହୀଧର ରଣା, କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସୁମିତ୍ରା ସାହୁ, ଦିବ୍ୟଶଙ୍କର ରାଉତ, ଫିରିଙ୍ଗିଆ ବ୍ଲକ ଉପାଧକ୍ଷ ଅଜିତ କୁମାର ସାହୁ, ଶ୍ରୀକାନ୍ତ ମିଶ୍ର, ଶିକ୍ଷାବିତ ନୀଳାଞ୍ଚଳ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ଉଦ୍ଦେଶ୍ୟ ଓ ଉପକାରିତା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ କରିଥିଲେ। କଲେଜ ଅଧକ୍ଷ ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ବୁର୍ଲା ଡାକ୍ତରଖାନାରୁ ଆସିଥିବା ଟେକ୍‌ନିସିଆନ ଟିମ୍ ଓ ଡାକ୍ତର ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ । ସକାଳ ୧୦ଟା ଠାରୁ ଅପରାହ୍ନ ୨ଟା ସମୟ ମଧ୍ୟରେ ମୋଟ ୬୧ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

## ୩୩୬ ଏସ୍‌ଏଚ୍‌ଜିକୁ ୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଋଣ ପ୍ରଦାନ

ଅମରପାଲି,୧୫।୧୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରଠାରେ ଜାତୀୟକରଣ ବ୍ୟାଙ୍କ ଦ୍ୱାରା ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣମଣ୍ଡପଠାରେ ଆୟୋଜିତ ଏହି ଋଣ ମେଳାରେ ଲିଡ଼ ବ୍ୟାଙ୍କ ମ୍ୟାନେଜରଙ୍କ ସମେତ ୭ ଗୋଟି ଜାତୀୟକରଣ ବ୍ୟାଙ୍କ ଯୋଗଦେଇ ୩୩୬ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀକୁ ୧୦ କୋଟି ୧୩ ଲକ୍ଷ ୪୫ ହଜାର ଟଙ୍କାର ଋଣ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟର ମିଶନ ଶକ୍ତି ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ଏହି ଯୋଜନାର ଲକ୍ଷ୍ୟ ବୋଲି ସୁବର୍ଣ୍ଣପୁର ଜିଲା ଲିଡ଼ବ୍ୟାଙ୍କର ମ୍ୟାନେଜର ବି କାମରାଜ ଦୋରା ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବରେ ଉପାଧକ୍ଷ ନାରାୟଣ ଲୁହା, ଡିପିଏମ ଫ୍ରାନସିସ ବାର୍ଲା, ଡିପିସି ବିଶ୍ୱଜିତ ପରିଡା, ସିଡିପିଓ ଜୋସ୍ନାରାଣୀ ପଣ୍ଡା ଯୋଗ ଦେଇଥିଲେ। ଓଡିଶା ଜୀବିକା ମିଶନର ବ୍ଲକ ଅଧିକାରୀ ମନୋଜ ବାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଏଲସି ରମାକାନ୍ତ ହରିପାଲ, ଏସଡିସି ରଞ୍ଜିତ ଖମାରି, ବିଥିକାରାଣୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ଶାନ୍ତନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)

୪ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ଅଭିଯୋଗରେ ଦେବଗଡ ଜିଲା ବାରକୋଟ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଞ୍ଚଳର ତୁଫାନ ଲୁହୁରା (୨୧)। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ପୀଡିତା ଶିଶୁ କନ୍ୟାଙ୍କ ମା' ବାପା ଚାଷ କାମ ପାଇଁ ବାହାରକୁ ଯାଇଥିବାବେଳେ ସେ ନିଜ ଘର ଅଗଣାରେ ଏକୁଟିଆ ଖେଳୁଥିଲେ। ଏହାର ସୁଯୋଗ ନେଇ ତୁଫାନ ସମ୍ପୃକ୍ତ ଶିଶୁକନ୍ୟାଙ୍କୁ ନିଜ ଘରକୁ ଡାକି ବଳାତ୍କାର କରିବା ସହ ୧୦ ଟଙ୍କା ଦେଇ ଘଟଣା ସମ୍ପର୍କରେ କାହାରି ଆଗରେ କିଛି ନ କହିବାକୁ କହିଥିଲେ। ନଚେତ୍ ତାଙ୍କ ପରିବାରର ସମସ୍ତଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ସନ୍ଧ୍ୟାରେ ମା' ବାପା ଘରକୁ ଆସିବା ପରେ ପୀଡିତା ଜଣକ ସବୁ କଥା କହିଥିଲେ। ଏନେଇ ପରିବାର ଲୋକେ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତୁଫାନଙ୍କ ବିରୋଧରେ ଆଇପିସିର ଦଫା ୩୫୪/୩୫୪-ଏ / ୩୫୪ - ବି / ୩୭୬ (୨) (ଏଫ୍)/୩୭୬(୨)/୩୭୬-ଏବି ଓ ପୋକ୍‌ସୋ ଆକ୍ଟରେ ଗିରଫ କରିଥିଲା।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର )

ଓଡିଶା ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ସହାୟତାରେ ବାରକୋଟ ବ୍ଲକ କଲା ସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବୁଧବାର ଗ୍ରାମ ପରିମଳ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର କଲା ଗ୍ରାମରେ ଥିବା ମଦନ ମୋହନ ମନ୍ଦିର ଓ ଶିବ ମନ୍ଦିର , ସଇଡା ଗ୍ରାମର ମା' ତାରିଣୀ ମନ୍ଦିର ଓ ଶିବ ମନ୍ଦିର ପରିସରକୁ ସଫା ସୁତୁରା କରିବା ସହ ଗ୍ରାମ ପରିମଳ ସମ୍ପର୍କରେ ଗ୍ରାମବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିଲେ। ଏହି ଅବସରରେ ପରିମଳ ସଚେତନତା ଉପରେ ଆଧାରିତ ୪ଟି ପଥ ପ୍ରାନ୍ତ ନାଟକ ପରିବେଷଣ କରାଯାଇଥିଲା। ଅତିଥି ଭାବେ ବମ୍ପରଡା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅମୀୟ କୁମାର ଦାସ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିବା ବେଳେ କଲେଜର ସମସ୍ତ ଅଧାପକ, କର୍ମଚାରୀ ଓ ୩୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସକ୍ରୀୟ ଅଂଶଗ୍ରହଣ କରିଥିଲେ । ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମର ନୋଡାଲ ଅଫିସର ଅଧାପକ ନବକୃଷ୍ଣ ବେହେରାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିଶୁଗୃହ ପିଲାଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



ରାଜ୍ୟସ୍ତରରେ ପୁରସ୍କୃତ ଶିଶୁ ଗୃହର ପିଲାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ଜିଲାପାଳ।

ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)

ମହିଳା ଓ ଶିଶୁ ବିକାଶ ବିଭାଗ ଓଡିଶା ସରକାରଙ୍କ ଦ୍ୱାରା ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଗତ ୫ରୁ ୧୦ ପର୍ଯ୍ୟନ୍ତ ଆୟୋଜିତ ରାଜ୍ୟ ସ୍ତରୀୟ କ୍ରିଡା ଓ ସାଂସ୍କୃତିକ ସମାବେଶରେ ସପୋର୍ଟ ଶିଶୁ ଗୃହର ଅନ୍ତେବାସୀମାନେ ଭାଗନେଇ ବିଭିନ୍ନ ବିଭାଗରେ ମୋଟ ୬ଟି ପୁରସ୍କାର ପାଇ ଜିଲା ପାଇଁ ଗୌରବ ଆଣିଥିଲେ। ଜିଲାପାଳ ସୋମେଶ ଉପଧ୍ୟାୟ ଶିଶୁ ଗୃହର କୃତୀ ପ୍ରତିଯୋଗୀଙ୍କୁ ନିଜ କାର୍ଯ୍ୟାଳୟକୁ ଡାକି ମିଷ୍ଟାନ ବଣ୍ଟନ କରି ଶୁଭେଚ୍ଛା ଜଣାଇଥିଲେ ଓ ପିଲାଙ୍କ ସହ ଅନ୍ତରଙ୍ଗ ବାର୍ତ୍ତାଳାପ ମାଧ୍ୟମରେ ଉତ୍ସାହିତ କରିଥିଲେ। ସୂଚନା ଯୋଗ୍ୟ, ବିଭାଗ ପକ୍ଷରୁ ରାଜ୍ୟର ସମସ୍ତ ଜିଲାର ଶିଶୁ ଗୃହର ଅନ୍ତେବାସୀଙ୍କ ପାଇଁ ଆୟୋଜିତ ହୋଇଥିବା ଏହି ରାଜ୍ୟ ସ୍ତରୀୟ କ୍ରିଡା ସମାବେଶ ଉତ୍ସାହରେ ଦେବଗଡ ଶିଶୁ ଗୃହରୁ ଭାଗନେଇ ପ୍ରିୟା ମାଝି, ସୁମିତ୍ରା ଧୀବର, ସନ୍ଧ୍ୟା ମୁଣ୍ଡା, ସନ୍ତୋସିନୀ ତପନ, ଲକ୍ଷ୍ମଣ ସାମାଡ଼, ଲୁଲୁ ଧୀବର,ଗୁଡୁଲୁ ନାୟକ ଓ ସୁନୀଲ ମୁଣ୍ଡା ବିଭିନ୍ନ ବର୍ଗରେ ମୋଟ ୬ଟି ପୁରସ୍କାର ପାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶୁଭା ଶର୍ମାଙ୍କଠାରୁ ପିଲାମାନେ ପୁରସ୍କାର ଓ ପ୍ରମାଣପାତ୍ର ଗ୍ରହଣ କରିଥିଲେ। ପିଲାମାନେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ବିଭାଗୀୟ ଅଧିକାରୀ ଚିନ୍ମୟ ସ୍ୱାଇଁ , କ୍ରାନ୍ତି ଧଉନଳିଆ , ଜ୍ୟୋଷ୍ଣାରାଣୀ ଦାସ , ରାମାଞ୍ଚଳ ସାହୁ , ଦଳୋଗୋବିନ୍ଦ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ଏହି ରାଜ୍ୟ ସ୍ତରୀୟ ସମାବେଶରେ ଭାଗ ନେଇଥିଲେ। ଶିଶୁ ଗୃହର ପିଲାଙ୍କ ଏଭଳି ଉପଲବ୍ଧି ପାଇଁ ବିଭିନ୍ନ ମହଲାରୁ ପ୍ରସଂଶାର ସୁଅ ଛୁଟୁଛି। ବିଭିନ୍ନ ବ୍ୟକ୍ତି ବିଶେଷ ଯଥା ସୁଧୀର କପରଦାର, ପୌରପରିଷଦ ଅଧକ୍ଷା ଶାନ୍ତି ମଞ୍ଜରି ଦେଇ, ଅତିରିକ୍ତ ଜିଲାପାଳ ରେବିକ ବିଲୁଙ୍ଗ, ଉପନଗରପାଳ ପ୍ରଜିତ ଭୋଜ, କଂଗ୍ରେସ ଜିଲା ସଭାପତି ସେମ ହେମ୍ବ୍ରମ, ବିଜେଡି ଜିଲା ସଭାପତି ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସୋସିଆଲ ମିଡିଆରେ ପିଲାଙ୍କୁ ଶୁଭେଚ୍ଛାର ବାର୍ତ୍ତା ଦେଇଛନ୍ତି।

## ଶ୍ୟାମାକାଳୀ ପୂଜନୋତ୍ସବ ଉଦ୍‌ଯାପିତ



ପଦ୍ମଶ୍ରୀ ହଜିତେନ୍ଦ୍ର ହରିପାଲଙ୍କୁ ସମ୍ମାନିତ କରାଯାଉଛି ।

ପଦ୍ମପୁର ୧୫।୧୧(ପ୍ରଦୀପ୍ତ ଦାଶ)

ବରଗଡ ଜିଲା ପଦ୍ମପୁର ହନୁମାନ ପଡା ଶ୍ୟାମାକାଳୀ ମନ୍ଦିରରେ ତ୍ରିଦିବସୀୟ କାଳୀପୂଜା ଉଦ୍‌ଯାପିତ ହୋଇଛି। ପୂଜାକର୍ତ୍ତାଭାବେ ପ୍ରଶାନ୍ତ ପଟ୍ଟନାୟକ ଦମ୍ପତି କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ପ୍ରଦୀପ କର, କୀର୍ତ୍ତିଚନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା, ହୋମ, ଚଣ୍ଡୀପାଠ କରିଥିଲେ। ପୂଜା ପରିଚାଳନା କମିଟି ସଭାପତି ଅଜିତ କୁମାର ଶତପଥୀ,

### ଜିଲାସ୍ତରୀୟ ସ୍କୁଲ କ୍ରିକେଟ

ଧରମ ପାଢି, ଶ୍ୟାମଳ ଦାଶ, ପ୍ରିୟରଞ୍ଜନ ଭୋଇ, ପ୍ରଫୁଲ୍ଲ ମିଶ୍ର, ସରୋଜ ମିଶ୍ର, ସନ୍ତୋଷ ବହିଦାର, ଅଜୁ ପଟ୍ଟନାୟକ, ହରିହର ପଟ୍ଟନାୟକ, ବାଳଗୋପାଳ ପାଣିଗ୍ରାହୀ ପ୍ରମୁଖଙ୍କ ସହ ପଡାବାସୀ ସହଯୋଗ କରିଥିଲେ। ଏହି ଅବସରରେ କମିଟି ତରଫରୁ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା।

## ପୌରପରିଷଦ କାର୍ଯ୍ୟାଳୟ ଘେରିଲା ଭାଜପା

ଦେବଗଡ଼,୧୫।୧୧(ଶଶାଙ୍କ ଶେଖର ଝାଙ୍କର)




ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଦେବଗଡ ଜିଲା ଭାଜପା ପକ୍ଷରୁ ପୌରପରିଷଦ କାର୍ଯ୍ୟାଳୟ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାଜପା ସଭାପତି ଅରୁଣ କୁମାର ସାହୁ ଓ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଶତାଧିକ ଦଳୀୟ ନେତା, କର୍ମୀ ଓ ମହିଳା ପୁରୁଷ ହାତରେ ପ୍ଲାକାର୍ଡ ଓ ଦଳୀୟ ପତାକା ଧରି ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ସହ ଏକ ବିକ୍ଷୋଭ ଶୋଭାଯାତ୍ରାରେ ନଗର ପରିକ୍ରମା କରିବାପରେ ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସନ୍ତୋଷ କୁମାର ଭୁଟିଆଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ ସଭାରେ ସଭାପତି ସାହୁ ଓ ବିଧାୟକ ପାଣିଗ୍ରାହୀଙ୍କ ସମେତ ଉପ ନଗରପାଳ ପ୍ରଜିତ କୁମାର ଭୋଜ, ଭାଜପା ଜିଲା ସାଧାରଣ ସମ୍ପାଦକ ସଚ୍ଚିକାନ୍ତ ଦାଶ, କାଉନଶିଲର ସରୋଜିନୀ ମୁଣ୍ଡା, ଇତିଶ୍ରୀ ମିଶ୍ର ଓ କାର୍ତ୍ତିକ ମହାକୁଳ, ମାଧବୀ ଦେବୀ, ରୋହିତ ଗଙ୍ଗଦେବ ପ୍ରମୁଖ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଏହାପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କୁ ଏହି କାର୍ଯ୍ୟକ୍ରମରେ ଭାଜପା ନଗର ମଣ୍ଡଳ ସଭାପତି ଦିବ୍ୟଶଙ୍କର ଖୁଣ୍ଟିଆ, ସୁଗୁଡା ମଣ୍ଡଳର ଯୋଗେଶ ପ୍ରଧାନ, ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟ ଦୟାଶଙ୍କର ଦ୍ୱିବେଦୀ, କାଉନଶିଲର ପିଙ୍କିରାଣୀ ସାହୁ ଓ ମଧୁସୂଦନ ବାଘ, ପ୍ରୀତି ପରିମିତା ବେହେରା, ସୁଧିର କୁମାର ପାତ୍ର, ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ରମଣୀ ରଞ୍ଜନ ଆଚାର୍ଯ୍ୟ, ରୋମାଞ୍ଚଳ ଖଡିରତ୍ନ, ଜଗନ୍ନାଥ ବେହେରା, ସରୋଜ କୁମାର ପାଢୀ, ସୁଧିର କୁମାର ବ୍ରହ୍ମା, ପ୍ରତାପ କୁମାର ପଣ୍ଡା ସମତେ ଭାଜପାର ବହୁ ନେତା ଓ କର୍ମୀ ସାମିଲ ଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ନଭେମ୍ବର ୧୪ରୁ ୧୮ ପର୍ଯ୍ୟନ୍ତ ଭାଜପା ପକ୍ଷରୁ ସମଗ୍ର ରାଜ୍ୟରେ ବ୍ଲକ, ଏନ୍‌ଏସି ଓ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରାଯାଉଛି।

## ଯୁଗଳ କିଶୋର ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧନା

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ହରିଭବନରେ ନିର୍ଝରିଣୀ ସାହିତ୍ୟ ସଂସଦ ପକ୍ଷରୁ ଶିଶୁ ସାହିତ୍ୟିକ ଯୁଗଳ କିଶୋର ଷଡଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଷଡଙ୍ଗୀ ଓଡିଆ ଶିଶୁ ସାହିତ୍ୟ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀଦ୍ୱାରା ବାଲ ସାହିତ୍ୟ ପୁରସ୍କାରରେ ସମ୍ମାନୀତ ହୋଇଥିବାରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ମୁଖ୍ୟଅତିଥିଭାବେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ଖମାରୀ, ସମ୍ମାନୀତ ଅତିଥିଭାବେ ମାଧବ ଚନ୍ଦ୍ର ମହାନନ୍ଦ, ସଞ୍ଜୟ କୁମାର ଅଗ୍ରୱାଲ ମଞ୍ଚାସୀନ ଥିଲେ। ନିର୍ଝରିଣି ସାହିତ୍ୟ ସଂସଦ ପ୍ରତିଷ୍ଠାତା ବିରଞ୍ଚି ନାରାୟଣ ଦାଶ ସଭାର ଉଦ୍ଦେଶ୍ୟ କହିଥିଲେ। ଅଳି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ସମ୍ବିଧାନ ସଚେତନତା ରଥ ପରିକ୍ରମା

ଲୋଇସିଂହା,୧୫।୧୧(ସୁଶାନ୍ତ ବାରିକ)

ସମ୍ବିଧାନ ସଚେତନତା ଅଭିଯାନ ପକ୍ଷରୁ ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବିଭିନ୍ନ ଗ୍ରାମରେ ମଙ୍ଗଳବାର ଓ ବୁଧବାର ସମ୍ବିଧାନ ସଚେତନତା ରଥ ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରାଯାଇଛି। ଏହାବ୍ୟତୀତ ସଚେତନତା ରଥ ପରିକ୍ରମାର ଷଷ୍ଠବର୍ଷ ବିଷୟବସ୍ତୁ ନାରୀ ସୁରକ୍ଷା, ଅଧିକାର ସମ୍ପର୍କରେ ଆଲୋକପାତ କରାଯାଇଛି। ଦେଶଦ୍ରୋହୀଙ୍କ ଦ୍ୱାରା ୨୦୧୮ ହୋଇଥିବା ସମ୍ବିଧାନ ପୋଡ଼ିକୁ ନିନ୍ଦା କରାଯାଉଛି। ଅକ୍ଟୋବର ୧୪ରୁ ଧର୍ମଚକ୍ର ଦିବସରୁ ବୌଦ୍ଧରୁ ଏହି ରଥ ବାହାରି ଆସନ୍ତା ନଭେମ୍ବର ୨୬ରେ ବରଗଡ଼ରେ ଉଦ୍‌ଯାପିତ ହେବ ବୋଲି ଜଣାଯାଇଛି।

### ଥାନା ଅଧିକାରୀଙ୍କୁ କୋଶଳ କମିଟିର ଦାବିପତ୍ର

ବେଲପଡ଼ା,୧୫।୧୧(ମନୋଜ କୁମାର ମିଶ୍ର)

ବିଭିନ୍ନ ଦାବି ନେଇ ଆସନ୍ତା ୧୮ତାରିଖ ରାଜ୍ୟ କୋଶଳ କମିଟି ପକ୍ଷରୁ ପଶ୍ଚିମ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି। ଏହି ପରିପରେକ୍ଷୀରେ ବେଲପଡ଼ା ବ୍ଲକ କୋଶଳ କମିଟି ସଦସ୍ୟମାନେ ବେଲପଡା ଥାନା ଅଧିକାରୀ ସୁଶାନ୍ତ ଦାସଙ୍କୁ ଭେଟି ସରକାରୀ, ବେସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଗାଡ଼ି ମୋଟର ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ବୋଲି ଲିଖିତ ଭାବେ ଜଣାଇଛନ୍ତି। କୋଶଳ କମିଟିର ଜନାର୍ଦ୍ଦନ ସିଂ, ଜିତୁ ନାୟକ, ସିପୁନ ଖମାରୀ ପ୍ରମୁଖ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

### ମୃତଚାଷୀଙ୍କ ପରିବାରକୁ ଆର୍ଥିକ ସହାୟତା ଦିଅ: କିଷନ କଂଗ୍ରେସ

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)
ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ଅନ୍ତର୍ଗତ ବୁଢେଲ ଗାଁର ଚାଷୀ ରମେଶ ଭୋଇଙ୍କ ଆତ୍ମହତ୍ୟା ଘଟଣାକୁ ନେଇ ଜିଲା କିଷନ କଂଗ୍ରେସ ଅଧକ୍ଷ ସାନନ୍ଦ ମିଶ୍ର ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ତାଙ୍କ ଫସଲରେ ବିଭିନ୍ନ ରୋଗପୋକ ଲାଗିଥିଲା। ନିଅଣ୍ଟିଆ ପାଣି ଯୋଗୁ ଫସଲ ଅର୍ଦ୍ଧାଧିକ ନଷ୍ଟ ହୋଇଥିଲା। ଫଳରେ ସେ ମାନସିକ ଭାରସାମ୍ୟ ହରାଇ ବସିଥିଲେ। କୀଟନାଶକ ସିଞ୍ଚନ କରି ଖର୍ଚ୍ଚାନ୍ତ ହୋଇଥିଲେ। ମାତ୍ର କୌଣସି ସୁଫଳ ନ ମିଳିବାରୁ ବିଷପାନ କରିଦେଇଥିଲେ। ମୃତଚାଷୀ ରମେଶ ଭୋଇଙ୍କ ପରିବାରକୁ ତୁରନ୍ତ ୫୦ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦେବାକୁ ସେ ଦାବି କରିଛନ୍ତି।

### କରଣ ସମାଜର ଚିତ୍ରଗୁପ୍ତ ପୂଜା

କଣ୍ଟାବାଞ୍ଜି, ୧୫।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି କରଣ ସମାଜଦ୍ୱାରା ବୁଧବାର କେ.ଭି. କଲେଜ ନିକଟସ୍ଥ ନର୍ସରୀରେ ଚିତ୍ରଗୁପ୍ତ ପୂଜା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସାଧାରଣ ସଭାରେ ସମାଜ ସଭାପତି ପୂର୍ଣ୍ଣାନନ୍ଦ ମହାନ୍ତି ଅଧକ୍ଷତା କରିଥିଲେ। ଉପସଭାପତି ରାଜିବ ମହାନ୍ତି, ସୁବୋଧ ବହିଦାର, ବିଜୟଲକ୍ଷ୍ମୀ ମହାନ୍ତି, ସମ୍ପାଦକ ଭୁବନା ନନ୍ଦ ମହାନ୍ତି ସମାଜ ଉପରେ ନିଜ ମତ ରଖିଥିଲେ ।

### ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ

ଲୋଇସିଂହା, ୧୫।୧୧(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସଦର ଗାଁର ବରିଷ୍ଠ ନାଗରିକ ତଥା ଜିଲା ସାମ୍ବାଦିକ ସଂଘ ସଦସ୍ୟ ଡାକ୍ତର ପଟେଲଙ୍କ ବାପା ମହାଜନ ପଟେଲଙ୍କ ବୁଧବାର ପରଲୋକ ହୋଇଯାଇଛି' ମୃତ୍ୟୁବେଳକୁ



ତାଙ୍କୁ ୯୧ ବର୍ଷ ହୋଇଥିଲା' ସ୍ୱର୍ଗତ ପଟେଲ ୧୯୭୦ରୁ ୧୯୭୫ ମସିହା ପର୍ଯ୍ୟନ୍ତ ରିନବଚନ ସରକାରୀ ବିଦ୍ୟାଳୟ ଓ ୧୯୮୦ରୁ ୧୯୯୦ ପର୍ଯ୍ୟନ୍ତ ବାଘଝୁଲା ସରକାରୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଥିଲେ। ଅଞ୍ଚଳରେ ଧାର୍ମିକ ଅନୁଷ୍ଠାନ ସହିତ ସେ ଜଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ୩ପୁଅ ମହାଦେବ, ଡାକ୍ତର ଏବଂ ସୁବାଷ, ପୁତ୍ରବଧୂ ଓ ଝିଅଜ୍ୱାଇଁ ଉପସ୍ଥିତ ଥିଲେ । ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଠ ପୁତ୍ର ମହାଦେବ ମୁଖାଗ୍ନି ଦେଇଥିଲେ ।

# 'ବିର୍ସାଙ୍କ ଉଲଗୁଲାନ୍ ଆଜିବି ଗୁଞ୍ଜରିତ'

## ବିର୍ସା ମୁଣ୍ଡା ଜୟନ୍ତୀରେ ଆଦିବାସୀଙ୍କ ସାଂସ୍କୃତିକ ଶୋଭାଯାତ୍ରା




ବଲାଙ୍ଗୀରରେ ଆଦିବାସୀମାନେ ଶୋଭାଯାତ୍ରାରେ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ସଭାକୁ ଯାଉଛନ୍ତି।

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଆହ୍ୱାନକ୍ରମେ ବୁଧବାର ଆଦିବାସୀ ଗୌରବ ଦିବସ ତଥା ଭଗବାନ ବିର୍ସା ମୁଣ୍ଡା ଜୟନ୍ତୀ ମହୋତ୍ସବ ପାଳନ କରାଯାଇଥିଲା। ସ୍ଥାନୀୟ କୋଶଳ କଳା ମଣ୍ଡଳ ପଡ଼ିଆରୁ ଶତାଧିକ ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ର, ବେଶଭୂଷା, ଢ଼ାପ, ଢକା ବାଦ୍ୟ ତାଳେ ତାଳେ ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ସହର ପରିକ୍ରମା ବେଳେ ଦେବୀ ସମଲେଇ ଦେବୀଙ୍କ ଦର୍ଶନ କରି ମିଶନ ପଡ଼ିଆରେ ପହଞ୍ଚିଥିଲେ।

ସଂଘ ଜିଲା ସଭାପତି ଶ୍ୟାମ ସୁନ୍ଦର ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି, ସମ୍ମାନିତ ଅତିଥି ଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ବ୍ରଜ ମୋହନ ବିଶୋଇ, ଜିଲ୍ଲା ପରିଷଦ ଉପାଧକ୍ଷା ମିଥିଳା ମାଝି ଓ ଅନ୍ୟ ମଞ୍ଚାସୀନ ଅତିଥିମାନେ ବିର୍ସାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ମୁଖ୍ୟଅତିଥି ରାଜ୍ୟ ସଭା ସଦସ୍ୟ ବିଶି ବିର୍ସାଙ୍କ ଜୀବନୀ ଏବଂ ଆଦିବାସୀଙ୍କ ପ୍ରତି ତାଙ୍କ ବାର୍ତ୍ତା ସମ୍ପର୍କରେ ଆଲୋଚନା କରିଥିଲେ। ବିର୍ସା ମୁଣ୍ଡା ଇଂରେଜ ସରକାର ବିରୋଧରେ ଆଦିବାସୀମାନଙ୍କୁ ଏକଜୁଟ କରି ଉଲଗୁଲାନ ଡାକରା ଦେଇଥିଲେ। ଆଦିବାସୀମାନଙ୍କ ଜମି, ଜଳ, ଜଙ୍ଗଲ ଜୀବନ ଜୀବିକା, ଜୀବଜନ୍ତୁ, ସଂସ୍କୃତି, ଧର୍ମ ସୁରକ୍ଷା ପାଇଁ ବିପ୍ଳବ କରିଥିଲେ। ଆଦିବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା ପାଇଁ ଯେଉଁ ଲଢେଇ କରିଥିଲେ ତାହା ଆଜିବି ଆଦିବାସୀଙ୍କ ଭିତରେ ଗୁଞ୍ଜରିତ ହେଉଛି ବୋଲି ସେ କହିଥିଲେ। ଆଦିବାସୀମାନେ ସ୍ୱାଧୀନ, ସ୍ୱତନ୍ତ୍ର, ସ୍ୱାଭିମାନୀ ତେଣୁ ମର୍ଯ୍ୟାଦାର ସହିତ ବଞ୍ଚିବା ପାଇଁ ସହୀଦ ବିର୍ସା ମୁଣ୍ଡା ଆଦିବାସୀଙ୍କୁ ଆହ୍ୱାନ ଦେଇଯାଇଛନ୍ତି ବୋଲି ଅତିଥିମାନେ କହିଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନରେ ବିର୍ସାଙ୍କ ବଳିଦାନ ଅତୁଳନୀୟ। ତାଙ୍କ ଅଧୁରା ସପ୍ନକୁ ସାକାର କରିବା ପାଇଁ ସମସ୍ତ ଆଦିବାସୀ ଏକଜୁଟ ହୋଇ ହକ ପାଇଁ ସଂଗ୍ରାମ କରିବାକୁ ଆଦିବାସୀମାନେ ଆହ୍ୱାନ କରିଥିଲେ। ବଲାଙ୍ଗୀରର ଜୀବନ ରେଖା ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ଏବଂ ଦେଶର ବିଭିନ୍ନ ଡ୍ୟାମ, ନଦୀ ବନ୍ଧ ଯୋଜନା, ସଂରକ୍ଷଣ ଜଙ୍ଗଲ, ପାର୍କ ଆଦିରେ ଆଦିବାସୀମାନେ ବିସ୍ଥାପିତ ହେଉଛନ୍ତି। ସେଇ ଆଦିବାସୀ ମାନଙ୍କ ଜୀବନ ଜୀବିକା ସୁରକ୍ଷା ପାଇଁ କେନ୍ଦ୍ର ସରକାର ସ୍ୱତନ୍ତ୍ର ପ୍ୟାକେଜ ବ୍ୟବସ୍ଥା କରିବାକୁ ଆଦିବାସୀ ନେତାମାନେ ଦାବି କରିଥିଲେ। ସଭାକୁ ଗିରିଧାରୀ ଭୋଇ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାରେ ବିଞ୍ଝାଲ ସମାଜ ଜିଲା ସଭାପତି ଚନ୍ଦ୍ରଶେଖର ବାଗ, ମିର୍ଦ୍ଧା ସମାଜ ଜିଲା ସଭାପତି ଗୋପାଳ ପ୍ରଧାନ, ଆଦିବାସୀ ସଂଘ ବ୍ଲକ ସଭାପତି ପକ୍ଷଲେଶ୍ୱର ଭୋଇ, ଦଶରଥ ଛତ୍ରିଆ, ସନ୍ତୋଷ ପୁଟା, ଚନ୍ଦ୍ରଶେଖର ବରିହା, ଭୁବନେଶ୍ୱର କୁଅଁର, ମନରଞ୍ଜନ ଭୋଇ, ରସିକ ଧରୁଆ, ରାଜୀବ କୁଅଁର, କାର୍ଯ୍ୟକାରୀ ସଭାପତି ଭୁବନେଶ୍ୱର ଧରୁଆ, ସୁରଥ ଧରୁଆ, ଖେଳନ୍ତି ସମରଥ ନିମାଇଁ ଚରଣ ଝାଙ୍କର, ସାଧାରଣ ସମ୍ପାଦକ ହେମେନ୍ଦ୍ରନାଥ ହାଂସଦା, କୋଷାଧକ୍ଷ ପ୍ରଫୁଲ୍ଲ କୁମାର ତୁମୁନିଆଁ, ଟିଟିଲାଗଡ଼ ନଗର ସଭାପତି ନିତ୍ୟାନନ୍ଦ ମାଝି, ବଲାଙ୍ଗୀର ନଗର ସଭାପତି ରାମଚନ୍ଦ୍ର ମୁର୍ମୁ, ଗୁଡଭେଲା ସଭାପତି ବରୁଣ ମାଝି, ପୁଇଁତଲା ସଭାପତି ରାଜିନ ମାଝି ମଞ୍ଚାସୀନ ଥିଲେ। ଅଚ୍ୟୁତ ଧରୁଆ, ମଧୁ ବିଶ୍ୱାଳ,ସାରଥୀ ବାଗ,ଲକ୍ଷ୍ମୀ ଶବର, ଜଳ ଧରୁଆ, ରାଜ ଭୋଇ ଶୋଭାଯାତ୍ରା ପରିଚାଳନା କରିଥିଲେ।

## ଆଦିବାସୀ ପରମ୍ପରା ଉଜ୍ଜୀବିତ ରଖିବାକୁ ଗୁରୁତ୍ୱ




କଣ୍ଟାବାଞ୍ଜିସ୍ଥିତ ଜି.ଆର ପ୍ୟାଲେସରେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି ବୃନ୍ଦ।

### ଜିଲା ଆଦିବାସୀ ସଂଘ ପାଳିଲା ବିର୍ସା ମୁଣ୍ଡା ଜୟନ୍ତୀ

କଣ୍ଟାବାଞ୍ଜି, ୧୫।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିସ୍ଥିତ ଜି.ଆର ପ୍ୟାଲେସରେ ବୁଧବାର ଜିଲା ଆଦିବାସୀ କଲ୍ୟାଣ ସଂଘ ଏବଂ ତୁରେକେଲା ବ୍ଲକ ଶାଖା ମିଳିତ ଉଦ୍ୟମରେ ବୀର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଛି। ମୁଖ୍ୟ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା ଯୋଗଦେଇଥିଲେ। ସଂଘର ଜିଲା ସଭାପତି ସତ୍ୟନାରାୟଣ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିଭାବେ ପଦ୍ମପୁର ବିଧାୟିକା ବର୍ଷାରାଣୀ ସିଂ ବରିହା, ସମ୍ମାନୀତ ଅତିଥିଭାବେ ଜିଲା ଉପସଭାପତି ଶରତ ସିଂ ଭୋଇ, ସମ୍ପାଦକ ପୁରୁଷୋତ୍ତମ ଧରୁଆ, ଆୟୋଜକ ତଥା ତୁରେକେଲା ବ୍ଲକ ଆଦିବାସୀ କଲ୍ୟାଣ ସଂଘ ସଭାପତି ଗିରିରାଜ ସିଂ ମାଝି, ପୂର୍ବତନ ଜିଲା ପରିଷଦ ସଭ୍ୟା ତୁରେକେଲା ନିରୂପମା ମାଝି, ତୁରେକେଲା ବ୍ଲକ ସମ୍ପାଦକ ଦୈତ୍ୟାରୀ ଭୋଇ, ପାଟଣାଗଡ ବ୍ଲକ ସଭାପତି ଅଷ୍ଟରତ୍ନ ବରିହା, ଜିଲାର ସମସ୍ତ ୧୪ ବ୍ଲକର ସଭାପତି, ଉପସଭାପତି, ସମ୍ପାଦକ ମଞ୍ଚାସୀନ ଥିଲେ। ଜିଲା ସଭାପତି ଭୋଇ ତାଙ୍କ ବକ୍ତବ୍ୟରେ ବୀର୍ସା ମୁଣ୍ଡାଙ୍କ ତ୍ୟାଗପୂତ ଜୀବନର ଅବତାରଣା କରିବା ସହ ଆଦିବାସୀଙ୍କ ପରମ୍ପରା ଉଜ୍ଜିବିତ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ବିଧାୟିକା ବରିହା ଆଦିବାସୀ ସମାଜର ଶିକ୍ଷା, ରାଜନୈତିକ ଓ ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ତୁରେକେଲା ବ୍ଲକ ସଭାପତି ଗିରିରାଜ ସିଂ ମାଝି ତାଙ୍କ ବକ୍ତବ୍ୟରେ ସମାଜର ଉନ୍ନତି ପାଇଁ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହରିହର ମାଝି, ଚକ୍ର ଜାନି, ମୁରଲୀଧର ମାଝି, ଶ୍ରୀଧର ମାଝି, ପୂର୍ଣ୍ଣଚନ୍ଦ୍ର ମାଝି, ଗୋବିନ୍ଦ ହିଆଲ, ମୁକେଶ ପ୍ରଧାନି ପ୍ରମୁଖ ଉପସ୍ଥିତ ଥିଲେ। ଧନସିଂ ମାଝି ମଞ୍ଚ ପରିଚାଳନା କରିଥିଲେ।

## ବିର୍ସା ଜୟନ୍ତୀରେ ଆଦିବାସୀ ଅଧିକାର କର୍ମଶାଳା

କଣ୍ଟାବାଞ୍ଜି, ୧୫।୧୧(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ତହସିଲ ଅଫିସ ନିକଟ ପାର୍କରେ ଜିନ୍ଦାବାଦ ସଂଗଠନ ପକ୍ଷରୁ ବୀର୍ସା ମୁଣ୍ଡା ଜୟନ୍ତୀ ପାଳନ କରାଯାଇଛି। ଏହି ଅବସରରେ ସଂଗଠନ ପକ୍ଷରୁ ସମ୍ବିଧାନ, ଆଦିବାସୀ ଅଧିକାର ଓ ଗଣତନ୍ତ୍ର ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅଲୋଚକଭାବେ ପ୍ରଫେସର ବିଜୟ ବହିଦାର, କଳାହାଣ୍ଡି ବିଶ୍ୱବିଦ୍ୟାଳୟ ସହକାରୀ ପ୍ରଫେସର ପବିତ୍ର ବାଗ, ଖଡିଆଳ ସ୍ୱଂୟ ଶାସିତ କଲେଜ ପ୍ରଫେସର ପଦ୍ମଲୋଚନ ବର୍ମା, ଗବେଷକ ଡ. ଫଣିନ୍ଦମ ସିଂଦେଓ, ସୁଶ୍ରୀ ରସ୍ମିଲତା ମାଝି, ସାମାଜିକ କର୍ମୀ ବାଳକୃଷ୍ଣ ଷାଣ୍ଡ, ଆଦିବାସୀ ଗବେଷକ ଅଜିତ କୁମାର ଭୋଇ, ସାମାଜିକ କର୍ମୀ ବାଳକିଶୋର ଛତର, ଆଇନଜୀବୀ ବିଷ୍ଣୁ ପ୍ରସାଦ ଶର୍ମା ଯୋଗ ଦେଇଥିଲେ। ତ୍ରିଲୋଚନ ପୁଂଜି ମଞ୍ଚ ପରିଚାଳନା କରିଥିଲେ।




ବିର୍ସା ମୁଣ୍ଡା ଜୟନ୍ତୀ ସଭାରେ ଉପସ୍ଥିତ ଅତିଥି ଓ ଜନ ସାଧାରଣ।

## ବିଶ୍ୱାମ୍ ବିଦ୍ୟା ମନ୍ଦିରରେ ଆନ୍ତଃ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା

# ୪୦ପ୍ରକଳ୍ପ ପ୍ରଦର୍ଶିତ, ୧୦ଶ୍ରେଷ୍ଠ ମନୋନୀତ

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ବିଶ୍ୱାମ୍ ବିଦ୍ୟା ମନ୍ଦିରରେ ଦୁଇଦିନ ଧରି ଆୟୋଜିତ ଆନ୍ତଃ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ମେଳା ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଛି। ବିଦ୍ୟା ମନ୍ଦିରର ପ୍ରତିଷ୍ଠାତା ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦ ସରସ୍ୱତୀଜୀ ମହାରାଜଙ୍କ ଉପସ୍ଥିତିରେ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ବିଶ୍ୱାମ୍ ବିଦ୍ୟା ମନ୍ଦିରର ବିଭିନ୍ନ ଶାଖାର ୨୦୧ଟି ବିଜ୍ଞାନ ପ୍ରକଳ୍ପରୁ ମନୋନୀତ ୪୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ତନ୍ମଧ୍ୟରୁ ୧୦ଟି ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ବଛା ଯାଇଛି। ଏହି ଅବସରରେ ପୂଜ୍ୟପାଦ ସ୍ୱାମୀଜୀ ମହାରାଜ




ସ୍ୱାମୀ ସତ୍ୟପ୍ରଜ୍ଞାନନ୍ଦଙ୍କ ସହ ଆନ୍ତଃବିଦ୍ୟାଳୟ ବିଜ୍ଞାନ ମେଳାର କୃତୀ ପ୍ରତିଯୋଗୀ।

ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିକୋଣର ଅଭିବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ, ଭାରତୀୟ ପୁରାତନ ଋଷିମୁନୀ ମାନେ ବୈଜ୍ଞାନିକ ଥିଲେ। ଜୀବନ ଏବଂ ଜଗତର ଅନେକ ତଥ୍ୟ ସେମାନେ ଅନୁସନ୍ଧାନ କରୁଥିଲେ ଏବଂ ଆମେ ସମସ୍ତେ ସେହି ଋଷି ବୈଜ୍ଞାନିକମାନଙ୍କ ଦାୟାଦ ବୋଲି କହିଥିଲେ। ବୁଧବାର ଉଦ୍‌ଯାପନୀ ସମାରୋହରେ ଦୂରଦର୍ଶନ ପ୍ରସାର ଭାରତୀର ପୂର୍ବତନ ନିର୍ଦ୍ଦେଶକ ତଥା ଭୁବନେଶ୍ୱର ଭଞ୍ଜ ଭାରତୀର ଅଧକ୍ଷ ନୀଳାଦ୍ରୀ ମୋହନ ଶତପଥି ମୁଖ୍ୟଅତିଥି ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସନ୍ଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ବିଶ୍ୱାମ୍ ଚେତନା ପରିଷଦ ସାଧାରଣ ସମ୍ପାଦକ ସ୍ୱାମୀ ସତ୍ତ୍ୱବେଦାନନ୍ଦ ସରସ୍ୱତୀଜୀ, ବିଦ୍ୟାମନ୍ଦିରର ଚେୟାରମ୍ୟାନ ଗଜେନ୍ଦ୍ର ତ୍ରିଭୁବନ ଦାସ ଭମ୍ବର, ସମ୍ପାଦକ ନବୀନ କୁମାର ବେଦବାକ୍, ନିର୍ଦ୍ଦେଶିକା ମା' ଶ୍ରଦ୍ଧାମୂର୍ତ୍ତି, ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ. ବିଜ୍ଞାନ ମେଳା ସଂଯୋଜକ ଚନ୍ଦ୍ର କୁମାର ପୁରୋହିତ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସଂଯୋଜକ ସମ୍ବିତ କୁମାର ସଂଯୋଜନା କରିଥିଲେ।

## କରଣ ସମାଜର ଚିତ୍ରଗୁପ୍ତ ପୂଜା

ଟିଟିଲାଗଡ଼, ୧୫।୧୧ (ଶରତ ମିଶ୍ର)

ଟିଟିଲାଗଡ ଚିତ୍ରଗୁପ୍ତ ସେବା ସମିତି (କରଣ ସମାଜ) ପକ୍ଷରୁ ବୁଧବାର ମହାବୀର ପଞ୍ଚାୟତି ଧର୍ମଶାଳା ପରିସରରେ ଭଗବାନ ଚିତ୍ରଗୁପ୍ତଙ୍କ ପୂଜନୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ସମାଜର ବାର୍ଷିକ ଅଧିବେଶନରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଟୁକୁନୀ ସାହୁ ଯୋଗଦେଇ କରଣ ସମାଜ ସର୍ବଦା ସହରର ବିକାଶ ତଥା ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରିଆସିଥିବା କହିଥିଲେ। ମଞ୍ଚସୀନ ସଂଗଠନ ସମ୍ପାଦକ ସନ୍ତୋଷ ମହାନ୍ତି ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ କରଣ ସମାଜ ଭବନ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିବାରୁ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ରାଜ୍ୟର ଏକମାତ୍ର ଏନସିସି କ୍ୟାଡେଟ ଭାବେ ଋଷିଆରେ ୟୁଥ ଏକ୍ସଚେଞ୍ଜ କାର୍ଯ୍ୟକ୍ରମରେ ଭାଗ ନେଇଥିବା କରଣ ସମାଜର ଇପସିତା ଦାଶ ଏବଂ ଆଥଲେଟିକରେ ରାଜ୍ୟସ୍ତରରେ ଅଂଶଗ୍ରହଣ ସୁଯୋଗ ଲାଭ କରିଥିବା ସରସ୍ୱତୀ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗଠନ ସଭାପତି ସୀତାରାମ ପଟ୍ଟନାୟକ, ଉପସଭାପତି ଉମେଶ ମହାନ୍ତି, କୋଷାଧକ୍ଷ ଶର୍ଙ୍କର୍ଷଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ବିଜୟ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ୨୫ରୁ ବଲାଙ୍ଗୀରରେ ଅଲ୍ ଓଡିଶା ପାୱାର ଲିଫ୍‌ଟିଂ ପ୍ରତିଯୋଗିତା

ବଲାଙ୍ଗୀର,୧୫।୧୧(ବୀରେନ୍ଦ୍ର କୁମାର ଝାଙ୍କର)

ଆସନ୍ତା ୨୫ରୁ ବଲାଙ୍ଗୀରରେ ଦୁଇଦିନିଆ ରାଜ୍ୟସ୍ତରୀୟ ଶକ୍ତି ଉତ୍ତୋଳନ (ପାୱାର ଲିଫ୍‌ଟିଂ ଚାମ୍ପିୟନଶିପ୍) ପ୍ରତିଯୋଗିତା ବଲାଙ୍ଗୀରରେ ଅନୁଷ୍ଠିତ ହେବ। ଏ ସଂକ୍ରାନ୍ତରେ ସ୍ଥାନୀୟ ଶାନ୍ତିପଡା ସ୍ଥିତ ଏନ୍‌ଏମ୍ ଫିଟ୍‌ନେସ୍‌ଠାରେ ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ନଭେମ୍ବର ମାସ ୨୫ ଓ ୨୬ ତାରିଖ ସ୍ଥାନୀୟ ଟାଉନ ହଲ୍‌ଠାରେ ପ୍ରତିଯୋଗିତା ହେବ। ଆୟୋଜକ ସଂଘ ପକ୍ଷରୁ କୁହାଯାଇଛି ଯେ, ଏହି ପ୍ରତିଯୋଗିତାରେ ରାଜ୍ୟର ୨୦ଟି ଜିଲାର ଉଭୟ ପୁରୁଷ ଓ ମହିଳା ବର୍ଗ ପ୍ରତିଯୋଗୀ ପ୍ରତିନିଧିତ୍ୱ କରିବେ । ସବ୍ ଜୁନିୟର, ଜୁନିୟର, ସିନିୟର ଓ ମାଷ୍ଟର ଗ୍ରୁପ୍‌ରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ । ବିଭିନ୍ନ ଜିଲାରୁ ଆସିଥିବା ପ୍ରତିଯୋଗୀଙ୍କ ପାଇଁ ଶାନ୍ତିପଡା କଲ୍ୟାଣ ମଣ୍ଡପରେ ରହିବା ଓ ଖାଇବା ବ୍ୟବସ୍ଥା କରାଯାଇଥିବା ଆୟୋଜକ ସଂଘ ଜିଲା ସମ୍ପାଦକ ପ୍ରଶାନ୍ତ ଦାଶ କହିଛନ୍ତି। ଜିଲା ସଭାପତି ପ୍ରଶାନ୍ତ ମଟାରୀ, ସମ୍ପାଦକ ପ୍ରଶାନ୍ତ ଦାଶ, ରୂପକ କୁମାର ବରାଳ, ପାର୍ଥ କର୍ଣ୍ଣ, ସଞ୍ଜୀବ କୁମାର ରଥ, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଏବଂ ଜିମ୍‌ର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ ।



ପାୱାର ଲିଫ୍ଟିଂ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଉଛନ୍ତି।

# ୧୪୨ ମହିଳା ଏସ୍‌ଏଚ୍‌ଜିଙ୍କୁ ୪ କୋଟି ଋଣ ବଣ୍ଟନ

ଟିଟିଲାଗଡ଼, ୧୫।୧୧ (ଶରତ ମିଶ୍ର)

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ କାର୍ଯ୍ୟାଳୟ ପରିସରରେ ବୁଧବାର ଜିଲାସ୍ତରୀୟ ଋଣ ବଣ୍ଟନ ମେଳା ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଟୁକୁନୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ୧୪୨ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମୋଟ ୪କୋଟି ୧୫ ଲକ୍ଷ ୧୬ ହଜାର ଟଙ୍କାର ବ୍ୟବସାୟିକ ସୁଧମୁକ୍ତ ଋଣ ବଣ୍ଟନ ଯୋଜନାର ଶୁଭାରମ୍ଭ କରିଥିଲେ। ଏହା ସହ ବ୍ଲକ ମହିଳା ଗୋଷ୍ଠୀ ସଦସ୍ୟାଙ୍କୁ ପ୍ରଥମ ଦଫାରେ ୬୦ଟି ସ୍କୁଟି ବଣ୍ଟନ କାର୍ଯ୍ୟକ୍ରମକୁ ମନ୍ତ୍ରୀ ପତକା ଦେଖାଇ ଶୁଭାରମ୍ଭ କରିଥିଲେ। ବିଡିଓ ସୁଶାନ୍ତ ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ୧୪୨ଟି ମହିଳା ଗୋଷ୍ଠୀଙ୍କୁ ସର୍ବୋଚ୍ଚ ୬ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ମନ୍ତ୍ରୀ ଡମିଚେକ ଆକାରରେ ପ୍ରଦାନ କରିଥିଲେ। ୧୦ଟି ଲେଖାଏ ମହିଳା ଗୋଷ୍ଠୀଙ୍କୁ କୁକୁଡା ଏବଂ ଛେଳିଚାଷ ପାଇଁ ଋଣ ବଣ୍ଟନ କରାଯାଇଥିଲା। ସେହିପରି ୩୩ଟି ମହିଳା ଗୋଷ୍ଠୀଙ୍କୁ ମାଛ ଚାଷ ପାଇଁ ଗ୍ରାମ୍ୟ ପୋଖରି ଆବଣ୍ଟନ ହୋଇଥିଲା। ୧୦୬ ହିତାଧିକାରୀଙ୍କୁ ନୂତନ ଭାବରେ ମଧୁବାବୁ ପେନସନ ମନ୍ତ୍ରୀ ବଣ୍ଟନ କରିଥିଲେ। ବ୍ଲକ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟରେ ଆସୁଥିବା



ମନ୍ତ୍ରୀ ଟୁକୁନୀ ସାହୁ ପତାକା ଦେଖାଇ ସ୍କୁଟି ଯୋଜନାର ଶୁଭାରମ୍ଭ କରୁଛନ୍ତି।

ମହିଳାଙ୍କୁ ସୁଲଭ ମୂଲ୍ୟରେ ଖାଦ୍ୟ ପଦାର୍ଥ ଯୋଗାଣ ପାଇଁ ମହଳା ଗୋଷ୍ଠୀଙ୍କ ପରିଚାଳନାରେ ଖୁବଶୀଘ୍ର ଏକ ମିଶନ ଶକ୍ତି କାଫେ ନିର୍ମାଣ କରାଯିବ ବୋଲି ମନ୍ତ୍ରୀ ସାହୁ ପ୍ରତିଶ୍ରୁତି ଦେଇଥିଲେ। ଟିଟିଲାଗଡ ଉପଜିଲାପାଳ ଦୟାମୟ ପାଢ଼ି, ବ୍ଲକ ଅଧକ୍ଷା ସଂଯୁକ୍ତା ନାଏକ, ଉପାଧକ୍ଷ ଜଗତରାମ ରଣା, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିଂକି ପୋଢ, ସଞ୍ଜୟ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସହକାରୀ ବିଏସଏସଓ ସୁମନ କଲ୍ୟାଣ ରଣା ସଭା ପରିଚାଳନା କରିଥିଲେ। ଏସଏସଏସଓ ହେମଲତା ମାଝି, ମିଶନ ଶକ୍ତି ବ୍ଲକ ସଂଯୋଜକ ପିତାମ୍ବର ବାଗ, ହୃଦାନନ୍ଦ ମାଝି, ସେକ ଅଞ୍ଜୁମ, ବିକାଶ ସାହୁ, ଏସବିଆଇ ଶାଖା ସହ ପରିଚାଳକ ଶୈଳେନ୍ଦ୍ର ବେହେରା, ଏଚଡିଏଫସି ଗୋଷ୍ଠୀ ପରିଚାଳକ ସତ୍ୟପ୍ରକାଶ ଦାଶ, ସୁମିତ ମେହେର, ଆଇଓବି ଶାଖା ପରିଚାଳକ ଚିନ୍ମୟ ପାତ୍ର, ୟୁଜିବି କ୍ଷେତ୍ର ଅଧିକାରୀ ଜୟକୃଷ୍ଣ ବେହେରା, ବରୋଦା ବ୍ୟାଙ୍କ ଶାଖା ପରିଚାଳକ ସୁଶିଲ ମିଶ୍ର, ବ୍ଲକ ବିଜେଡି ସଭାପତି ପଦ୍ମଲୋଚନ ପୋଢ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କୁ ପାଠ୍ୟ ସାମଗ୍ରୀ ବଣ୍ଟନ

**ଅତାବିରା, ୧୫।୧୧ (ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ବ୍ଲକ ଜାଙ୍ଗେଡ଼ ପଞ୍ଚାୟତ ଅନ୍ତର୍ଗତ ଟୁପାପଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଛି। ପ୍ରଧାନ ଶିକ୍ଷକ ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟୋପ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଅନସୂୟା ଦେବତା ମୁଖ୍ୟ ଅତିଥି ଏବଂ ସିଆରସିସି କିଚକ ସୁନା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ଭଲ ପାଠପଢ଼ି ସୁନାଗରିକ ହେବାକୁ ମୁଖ୍ୟ ଅତିଥି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବା ସହିତ ଖାତା, କମ୍ପାସ ବକ୍ସ ଆଦି ପାଠ୍ୟ ସାମଗ୍ରୀ ବଣ୍ଟନ କରିଥିଲେ। ଶିକ୍ଷୟିତ୍ରୀ ଗୁଣେଶ୍ୱରୀ ଭୁଏ ଧନ୍ୟବାଦ ଅର୍ପଣ କରିଥିଲେ।

### ମାୟାପୁର ଯାତ୍ରାକଲେ ସଂକୀର୍ତ୍ତନ ମଣ୍ଡଳୀ

**ବରଗଡ଼, ୧୫।୧୧ (ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ମଧ୍ୟପଡ଼ା ଭବାନୀଶଙ୍କର ସଂକୀର୍ତ୍ତନ୍ୟ ମଣ୍ଡଳୀର ୮୫ ସଦସ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଜନ୍ମପୀଠ ପଶ୍ଚିମବଙ୍ଗ ମାୟାପୁରରେ ସଂକୀର୍ତ୍ତନ୍ୟ ପରିବେଷଣ ପାଇଁ ମଙ୍ଗଳବାର ସେଠାକୁ ଯାତ୍ରା କରିଛନ୍ତି। ଯାତ୍ରା ଆରମ୍ଭରୁ ସ୍ଥାନୀୟ ଦଧିବାମନ ମନ୍ଦିରକୁ ସେମାନେ ଯାଇଥିଲେ। ସେଠାରେ ଦଧିବାମନ ମହାପ୍ରଭୁଙ୍କ ପୂଜାର୍ଚ୍ଚନା କରିଥିଲେ। ସଂକୀର୍ତ୍ତନ୍ୟ ଗୁରୁ କିଶୋର ବେହେରା, ମ୍ୟାନେଜର ସୁବଳ ମେହେର, ଉପଦେଷ୍ଟା ଭିକାରୀ ମେହେର, ହଳଧର ମେହେର, ଜୀବର୍ଦ୍ଧନ ରଣା ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସେମାନେ ମାୟାପୁର ଅଭିମୁଖେ ଯାତ୍ରା କରିଛନ୍ତି। ସେଠାରୁ ସମସ୍ତେ ପୁରୀ ଜଗନ୍ନାଥ ଧାମ ଅଭିମୁଖେ ଆସିବେ ଏବଂ ସଂକୀର୍ତ୍ତନ୍ୟ ପରିବେଷଣ କରି ପୁଣି ଭଟଲି ଫେରିବାର କାର୍ଯ୍ୟକ୍ରମ ରହିଛି ବୋଲି ମାର୍ଗଦର୍ଶକ ମୋତିଲାଲ ବନଛୋର ସୂଚନା ଦେଇଛନ୍ତି।ସଂକୀର୍ତ୍ତନ୍ୟ ମଣ୍ଡଳୀ ସମବେତ ହୋଇଛନ୍ତି ।

### ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

**ପାଇକମାଳ, ୧୫।୧୧ (ବଡ ଶତପଥି):** ବରଗଡ ଜିଲା ପାଇକମାଳ ବ୍ଲକ ନୃସିଂହନାଥ ପୀଠରେ ଯାଦବ ସମାଜ ପକ୍ଷରୁ ଚାରିଦିନ ଧରି ଚାଲିଥିବା ଗିରି ଗୋବର୍ଦ୍ଧନ ମହୋତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ କଳସ ଯାତ୍ରା, ବାଡ଼ିଖେଳ, ଗୀତ, ନାଚ, ରସି ଟଣା, ଝୋଟି ପ୍ରତିଯୋଗୀତା, ହୋମଯଜ୍ଞ, ସମାଜ ତରଫରୁ ବୈଠକ, ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯଜ୍ଞକର୍ତ୍ତାଭାବେ ରବୀନ୍ଦ୍ର ନାଗ ଓ ରିତା ନାଗ ଦାୟିତ୍ୱ ତୁଲାଇ ଥିଲେ। ବରଗଡ ଜିଲା ସଭାପତି ବ୍ରହ୍ମା ମହାକୁଡ଼, ଅଖିଳ ଭାରତୀୟ ରାଜ୍ୟ ଯୁବ ସଭାପତି ମାନସ ନାଗ, ଲଳିତ ଦୀପ, ଡୋଳମଣି ମାହାର, ଭରତ ରାଉତ, କୃଷ୍ଣ ଖରସେଲ ପ୍ରମୁଖ ଉପସ୍ଥିତ ରହି ଦିଗଦର୍ଶନ ଦେଇଥିଲେ।




ଗୋଡ଼ଭଗା ସମଲେଇ ମନ୍ଦିରରୁ ଶୋଭାଯାତ୍ରାରେ ଚାଷୀମାନେ ମଣ୍ଡିକୁ ଆସୁଛନ୍ତି ।



ଗୋଡ଼ଭଗା ମଣ୍ଡିରେ ଚାଷୀମାନେ ଧାନ ଅନଲୋଡ୍ କରୁଛନ୍ତି ।

# ମଣ୍ଡି ଭିତରକୁ ଧାନ ପୂରାଇଲେ ଚାଷୀ

**ବରଗଡ଼/ସରଣ୍ଡା, ୧୫।୧୧ (ପ୍ରେମାନନ୍ଦ ଖମାରୀ/ଯୁଧିଷ୍ଠିର ମହାପାତ୍ର)**

- ଧାନ ସଂଗ୍ରହ ବିଳମ୍ବକୁ ନେଇ ବଢ଼ୁଛି ଚାଷୀ ଅସନ୍ତୋଷ
- କଳାପାଣି, ଗୋଡ଼ଭଗା ମଣ୍ଡିରେ ଧାନ ଗଦାକଲେ ଚାଷୀ
- ୨୧ରୁ ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ

ବରଗଡ଼ ଜିଲାର ବିଭିନ୍ନ ଅଞ୍ଚଳରେ ଗତପ୍ରାୟ ସପ୍ତାହେ ହେଲା ଖରିଫ ଧାନ ଅମଳ ଜୋର୍ ଧରିଛି। ଅଥଚ ଜିଲାର ମଣ୍ଡିଗୁଡ଼ିକ ଖୋଲି ନାହିଁ। ଆସନ୍ତା ୨୧ରୁ ଧାନ ସଂଗ୍ରହ ପାଇଁ ଜିଲାର ମଣ୍ଡିଗୁଡ଼ିକୁ ଖୋଲିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। କିନ୍ତୁ ଏହା ଯଥେଷ୍ଟ ବିଳମ୍ବ ହେଉଥିବା ଦର୍ଶାଇ ନଭେମ୍ବର ୧୫ ସୁଦ୍ଧା ମଣ୍ଡି ଖୋଲିବା ଦାବିରେ ଚାଷୀମାନେ ଜିଲା ପ୍ରଶାସନକୁ ଫେରାଦ ହୋଇଥିଲେ ଏବଂ ମଣ୍ଡି ଖୋଲା ନ ଗଲେ ସେମାନେ ମଣ୍ଡିରେ ଧାନ ପୂରାଇବେ ବୋଲି ଚେତାବନୀ ଦେଇଥିଲେ। ତେଣୁ ବୁଧବାର ବରଗଡ଼ ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ଅଧୀନ କଳାପାଣି ଏବଂ ଅତାବିରା ଆର୍‌ଏମ୍‌ସି ଅଧୀନ ଗୋଡ଼ଭଗା ମଣ୍ଡିରେ ଅଞ୍ଚଳର ଚାଷୀମାନେ ଅମଳ ଧାନ ପୂରାଇଛନ୍ତି। କଳାପାଣି ମଣ୍ଡିରେ ୬୪୮ ଏବଂ ଗୋଡ଼ଭଗା ମଣ୍ଡିରେ ୧୦୦୪ ପ୍ୟାକେଟ୍ (ବସ୍ତା) ଧାନ ଚାଷୀମାନେ ଗଦା କରିଛନ୍ତି। ତେବେ ତୁରନ୍ତ ମଣ୍ଡି ଖୋଲା ନ ଗଲେ ଆଗକୁ ମଧ୍ୟ ଚାଷୀମାନେ ଆହୁରି ଧାନ ମଣ୍ଡିରେ ପୂରାଇବେ ବୋଲି ଚେତାବନୀ ଦେଇଛନ୍ତି।

ଚାଷୀମାନେ ଟ୍ରାକ୍ଟର ଯୋଗେ ଧାନ ଧରି କଳାପାଣି, ଗୋଡ଼ଭଗା ମଣ୍ଡିକୁ ଆସିଥିଲେ। ମଣ୍ଡି ଫାଟକ ବନ୍ଦ ଥିବା ଯୋଗୁ ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟରକୁ ଫାଟକ ସମ୍ମୁଖରେ ରଖିଥିଲେ। ଚାଷୀମାନେ କହିବା ସତ୍ତ୍ୱେ ମଣ୍ଡି ଦାୟିତ୍ୱରେ ରହିଥିବା କର୍ମଚାରୀମାନେ ଦୀର୍ଘ ସମୟ ଧରି ଫାଟକ ଖୋଲି ନ ଥିଲେ। ମଣ୍ଡି ଖୋଲା ନ ଗଲେ ରାଜରାସ୍ତାରେ ଧାନ ଗଦା କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଥିଲେ। ପରେ ଉପରିସ୍ଥ ଅଧିକାରୀଙ୍କ ସହିତ ଆଲୋଚନା କରି ମଣ୍ଡି ଦାୟିତ୍ୱରେ ଥିବା କର୍ମଚାରୀମାନେ ଫାଟକ ଖୋଲିଥିଲେ। ଏହା ପରେ ମଣ୍ଡି ଭିତରକୁ ଚାଷୀମାନେ ଧାନ ବୋଝେଇ ଟ୍ରାକ୍ଟର ନେଇ ସେଠାରେ ଧାନ ଗଦା କରି ରଖିଥିଲେ। କଳାପାଣି ମଣ୍ଡିରେ ଚାଷୀନେତା ଏକାଦଶିଆ ସାହୁ, ସୁରେଶ ନେକାଣ୍ଟି ଏବଂ ଗୋଡ଼ଭଗାରେ ଚାଷୀନେତା ବୀରେନ୍ଦ୍ର କର, ପଞ୍ଚାନନ ସାହୁ, କାହ୍ନୁଚରଣ ମେହେର, ଶେଷଦେବ ମିଶ୍ର, କୈଳାସ ବାରିକ, ଅରବିନ୍ଦ ପଣ୍ଡା, ଉତ୍ପନ୍ନ ଭୋଇ, ସୁଦାମ ପାତ୍ର ପ୍ରମୁଖ ନେତୃତ୍ୱ ନେଇଥିଲେ। ଗୋଡ଼ଭଗାରେ ଚାଷୀମାନେ ସ୍ଥାନୀୟ ସମଲେଇ ମନ୍ଦିରରୁ ଏକ ଶୋଭାଯାତ୍ରାରେ ମଣ୍ଡିକୁ ଆସିଥିଲେ।

ପ୍ରକାଶଥାଉକି, ଗତମାସ ୨୭ତାରିଖ ଜିଲାପାଳ ଅଫିସ ସମ୍ମିଳନୀ କକ୍ଷରେ ଖରିଫ ଧାନ କିଣାବିକା ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ବସିଥିଲା। ଏଥର ଜିଲାରେ ୨୨୦ ମଣ୍ଡିରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଚଳିତମାସ ୨୧ତାରିଖ ଜିଲାର ସବୁ ମଣ୍ଡି ଖୋଲାଯିବ ବୋଲି ମୁଖ୍ୟ ଜିଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ ସୂଚନା ଦେଇଥିଲେ।

## ବରଗଡ଼ ବ୍ଲକ ଦଳ ଚାମ୍ପିୟନ




ଉଦ୍‌ଯାପନ ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ପଦ୍ମପୁର ୧୫।୧୧ (ପ୍ରଦୀପ୍ତ ଦାଶ)**

ବରଗଡ ଜିଲା ପଦ୍ମପୁର ରାଜ ବୋଡ଼ାସମ୍ବର୍ ହାଇସ୍କୁଲ ଖେଳ ପଡିଆରେ ତ୍ରି ଦିବସୀୟ ଜିଲାସ୍ତରୀୟ ସ୍କୁଲ କ୍ରିକେଟ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ବରଗଡ଼ ଓ ଅତାବିରା ବ୍ଲକ ମଧ୍ୟରେ ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଅତାବିରା ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ଉଇକେଟ ହରାଇ ୯୦ ରନ ସଂଗ୍ରହ କରିଥିଲା। ଜବାବରେ ବରଗଡ଼ ବ୍ଲକ ଦଳ ୧୨ଓଭରରେ ଆବଶ୍ୟକ ରନ ସଂଗ୍ରହ କରି ୩ ଉଇକେଟରେ ବିଜୟୀ ହୋଇଥିଲା। ଅମରେନ୍ଦ୍ର ସିଂହ ପ୍ରତିଯୋଗୀତାର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ମ୍ୟାଚକୁ ସତନ୍ତ୍ର ସାହୁ ଓ ଭବାନୀ ଶଙ୍କର ସାହୁ ପରିଚାଳନା କରିଥିବାବେଳେ ଅମୂଲ୍ୟ ସେଠୀ ଓ ସୁନୀଲ ନାୟକ ସ୍କୋରର ଏବଂ ମନ୍ମି ପାତ୍ର ଉଦ୍‌ଘୋଷକ କାର୍ଯ୍ୟ ତୁଲାଇଥିଲେ। ଜିଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ଆଲୋକ ପଟେଲ, ଏଡିଇଓ ଛତ୍ରପତି ସାହୁ, ଡିଏସ୍‌ଏସ ଧୀରଜ ପଟ୍ଟନାୟକ, ଉପଖଣ୍ଡ ସୂଚନା ଅଧିକାରୀ ବିନାୟକ ମିଶ୍ର ଓ ପଦ୍ମପୁର, ସୋହେଲା, ବରପାଲି, ପାଇକମାଳ ଏବଂ ଝାରବନ୍ଧ ବ୍ଲକ ଶିକ୍ଷା ଅଧିକାରୀମାନେ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଜାତୀୟ ପୁରସ୍କାରପ୍ରାପ୍ତ ଲୋକବାଦ୍ୟ ଦଳ ଦେଉଲୀ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୀତ, ନାଚ ଏବଂ ବାଦ୍ୟ ମାଧ୍ୟମରେ ସମସ୍ତଙ୍କ ମନ ମୋହି ନେଇଥିଲେ। ରାଜେଶ ଖମାରୀ ଓ ଅବିନାଶ ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ରାଜବୋଡ଼ା ସମ୍ବର ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋଭାଦିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଇକମାଳ ହାଇସ୍କୁଲରେ କ୍ୟାରିୟର୍ କାଉନସେଲିଂ

**ପାଇକମାଳ, ୧୫।୧୧ (ବଡ ଶତପଥି)**

ବରଗଡ ଜିଲା ପାଇକମାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ୟାରିୟର କାଉନସେଲିଙ୍ଗ ବିଇଓ ଚୂଡ଼ାମଣି ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସୋହେଲା ବିଇଓ ଅମୃତା ସାହୁ, ବରଗଡ଼ ବିଇଓ ସେବାଶ୍ରୀ ଭୋଇ, ଏଡିଇଓ ଛତ୍ରପତି ସାହୁ ଏହି କାର୍ଯକ୍ରମରେ ଉପସ୍ଥିତ ହୋଇ ନବମ ଓ ଦଶମ ଶ୍ରେଣୀର ୧୬୫ ଛାତ୍ରୀଛାତ୍ରୀଙ୍କୁ ବିଭିନ୍ନ କ୍ୟାରିୟର ସମ୍ପର୍କରେ ସୂଚନା ଦେଇଥିଲେ। ଦୃଢ଼ମନା ହୋଇ ଲକ୍ଷ୍ୟ ପଥରେ ଅଗ୍ରସର ହେବା ପାଇଁ ଆହ୍ୱାନ ଦେଇଥିଲେ। ପ୍ରଧାନଶିକ୍ଷକ ଦାଦଶ କୁମାର ପ୍ରଧାନ, ଏସଏମଡିସି ସଦସ୍ୟ ପ୍ରଫୁଲ୍ଲ କୁମାର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ମାର୍ଗ ଦର୍ଶନ ପାଇଁ ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବବିତା ବେହେରା, ସୁଦାମ ପାଣ୍ଡେ, ଆନନ୍ଦିନୀ ସେଠ, ମଧୁସ୍ମିତା ମେହେର, ରଜତ କୁମାର ସାହୁ, ଲଳିତ କୁମାର୍ ବିଶାଳ, ଜଗବନ୍ଧୁ ସ୍ୱାଧୀନ କାର୍ଯକ୍ରମ ରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ତ୍ରିଲୋଚନ ନାୟକ କାର୍ଯ୍ୟକ୍ରମ ପରିଚାଳନା ଓ ଜ୍ୟୋତିର୍ମୟୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ୟାମାକାଳୀ ପୂଜନୋତ୍ସବ ଉଦ୍‌ଯାପିତ



ପଦ୍ମଶ୍ରୀ ହଜିତେନ୍ଦ୍ର ହରିପାଲଙ୍କୁ ସମ୍ମାନିତ କରାଯାଉଛି ।

**ପଦ୍ମପୁର ୧୫।୧୧ (ପ୍ରଦୀପ୍ତ ଦାଶ)**

**ଜିଲାସ୍ତରୀୟ ସ୍କୁଲ କ୍ରିକେଟ**

ବରଗଡ ଜିଲା ପଦ୍ମପୁର ହନୁମାନ ପଡା ଶ୍ୟାମାକାଳୀ ମନ୍ଦିରରେ ତ୍ରିଦିବସୀୟ କାଳୀପୂଜା ଉଦ୍‌ଯାପିତ ହୋଇଛି। ପୂଜାକର୍ତ୍ତାଭାବେ ପ୍ରଶାନ୍ତ ପଟ୍ଟନାୟକ ଦମ୍ପତି କାର୍ଯ୍ୟ ସମ୍ପାଦନ କରିଥିଲେ। ପଣ୍ଡିତ ଅତ୍ରାହି ଭଞ୍ଜନ ପାଣିଗ୍ରାହୀ, ପ୍ରଦୀପ କର, କୀର୍ତ୍ତିଚନ୍ଦ୍ର ମହାପାତ୍ର ପୂଜାର୍ଚ୍ଚନା, ହୋମ, ଚଣ୍ଡୀପାଠ କରିଥିଲେ। ପୂଜା ପରିଚାଳନା କମିଟି ସଭାପତି ଅଜିତ କୁମାର ଶତପଥୀ, ଧରମ ପାଢ଼ି, ଶ୍ୟାମଳ ଦାଶ, ପ୍ରିୟରଞ୍ଜନ ଭୋଇ, ପ୍ରଫୁଲ୍ଲ ମିଶ୍ର, ସରୋଜ ମିଶ୍ର, ସନ୍ତୋଷ ବହିଦାର, ଅଜୁ ପଟ୍ଟନାୟକ, ହରିହର ପଟ୍ଟନାୟକ, ବାଳଗୋପାଳ ପାଣିଗ୍ରାହୀ ପ୍ରମୁଖଙ୍କ ସହ ପଡାବାସୀ ସହଯୋଗ କରିଥିଲେ। ଏହି ଅବସରରେ କମିଟି ତରଫରୁ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।ସମସ୍ତ ଭକ୍ତଙ୍କ ପାଇଁ ଅନ୍ନଭୋଗ ବ୍ୟବସ୍ଥା କରାଯାଇଥିଲା।

## ସଂସ୍କାର ସ୍କୁଲରେ ଶିଶୁ ଦିବସ

**ବରଗଡ଼, ୧୫।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶିଶୁ ଦିବସ ପାଳିତ ହୋଇଛି। ସ୍କୁଲର ପ୍ରିନ୍ସିପାଲ କରନ ସାହୁ ଏବଂ ଡାଇରେକ୍ଟର ଅଜିତ ପଟ୍ଟନାୟକ ଜବାହରଲାଲ ନେହେରୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲର ଏକାଡ଼େମିକ କୋଅର୍ଡ଼ିନେଟର ସୀମା ସାହୁ, କୋଅର୍ଡ଼ିନେଟର ରୀତା ନାୟକ, ମମତା ସିହ୍ନାଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ନର୍ସରୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ. ଶିକ୍ଷକ ଛାତ୍ରୀଛାତ୍ରଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ନୃତ୍ୟ, ସଙ୍ଗୀତ ପରିବେଷଣ କରିଥିଲେ। ଜୀବନର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ପାଇଁ ସର୍ବଦା କଠିନ ପରିଶ୍ରମର ଆବଶ୍ୟକତା ରହିଛି ବୋଲି ପ୍ରିନ୍ସିପାଲ ସାହୁ କହିଥିଲେ। ସେହିପରି ନିଜ ଭିତରେ ଥିବା ଦୋଷ, ଦୁର୍ବଳତା ଚିହ୍ନଟ କରି ତାକୁ ଦୂର କରି ଲକ୍ଷ୍ୟପଥରେ ଆଗେଇ ଆସିବାକୁ ଡାଇରେକ୍ଟର ପଟ୍ଟନାୟକ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ ।




ସଂସ୍କାର ଇଣ୍ଟର ନ୍ୟାଶନାଲ ସ୍କୁଲରେ ଶିଶୁ ଦିବସ ପାଳନ କରାଯାଉଛି।

# ଶିଶୁମାନେ ଦେଶର ଶକ୍ତି, ପ୍ରଗତିର ସୂତ୍ରଧର

**ବରଗଡ଼, ୧୫।୧୧ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧିନ ଗୋବିନ୍ଦପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ସାହିତ୍ୟ ପତ୍ରିକା କଳାମାଣିକ ଏବଂ ଭ୍ରାମ୍ୟମାଣ ପାଠାଗାର ଶିଶୁଶ୍ରୀ ଆନୁକୂଲ୍ୟରେ ଶିଶୁମେଳା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସାର୍ତ୍ତିକ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଶୁମାନେ ହିଁ ଦେଶର ଶକ୍ତି ଏବଂ ପ୍ରଗତିର ସୂତ୍ରଧର ବୋଲି କହିଥିଲେ। ଫଳରେ ସେମାନଙ୍କୁ ପରିପୂର୍ଣ୍ଣଭାବେ ବିକଶିତ କରି ସୁନାଗରିକ ଭାବେ ଗଢ଼ି ତୋଳିବା ସମାଜର ସବୁବର୍ଗର ବ୍ୟକ୍ତି ବିଶେଷଙ୍କ ଦାୟିତ୍ୱ ବୋଲି ମୁଖ୍ୟ ଅତିଥି କହିଥିଲେ। ଶିକ୍ଷୟିତ୍ରୀ ତପସ୍ୱିନୀ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜବାହରଲାଲ ନେହେରୁଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଶିଶୁମାନଙ୍କ ଉନ୍ନତି କରିବା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ଶିକ୍ଷୟିତ୍ରୀ ମମତା ରଥ, ଲୀନା ପୁରୋହିତ, ରଶ୍ମି ପୃଷେଠ, ସାଗରିକା ପାଣିଗ୍ରାହୀ, ଅପର୍ଣ୍ଣା ତ୍ରିପାଠୀ, ସ୍ନେହଲତା ମହାରଣା, ନମ୍ରତା ବେହେରା, ମିନତୀ ଦାଶ, ନମିତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ପୁନମ ମାଝି, ମୋନାଲିସା ପୁଟେଲ, ରୋଲି ମହାନନ୍ଦଙ୍କୁ ପୁରସ୍କୃତ କରାଯାଇଥିଲା। କଳାମାଣିକର ସମ୍ପାଦକ ଡ. ରବିନାରାୟଣ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





ବରଗଡ଼ ମହିଳା ସମିତି କର୍ମକର୍ତ୍ତାଙ୍କ ଗହଣରେ ଶିଶୁମାନେ । ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମରେ ଶିଶୁମାନେ ସାମିଲ ଅଛନ୍ତି ।

ବରଗଡ଼ ମହିଳା ସମିତି ପକ୍ଷରୁ ମଙ୍ଗଳବାର ଶିଶୁ ଦିବସ ପାଳିତ ହୋଇଛି। ସମାଜସେବୀ ଗୀତା ମିଶ୍ର ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁମାନଙ୍କର ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। କନକ ପ୍ରଧାନ ଅନ୍ୟତମ ବକ୍ତାଭାବେ ଯୋଗଦେଇ ବିଭିନ୍ନ ଆଶ୍ରମଗୁଡ଼ିକରେ ରହୁଥିବା ଶିଶୁମାନଙ୍କ ପ୍ରତି ସମସ୍ତେ ସହଯୋଗର ହାତ ବଢ଼ାଇବାକୁ ଆହ୍ୱାନ କରି ମହିଳା ସମିତି ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ପ୍ରଶଂସା କରିଥିଲେ। ସମିତିର ସଭାପତି ମନ୍ଦାକିନୀ ପତି ସଭାପତିତ୍ୱ କରିଥିବାବେଳେ ମମତା ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟଗୀତା ପଣ୍ଡା, ଯଶବିନ୍ଦର କୌର, ମିନାକ୍ଷୀ କର, ପଦ୍ମିନୀ ସାହୁ, ସଙ୍ଗୀତା ଗୁପ୍ତା, ଜୟନ୍ତୀ ପ୍ରଧାନ, ଇନ୍ଦ୍ରାଣୀ ଶତପଥି, ସଲୋନୀ ଦାଶ, ଜୟଶ୍ରୀ ପଣ୍ଡା, ସସ୍ମିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ବରଗଡ଼ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟରେ ଶିଶୁ ଦିବସ ପାଳନ ଅବସରରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ହୋଇଥିଲା। ଜିଲା ସଂକୀର୍ତ୍ତନ ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଏମଡ଼ି ତଫିକ୍ ଖାନ୍, ହେମସାଗର ସା, ସଙ୍ଗୀତ ଶିକ୍ଷକ ଅମରେଶ ବାରିକ, କାମଦେବ ବେହେରା, ପଦ୍ମଲୋଚନ ଦାଶ, ଗୋପାଳ ମିଶ୍ର ପ୍ରମୁଖ ଯୋଗଦେଇ ଭଜନ ପରିବେଷଣ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, କିଶୋର ସାହୁ, ଅଭୟ ପ୍ରଧାନଙ୍କ ସମେତ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିଚାଳନା କମିଟି ସମ୍ପାଦକ ଅଧ୍ୟାପକ ରବିନାରାୟଣ ସାହୁ, ସାମାଜିକ କର୍ମୀ ଦିବାକର ମାଝୀ ପ୍ରମୁଖ ଅତିଥିଭାବେ ଯୋଗଦାନ କରିଥିଲେ। ପଶ୍ଚିମ ଓଡ଼ିଶା କଳାକାର ମହାସଂଘର ସମ୍ପାଦକ ଗୋପବନ୍ଧୁ ପୁରୋହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ଦୁଃଖୀସେବକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ବରଗଡ଼ ସରସ୍ୱତୀ ଶିଶୁ ମନ୍ଦିର(ହିନ୍ଦୀ ବିଭାଗ)ରେ ଅନୁଷ୍ଠିତ ଶିଶୁ ଦିବସ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୂର୍ବତନ ଛାତ୍ର ଦିପକ ମିରୱାନୀ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଛାତ୍ର ପ୍ରଶାନ୍ତ ମିରୱାନୀ, ସୁମିତ ବର୍ମା, କପିଳ ମିରୱାନୀ, ପଙ୍କଜ ଅଗ୍ରୱାଲ, ମୁରାରୀ ମିତ୍ତଲ, ଦୁର୍ଗାପ୍ରସାଦ ଅଗ୍ରୱାଲ, ଅମିତ ଅଗ୍ରୱାଲ, ସତୀଶ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ଉପସଭାପତି କମଳ କୁମାର ଯୋଶୀ, ସମ୍ପାଦକ ପରୀକ୍ଷିତ ବଢ଼ାଇ ଅତିଥିଭାବେ ଯୋଗଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫେନ୍ସିଡ୍ରେସ, ଭଜନ, ନୃତ୍ୟ, ଏକକ ଅଭିନୟ, ବାଦ୍ୟଯନ୍ତ୍ର ବାଦନର ଦକ୍ଷତା ପ୍ରଦର୍ଶନ ହୋଇଥିଲା। ବିଦ୍ୟାଳୟର ଆଚାର୍ଯ୍ୟ ଉପେନ୍ଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୨ ଗିରଫ, ସୁନାଗହଣା ଜବତ

ରାଉରକେଲା,୧୫।୧୧(ସଙ୍ଗୀତା ଜେନା): ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀକଲୋନୀ ଅଞ୍ଚଳ ରେଳବାଇ ଗେଟ୍ ନିକଟରେ ରହୁଥିବା ଅନିଲ ସାହୁଙ୍କ ଘରୁ ଗତ ରବିବାର ଦୀପାବଳୀ ରାତିରେ କେହି ଦୁର୍ବୃତ୍ତ ସୁନାଗହଣା ଓ ସାମଗ୍ରୀ ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହାର ତଦନ୍ତ କରି ୨ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛନ୍ତି ବିରଜାପାଲ୍ଲୀର ସିଦ୍ଧାର୍ଥ କନ୍ଧ ଓ ପାନପୋଷ ବସ୍ତିର ମନୁ କକ୍। ଏମାନଙ୍କ ନିକଟରୁ ୨ଟି ସୁନାଚୁଡ଼ି, ୨ଟି ମୁଦି, ୨ଟି ମଥାମଣି, ୨ଟି ମୋବାଇଲ୍ ଜବତ କରାଯାଇଛି। ପୋଲିସ ଏକ ମାମଲା (ନଂ.୩୬୮/୨୩) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରାମପ୍ରସାଦ ନାଗ ସୂଚନା ଦେଇଛନ୍ତି।

### ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ବିଡିଓଙ୍କୁ ଭେଟିଲେ ଲୋକେ



ଲାଠିକଟା/ରାଉରକେଲା,୧୫।୧୧ (ରାମେଶ୍ୱର ଖାଡ଼ାଙ୍ଗା/ସଙ୍ଗୀତା ଜେନା)

ଲାଠିକଟା ବ୍ଲକ ଅନ୍ତର୍ଗତ ୭ଟି ପଞ୍ଚାୟତର ସାମଗ୍ରିକ ବିକାଶ ପାଇଁ ବୁଧବାର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀଙ୍କ ନେତୃତ୍ୱରେ ସ୍ଥାନୀୟ ଲୋକେ ବିଡ଼ିଓ ଚାରୁଲତା ସିଂହଙ୍କୁ ଭେଟିଥିଲେ। ଏହି ଅବସରରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ନୂତନ ବିଡ଼ିଓ ସିଂଙ୍କୁ ସ୍ୱାଗତ କରାଯିବା ସହ ସରକାରୀ ଯୋଜନାର ସଫଳ ରୂପାୟନ ପାଇଁ ଆଶା ପ୍ରକଟ କରାଯାଇଥିଲା। କଲ୍ୟାଣ ମଣ୍ଡପ ନିର୍ମାଣ, ପ୍ରତିଭାବାନ ଖେଳାଳିଙ୍କୁ ଲୋକଲୋଚନକୁ ଆଣିବା, ଉନ୍ନତମାନର ଖେଳ ପଡ଼ିଆ ବିକଶିତ କରିବା, ମିନି ଷ୍ଟାଡ଼ିୟମ୍ ନିର୍ମାଣ, ସଡ଼କ, ଆଲୋକୀକରଣ, ଗ୍ରାମ୍ୟ ପୁଷ୍କରିଣୀର ଉଦ୍ଧାର ଆଦି ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିଲା। ସେହିଭଳି ସିଙ୍ଗଲ୍ ୱିଣ୍ଡୋ ଦ୍ୱାରା ଭତ୍ତା ସୂଚାରୁ ରୂପେ ପ୍ରଦାନ ବ୍ୟବସ୍ଥା, ପ୍ରତ୍ୟେକ ପଞ୍ଚାୟତରେ ଭୀମଭୋଇ ଭିନ୍ନକ୍ଷମ ଶିବିର ଆୟୋଜନ ପାଇଁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ତନ୍ମୟ ସେଠୀ, ବିନୟଭୂଷଣ ଜେନା, ସରୋଜ ନାୟକ, ନୀଳମଣି ପୂର୍ତ୍ତି, ବିଭାନ ମିଞ୍ଜ, ରଶ୍ମି ଯୋଯୋ, ମମତା ସାହୁ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ।





ରାଉରକେଲାରେ ବିର୍ସା ମୁଣ୍ଡା ଛକସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତି ତଳେ ଅତିଥି ଓ ଅନ୍ୟମାନେ।

# ଅଦମ୍ୟ ସାହସର ପ୍ରତୀକ ବିର୍ସା ମୁଣ୍ଡା

ରାଉରକେଲା,୧୫।୧୧(ବିପ୍ଳବରଞ୍ଜନ ଦାଶ)

ଇଂରେଜ ଶାସନ, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ଜଣେ ଯୋଦ୍ଧା ଭାବେ ଅଦମ୍ୟ ସାହାସ ଓ ପ୍ରଶଂସନୀୟ ଉତ୍ସାହର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ବିର୍ସା ମୁଣ୍ଡା। ମହାମାରୀ ସମୟରେ ସେ ନିଜର ଜୀବନକୁ ଭ୍ରୂକ୍ଷେପ ନ କରି ଜନଜାତିଙ୍କ ସେବା କରିବା ସହିତ ସେମାନଙ୍କୁ ଅନ୍ଧବିଶ୍ୱାସ ଓ କୁସଂସ୍କାର ବିଷୟରେ ସଚେତନ କରିଥିଲେ। ଅନ୍ୟାୟ ଓ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରି ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ସଂଗ୍ରାମ କରିଥିବା ବିର୍ସା ମୁଣ୍ଡା ଆଦିବାସୀଙ୍କ ଭଗବାନ ରୂପେ ପୂଜିତ ହେବା ଅତ୍ୟନ୍ତ ସୌଭାଗ୍ୟର ବିଷୟ ବୋଲି ରାଉରକେଲା ଇସ୍ପାତ କାରଖାନାର ନିର୍ଦ୍ଦେଶକ ଅତନୁ ଭୌମିକ ମତବ୍ୟକ୍ତ କରିଛନ୍ତି। ବିର୍ସା ମୁଣ୍ଡା ଷ୍ଟାଚ୍ୟୁ କମିଟି ଦ୍ୱାରା ଆୟୋଜିତ ୧୪୮ତମ ବିର୍ସା ମୁଣ୍ଡା ଜୟନ୍ତୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭୌମିକ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଷ୍ଟାଚ୍ୟୁ କମିଟିର ସମ୍ପାଦକ ପ୍ରଫେସର ବିଜୟ କୁମାର ଟପ୍ପୋ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିର୍ସା ମୁଣ୍ଡାଙ୍କ ବୀରତ୍ୱ ଏବଂ ସଂଗ୍ରାମୀ ଜୀବନୀକୁ ଆହୁରୀ ଆଦୃତ କରିବା ନିମନ୍ତେ ସମସ୍ତ ରାଜ୍ୟରେ ବିର୍ସା ମୁଣ୍ଡାଙ୍କ ଦିବସକୁ ୭ଦିନ ପାଳନ କରିବା ଦର୍ଶାଇଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଷ୍ଟାଚ୍ୟୁ କମିଟିକୁ ପ୍ରଦାନ କରିଥିବା ୧୦ ଏକର ଜାଗା ପ୍ରିମିୟମ ଛାଡ କରି ତୁରନ୍ତ ଜମିକୁ

**ବିର୍ସା ମୁଣ୍ଡା ଜୟନ୍ତୀ ସମାରୋହ**

କମିଟିକୁ ହସ୍ତାନ୍ତର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ। ଷ୍ଟାଚ୍ୟୁ କମିଟିର ଯୁଗ୍ମସମ୍ପାଦକ ପ୍ରସନ୍ନ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ରାଉରକେଲା ଅତିରିକ୍ତ ଜିଲାପାଳ ତଥା ଆୟୁକ୍ତ ମହାନଗର ନିଗମ ଡ.ଶୁଭଙ୍କର ମହାପାତ୍ର ଯୋଗଦେଇ ବିର୍ସା ମୁଣ୍ଡାଙ୍କ ବୀରଗାଥା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଆର୍ଏସ୍ପିର ନିର୍ବାହୀ ନିର୍ଦ୍ଦେଶକ ଏସ୍.ଆର.ସୂର୍ଯ୍ୟବଂଶୀ, ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଯୋଗଦେଇଥିଲେ। ବିର୍ସା ମୁଣ୍ଡା ଆଦର୍ଶ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତରେ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ରବି ଦେହୁରୀ, ସହର ସେବା ବିଭାଗ ମୁଖ୍ୟ ମହାପ୍ରବନ୍ଧକ ପି.କ.ସ୍ୱାଇଁ, ସହର ସେବା ବିଭାଗର ମହାପ୍ରବନ୍ଧକ ପି.କେ.ଦାସ, ମହାପ୍ରବନ୍ଧକ ପି.କେ.ସାହୁ, ଲୋକସମ୍ପର୍କ ବିଭାଗର ମହାପ୍ରବନ୍ଧକ ଅର୍ଚ୍ଚନା ଶତପଥୀ, ଉପମହାପ୍ରବନ୍ଧକ ଡ. ଅଭିଜିତ ବିଶ୍ୱାସ, ପୁରୁଷୋତମ ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା ପ୍ରମୁଖ ଯୋଗ ଦେଇଥିଲେ। ରାଉରକେଲା ସମେତ ଗ୍ରାପପଞ୍ଚାୟତସ୍ତରୀୟ ବହୁ ସଙ୍ଗଠନର କର୍ମକର୍ତ୍ତା, ଲୋକ ପ୍ରତିନିଧି, ଅଧିକାରୀ କର୍ମଚାରୀ ସାମିଲ ହୋଇ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ବିର୍ସା ମୁଣ୍ଡାଙ୍କ ଉପରେ ଆଧାରିତ ବିଦ୍ୟାଳୟସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଷ୍ଟାଚ୍ୟୁ କମିଟି ପକ୍ଷରୁ ମାର୍ଶଲ କାଣ୍ଡୁଲାନା, ଡ.ଏମ୍.ସୋରେନ, ପି.ଏଲ୍.ନାୟକ, ୟୁସିପ୍ରିନ କାଣ୍ଡୁଲାନା, ମନୋରଞ୍ଜନ କାଣ୍ଡୁଲାନା, ସୁନିଲ କୁମାର ପଟ୍ଟନାୟକ, ଦେବହରି ଲେଙ୍କା, ସୁବାଷ ଚନ୍ଦ୍ର ସାହୁ, ଦୀପକ ରାଉତରାୟ, ଅନିରୁଦ୍ଧ ସ୍ୱାଇଁ, ସିମ୍ପଲ ପୂର୍ତ୍ତି, ଲଳିତ କୁଜୁର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ପ୍ରସନ୍ନ କୁମାର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

### ସୀମାନ୍ତରେ ଆଇଇଡି ବ୍ଲାଷ୍ଟିଂରେ କାଠକଟାଳି ଗୁରୁତର

ରାଉରକେଲା,୧୫।୧୧(ସଙ୍ଗୀତା ଜେନା)

ମଙ୍ଗଳବାର ଅପରାହ୍ଣରେ ଓଡ଼ିଶା – ଝାଡ଼ଖଣ୍ଡ ସୀମାନ୍ତ ଗୋଏଲକେରା ଥାନା ବୋଇପାଇଶଶାଙ୍ଗ ଜଙ୍ଗଲିଆ କ୍ଷେତ୍ରରେ ମାଓବାଦୀଙ୍କ ଆଇଇଡ଼ି ବ୍ଲାଷ୍ଟରେ ଜଣେ ସ୍ଥାନୀୟ କାଠକଟାଳି ଗୁରୁତର ଭାବେ ଆହତ ହୋଇ ଚକ୍ରଧରପୁର ଅନୁମଣ୍ଡଳ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଆହତ କାଠ କଟାଳି ହେଉଛନ୍ତି ପଶ୍ଚିମ ସିଂହଭୂମ ଚାଇଁବସା ନିବାସୀ ମଧୁ ତାୟସୁମ୍(୩୫)। ତାଙ୍କୁ ତୁରନ୍ତ ସୁରକ୍ଷାବଳ ଓ ସିଆରପିଏଫ୍ ପକ୍ଷରୁ ଅଣାଯାଇ ହାଥୀବୁରୁଠାରେ ପ୍ରାଥମିକ ଚିକିତ୍ସା ପରେ ବୁଧବାର ଉନ୍ନତ ଚିକିତ୍ସା ପାଇଁ ଚକ୍ରଧରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସ୍ଥିର ଥିବା ସିଆର୍ପିଏଫ୍ ପକ୍ଷରୁ କୁହାଯାଇଛି। ସୂଚନଯୋଗ୍ୟ, ଜାନୁଆରୀ ମାସରେ ସୁରକ୍ଷାବଳଙ୍କ ଦ୍ୱାରା ମାଓବାଦୀ ଉପଦ୍ରବ ନିୟନ୍ତ୍ରଣ ପାଇଁ କୁମ୍ବିଂ ଅପରେସନ୍ କରାଯାଉଛି। ଏଥିରେ ମାଓବାଦୀମାନେ ଉତ୍ତ୍ୟକ୍ତ ହୋଇ ସୁରକ୍ଷାବଳଙ୍କ ଉଦ୍ଦେଶ୍ୟରେ ଆଇଇଡ଼ି ଓ ବୋମା ଖଞ୍ଜୁଛନ୍ତି। ସମୟେ ସମୟେ ଏହାର କବଳରେ ଗ୍ରାମୀଣ ଲୋକେ ଶୀକାର ହେଉଥିବା ଦେଖାଯାଉଛି।

## ରାଷ୍ଟ୍ରର ଭବିଷ୍ୟତ ଉଜ୍ଜ୍ୱଳ ନିମନ୍ତେ ଶିଶୁ ସମାଜର ବିକାଶ ଜରୁରୀ

ରାଉରକେଲା,୧୫।୧୧(ବିପ୍ଳବ ରଞ୍ଜନ ଦାଶ)

ବୁଧବାର ଆର୍ଏସ୍ପି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସମ୍ମିଳନୀ କକ୍ଷଠାରେ ଶିଶୁ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୋମନାଥ ତ୍ରିପାଠୀ ଯୋଗଦେଇ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଜନ୍ମଦିବସ ସହିତ ଶିଶୁ ଦିବସର ସମ୍ପୃକ୍ତି ବିଷୟରେ ଉଲ୍ଲେଖ କରିଥିଲେ। ଆଜିର ଶିଶୁ ଆସନ୍ତା କାଲିର ଭବିଷ୍ୟତ। ଏଣୁ ରାଷ୍ଟ୍ରର ଭବିଷ୍ୟତ ଉଜ୍ଜ୍ୱଳ ନିମନ୍ତେ ଶିଶୁ ସମାଜର ବିକାଶ ନିହାତି ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ସହର ପ୍ରଶାସନ ଓ ସିଏସ୍ଆର ବିଭାଗର ସିଜିଏମ ପି.କେ. ସ୍ୱାଇଁ ଯୋଗ ଦେଇଥିଲେ। ସହର ସେବା ବିଭାଗର ଜିଏମ ଇନଚାର୍ଜ ପି.କେ ଦାସ,ସହର ସେବା ବିଭାଗର ଜିଏମ ମନୋଜ ଅଗ୍ରୱାଲ, ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଅଧକ୍ଷା ସୁଶ୍ରୀତା ଦାସ ଏବଂ ଇସ୍ପାତ ବିଦ୍ୟା ମନ୍ଦିରର ଅଧକ୍ଷ ଏ ଉଦ୍‌ଗାତା ପ୍ରମୁଖ ସମ୍ମିଳିତ ରହିଥିଲେ। ପରେ ଦିବସ ପାଳନ ଅବସରରେ ତ୍ରିପାଠୀ ରାଉରକେଲା ବିଭିନ୍ନ ବିଦ୍ୟାଳୟର ୪୫ ଛାତ୍ରୀଛାତ୍ରଙ୍କୁ ଇସ୍ପାତ ସହରର ଶ୍ରେଷ୍ଠ ବକ୍ତା ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ୧୦ମ ଶ୍ରେଣୀର ଛାତ୍ର ମୋହିତ ପଣ୍ଡା ସ୍ୱାଗତ ପ୍ରସ୍ତାବ ରଖିଥିବାବେଳେ ପ୍ରଜ୍ଞାନରଞ୍ଜନ ବାରିକ ଆନୁଷ୍ଠାନିକ ଧନ୍ୟବାଦ ଦେଇଥିଲେ। ୯ମ ଶ୍ରେଣୀର ଆଇଷା ଚୌଧୁରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ପରେ ଶିଶୁ ଦିବସ ଉପଲକ୍ଷେ ଆଇଜିଏଚ ଶିଶୁ ନିଦାନ ୱାର୍ଡରେ ଫଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପିକା ମହିଳା ସଂଘତିର ଅଧକ୍ଷା ସୀମା ଦେବ ଭୌମିକ, ଉପାଧକ୍ଷା ହର୍ଷଲା ସୂର୍ଯ୍ୟବଂଶୀ, ସମାପିକା ସାହୁ, ଡାକ୍ତର ସୁସ୍ମିତା ଦାସ ଓ ନମ୍ରତା ବର୍ମା ୱାର୍ଡରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ପିଲାମାନଙ୍କୁ ଫଳ ବଣ୍ଟନ କରିଥିଲେ। ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମଓ ଡାକ୍ତର ଏନ୍‌ପି ସାହୁ, ଡା.ଏଲ.କେ ବିଶ୍ୱାଳ, ଡା ଜୟନ୍ତ ଆଚାର୍ଯ୍ୟ, ଡ. ପି.କେ. ମହାପାତ୍ର, ଦୀପିକା ମହିଳା ସଂଘତିର ସମ୍ପାଦିକା ନିଧି ସିଂଘଲଙ୍କ ସମେତ କାର୍ଯ୍ୟକାରିଣୀ ପରିଷଦର ସଦସ୍ୟା, ବହୁ ଡାକ୍ତର, ନର୍ସ ଏବଂ ଡିଏନବି ବିଦ୍ୟାର୍ଥି ଉପସ୍ଥିତ ଥିଲେ। ଏହି ଅବସରରେ ୱାର୍ଡରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା।



ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

### ବିଶ୍ୱଶାନ୍ତି ଯଜ୍ଞ ୧୮ରେ: ଆଦର୍ଶ ସାହିତ୍ୟ ଘରରେ ଖବରଦାତା ସମ୍ମିଳନୀରେ ସୂଚନା

ରାଉରକେଲା,୧୫।୧୧(ସଙ୍ଗୀତା ଜେନା): ନଭେମ୍ବର ୧୮ରେ ସେକ୍ଟର-୧୫ ସ୍ଥିତ ଶ୍ରୀ ରାଧାକୃଷ୍ଣ ମନ୍ଦିର ପରିସରରେ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ବୁଧବାର ପୂର୍ବାହ୍ଣରେ ସେକ୍ଟର–୫ ସାହିତ୍ୟଘର ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ପ୍ରଦାନ କରାଯାଇଛି। ମୁଖ୍ୟ ଆୟୋଜକ କାର୍ତ୍ତିକ ରାଉତ ଯୋଗଦେଇ କହିଲେ, ବିଶ୍ୱରେ ଶାନ୍ତି ପ୍ରତିଷ୍ଠା, ଭାଇଚାରା, ସଦ୍‌ଭାବନା, ସୁଖଶାନ୍ତିର କାମନା, ଯୁଦ୍ଧରୁ ନିବୃତି, ରକ୍ତପାତ ବନ୍ଦ କରିବା ଉଦ୍ଦେଶ୍ୟରେ ଏହି ଆୟୋଜନ କରାଯାଉଛି। ଏଥିରେ ସୁକାନ୍ତ ନାୟକ ଓ ଗାୟତ୍ରୀ ନାୟକ କର୍ତ୍ତା ଓ କର୍ତ୍ତୀ ଭାବେ ଯୋଗ ଦେବେ। ମୁଖ୍ୟପୂଜକ ବିଜୟ ପାଣିଗ୍ରାହୀ, ସହଯୋଗୀ ରଶ୍ମିରଞ୍ଜନ ନନ୍ଦ, ଅନନ୍ତ ଆଚାର୍ଯ୍ୟ ବିଧିବିଧାନ କାର୍ଯ୍ୟ ନିର୍ବାହ କରିବେ। ୧୮ରେ କଳାସଯାତ୍ରା, ଅଧିବାସ କର୍ମ, ସୂର୍ଯ୍ୟପୂଜା, ଗୁରୁପୂଜା, ଗୋପୂଜା, ଯଜ୍ଞ ଆରମ୍ଭ କରାଯିବ। ଏଥିରେ ସମସ୍ତଙ୍କୁ ଯୋଗଦେବାକୁ ନିବେଦନ କରିଥିଲେ ରାଉତ। ସୁମତି ନାୟକ, ବସୁମତୀ ମହାନ୍ତି, ବିଶ୍ୱଜିତା ମହାପାତ୍ର, କାମିନୀ ମହନ୍ତ, ହରେକୃଷ୍ଣ ନାୟକ, ଶୁଭମ୍ ରାଉତ, ସୁଦର୍ଶନ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ।

## ସେଲ୍ ହକି ଏକାଡେମୀ ସମ୍ବର୍ଦ୍ଧିତ

ରାଉରକେଲା,୧୫।୧୧(ବିପ୍ଳବରଞ୍ଜନ ଦାଶ)

ରାଉରକେଲା ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମଠାରେ ଦ୍ୱିତୀୟ ହକି ଚାମ୍ପିୟନଶିପରେ ବିଜୟୀ ହେବା କାମନା ନେଇ ସବ ଜୁନିୟର, ଜୁନିୟର ଏବଂ ପୁରୁଷ ହକି ଚାମ୍ପିୟନଶିପର ତିନୋଟି ବର୍ଗର ସେଲ ହକି ଏକାଡେମୀର ଏକାଡେମିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହର ପ୍ରଶାସନ ଏବଂ ସିଏସ୍ଆର ବିଭାଗର ସିଜିଏମ ପି.କେ ସ୍ୱାଇଁ ଅଧକ୍ଷତା କରି ସହର ପାଇଁ ଗୌରବ ଆଣିବା ନେଇ କ୍ୟାଡେଟମାନଙ୍କୁ ପ୍ରଶଂସା ସୂଚକ ଉପହାରରେ ହକି କିଟ୍ ପ୍ରଦାନ କରିଥିଲେ। ଏହି ଅବସରରେ ପିଏଚ,ଏସ୍‌ଡବ୍ଲୁ, କ୍ରୀଡା ଏବଂ ବିମାନ ବନ୍ଦର ବିଭାଗର ଜିଏମ ଆର.କେ ବର୍ମା ଏବଂ ବିଭାଗର ଅନ୍ୟ ଅଧିକାରୀଙ୍କର ସହିତ କୋଚ,କ୍ୟାଡେଟ ଓ କର୍ମଚାରୀଗଣ ମଧ୍ୟ ସମ୍ମିଳିତ ରହିଥିଲେ। ଏହି ଚାମ୍ପିୟନଶିପ ପର୍ଯ୍ୟାୟ କ୍ରମେ ସେପ୍ଟେମ୍ବର, ଅକ୍ଟୋବରରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ହୋଇଥିଲା। ତେବେ ଆଜିର ଏ ସମ୍ବର୍ଦ୍ଧନା ସମାରୋହ ୩୨ଜଣ କ୍ୟାଡେଟ ବିଶିଷ୍ଟ ସମଗ୍ର ଦଳକୁ ଆସନ୍ତା ୨୦ ଓ ୩୦ ତାରିଖ ଯାଏଁ ପ୍ରଥମ ହକି ଇଣ୍ଡିଆ ଏକାଡେମୀ ଜାତୀୟ ଚାମ୍ପିୟନଶିପ ଖେଳିବା ନିମନ୍ତେ ତାମିଲନାଡୁର କୋଭିଲପାଟି ଅଭିମୁଖେ ଯାତ୍ରା ନେଇ ଆୟୋଜିତ ହୋଇଥିଲା। କ୍ୟାଡେଟଙ୍କୁ ପ୍ରତ୍ୟେକ କିଟରେ ହକି ଷ୍ଟିକ, ଟ୍ରାକ ପ୍ୟାଣ୍ଟ ଏବଂ ଜର୍ସି ପ୍ରଦାନ ହୋଇଥିଲା। କାର୍ଯ୍ୟକ୍ରମକୁ କ୍ରୀଡା ବିଭାଗର ସହକାରୀ ପରିଚାଳକ ଆର.ଏନ ପାଢୀ ସଂଯୋଜନା କରିଥିଲେ।




ସମ୍ବର୍ଦ୍ଧିତ ସେଲ ହକି ଏକାଡେମୀ କ୍ୟାଡେଟ ସହିତ ଅତିଥିମାନେ।

## ଗୋ-ସମ୍ବର୍ଦ୍ଧନା ସମାରୋହ



ସମାରୋହ ସଭାରେ ଅତିଥିବୃନ୍ଦ।

ରାଉରକେଲା,୧୫।୧୧(ବିପ୍ଳବରଞ୍ଜନ ଦାଶ)

**ପୁରସ୍କୃତ ହେଲେ ୧୪ ଗୋପାଳକ**

୭୨ତମ ଗୋ-ସମ୍ବର୍ଦ୍ଧନା ସପ୍ତାହ ଉପଲକ୍ଷେ ଜିଲା ପ୍ରାଣୀଧନ ବିଭାଗ ସୌଜନ୍ୟତାରେ ଫର୍ଟିଲାଇଜର କମ୍ୟୁନିଟି କେନ୍ଦ୍ରର ପ୍ରାଙ୍ଗଣରେ ଜିଲାସ୍ତରୀୟ ଗୋ–ସମ୍ବର୍ଦ୍ଧନା ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଲାଠିକଟା ଏବଂ ପାନପୋଷ ଉପଖଣ୍ଡ ପ୍ରାଣୀଧନ କେନ୍ଦ୍ର ଅଧିନସ୍ଥ ୬୦ ଗୋପାଳଙ୍କ ୪୬ଟି ଗାଈ, ୧୪ଟି ବାଛୁରୀ ,୧୨ଟି ଛଡା ସହିତ ୩୨ଟି ମଇଁଷି ପ୍ରଦର୍ଶିତ ହୋଇଥିଲେ। ପ୍ରଥମେ ସମାରୋହରେ ଗୋ-ପୂଜନ ହୋଇଥିଲା। ଏହା ବ୍ୟତୀତ ଆୟୋଜିତ ସମାରୋହରେ ଗୋ-ଖାଦ୍ୟ ପ୍ରଦର୍ଶନୀ ଷ୍ଟଲ ସହିତ ଗୋ-ପାଳକ ଓ ଗୋ–ପଞ୍ଜିକରଣ ମାଧ୍ୟମରେ ଗୋପାଳକ ଏବଂ ଗୋ-ସମ୍ପଦ ଜନିତ ପଞ୍ଜିକରଣ ପ୍ରକ୍ରିୟା ସମ୍ପାଦିତ ହୋଇଥିଲା। ଏହା ପରେ ଅନୁଷ୍ଠିତ ସମାରୋହ ସଭାରେ ମୁଖ୍ୟଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ଡା. ସୁବ୍ରତ ତରେଇ ଯୋଗଦେଇ ସମାରୋହ ସଭାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ଲାଠିକଟା ପଞ୍ଚାୟତ ସମିତି ଅଧକ୍ଷ ଦିଲ୍ଲୀପ କୁମାର ଖେସ ଯୋଗ ଦେଇଥିଲେ। ସମାରୋହ ସଭାରେ ସୁନ୍ଦରଗଡ଼ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ବସନ୍ତ କୁମାର ଧଳ ସଭାପତିତ୍ୱ କରିଥିଲେ। ପାନପୋଷ ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରସନ୍ନ କୁମାର ମହାରଣା ଉପସଭାପତିତ୍ୱ ଦାୟିତ୍ୱ ନିର୍ବାହ କରିଥିଲେ। ଅତିଥି ଭାବେ ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ, ପିଏ ଆଇଟିଡିଏ ପରମାନନ୍ଦ ପୃଷ୍ଟି ଓ ମୁଖ୍ୟବକ୍ତା ଭାବେ ବିଶ୍ରା ଏସଆର କଲେଜର ପ୍ରଫେସର ଡ. ନାଗେନ ଦାସ ଯୋଗ ଦେଇଥିଲେ। ସମ୍ମିଳିତ ଅତିଥିମାନେ ସମାରୋହ ଅବସରରେ ଜିଲାରେ ଗୋ-ସମ୍ପଦର ଉନ୍ନତି ସହିତ ଆର୍ଥିକ ସମୃଦ୍ଧି ବିଷୟରେ ଆଲୋକପାତ କରିଥିଲେ। ସମାରୋହ ଶେଷରେ ୧୪ଜଣ ଗୋପାଳକଙ୍କୁ ଗୋପାଳନରେ ଉତ୍କର୍ଷ କାର୍ଯ୍ୟକାରିତାକୁ ନେଇ ପୁରସ୍କୃତ କରାଯାଇଥିଲା। ସମାରୋହରେ ଜିଲାର ବିଭିନ୍ନ ବ୍ଲକ ତଥା ଉପଖଣ୍ଡ ଅଞ୍ଚଳ ୨୦ରୁ ଉର୍ଦ୍ଧ୍ୱ ପ୍ରାଣୀ ଚିକିତ୍ସକ ଯୋଗଦେଇଥିଲେ। ଡାକ୍ତର ପ୍ରସନ୍ନ ମହାରଣା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସିଭିଲଟାଉନଶିପ୍ ସାଂସ୍କୃତିକ ପରିଷଦର ବୋଇତ ବନ୍ଦାଣ ଉତ୍ସବ ୨୬ରେ

ରାଉରକେଲା,୧୫।୧୧(ସଙ୍ଗୀତା ଜେନା)

**■ ଡୁପ୍ଲିକେଟ୍ ଅମିତାଭ ବଚ୍ଚନ ସାଜିବେ ଆକର୍ଷଣ**

**■ ଖବରଦାତା ସମ୍ମିଳନୀରେ ଦେଲେ ସୂଚନା**

ସିଭିଲଟାଉନସିପ୍ ସାଂସ୍କୃତିକ ପରିଷଦର ଚଳିତବର୍ଷ ଦ୍ୱିତୀୟ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବାକୁ ଯାଉଛି। ଏହାର ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ବୁଧବାର ହକି ଛକ ସ୍ଥିତ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରମୋଦ ନାୟକଙ୍କ ସମେତ ଉପସ୍ଥିତ ଅନ୍ୟାନ୍ୟ ସଦସ୍ୟମାନେ ବିସ୍ତୃତ ସୂଚନା ଦେଇଥିଲେ। ଅଧ୍ୟକ୍ଷ ନାୟକ କହିଲେ, ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଉଜ୍ଜୀବିତ କରିବା ସହ ଜାତିର ମହାନତା ବାବଦରେ ଜଣାଇବାକୁ ପ୍ରୟାସ ଜାରି ରହିଛି। ଚଳିତ ଥର ଆକର୍ଷଣ ଭାବେ ଡୁପ୍ଲିକେଟ୍ ଅମିତାଭ ବଚ୍ଚନ(ଶଶିକାନ୍ତ ପେଦ୍ୱାର) ସହିତ ଗାୟକ କୁମାର ବାପି, ଗାୟିକା ଅନ୍ତରା ଚକ୍ରବର୍ତ୍ତୀ, ହାସ୍ୟ କଳାକାର ଶଙ୍କର ଓ ପ୍ରଜ୍ଞା ଖଟୁଆ, ଭଏସ୍ ଅଫ୍ ଓଡ଼ିଶାର ଅନିଲ କୁମାର, ମନସ୍ୱିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେବେ। ଏହା ବ୍ୟତୀତ ନୁପୁର ଡ୍ୟାନ୍ସ ଗ୍ରୁପ ଖୋର୍ଦ୍ଧା ପକ୍ଷରୁ ମନୋରଞ୍ଜନ କରିବେ ବୋଲି ନାୟକ ସୂଚନା ଦେଇଥିଲେ। ସେହିପରି ବରିଷ୍ଠ ସଦସ୍ୟ ଭଗବାନ ପତି କହିଲେ, କେବଳ ସଂସ୍କୃତି ବଞ୍ଚାଇବାକୁ ମେଲୋଡି ଆଦି ସହିତ ପୌରାଣିକ କଥାବସ୍ତୁ ଆଧାରିତ କାର୍ଯ୍ୟକ୍ରମକୁ ମଧ୍ୟ ପରିବେଷଣ କରାଯାଇପାରିବ। ଅନୁଷ୍ଠାନ ପକ୍ଷରୁ ଏପରି ପ୍ରୟାସ ସବୁଦିନ ଜାରି ରହୁ ବୋଲି ସେ କହିଥିଲେ। ଏହି ଅବସରରେ ସଭାପତି ସୁଜିତ ମହାନ୍ତି, ସାଧାରଣ ସମ୍ପାଦକ ପ୍ରତୀକ ଭୂୟାଁ, ଉପସଭାପତି ଶଶାଙ୍କ ପ୍ରଧାନ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ସାମଲ, କୋଷାଧ୍ୟକ୍ଷ ପ୍ରକାଶ ଧଳଙ୍କ ସମେତ ଜ୍ୟୋସ୍ନା ନାୟକ, ସୁଦାମ ଦାସ, ପୁଷ୍ପା ଲେଙ୍କା, ମୀନତି ଜେନା, ଗଗନ ପଣ୍ଡା, ମନୋଜ ଜେନା, କ୍ରିଷ୍ଣା ସାହୁ, ସନ୍ତୋଷ ନାୟକ, ଛବି ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସୁଜିତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସଦସ୍ୟଗଣ।

## ଆଜି କ'ଣ କେଉଁଠି

ସମ୍ବଲପୁର

- ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ: ସମ୍ବଲପୁର ପ୍ରେସ୍‌କ୍ଲବ, ପୂର୍ବାହ୍ନ ୧୧ଟା
- ଜାତୀୟ ପ୍ରେସ୍ ଦିବସ: ଓଡିଶା ଜର୍ନାଲିଷ୍ଟ ଆସୋସିଏଶନ, ସାହାସପୁର ପଞ୍ଚାୟତ ସମ୍ମିଳନୀ କକ୍ଷ, ଅପରାହ୍ନ ୩ଟା ।
- ଫୁଟ୍‌ବଲ ପ୍ରତିଯୋଗିତା, ନିର୍ଗୁଣପଡ଼ା ଖେଳପଡିଆ, ଅପରାହ୍ନ ୨ଟା ।
- ଚିତ୍ରଗୁପ୍ତ ପୂଜା, ଚିତ୍ରଗୁପ୍ତ ମନ୍ଦିର, ମହାନ୍ତିପଡ଼ା, ସକାଳ ୮ଟା ।
- ନାଗେନ ଚତୁର୍ଥୀ ପୂଜା, ଦଧିବାମନ ମନ୍ଦିର ପରିସର, ମଧ୍ୟାହ୍ନ ୧୨ଟା ।

## ମୃତଦେହ ଜବତ, ହତ୍ୟା ଅଭିଯୋଗ

ସମ୍ବଲପୁର, ୧୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଗେଙ୍ଗୁଟିପାଲିର ଏକ ଭଡାଘରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହକୁ ପରିବାର ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ଦେବଗଡ଼ର ମୂଳବାସିନ୍ଦା ସୁଦାମ ମାଝି (୫୫)। ସୁଦାମ ଏକ ହୋଟେଲ କରି ପରିବାର ସହ ଉକ୍ତ ଭଡାଘରେ ରହୁଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ପ୍ରାଥମିକ ତଦନ୍ତରୁ ଏହା ଆତ୍ମହତ୍ୟା ଜନିତ ମୃତ୍ୟୁ ବୋଲି କୁହାଯାଉଥିବା ବେଳେ ପରିବାର ଲୋକେ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣା ପଡ଼ିବ ବୋଲି ପୋଲିସ କହିଛି। ଏ ନେଇ ସଦର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୨୫/୨୩) ରୁଜୁ ହୋଇଛି।

## ଲୁଟ୍ ଘଟଣାରେ ୨ ଗିରଫ

ସମ୍ବଲପୁର, ୧୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ପୋଲିସ ଏକ ଲୁଟ୍ ଘଟଣାରେ ବୁଧବାର ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଅଜୟ ମୁଣ୍ଡା ଓ ଦିଲୀପ ମୁଣ୍ଡା। ସୂଚନା ଅନୁସାରେ ଗେଙ୍ଗୁଟିପାଲିରେ ସୁନାପାଲି ଅଞ୍ଚଳର ସଦ୍ଦାମ ହୁସେନ ନାମକ ଜଣେ ଯୁବକ କବାଡ଼ି ସାମଗ୍ରୀ ସଂଗ୍ରହ କରୁଥିବା ବେଳେ ଅଭିଯୁକ୍ତମାନେ ତାଙ୍କୁ ଛୁରି ଦେଖାଇ ଭୟଭୀତ କରି ତାଙ୍କଠାରୁ ଏକ ମୋବାଇଲ୍ ଫୋନ ଓ ନଗଦ ୫ ଶହ ଟଙ୍କା ଲୁଟି ନେଇଥିଲେ। ଏହାକୁ ନେଇ ସଦ୍ଦାମ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ଆରମ୍ଭ କରି ଗେଙ୍ଗୁଟିପାଲିରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି ସେମାନଙ୍କଠାରୁ ଲୁଟ ମୋବାଇଲ ଓ ଟଙ୍କା ଉଦ୍ଧାର କରିଥିଲା। ପୋଲିସ ୩୦୦/୨୩ରେ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

## ପାଠାଗାର ହେଉଛି ଜ୍ଞାନର ଗନ୍ତାଘର

ପଡିଆବାହାଲ, ୧୫।୧୧ (ରାଧାମୋହନ ଷଡ଼ଙ୍ଗୀ)

ଯୁଯୁମୁରା ବ୍ଲକର ମେଘପାଳ ପଞ୍ଚାୟତରେ ସରପଞ୍ଚ ମମତା ପ୍ରଧାନଙ୍କ ଉଦ୍ୟମରେ ଗଢିଉଠିଛି ଏକ ପାଠାଗାର। ଶିଶୁ ସାହିତ୍ୟିକ ଡ. ପ୍ରଦୀପ କୁମାର ପଣ୍ଡା ବୁଧବାର ଏଠାକୁ ପରିଦର୍ଶନରେ ଆସି ପାଠାଗାର ହେଉଛି ଜ୍ଞାନର ଗନ୍ତାଘର। ଏହା ସମାଜରେ ସଂସ୍କାର ଆଣି ଉତ୍ତମ ପଥ ପ୍ରଦର୍ଶନ କରେ ବୋଲି କହିଛନ୍ତି। ଏହା ସହିତ ସରପଞ୍ଚ ପ୍ରଧାନ ଓ ଏହି ଅନୁଷ୍ଠାନ ସହ ଜଡିତ ସମସ୍ତ ଜନପ୍ରତିନିଧି, ବ୍ୟକ୍ତିବିଶେଷଙ୍କୁ ସେ ଆନ୍ତରିକ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ ସେ ନିଜସ୍ୱ ରଚିତ ପୁସ୍ତକ ସହିତ ସ୍ୱର୍ଗତ ଧରଣୀଧର ପ୍ରଧାନଙ୍କ ରଚିତ ୨୦ ଖଣ୍ଡ ପୁସ୍ତକ ପାଠାଗାରକୁ ଦାନ କରିଥିଲେ। ସରପଞ୍ଚ ପ୍ରଧାନ ତାଙ୍କଠାରୁ ପୁସ୍ତକ ଗ୍ରହଣ କରିବା ସହିତ ଧନ୍ୟବାଦ ଦେଇଥିଲେ ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା

ଜମନକିରା, ୧୫।୧୧ (ରବୀନ୍ଦ୍ର ପ୍ରସାଦ ଦାନି)

ଜମନକିରା ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ତୁଲୁବ ଖେଳପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଓ ଉଦ୍‌ଯାପନୀ ଉତ୍ସବରେ ଏବିଡିଓ ଦେବକୀ ନାଏକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ବ୍ଲକର ୨୧ ପଞ୍ଚାୟତର ୮୫ ସ୍କୁଲରୁ ମୋଟ ୧୨୦ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ୧୦୦ମିଟର ଦୌଡ଼, ମ୍ୟୁଜିକ ଚେୟାର, ନିଡିଲ ରେସ, ଶର୍ଟପୁଟ, ଜିଲାପିଖିଆ ଆଦି ପ୍ରତିଯୋଗିତା ହୋଇଥିଲା। ସିଆର୍‌ସିସି ରାମ ଚନ୍ଦ୍ର ସିଂଧନ୍ୟବାଦ ଅର୍ପଣ କରିଥିଲେ।

# ଗଙ୍ଗା ଯାତ୍ରାର ସହଯାତ୍ରୀ ଚିତ୍ତରଞ୍ଜନ ଭୋଇ

ସମ୍ବଲପୁର, ୧୫।୧୧ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଚିତ୍ତରଞ୍ଜନ ଭୋଇ। ବୟସ ୫୯ ହେବ। ବୃତ୍ତିରେ ସେ ଜଣେ ବିଡି ମୁନ୍‌ସି। ହେଲେ ଧାର୍ମିକ କାମରେ ନିଃସ୍ୱାର୍ଥପର ସହଯୋଗ ପାଇଁ ସେ ବେଶ୍ ପରିଚିତ। ବିଶେଷ କରି ଯଦି କେହି ଅସ୍ଥି ବିସର୍ଜନ ପାଇଁ ଗଙ୍ଗାକୁ ଯିବାକୁ ଚାହାନ୍ତି ତା'ହେଲେ ଚିତ୍ତରଞ୍ଜନଙ୍କୁ ଖୋଜିଥାନ୍ତି। ଗତ ୨୦ବର୍ଷ ଭିତରେ ସେ ଅନ୍ୟ ଲୋକଙ୍କ ଅସ୍ଥି ବିସର୍ଜନ ପାଇଁ ତାଙ୍କ ସମ୍ପର୍କୀୟଙ୍କ ସହ ୨୭ଥର ଗଙ୍ଗାକୁ ଯାଇ ସାରିଲେଣି। ଏହି କାମକୁ ସେବା ଭାବେ ଗ୍ରହଣ କରିଥିବାରୁ ସେ କାହାରିଠାରୁ କେବେ ଅର୍ଥ ଦାବି କରିନାହାନ୍ତି।

୨୦ବର୍ଷ ପୂର୍ବରୁ ଚିତ୍ତରଞ୍ଜନ ନିଜ ମା'ବାପାଙ୍କ ଅସ୍ଥି ବିସର୍ଜନ ପାଇଁ ପ୍ରୟାଗରାଜ ଯିବା ସମୟରେ ଜଣାଶୁଣା ଲୋକଙ୍କ ସାହାଯ୍ୟ ଖୋଜିଥିଲେ। ଏହି ସମୟରେ ଗାଁର ଚିତ୍ତରଞ୍ଜନ ପ୍ରଧାନ ତାଙ୍କୁ ସାଥିରେ ନେଇ ଯାଇଥିଲେ। ବିନା କୌଣସି ସମସ୍ୟାରେ ସେ ତାଙ୍କ ସହଯୋଗରେ ମା'ବାପାଙ୍କ ଅସ୍ଥି ବିସର୍ଜନ କରି ଘରକୁ ଫେରିଥିଲେ। ଏହାପରେ ସେ ସଙ୍କଳ୍ପ କରିଥିଲେ, କେହି ଯଦି ତାଙ୍କୁ ଗଙ୍ଗାକୁ ଅସ୍ଥି ବିସର୍ଜନ ପାଇଁ ସାଥିରେ ଯିବାକୁ ସହଯୋଗ ମାଗିବେ ସେ ନିଶ୍ଚିତ ଯିବେ। ପ୍ରୟାଗରାଜ ଯାଇ ରାସ୍ତାଘାଟ ଓ ଅନ୍ୟାନ୍ୟ ବ୍ୟବସ୍ଥା ବିଷୟରେ ଜାଣିଥିବାରୁ ଗାଁର ଅନ୍ୟ ଲୋକ ତାଙ୍କୁ ସାଥିରେ ଯିବାକୁ ଅନୁରୋଧ



ଚିତ୍ତରଞ୍ଜନ ଭୋଇ।

କରିବା ପରେ ସେ ସେମାନଙ୍କୁ ସହଯୋଗ କରିଥିଲେ। ଧୀରେ ଧୀରେ ଆଖପାଖର ଲୋକେ ମଧ୍ୟ ଅସ୍ଥି ବିସର୍ଜନ ପାଇଁ ତାଙ୍କୁ ସାଥିରେ ଯିବାକୁ ଅନୁରୋଧ କରିଥିଲେ। ହେଲେ ଚିତ୍ତରଞ୍ଜନ କାହାକୁ ମନା କରନ୍ତି ନାହିଁ। ଭାଗ୍ୟରେ ଥିଲେ ଗଙ୍ଗାଦର୍ଶନ ସୁଯୋଗ ମିଳେ ଓ ମତେ ବାରମ୍ବାର ଡାକରା ମିଳୁଥିବାରୁ ନିଜକୁ ଭାଗ୍ୟବାନ ମନେକରେ ବୋଲି କୁହନ୍ତି ଚିତ୍ତରଞ୍ଜନ ଭୋଇ। ଚିତ୍ତରଞ୍ଜନଙ୍କ ପାଇଁ ଅନେକ ଲୋକ ଉପକୃତ ହୋଇପାରୁଛନ୍ତି। ବାରମ୍ବାର ପ୍ରୟାଗରାଜ ଯା'ଆସ କରୁଥିବାରୁ ସେଠାରେ ପୂଜକ, ବାରିକ ଓ ପଣ୍ଡାଙ୍କ ସହ ତାଙ୍କର ପରିଚିତ ହୋଇପାରିଛି। ତେଣୁ ଯିଏ ମଧ୍ୟ ସାଙ୍ଗରେ ଯାଆନ୍ତି ସେମାନେ ଠକେଇର ଶିକାର ନ ହୋଇ ସୁବିଧାରେ ଗଙ୍ଗାଶ୍ରାଦ୍ଧ କରିଥାଆନ୍ତି ବୋଲି ଶାଶୁ ଶ୍ୱଶୁରଙ୍କ ଅସ୍ଥି ବିସର୍ଜନ ସମୟରେ ତାଙ୍କ ସାଙ୍ଗରେ ଯାଇଥିବା ରଞ୍ଜନା ପ୍ରଧାନ କହନ୍ତି।

# କରଣ ସମାଜ ପକ୍ଷରୁ ଚିତ୍ରଗୁପ୍ତ ପୂଜା



ଚିତ୍ରଗୁପ୍ତ ପୂଜା ପାଇଁ କଳସ ଶୋଭାଯାତ୍ରା।

ସମ୍ବଲପୁର, ୧୫।୧୧ (ପ୍ରମୋଦ ବହିଦାର)

ସମ୍ବଲପୁର କରଣ ସମାଜ ପକ୍ଷରୁ ମହାପ୍ରଭୁ ଚିତ୍ରଗୁପ୍ତ ଦେବଙ୍କ ବାର୍ଷିକ ପୂଜୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଟେଇଟି ରୋଡ଼ସ୍ଥିତ ଚିତ୍ରଗୁପ୍ତ ମହାପ୍ରଭୁଙ୍କ ମନ୍ଦିରରେ ଆୟୋଜିତ କାର୍ଯ୍ୟକ୍ରମରେ କରଣ ସମାଜର ପାର୍ଥସାରଥୀ ଦାନି ଓ ତାଙ୍କ ସହଧର୍ମିଣୀ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ଗୋପାଳ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ପଞ୍ଚାନନ ପଟେଲ ଓ ଲୋକନାଥ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଶତାଧିକ ଭକ୍ତ ଚିତ୍ରଗୁପ୍ତ ଦେବଙ୍କ ଦର୍ଶନ ପୂର୍ବକ ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସମସ୍ତ ଭକ୍ତ ଅନ୍ନ ପ୍ରସାଦ ସେବନ କରିଥିଲେ। ମଙ୍ଗଳବାର ମହାନଦୀର ବାଲିବନ୍ଧା ଘାଟରୁ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ବହୁ ସଂଖ୍ୟାରେ ସମାଜର ମହିଳାମାନେ ଯୋଗଦେଇଥିଲେ। କଳସ ସ୍ଥାପନା ପରେ ହୋମ, ମଙ୍ଗଳ ଆଳତି ଆଦି ହୋଇଥିଲା। ଚିତ୍ରଗୁପ୍ତ କଲ୍ୟାଣ ସଂଘ ସମ୍ପାଦକ ଅଖିଳ ରଞ୍ଜନ ପଟ୍ଟନାୟକ, ଇନ୍ଦ୍ରଭୂଷଣ ପୃଷେଠ୍, ରତ୍ନଭୂଷଣ ପୃଷେଠ୍, ପରେଶ ଚନ୍ଦ୍ର ଦାନି, ଆନନ୍ଦ ବହିଦାର, ଶ୍ରୀକାନ୍ତ ବହିଦାର, ରତନ ବହିଦାର ପ୍ରମୁଖ ଆୟୋଜନରେ ସହଯୋଗ କରିଥିଲେ।

# ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଉତ୍ସବ



ଅଇଁଠାପାଲି ଛକସ୍ଥିତ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ

ସମ୍ବଲପୁର, ୧୫।୧୧ (ବି.ଶଙ୍କର)

ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସ୍ୱାଧୀନତା ସଂଗ୍ରାମୀ ତଥା ଧରତୀ ଆବା ବୀର ବିର୍ସା ମୁଣ୍ଡାଙ୍କ ୧୪୮ତମ ଜୟନ୍ତୀ ଉତ୍ସବ ବୁଧବାର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଦଳିତ ସୁରକ୍ଷା ପରିଷଦର ଅଧ୍ୟକ୍ଷ ନିହାଲ ସିଂଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ ମୁରଲିଧର ନାଏକ ଯୋଗ ଦେଇଥିଲେ। ଜିଲା ଆଦିବାସୀ ଦଳିତ ସେନା ସଭାପତି ସୁବେଶ ମୁଣ୍ଡା ମୁଖ୍ୟବକ୍ତା, ସମ୍ବଲପୁର ଜିଲା ମୁସଲିମ ସିଟିଜନ ଫୋରମ ସଭାପତି ମହାମ୍ମଦ ନୱାବ, ସାମାଜିକ ଅନୁଷ୍ଠାନ ସେବାର ସଭାପତି ଦିପକ ପାଣ୍ଡେ, ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଉପାଧ୍ୟକ୍ଷା ରୁପାଞ୍ଜଳି ରଣବିଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବୀର ବିର୍ସା ମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ ଉପରେ ଆଲୋଚନା କରିଥିଲେ।

## ବଜରଙ୍ଗ ଦଳ

ସମ୍ବଲପୁର, (ପ୍ରମୋଦ ବହିଦାର): ସମ୍ବଲପୁର ବଜରଙ୍ଗ ଦଳ ପକ୍ଷରୁ ଜୟନ୍ତୀ ଉତ୍ସବ ଆୟୋଜିତ ହୋଇଥିଲା। ପ୍ରଥମେ ଅଇଁଠାପାଲି ଛକସ୍ଥିତ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଦଳର ପ୍ରାନ୍ତ ସଂଯୋଜକ ସୁଧୀର ରଞ୍ଜନ ବହିଦାର ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅଭିରାମ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାନ୍ତ ସଂଯୋଜକ ବହିଦାର ଦେଶମାତୃକା ପାଇଁ ବିର୍ସା ମୁଣ୍ଡାଙ୍କ ବଳିଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଅରୁଣ ମୁଣ୍ଡା, ମୁନା ମୁଣ୍ଡା, ସମୀର ମୁଣ୍ଡା, ଆଦିତ୍ୟ ପୁରୋହିତ, ସୁଶିଳ ମହାରଣା, ଦୀପକ ଦହାରେ, ରାଜେଶ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଆଦିବାସୀ କଲ୍ୟାଣ ସଂଘ

କୁଚିଣ୍ଡା, (ବିରଞ୍ଚି ଦର୍କା): ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ କୁଚିଣ୍ଡା ଶାଖା ପକ୍ଷରୁ କୁଚିଣ୍ଡା ଜ୍ୟୋତିପଡ଼ାଠାରେ ଆୟୋଜିତ ଜୟନ୍ତୀ ଉତ୍ସବରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାଏକ ମୁଖ୍ୟ ଅତିଥି, କୁଚିଣ୍ଡା ନଗରପାଳ ପ୍ରଦ୍ୟୁତ କୁମାର ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଆଇନଜୀବୀ ରବୀନ୍ଦ୍ର ନାୟକ, ବରଦାନନ୍ଦ ଶର୍ମା, ଜିଲା ଆଦିବାସୀ କଲ୍ୟାଣ ସଂଘ ଉପସଭାପତି କରୁଣାକର କିଷାନ, କାର୍ତ୍ତିକ ମିସ୍ତ୍ରୀ, ଗନକାମିଲ ଲାକଡା, କୁଚିଣ୍ଡା ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଆଦିବାସୀ କ୍ଲବ

ସମ୍ବଲପୁର, (ଭବାନୀ ଶଙ୍କର ଭୋଇ): ଆଦିବାସୀ କ୍ଲବ ପକ୍ଷରୁ ଅଇଁଠାପାଲି ଛକରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସିଦ୍ଧାର୍ଥ ଦାସଙ୍କ ସମେତ ଆଦିବାସୀ କ୍ଲବ ସଭାପତି ପ୍ରବୀଣ ଟିଗା, ସମ୍ପାଦକ ଗିରିଧର ମୁଣ୍ଡା, କୋଷାଧ୍ୟକ୍ଷ ହଦେ ମୁଣ୍ଡା, ଜିଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ, ମହିଳା ବିଜେଡି ରାଜ୍ୟ ସାଧାରଣ ସମ୍ପାଦିକା ମିତାଲି ସାହୁ, ମହିଳା ବିଜେଡି ଜିଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି ବୀର ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ନେହେରୁ ଜୟନ୍ତୀ, ମଧୁମେହ ଦିବସ

ଜମନକିରା, ୧୫।୧୧ (ରବୀନ୍ଦ୍ର ପ୍ରସାଦ ଦାନି)

ବାମରା ବ୍ଲକ କେସେଇବାହାଲସ୍ଥିତ ଗଣପତି କ୍ଲବ ପରିସରରେ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବହରଲାଲ ନେହେରୁଙ୍କ ଜୟନ୍ତୀ ସହ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାସେବୀ ବୀଣାପାଣି ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସାମାଜିକ କର୍ମୀ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନେହେରୁ ଜଣେ ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ରାଷ୍ଟ୍ର ନୀତିଜ୍ଞ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ନିଜର ଜୀବନଶୈଳୀ ବଦଳାଇଲେ ମଧୁମେହରୁ ମୁକ୍ତି ମିଳିବ ବୋଲି କହିଥିଲେ। ପଣ୍ଡିତ ଅଲେଖ କୁମାର ପତି ମୁଖ୍ୟବକ୍ତା ଭାବରେ ଯୋଗଦେଇ ନେହେରୁ ଶିଶୁ ପ୍ରିୟ ଥିଲେ ବୋଲି ମତବ୍ୟତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମାଜ ସେବୀ ରବୀନ୍ଦ୍ର କୁମାର ଦାସ, ଉଦୟ ଚନ୍ଦ୍ର ଦିବେଦୀ , ପ୍ରଫୁଲ୍ଲ କୁମାର ଧାନ, ସବିତା ଲାକ୍ରା ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ନେହେରୁଙ୍କୁ ଶ୍ରଦ୍ଧା ସୁମନ ଜଣାଇଥିଲେ। ସଭାପରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟ ସହାୟିକା ସବିତା ଲାକ୍ରା ୩୨ ଜଣ ରୋଗୀଙ୍କ ରକ୍ତ ଶର୍କରା ଓ ବ୍ଲଡ଼ ପ୍ରେସର୍ ପରୀକ୍ଷା କରିଥିଲେ। ଶେଷରେ ଅଦା କର୍ମୀ ଜୟନ୍ତୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଏମ୍‌ୟୁରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର, ୧୫।୧୧ (ପ୍ରମୋଦ ବହିଦାର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପକ୍ଷରୁ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜିଏମ୍‌ୟୁର ଅଧ୍ୟାପନା ପ୍ରକୋଷ୍ଠ-୧ରେ 'ବିଶ୍ୱ ଆତ୍ମହତ୍ୟା ନିରାକରଣ ଓ ମାନସିକ ସ୍ୱାସ୍ଥ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟର ମନସ୍ତତ୍ତ୍ୱବିତ୍ ଆକାଂକ୍ଷା ମିଶ୍ର ଓ ନମିତା ଗିରି ଯୋଗଦେଇ ଛାତ୍ରୀଛାତ୍ରଙ୍କ ବିଭିନ୍ନ ମାନସିକ ଦ୍ୱନ୍ଦ୍ୱ ଦୂର କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ, କୁଳସଚିବ ଯୁଗଳେଶ୍ୱରୀ ଦାସ ଓ ଉପକୁଳସଚିବ ପଫେସର ଡ. ଉମାଚରଣ ପତିଙ୍କ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ମନସ୍ତତ୍ତ୍ୱ ବିଭାଗ ମୁଖ୍ୟ ସଂଯୁକ୍ତା ପାଢ଼ୀ ପରିଚାଳନା କରିଥିଲେ। ଏଥିରେ ଡ. ପାର୍ଥସାରଥୀ ମଲ୍ଲିକ, ଡ. ପ୍ରମୋଦ କୁମାର ସାମଲ, ପୁଷ୍ପା ହେମ୍ବ୍ରମ୍, ଗୋପିକାନ୍ତ ସୁନା ପ୍ରମୁଖଙ୍କ ସମେତ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଯୋଗ ଦେଇଥିଲେ। ଶେଷରେ ଛାତ୍ରାବାସ ମୁଖ୍ୟ ତତ୍ତ୍ୱାବଧାରିକା ଡ. ନମିତା ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।




ଜିଏମ୍‌ୟୁରେ ମାନସିକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ।

# କୁଚିଣ୍ଡାରେ ବାଂଲାଦେଶୀ ଅନୁପ୍ରବେଶକୁ ବିରୋଧ

କୁଚିଣ୍ଡା, ୧୫।୧୧ (ବିରଞ୍ଚି ଦର୍କା)

### ଉପଜିଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା ଉପଖଣ୍ଡରେ ବାଂଲାଦେଶୀ ରୋହିଙ୍ଗିଆଙ୍କ ଅନୁପ୍ରବେଶ ଯୋଗୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ଦିଗରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବୁଧବାର ବଜରଙ୍ଗ ଦଳ ପକ୍ଷରୁ କୁଚିଣ୍ଡା ଉପଜିଲାପାଳ ଓ ସମ୍ବଲପୁର ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉପଖଣ୍ଡର ବାମରା, ଜମନକିରା ଓ କୁଚିଣ୍ଡା ବ୍ଲକ ସମେତ କୁଚିଣ୍ଡା ସହରରେ ଶତାଧିକ ବାଂଲାଦେଶୀ ରୋହିଙ୍ଗିଆ ଦୀର୍ଘଦିନ ହେବ ରହି ଆସୁଛନ୍ତି। ଫଳରେ ଚୋରି, ଡକାୟତି ଭଳି ଆପରାଧିକ କାର୍ଯ୍ୟ ବୃଦ୍ଧି ପାଉଥିବା ବଜରଙ୍ଗ ଦଳ ଅଭିଯୋଗ କରିଛି।

ଏଠାକାର କିଛି ମୁଷ୍ଟିମେୟ ବ୍ୟକ୍ତି ନିଜ ସ୍ୱାର୍ଥ ସାଧନ ନିମନ୍ତେ ରୋହିଙ୍ଗିଆମାନଙ୍କୁ ଆଶ୍ରୟ ଦେଇ ରାଶନ କାର୍ଡ, ଭୋଟର କାର୍ଡ, ଆଧାର କାର୍ଡ କରିବାରେ ସହଯୋଗ କରୁଛନ୍ତି। ଏପରି କି କେତେକ ଲୋକ ଟଙ୍କା ଲୋଭରେ ଘରଭଡା ଦେଇ ତାଙ୍କୁ ସୁରକ୍ଷା ଦେଉଛନ୍ତି। ରୋହିଙ୍ଗିଆମାନେ ରାଜମିସ୍ତ୍ରୀ କାମ ଓ ଗାଁକୁ ବୁଲି ବିଭିନ୍ନ ସାମଗ୍ରୀ ଫେରି କରିବା ଆଦି କାମ କରିଥାନ୍ତି। ଅଞ୍ଚଳବାସୀଙ୍କ ସହ ପରିଚିତ ହୋଇ ଏମାନେ ଅପରାଧ ଘଟାଉଥିବା ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ରୋହିଙ୍ଗିଆଙ୍କ ପରିଚୟ ପତ୍ର ଯାଞ୍ଚ ପୂର୍ବକ ଉଚିତ ପଦକ୍ଷେପ ଗ୍ରହଣ ପାଇଁ ବଜରଙ୍ଗ ଦଳ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ସୌରଭ କର, ଗୋଲକ ପ୍ରଧାନ, ପ୍ରଭାତ ଶର୍ମା, ଡା. କୁମାର ବିକ୍ରମ, ମହେଶ ରାୟ, ଅଙ୍ଗଦ ରାୟ, ରାମଚରଣ ରାୟ, ମଣ୍ଟୁ ଦାସ, ରୋଶନ ସାହୁ, ଲଲନ ରାଏ, ଶ୍ରୀକାନ୍ତ ଦ୍ୱିବେଦୀ, ଶିବାନନ୍ଦ ବାବା ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ସଂସଦର ସ୍ୱନକ୍ଷତ୍ର ଦିବସ

କୋଲାବିରା, ୧୫।୧୧ (ଚିନ୍ମୟ କୁମାର ବହିଦାର)

କୋଲାବିରା ରଘୁନାଥପାଲି ଅଯୋଧ୍ୟା ନଗରସ୍ଥିତ ସ୍ୱରଝଙ୍କାର ସାହିତ୍ୟ ସଂସଦର ପଞ୍ଚଦଶତମ ସ୍ୱନକ୍ଷତ୍ର ଦିବସ ସ୍ଥାୟୀ ସଭାପତି ତୁଳେଶ୍ୱର ପଟେଲଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ବିଶିଷ୍ଟ ଅତିଥି ଭାବରେ ଆକାଶବାଣୀ କଣ୍ଠଶିଳ୍ପୀ ଭୋଜରାଜ ପରୁଆ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପ୍ରାଧ୍ୟାପକ ତପନ କୁମାର ବାରିକ ମୁଖ୍ୟବକ୍ତା ଓ ସାହିତ୍ୟିକ ସୁବାସ ଚନ୍ଦ୍ର ନାଏକ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୁରଲୀଧର ନାୟକ, ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଦସ୍ୟ ପ୍ରଫୁଲ୍ଲ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସଂସଦର ସମ୍ପାଦକ ପିଙ୍କୁ ଦାସ ବାର୍ଷିକ ବିବରଣୀ ପଠନ କରିଥିବାବେଳେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରୋହିତ କୁମାର ପଟେଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରେନ୍ଦ୍ର ପ୍ରଧାନ ଓ ଡୋଲାମଣି ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କବି ଅନନ୍ତରାମ ସାହୁ, ଗୌରହରି ଷଡଙ୍ଗୀ, ପ୍ରଫୁଲ୍ଲ ମହାପାତ୍ର, ମୁରଲୀଧର ନାୟକ, ସୁବାସ ଚନ୍ଦ୍ର ନାଏକ, ଶଶିଭୂଷଣ ପଧାନ, ଲୋକନାଥ ବେହେରା, ପ୍ରମୋଦ କୁମାର ନାଏକ ପ୍ରମୁଖ ସ୍ୱରଚିତ କବିତାପାଠ କରିଥିଲେ। ଶେଷରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସିରଜୁ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ଭାଜପାର ବ୍ଲକ ଘେରାଉ, ରାଜ୍ୟପାଳଙ୍କୁ ଦାବିପତ୍ର

କୁଚିଣ୍ଡା, ୧୫।୧୧ (ବିରଞ୍ଚି ଦର୍କା)

କେନ୍ଦ୍ରୀୟ ଯୋଜନା ଓ ଅର୍ଥର ଦୁରୁପଯୋଗ ଅଭିଯୋଗ କରି ରାଜ୍ୟ ସରକାରଙ୍କ ବିରୋଧରେ ବୁଧବାର ଭାଜପା ପକ୍ଷରୁ କୁଚିଣ୍ଡା ବ୍ଲକ ଅଫିସ ଘେରାଉ କରାଯାଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୧୧ଦଫା ଦାବିପତ୍ର ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ଭାଜପା ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନେତୃତ୍ୱରେ ପୂର୍ତ୍ତବିଭାଗ ବଙ୍ଗଳାରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବ୍ଲକ ଅଫିସରେ ପହଞ୍ଚିଥିଲା। ଏଥିରେ ବିଭିନ୍ନ ପଞ୍ଚାୟତର ମହିଳା ପୁରୁଷ ସାମିଲ ହୋଇଥିଲେ। ଭାଜପା ଜିଲା ସାଧାରଣ ସମ୍ପାଦକ ଶୁଶିଳ କରଙ୍କ ସଂଯୋଜନାରେ ହୋଇଥିବା ବିକ୍ଷୋଭ ସଭାରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ, ଜିଲାପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ବ୍ଲକ ଉପାଧ୍ୟକ୍ଷା ରଶ୍ମିତା ନାୟକ, ଚଇତ୍ରା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ପଟେଲ,



ଆନ୍ଦୋଳନରେ ସାମିଲ ହୋଇଥିବା ଦଳୀୟ ନେତା ଓ କର୍ମୀ।

ଗୁଦଗୁଦା ମଣ୍ଡଳ ସଭାପତି ଉପେନ୍ଦ୍ର ପଟେଲ, କୁଚିଣ୍ଡା ନଗର ମଣ୍ଡଳ ସଭାପତି କାହ୍ନୁଚରଣ ନାୟକ, ପୂର୍ବତନ ସମିତିସଭ୍ୟ ପଦ୍ମଚରଣ ଗୁରୁ ଯୋଗଦେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଯୋଜନାକୁ ହଡପ କରି ଲୋକଙ୍କୁ ଭୁଆଁ ବୁଲାଉଥିବା କହିଥିଲେ। ବ୍ଲକରେ ହେଉଥିବା ଦୁର୍ନୀତି ବନ୍ଦ କରିବାକୁ ଦାବି କରିଥିଲେ। ଏହି ଆନ୍ଦୋଳନରେ ସରପଞ୍ଚ ପ୍ରମୋଦ କିଷାନ, ରାଜେନ୍ଦ୍ର କିଷାନ, ଧନୁର୍ଜୟ ନାଏକ, ଥାନେଶ୍ୱର ନାଏକ, ପବିତ୍ର କିଷାନ ପ୍ରମୁଖ ଯୋଗଦେଇଥିଲେ। ପରେ ବିଡିଓଙ୍କ ଅନୁପସ୍ଥିତରେ ଏବିଡିଓ ସହଦେବ ନନ୍ଦ ଦାବିପତ୍ର ଗ୍ରହଣ କରିଥିଲେ। ପ୍ରଦତ୍ତ ଦାବିପତ୍ରରେ ପିଏମଜିଏସ୍‌ୱାଇରେ ସଡକ ନିର୍ମାଣରେ ହୋଇଥିବା ଦୁର୍ନୀତିର ତଦନ୍ତ, ଯୋଗ୍ୟ ହିତାଧିକାରୀଙ୍କୁ ରାଶନ କାର୍ଡ ପ୍ରଦାନ, ଧାନ ସମେତ ବିଭିନ୍ନ ଜଙ୍ଗଲ ଜାତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ, ଅଣଜଳସେଚିତ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା, ବାର୍ଦ୍ଧକ୍ୟ, ବିଧବା ଓ ବିକଳାଙ୍ଗ ଭତ୍ତା ୨ହଜାର ଟଙ୍କାକୁ ବୃଦ୍ଧି କରିବା, ଭୂମିହୀନଙ୍କୁ ପିଏମଏୱାଇ ଘର ପ୍ରଦାନ କରିବା ଆଦି ଉଲ୍ଲେଖ ରହିଛି।

# ବ୍ୟସ୍ତ ଅଛନ୍ତି ସୋନମ


ସୋନମ

ସୋନମ କପୁର ଏବେ ନିଜକୁ ଗୋଟିଏ କାମରେ ନିୟୋଜିତ ରଖିଛନ୍ତି। ଅଭିନୟ ବ୍ୟତୀତ ଆଉ ଏକ ବିଷୟର ପ୍ରସାର ପାଇଁ ସେ ମାଇଣ୍ଡ ମେକ୍ଅପ୍ କରିଛନ୍ତି। ତାହା କ'ଣ ଜାଣିବେନି? କଥା କ'ଣ କି ବିବାହ ପରେ ସେ ଏବେ ଫିଟ୍‌ନେସ ଟିପ୍ସ ବାଣ୍ଟୁଛନ୍ତି। ନିକଟରେ ତାଙ୍କର ସାଙ୍ଗମାନଙ୍କୁ ଏକ ଟି' ପାର୍ଟି ପାଇଁ ନିମନ୍ତ୍ରଣ କରିଥିଲେ। ସେଠାରେ ଚା' ପିଆ ତ ହେଲା, ତା'ସହ ନିଜକୁ କିପରି ଫିଟ୍ ରଖିବ ସେ ନେଇ ସୋନମ ଟିପ୍ସ ଦେବାକୁ ଭୁଲି ନ ଥିଲେ। ଏ ନେଇ ସେ କହନ୍ତି, 'ନିଜର ଫିଟ୍‌ନେସ୍ ପଛରେ ଏକ୍ସରସାଇଜ ଏବଂ ଡାଏଟିଂ ବ୍ୟତୀତ ଯୋଗର ଭୂମିକା ରହିଛି। ଜଣେ ନିୟମିତ ଏକ୍ସରସାଇଜ କରିବା ସହ କିଛି ସମୟ ଯୋଗ କରିବା ନିହାତି ଦରକାର। କାରଣ ଏହାକୁ ମୁଁ ମୋ ଡେଲି ରୁଟିନ୍‌ରେ ସାମିଲ କରିଛି। କାରଣ ଆଜିକାଲି ଫିଟ୍ ରହିବା ହେଉଛି ସବୁଠାରୁ ବଡ଼ କଥା। ତେଣୁ ମୁଁ ଏହାକୁ ସବୁବେଳେ ଗୁରୁତ୍ୱ ଦେଇଥାଏ। ତା'ସହ ଡାଏଟିଂ ପ୍ରତି ମଧ୍ୟ ବେଶ୍ ସଚେତନ ରହେ।'

# କେବଳ ଅଭିନୟ

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ତାଙ୍କର 'ଏବେ ନୁହେଁ' ଉତ୍ତରକୁ ନେଇ ବଲିଉଡ୍‌ରେ ଆଲୋଚନା ଜୋର୍ ଧରିଛି। ଏବେ କୁଆଡ଼େ ସେ ଘର ସଂସାର କରିବା ଚକ୍କରରେ ନାହାନ୍ତି। ପୁଣି ଏ ନେଇ ପରିବାରକୁ ମଧ୍ୟ ଜଣାଇ ଦେଇଛନ୍ତି। କାରଣ ବର୍ତ୍ତମାନ ସେ ମ୍ୟାରେଜ ଅପେକ୍ଷା ଆକ୍ଟିଂକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏ ବିଷୟରେ ଅନନ୍ୟା କହନ୍ତି, ''ବର୍ତ୍ତମାନ ମୁଁ ଘର ସଂସାର କରିବା କଥା ଆଦୌ ଚିନ୍ତା କରିନାହିଁ। କାରଣ ଏବେ ଆକ୍ଟିଂ ପ୍ରତି ଅଧିକ ଧ୍ୟାନ ଦେଉଛି। ସିନେମାଟିଏ ସାଇନ୍ କରିବା ପୂର୍ବରୁ ଆଦୌ ତରବର ହେଉନାହିଁ। ତାହାର କାହାଣୀ, ସେଥିରେ ମୋତେ ମିଳିଥିବା ଭୂମିକା ବିଷୟରେ ଗଭୀର ଭାବରେ ତର୍ଜମା କରୁଛି। ସବୁଠାରୁ ଖାସ୍ କଥା ହେଲା, ମୋତେ ମିଳୁଥିବା ପ୍ରତିଟି ସିନେମା ବିଷୟରେ ବିଶଦ ଭାବରେ ମୁଁ ପାପା (ଚଙ୍କି ପାଣ୍ଡେ)ଙ୍କ ସହ ଆଲୋଚନା କରିଥାଏ।'' ଅନନ୍ୟାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦି ଇୟର–୨'ରୁ। ଏହା ପରେ ସେ 'ପତି ପତ୍ନୀ ଔର ଓ', 'ଖାଲି ପିଲି', 'ଗେହେରିୟାଁ' ଏବଂ 'ଲାଇଗର' ଆଦି ଫିଲ୍ମରେ ଅଭିନୟ କରିସାରିଛନ୍ତି।


ଅନନ୍ୟା

ଛୋଟ ପରଦା

# ସନ୍ଧ୍ୟା ରାଗିଣୀ

ଅନ୍ୟତମ ଲୋକପ୍ରିୟ ଓଡ଼ିଆ ଚ୍ୟାନେଲ ଜୀ–ସାର୍ଥକରେ ଏବେ ପ୍ରସାରିତ ହେଉଛି ଏକ ଭିନ୍ନ ସ୍ୱାଦର ମେଗା ଧାରାବାହିକ 'ସନ୍ଧ୍ୟା ରାଗିଣୀ'। ଗତ ମାସ ୨ରୁ ଏହାର ପ୍ରସାରଣ ଆରମ୍ଭ ହୋଇଛି ଏବଂ ସ୍ୱଳ୍ପ ସମୟ ଭିତରେ ଧାରାବାହିକଟି ଦର୍ଶକଙ୍କ ମନକୁ ଛୁଇଁବାରେ ସକ୍ଷମ ହୋଇଛି। ସମ୍ପୂର୍ଣ୍ଣ ଓଡ଼ିଆ ଘରର କାହାଣୀ ଓ ପରମ୍ପରାକୁ ନେଇ ଏହାକୁ ନିର୍ମାଣ କରିଛନ୍ତି ବରିଷ୍ଠ ପ୍ରଯୋଜକ ବିଜୟ କାଣ୍ଡୋଇ। ଏହାର କାହାଣୀ ଅନୁସାରେ ଓଡ଼ିଶାର ଏକ ଛୋଟ ଗାଁରେ ରହନ୍ତି ଦୁଇ ଭଉଣୀ ଯଶୋଦା ଓ ଦେବକୀ। ଏକ ଭୁଲ୍ ବୁଝାମଣା ପାଇଁ ଦୁହେଁ ଅଲଗା ହୋଇଯାଇଥିଲେ। ଇତି ମଧ୍ୟରେ ବହୁତ ବର୍ଷ ବିତିଯାଇଛି। ଗୋଟେ ପଟେ ଲଣ୍ଡନରେ ପାଠ ପଢ଼ିଥିବା ଆଧୁନିକ ତଥା ସ୍ୱାଧୀନ ଚିନ୍ତାଧାରା ରଖୁଥିବା ଦେବକୀର ଝିଅ ରାଗିଣୀ। ଆଉ ଅନ୍ୟ ପଟେ ପାରମ୍ପରିକ ଚଳଣି ସହ ଘରର ସମ୍ମାନ ରଖୁଥିବା ଯଶୋଦାର ଝିଅ ସନ୍ଧ୍ୟା ଏବଂ ତା' ସ୍ୱପ୍ନ ଭାରତ ପାଇଁ ହକି ଖେଳିବାକୁ। ଦେବକୀର ମୃତ୍ୟୁ ପରେ ଯଶୋଦା ରାଗିଣୀକୁ ନିଜ ସାଙ୍ଗରେ ଘରକୁ ନେଇଆସିଛି। ଯେଉଁଠି ସିଦ୍ଧାନ୍ତ ଓ ନୈତିକତା ସୀମା ରେଖା ବାହାରେ କିଛି ବି ସମ୍ଭବ ନୁହଁ ସେଠାରେ ଆଧୁନିକ ଚିନ୍ତାଧାରା ରଖୁଥିବା ଝିଅ କ'ଣ ଚୌଧୁରୀ ପରିବାରରେ ନିଜକୁ ଖାପ ଖୁଆଇ ଚଳିପାରିବ? ଯଶୋଦା ଦୁଇ ଝିଅ ସନ୍ଧ୍ୟା ଓ ରାଗିଣୀଙ୍କ ସ୍ୱପ୍ନ ପୂରା କରିବାକୁ ସେମାନେ କେଉଁ ପରିସ୍ଥିତିର ସାମନା କରୁଛନ୍ତି ତାହା ଏଥିରେ ଦେଖିବାକୁ ମିଳିବ? ଉକ୍ତ ଧାରାବାହିକର ମୁଖ୍ୟ ଚରିତ୍ରରେ ଅଛନ୍ତି ନିତୁ ମିଶ୍ର, ହିତେଶା, ପ୍ରିୟଙ୍କା, ଦୀପ୍ତିରେଖା, ଜ୍ୟୋତି ଓ କେକେ। 'ଜୀ–ସାର୍ଥକ ଚ୍ୟାନେଲ ସଦା ସର୍ବଦା ଓ ମହିଳାମାନଙ୍କ ଆତ୍ମବିଶ୍ୱାସ ବଢ଼ାଇବା ସହିତ ଓଡ଼ିଆ ଘରର କାହାଣୀକୁ ନେଇ ରାଜ୍ୟର ଦର୍ଶକଙ୍କ ମନୋରଞ୍ଜନ କରିଆସିଛି। ଏଥିପାଇଁ ଆପଣମାନେ ଏହି ଚ୍ୟାନେଲକୁ ସବୁବେଳେ ଏକ ନମ୍ବର ଚ୍ୟାନେଲ କରି ରଖିଛନ୍ତି। ଆଗକୁ ମଧ୍ୟ ଏହି ମେଗା ଧାରାବାହିକରେ ନୂଆ ନୂଆ ଅପ୍ରତ୍ୟାଶିତ ମୋଡ଼ଆସିବ ଯାହା ନିଶ୍ଚିତ ଭାବରେ ଆମ ଦର୍ଶକଙ୍କୁ ଭଲଲାଗିବ' ବୋଲି କହନ୍ତି ଜୀ–ସାର୍ଥକ ଚିଫ୍ ଚ୍ୟାନେଲ ଅଫିସର ପ୍ରତୀକ ସିଲ।



# ଓଡ଼ିଆ ସିନେମାରେ ଆବଶ୍ୟକ ସମନ୍ୱୟ

''ଏବେ ଆମ ସିନେମା ଜଗତରେ ଘଟିଥିବା ଏକ ସଦ୍ୟତମ ଘଟଣା ଚାରିଆଡ଼େ ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି। ଆରୋପ–ପ୍ରତ୍ୟାରୋପ ଭିତରେ ଏହା ଏଭଳି ଜଟିଳ ହୋଇଯାଇଛି ଯେ ତାହାର ଆଶୁ ସମାଧାନର ଆବଶ୍ୟକତା ଜରୁରୀ ହୋଇପଡ଼ିଛି। ଘର କଳି ଆଜି ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲା ପରି ହେଲାଣି। ଯଦି ଏ ନେଇ ଅଯଥା କଥା କହି ଘଟଣାଟିକୁ ଆହୁରି ଜଟିଳ କରିଦିଆଯାଏ, ତେବେ ସିନେମା ଜଗତ ପ୍ରଦୂଷିତ ହେବ ହିଁ ହେବ। ଇଣ୍ଡଷ୍ଟ୍ରିରେ ସମନ୍ୱୟର ଅଭାବ ଦେଖାଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ।''

ଓଡ଼ିଆ ସିନେମା ୮୭ ବର୍ଷରେ ପହଞ୍ଚିଲାଣି। ଅଥଚ ବର୍ତ୍ତମାନ ଏହି ଇଣ୍ଡଷ୍ଟ୍ରି ଏକ ଜଟିଳ ସମୟ ଦେଇ ଗତି କରୁଛି। ଏହାର ଅତୀତ ବେଶ୍ ଋଦ୍ଧିମନ୍ତ। ନିଜ ନିଜ ଭିତରେ ସମନ୍ୱୟ ରଖି ଆଗେଇଲେ ଓଡ଼ିଆ ଫିଲ୍ମର ଭବିଷ୍ୟତ ଆହୁରି ଉଜ୍ଜ୍ୱଳ ହେବ। ଏବେ ଆମ ସିନେମା ଜଗତରେ ଘଟିଥିବା ଏକ ସଦ୍ୟତମ ଘଟଣା ଚାରିଆଡ଼େ ଆଲୋଚନା ପାଇଁ ବେଶ୍ ଖୋରାକ ଯୋଗାଇଛି। ଆରୋପ–ପ୍ରତ୍ୟାରୋପ ଭିତରେ ଏହା ଏଭଳି ଜଟିଳ ହୋଇଯାଇଛି ଯେ ତାହାର ଆଶୁ ସମାଧାନର ଆବଶ୍ୟକତା ଜରୁରୀ ହୋଇପଡିଛି। ଘରକଳି ଆଜି



ହାଟରେ ପଡ଼ି ଦାଣ୍ଡରେ ଗଡ଼ିଲା ପରି ହେଲାଣି। ଯଦି ଏ ନେଇ ଅଯଥା କଥା କହି ଘଟଣାଟିକୁ ଆହୁରି ଜଟିଳ କରିଦିଆଯାଏ, ତେବେ ସିନେମା ଜଗତ ପ୍ରଦୂଷିତ ହେବ ହିଁ ହେବ। ଇଣ୍ଡଷ୍ଟ୍ରିରେ ସମନ୍ୱୟର ଅଭାବ ଦେଖାଦେଇଛି କହିଲେ ଆଦୌ ଭୁଲ୍ ହେବ ନାହିଁ। ଏହି ସମୟରେ ଆଞ୍ଚଳିକ କଥାକୁ ଏଥିରେ ଯୋଡ଼ାଯାଇଛି। ଓଡ଼ିଆ ସିନେମା ଦୁନିଆରେ ଏଭଳି କଥା ଆଦୌ ଗ୍ରହଣୀୟ ନୁହେଁ। ଓଡ଼ିଆ ସିନେମାକୁ ଆହୁରି ଆଗକୁ ଆଗେଇ ନେବା ପାଇଁ ଆମ ରାଜ୍ୟ ସରକାର ଏହାକୁ ଶିଳ୍ପର ମାନ୍ୟତା ଦେଇଛନ୍ତି। ଓଡ଼ିଆ ସିନେମା ଜଗତରେ କେବଳ କଳାକାର, ପ୍ରଯୋଜକ ସଂଘ ନୁହେଁ, ଆହୁରି ଅନେକ ସଂଘ ରହିଛି। ସେମାନେ ଓଡ଼ିଆ ସିନେମାରେ ଦେଖାଯାଉଥିବା ଅସୁବିଧା ବିଷୟରେ ଭଲ ଭାବରେ ଅବଗତ ହୋଇ ତାହାର ସମାଧାନ କରିବାକୁ ଚେଷ୍ଟା କରିବା ନିହାତି ଦରକାର। ନିଜ ନିଜ ଭିତରେ ଗୋଡ଼ ଟଣାଟଣି ହେଲେ ଘଟଣାଟିର ସମାଧାନ ହେବ ନାହିଁ ବରଂ ତାହା ଆହୁରି ଜଟିଳ ହୋଇଯିବ।

ବର୍ତ୍ତମାନ ଆମ ରାଜ୍ୟରେ ପ୍ରେକ୍ଷାଳୟ ସଂଖ୍ୟା କମି କମି ଚାଲିଛି। ଓଡ଼ିଆ ସିନେମାଟିଏ ରିଲିଜ ହେଲେ ତାହାର ଅବସ୍ଥା କ'ଣ ହେଉଛି ତାହା ନ କହିବା ଭଲ। ନିକଟରେ କେତୋଟି ସିନେମା ଭଲ ବିଜନେସ୍ କରିଛି– ଏକଥା ସତ, ହେଲେ ଅନେକ ସିନେମାର ଅବସ୍ଥା କ'ଣ ହୋଇଛି ତାହା ପ୍ରାୟ ସମସ୍ତେ ଜାଣିଛନ୍ତି। ବ୍ଲକ୍ ସ୍ତରରେ ଯଦି ପିପିପି ମୋଡ୍‌ରେ ନୂଆ ପ୍ରେକ୍ଷାଳୟ ଖୋଲାଯାଇପାରନ୍ତା ତେବେ ତାହା ଇଣ୍ଡଷ୍ଟ୍ରି ପାଇଁ ବେଶ୍ ଲାଭପ୍ରଦ ହୁଅନ୍ତା। ସିନେମା ସହ ଜଡ଼ିତ ସମସ୍ତ ସଂଘ ସରକାରଙ୍କ ସହ ଆଲୋଚନା କରି ଏ ଦିଗରେ ଆଗେଇବା ଦରକାର। ସେଥିପାଇଁ ସେମାନଙ୍କ ମଧ୍ୟରେ ଏକତାର ଆବଶ୍ୟକତା ରହିଛି। ଏଭଳି ନିଜ ନିଜ ଭିତରେ କାଦୁଅ ଫୋପଡ଼ା ଫୋପଡି ହେଲେ ତାହା ଆମ ସିନେମା ଜଗତକୁ ତଳକୁ ତଳ ନେଇଯିବ।

ଆଉ ଏକ କଥା ହେଲା ସିନେମା ବିତରଣ ବା ଫିଲ୍ମ ଡିଷ୍ଟ୍ରିବ୍ୟୁଶନ। ଏବେ କେବଳ ପ୍ରେକ୍ଷାଳୟରେ ନୁହେଁ, ଅନଲାଇନ୍‌ରେ ଟିକେଟ ବିକ୍ରି ହେଉଛି। ଟିକେଟ ବିକ୍ରି ହେଲେ ମଧ୍ୟ କେତେଜଣ ପ୍ରଯୋଜକ ବେଳେବେଳେ ଆବଶ୍ୟକ ଟଙ୍କା ଫେରି ପାଉନାହାନ୍ତି। ତେଣୁ ବିତରଣ ବ୍ୟବସ୍ଥାକୁ ଶୃଙ୍ଖଳିତ କରାଯିବା ନିହାତି ଦରକାର। ଅନ୍ୟପକ୍ଷରେ କଳାକାରମାନଙ୍କର ପ୍ରସଙ୍ଗ ଅନେକ ରହିଛି। ବୟସ୍କ ଅଭିନେତାଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ସେମାନେ କିପରି ସୁବିଧାରେ ଚିକିତ୍ସିତ ହୋଇପାରିବେ ତାହାର ବ୍ୟବସ୍ଥା କରାଯିବା ଦରକାର। ଏ ନେଇ ସିନେମା ସହ ଜଡିତ ସଂଘମାନେ ଅଣ୍ଟାଭିଡିବା ଦରକାର। ସ୍ୱାଭିମାନରେ ରହି ଅଭିମାନ କଲେ ଆର୍ଥିକ ଦିଗରୁ ଅନଗ୍ରସର କଳାକାରମାନଙ୍କର ଜୀବନ ଦୁର୍ଦ୍ଦିନରେ କଟିବ। କଳାକାରଟିଏ ସାରା ଜୀବନ ଦର୍ଶକମାନଙ୍କ ମନକୁ ପ୍ରଫୁଲ୍ଲିତ ରଖିଥାଏ। ସେମାନେ ବୟସର ଅପରାହ୍ନରେ ପହଞ୍ଚିଲେ ସେମାନଙ୍କର ଅଭାବ ଅସୁବିଧା କିପରି ଦୂର ହେବ ସେ ନେଇ ସଂଘ ଚେଷ୍ଟା କରନ୍ତୁ। କାରଣ ସଂଘ ପକ୍ଷରୁ କଳାକାରଙ୍କ ସ୍ୱାର୍ଥ ପାଇଁ ଲଢ଼େଇ ଜରୁରୀ।

ଓଡ଼ିଆ ସିନେମା ସହ ଜଡିତ ଟେକ୍ନିସିଆନମାନେ କିପରି ସରକାରୀ ସୁବିଧା ପାଇବେ ସେ ଦିଗରେ ଟେକ୍ନିସିଆନ ସଂଘ ପଦକ୍ଷେପ ନେବା ଦରକାର। ତେଣୁ ସବୁ ସଂଘ ନିଜର ଆତ୍ମସମୀକ୍ଷା କରିବାର ସମୟ ଏବେ ଆସିଛି। ସେମାନେ ଆତ୍ମ ଅଭିମାନରୁ ଦୂରେଇ ଯାଇ କାର୍ଯ୍ୟ ଦିଗରେ ଅଧିକ ଧ୍ୟାନ ଦିଅନ୍ତୁ। କପି ଧାରାକୁ ବନ୍ଦ କରି ଆମ ଓଡ଼ିଆ ଚାଲିଚଳଣି, ସଂସ୍କୃତି, ଭାଷା ସାହିତ୍ୟ ଏବଂ ସାମାଜିକ ଧାରାକୁ ନେଇ ଭଲ ସିନେମାଟିଏ ନିର୍ମାଣ କରାଯାଇପାରିବ। ତେବେ ଯାଇ ଆମ ଓଡ଼ିଆ ସିନେମାର ସୁବର୍ଣ୍ଣ ସମୟ ପୁଣି ଥରେ ଫେରିଆସିବ– ଏଥିରେ ଦ୍ୱିମତ ହେବାର ନାହିଁ।

–ଦିଲୀପ ହାଲି
ବଡ଼ଗଡ଼, ଭୁବନେଶ୍ୱର
ମୋ: ୯୮୬୧୦୦୯୨୫୨

ରିଲିଜ୍ ଅପେକ୍ଷାରେ


ଦୀପା–ମହାପ୍ରସାଦ

# ଆପଣମାନେ ଖୁସି ତ ?

ଏକ ଭିନ୍ନଧରଣର ତଥା ଭରପୂର କମେଡିକୁ ନେଇ ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଆପଣମାନେ ଖୁସି ତ ?' ଫିଲ୍ମଟି ଚଳିତ ମାସ ୨୪ରେ ପରଦା ଉପରକୁ ଆସୁଛି। ନନ୍ଦିକି ଗଙ୍ଗାଧର ରେଡ୍ଡି ଏହାର ପ୍ରଯୋଜନା କରିଛନ୍ତି। ଚିତ୍ର ସମ୍ପର୍କରେ ସେ କହନ୍ତି, ''ଦର୍ଶକମାନଙ୍କୁ ସବୁବେଳେ ଭିନ୍ନ ଧରଣର ଏଣ୍ଟରଟେନମେଣ୍ଟ କରିବାକୁ ଚେଷ୍ଟା କରିଥାଏ। ଏହି ଫିଲ୍ମର କାହାଣୀ ଅଲଗା। ଏଥିରେ ଜଣେ ଦର୍ଶକ ଶତ ପ୍ରତିଶତ ମନୋରଞ୍ଜନ ପାଇବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି। ଏହି ଫିଲ୍ମରେ ଅଭିନୟ କରିଥିବା କଳାକାର ସେମାନଙ୍କର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି। ଆଶା ରଖିଛି ପରଦା ଉପରକୁ ଆସିବା ପରେ ଆମ ପରିଶ୍ରମର ମୂଲ୍ୟ ଦର୍ଶକ ବୁଝିପାରିବେ।'' ଅନ୍ୟପକ୍ଷରେ ଏହାର ନିର୍ଦ୍ଦେଶକ ରଶେମ ରାଉତ ମଧ୍ୟ ଫିଲ୍ମଟିର ସଫଳତାକୁ ନେଇ ବେଶ୍ ଆଶାବାନ୍ଧିଛନ୍ତି। ମାନସ ମଲ୍ଲିକ କାହାଣୀ ରଚନା କରିଥିବା ବେଳେ ସଂଯୋଜିତ ତଥା ଡ. ନିର୍ମଳ ନାୟକଙ୍କ ଦ୍ୱାରା ରଚିତ ସମସ୍ତ ଗୀତକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। କଣ୍ଠଦାନ କରିଛନ୍ତି ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପାଢ଼ୀ ଏବଂ ତାରିକ ଅଜିଜ। ଏହାର କାର୍ଯ୍ୟନିର୍ବାହୀ ପ୍ରଯୋଜକ ଅଛନ୍ତି ଧୃତି ସୁନ୍ଦର ପାଢ଼ୀ। ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଦେବବ୍ରତ ନାଥ। ଚିତ୍ରଟିର ବିଭିନ୍ନ ଭୂମିକାରେ ମହାପ୍ରସାଦ କର, ଚୌଧୁରୀ ବିକାଶ ଦାସ, ଦୀପା ମିଶ୍ର, ସୁନୀଲ, ସ୍ମୃତି (ନଟିଆ), ପ୍ରୀତିରଞ୍ଜନ ଏବଂ ସନ୍ଥୁ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଖାସ୍ କଥା ହେଲା ପ୍ରଯୋଜକ ରେଡ୍ଡିଙ୍କୁ ଏଥିରେ ଏକ ସ୍ୱତନ୍ତ୍ର ଭୂମିକାରେ ଦେଖିବାକୁ ମିଳିବ।

# ଦୋଛକିରେ ଶ୍ରୁତି

କଥାରେ ଅଛି–ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା କମଲ ତନୟା ଶ୍ରୁତି ବାଦ୍ ପଡ଼ନ୍ତେ କିପରି ? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ ଶ୍ରୁତି ହାସନ୍ କୁଆଡ଼େ ଅଧିକ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। ଯେତେବେଳେ ଏହି କଥା ଶ୍ରୁତିଙ୍କ କାନରେ ପଡ଼ିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। କେହି ମୋତେ ବଦନାମ କରିବାକୁ ଏଭଳି ଅପପ୍ରଚାର ଚଳାଇଛି। ହେଲେ ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମୁନେଶନକୁ ଏପରି ହଠାତ୍ ବଢ଼ାଇ ଦେବି – ଏକଥା କଦାପି ସମ୍ଭବ ନୁହେଁ।


ଶ୍ରୁତି

# ଆଶା କରିଥିଲେ ମୃଣାଳ

ଟିଭି ଇଣ୍ଡଷ୍ଟ୍ରିରୁ ନିଜ କ୍ୟାରିୟର ଆରମ୍ଭ କରିଥିଲେ ମୃଣାଳ ଠାକୁର। କିନ୍ତୁ ଅଭିନୟ ଦୁନିଆରେ ପାଦ ଥାପିବା ପୂର୍ବରୁ ସେ ଜଣେ ମେଧାବୀ ଛାତ୍ରୀ ଥିଲେ। ମାସ୍ ମିଡିଆ କମ୍ୟୁନିକେଶନରେ ସେ ଡିଗ୍ରୀ ହାସଲ କରିଛନ୍ତି। ଏହାପରେ ତାଙ୍କର ଏକ ଇଚ୍ଛା ଥିଲା। ଅର୍ଥାତ୍, ଜଣେ ସାମ୍ବାଦିକା ହେବାକୁ ଆଶା ରଖିଥିଲେ ସେ। ହେଲେ ତାହା ପୂରଣ ହୋଇପାରିଲା ନାହିଁ। ଏ ବିଷୟରେ ମୃଣାଳ କହନ୍ତି, 'ଯେତେବେଳେ ମୁଁ ସାମ୍ବାଦିକତାରେ ଡିଗ୍ରୀ ହାସଲ କଲି, ସେତେବେଳେ ଭବିଷ୍ୟତରେ ଜଣେ ସାମ୍ବାଦିକା ହେବାକୁ ମୋ ମନରେ ଆଶା ସୃଷ୍ଟି ହୋଇଥିଲା। ହେଲେ ସବୁ ଆଶା ତ ପୂରଣ ହୁଏନା। ତେଣୁ ମୋର ଏହି ସ୍ୱପ୍ନ କେବଳ ସ୍ୱପ୍ନରେ ରହିଯାଇଥିଲା। ତେବେ ଏ ନେଇ ଟିକେ ହେଲେ ମନଦୁଃଖ କରୁନାହିଁ। କାରଣ ଅଭିନୟରେ ମୁଁ ନିଜ ଦକ୍ଷତା ଦେଖାଇ ସାରିଛି।' ଅବସର ମିଳିଲେ ସେ ଡ୍ୟାନ୍ସ କରିବା, ଭଲ ଭଲ ମୁଭି ଦେଖିବା, ଦର୍ଶନୀୟ ସ୍ଥାନ ବୁଲିବାକୁ ଯିବା ଏପରି କି ଶପିଙ୍ଗ୍ କରିବାକୁ ପସନ୍ଦ କରିଥାଆନ୍ତି। ବଲିଉଡ୍‌ରେ ତାଙ୍କର ଫେଭରାଇଟ୍ ଅଭିନେତା ହେଉଛନ୍ତି ସଲମାନ ଖାନ୍। ତାଙ୍କ ଅଭିନୀତ ପ୍ରତିଟି ଫିଲ୍ମ ସେ ଦେଖିସାରିଛନ୍ତି। ମୃଣାଳ ସବୁବେଳେ ନନଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି।


ମୃଣାଳ

# ସରକାରଙ୍କ ଆୟୁ ବଢୁଥିବା ବେଳେ ଚାଷୀଙ୍କ ଆୟୁ କମି ଚାଲିଛି: ଭାଜପା

ଭୁବନେଶ୍ୱର, ୧୫।୧୧(ସୁନିତ୍ ମିଶ୍ର)

ଓଡ଼ିଶା ଅର୍ଥନୀତିର ମୂଳପିଣ୍ଡ କୃଷି। ଓଡ଼ିଶାରେ ଦଶନ୍ଧି ଦଶନ୍ଧି ଧରି କୃଷି କ୍ଷେତ୍ରରେ ବିପର୍ଯ୍ୟୟ ଦେଖାଗଲା। ରାଜ୍ୟ ସରକାର ୨୦୧୩ରେ କର୍ନାଟକ ଓ ଆନ୍ଧ୍ରପ୍ରଦେଶ ଢାଞ୍ଚାରେ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନା ପାଇଁ ଚିନ୍ତା କଲେ। ହେଲେ ରାଜ୍ୟ ସରକାରଙ୍କ ଆୟୁ ବଢୁଥିବା ବେଳେ ଚାଷୀଙ୍କ ଆୟୁ କମି ଚାଲିଛି ବୋଲି ଭାଜପା ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରମାରଞ୍ଜନ କହିଛନ୍ତି ଯେ, ୨୦୧୩ରୁ କୃଷି କ୍ୟାବିନେଟ୍ ବସିଲା। କୃଷି, ଜଳସମ୍ପଦ, ସମବାୟ, ପଶୁପାଳନ, ଉଦ୍ୟାନକୃଷି ଓ ମତ୍ସ୍ୟ ଇତ୍ୟାଦି ବିଭାଗକୁ ନେଇ କୃଷି ସ୍ୱତନ୍ତ୍ର ବଜେଟ୍ ଉପସ୍ଥାପନା ହୋଇଥିଲା। ୨୦୧୩ରେ ପ୍ରାୟ ୭୧୬୨ କୋଟି ଟଙ୍କା ଅର୍ଥ ବରାଦ କରାଗଲା। ୨୦୨୩–୨୪ରେ ୭୧୬୨କୋଟିକୁ ବୃଦ୍ଧି କରାଯାଇ ୨୪୮୨୯ କାଟି ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାକୁ ବୃଦ୍ଧି ପାଇଲା। ୨୦୧୩ରୁ ୨୦୨୪ ଭିତରେ ଅଦ୍ୟାବଧି କୃଷି ବଜେଟ୍ ପାଇଁ ୧ ଲକ୍ଷ ୫୦ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବିନିଯୋଗ କରିଛନ୍ତି। ସମନ୍ୱୟ, ସାମୂହିକ ବୈଠକ, ସମୀକ୍ଷାର ମିଳିତ ଉଦ୍ୟମ ନ ଥିବା କାରଣରୁ ଉତ୍ପାଦନ ବଜାର, ଜଳସେଚନ, ଉପାଦେୟ, ସମନ୍ୱୟ କୌଣସି କ୍ଷେତ୍ରରେ ସଫଳତା ମିଳିପାରୁନାହିଁ। ଚଳିତବର୍ଷ ଅଦ୍ୟାବଧି ମାତ୍ର ୪୦% ଖର୍ଚ୍ଚ ହୋଇଛି। ଦେଢ଼ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହେଲା ପରେ ଚାଷୀଙ୍କ ପାଇଁ ଫଳାଫଳ ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଓଡ଼ିଶାରେ ବିଜେଡି ଦୀର୍ଘାୟୁ କିନ୍ତୁ ଚାଷୀ ଅଳ୍ପାୟୁ ବୋଲି ଡବ୍ଲ୍ୟୁଏଚ୍ଓ କହିଛନ୍ତି। ରାଜ୍ୟ ସରକାର ଆର୍ଥିକ ସ୍ୱୟଂ ସମ୍ପୂର୍ଣ୍ଣ କହୁଥିଲା ବେଳେ ଚାଷୀ ବିପନ୍ନ ବୋଲି ସେ କହିଛନ୍ତି।

# ବିଜେଡିରେ ମିଶିଲେ କଂଗ୍ରେସ କର୍ମୀ


ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ସହ ବିଜେଡିରେ ମିଶିଥିବା ନୂତନ କର୍ମୀମାନେ।

ପାପଡ଼ାହାଣ୍ଡି,୧୫।୧୧(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ମାଝୀଗୁଡାସ୍ଥିତ ବାସ ଭବନରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ପାପଡ଼ାହାଣ୍ଡି ବ୍ଲକ ଭଣ୍ଡିଆ ଗ୍ରାମର ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଦଳ ଛାଡି ବିଜେଡିରେ ମିଶିଥିଲେ। ବଳି ଭତରା, ନାରାୟଣ ଭତରା ଓ ତ୍ରିନାଥ ମଣ୍ଡଳଙ୍କ ନେତୃତ୍ୱରେ ଏହି କର୍ମୀମାନେ ବିଜେଡ଼ିରେ ଯୋଗ ଦେଇଛନ୍ତି। ବିଧାୟକ ରନ୍ଧାରି କର୍ମୀମାନଙ୍କୁ ଉପଢ଼ୌକନ ଦେଇ ସ୍ୱାଗତ କରିଛନ୍ତି। କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ବିଦ୍ୟାଧର ମଲ୍ଲିକ, ଜିଲା ବିଜେଡି ଉପସଭାପତି ବଦ୍ରି ନାରାୟଣ ସିଂ, ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଧାୟକଙ୍କ ଉପସ୍ଥିତିରେ ଦୁଇଗୋଷ୍ଠୀ ମୁହାଁମୁହିଁ

**ଗୋଷ୍ଠୀ କନ୍ଦଳ ପଦାରେ ପଡ଼ିଲା**

କୁଚିଣ୍ଡା,୧୫।୧୧(ବିରଞ୍ଚି ଦର୍ଦ୍ଦା): କୁଚିଣ୍ଡା ନିର୍ବାଚନ ମଣ୍ଡଳୀରେ ବିଜେଡି ଗୋଷ୍ଠୀ କନ୍ଦଳ ଘଟଣା ପଦାକୁ ଆସିଛି। ବିଧାୟକ କିଶୋର ଚନ୍ଦ୍ର ନାଏକଙ୍କ ପ୍ରତି ଦୀର୍ଘଦିନରୁ ଥିବା ଅସନ୍ତୋଷର ପ୍ରତିଫଳନ କୁଲୁଣ୍ଡିରେ ହୋଇଥିବା ସାଙ୍ଗଠନିକ ବୈଠକରେ ଦେଖାଯାଇଛି। ବିଧାୟକ ଓ ଜମନକିରା ବ୍ଲକ ଅଧ୍ୟକ୍ଷାଙ୍କ କାର୍ଯ୍ୟକଳାପକୁ ବିରୋଧ କରିବାରୁ ବିଧାୟକଙ୍କ ସମର୍ଥକ ଓ ବିଜେଡି ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇଥିବା ଭିଡିଓ ଏବେ ଭାଇରାଲ ହେବାରେ ଲାଗିଛି। ଜମନକିରା ବ୍ଲକର କୁଲୁଣ୍ଡି, ବଡରମା, ଖର୍ସନମାଲ ଓ ମୁଣ୍ଡେନପାଲି ପଞ୍ଚାୟତର ସାଙ୍ଗଠନିକ ବୈଠକ ମଙ୍ଗଳବାର କୁଲୁଣ୍ଡିର ଏକ ଫୁଟ୍‌ବଲ ପଡିଆରେ ଅନୁଷ୍ଠିତ ହୋଇଥିଲା। ଜମନକିରା ବ୍ଲକ ବିଜେଡି ସଂଯୋଜକ ତଥା କୁଚିଣ୍ଡା ବ୍ଲକ ଅଧ୍ୟକ୍ଷ ଭୁବନେଶ୍ୱର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଅସନ୍ତୁଷ୍ଟ ଗୋଷ୍ଠୀ ବିଧାୟକଙ୍କୁ ବିରୋଧ କରିଥିଲେ। ବିଧାୟକ କର୍ମୀଙ୍କୁ ଅଣଦେଖା କରି ଗୋଷ୍ଠୀ ବିବାଦର ମଞ୍ଜି ବୁଣିଥିବା ସେମାନେ ଅଭିଯୋଗ କରିଥିଲେ। କଥା କଟାକଟି ମଧ୍ୟରେ ବିଧାୟକଙ୍କ ସମର୍ଥକ ପ୍ରତିବାଦ କରିବାରୁ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ହାତାହାତି ହୋଇଥିଲା। ଫଳରେ କିଛି ସମୟ ପାଇଁ ବୈଠକସ୍ଥଳ ରଣକ୍ଷେତ୍ର ପାଲଟିଥିଲା। ବିଧାୟକଙ୍କ ଉପସ୍ଥିତିରେ ଏଭଳି କାଣ୍ଡ ଘଟିଥିଲେ ମଧ୍ୟ ସେ ନୀରବଦ୍ରଷ୍ଟା ସାଜିଥିବା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ବିଧାୟକ ନାଏକଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ରିସିଭ ନ କରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ଅନ୍ୟପକ୍ଷରେ ସଂଯୋଜକ ଭୁବନେଶ୍ୱର କିଷାନ କହିଛନ୍ତି ବିଧାୟକ ନାଏକଙ୍କୁ ଦୀର୍ଘ ଦିନରୁ କର୍ମୀମାନେ ବିଭିନ୍ନ ସମସ୍ୟା ବାବଦରେ ଜଣାଇଥିଲେ। ମାତ୍ର ବିଧାୟକ ଏଥିପ୍ରତି ଗୁରୁତ୍ୱ ନ ଦେବାରୁ ଏଭଳି ଘଟଣା ଘଟିଥିବା କହିଛନ୍ତି।

# ରିଂ ରୋଡ, ଋଷିକୁଲ୍ୟା ବ୍ୟାରେଜ୍ ନେଇ ତେଜିଲା ରାଜନୀତି


ବିଜେଡିର ଖବରଦାତା ସମ୍ମିଳନୀ।



ଖବରଦାତା ସମ୍ମିଳନୀରେ ଭାଜପା ନେତା

ବ୍ରହ୍ମପୁର,୧୫।୧୧(ନରସିଂହ ସାହୁ)

ବହୁ ପ୍ରତିକ୍ଷୀତ ବ୍ରହ୍ମପୁରରେ ରିଙ୍ଗରୋଡ ଏବଂ ଋଷିକୂଲ୍ୟା ନଦୀର ଜାନିବିଲି ନିକଟରେ ବ୍ୟାରେଜ୍ ନିର୍ମାଣ ପାଇଁ ମଙ୍ଗଳବାର ରାଜ୍ୟ କ୍ୟାବିନେଟରେ ମୋହର ଲାଗିଛି। ରିଙ୍ଗରୋଡ ନିମନ୍ତେ ୧୫୬.୫୬ କୋଟି ଏବଂ ବ୍ୟାରେଜ୍ ନିର୍ମାଣ ଲାଗି ୮୬.୫୪ କୋଟି ଟଙ୍କାର ବ୍ୟୟ ଅଟକଳ ବରାଦ ହୋଇଛି। ଏହାକୁ ନେଇ ଏବେ ରାଜନୀତି ତେଜିବାରେ ଲାଗିଛି। ବିଜେଡି ପକ୍ଷରୁ ବୁଧବାର ବ୍ରହ୍ମପୁରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ବିକ୍ରମ ପଣ୍ଡା ସରକାରଙ୍କ ଏହି ନିଷ୍ପତ୍ତି ଐତିହାସିକ ବୋଲି ଦର୍ଶାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସଭାପତି ଡ଼ା. ସୁବାସ ସାହୁ ଏହି ଦୁଇ ପ୍ରକଳ୍ପ ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଭୋଟ ରାଜନୀତି ପାଇଁ କରାଯାଇଥିବା ସମାଲୋଚନା କରିଛନ୍ତି। ସେ କହିଛନ୍ତି ୧୦ ବର୍ଷ ତଳୁ ରିଙ୍ଗରୋଡ ନିର୍ମାଣର ଧୂଆଁ ବାଣ ଛଡ଼ାଯାଇଛି। ଅଦ୍ୟାବଧି ଘରୋଇ ଜମି ଅଧିଗ୍ରହଣ ହୋଇପାରୁନଥିବା ବେଳେ ଯୋଜନା କିଭଳି କରାଯିବ ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ସେହିପରି ଋଷିକୂଲ୍ୟା ନଦୀରେ ବ୍ୟାରେଜ୍ ନିର୍ମାଣ ମଧ୍ୟ ଲୋକ ଦେଖାଣିଆ। ବ୍ରିଟିଶ ଶାସନରେ ଶତାଧିକ ବର୍ଷ ତଳେ ନିର୍ମିତ ଜାନିବିଲି ଡ୍ୟାମର ପୁନରୁଦ୍ଧାର ପ୍ରତି ସରକାର ଅଣଦେଖା କରିଛନ୍ତି। ଏବେ ନୂଆ ଯୋଜନାର ସ୍ୱପ୍ନ ଦେଖାଇଛନ୍ତି।

ବିଧାୟକ ବିକ୍ରମଙ୍କ କହିବାନୁସାରେ ମହାନଗର ବିକାଶକୁ ମୁଖ୍ୟମନ୍ତ୍ରୀ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏବେ ରିଂ ରୋଡ ନିର୍ମାଣ ଲାଗି ପଦକ୍ଷେପ ନେଇଛନ୍ତି। ଏହାଦ୍ୱାରା ବ୍ରହ୍ମପୁର ଟ୍ରାଫିକ ସମସ୍ୟା ଦୂର ହେବ ଏବଂ ଛତ୍ରପୁର ଓ ଗୋପାଳପୁରର ମଧ୍ୟ ବିକାଶ ଘଟିବ। ଏହାର ଜବାବରେ ଭାଜପା ନେତା ସାହୁ ପ୍ରତିକ୍ରିୟା ରଖିଛନ୍ତି। ସେ କହିବାନୁସାରେ ୨୦୧୩ ପୌର ନିର୍ବାଚନ ପ୍ରଚାରରେ ନବୀନ ପଟ୍ଟନାୟକ କହିଥିଲେ ବ୍ରହ୍ମପୁର ବିକାଶ ମୋର ଦାୟିତ୍ୱ। ଏହାର ୧୦ ବର୍ଷ ବିତିଛି ଏବଂ ମହାନଗର ଅବସ୍ଥା ଶୋଚନୀୟ ହୋଇଯାଇଛି। ରାସ୍ତାଗୁଡ଼ିକ ଖାଲଖମା ହୋଇଛି ଏବଂ ଲୋକଙ୍କ ଚଳପ୍ରଚଳ ବିପଜ୍ଜନକ ହୋଇଯାଇଛି। ବର୍ଷା ହେଲେ ଡ୍ରେନ ସମସ୍ୟା ଉପୁଜୁଛି ଏବଂ ନର୍ଦ୍ଦମା ପାଣି ରୋଡରେ ଲହଡ଼ି ମାରୁଛି। ଏହା ହିଁ ବିକାଶର ଚିତ୍ର ହୋଇଥିବା ଡ଼ା. ସାହୁ କଟାକ୍ଷ କରିଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଐତିହାସିକ : ବିଜେଡି**

**ଭୋଟ ରାଜନୀତି ପାଇଁ ଧୂଆଁବାଣ : ଭାଜପା**

ଜିଲା ଯୋଜନା କମିଟି ପଣ୍ଡା କହିଛନ୍ତି ଋଷିକୂଲ୍ୟା ନଦୀରେ ବ୍ୟାରେଜ୍ ନିର୍ମାଣ ଦ୍ୱାରା ବ୍ରହ୍ମପୁର ମହାନଗରକୁ ପ୍ରତିଦିନ ୬୭.୫ ମିଲିୟନ ଲିଟର ଜଳ ଆସିବ ଏବଂ ପିଇବା ପାଣି ସଙ୍କଟର ସମାଧାନ ହୋଇପାରିବ। ଏହା ସହ ଜିଲାରେ ୫୨.୬୭୫ ହେକ୍ଟର ଚାଷ ଜମିକୁ ସେଚ ବ୍ୟବସ୍ଥା ହେବ। ଫଳରେ କୃଷି କାର୍ଯ୍ୟକ୍ରମ ପାଇଁ ସହାୟକ ହେବ। ମାଛ ଚାଷ ନିମନ୍ତେ ପଦକ୍ଷେପ ନିଆଯିବ। ଏହାଦ୍ୱାରା ମତ୍ସ୍ୟ ଉତ୍ପାଦନ ବୃଦ୍ଧି ପାଇବ ଏବଂ ମତ୍ସ୍ୟ ଚାଷୀଙ୍କ ଅର୍ଥନୈତିକ ଅଭିବୃଦ୍ଧି ଘଟିବ। ଏହାକୁ ଖଣ୍ଡନ କରି ଭାଜପା ନେତା କହିଛନ୍ତି ବ୍ରହ୍ମପୁର ସମେତ ୫୬ ଖଣ୍ଡ ଗ୍ରାମକୁ ନିୟମିତ ପାନୀୟ ଜଳ ଯୋଗାଣ ଏବଂ ମହାନଗରବାସୀଙ୍କୁ ୨୪ ଘଣ୍ଟିଆ ପାଣି ଯୋଗାଣ ପାଇଁ ସରକାର ୫ ଶହ କୋଟିର ଜାନିବିଲି ବୃହତ ଯୋଜନା କଲେ। ୨୦୧୯ ନିର୍ବାଚନ ପୂର୍ବରୁ ଅସମ୍ପୂର୍ଣ୍ଣ ଯୋଜନାର ନବୀନ ପଟ୍ଟନାୟକ ଉଦଘାଟନ କରିଥିଲେ। ୫ ବର୍ଷ ବିତିବା ପରେ ବି ଅସମ୍ପୂର୍ଣ୍ଣ ରହିଛି ଏବଂ ୨୪ ଘଣ୍ଟିଆ ପାଣି ସ୍ୱପ୍ନରେ ରହିଛି। ଏଯାବତ୍ ଅନେକ ସାହିରେ ପାଇପ ବିଛା କାର୍ଯ୍ୟ ସରିନାହିଁ। ବିଇଏମସି ରାସ୍ତା ନିର୍ମାଣ କରୁଛି ଏବଂ ଜାନିବିଲି ପ୍ରକଳ୍ପର ଠିକା ସଂସ୍ଥା ପାଇପ ସଂଯୋଗ ନାଁରେ ଖୋଳି ତାଡ଼ି ଦେଉଛି। ଫଳରେ ରାସ୍ତାଘାଟ ଅବସ୍ଥା ଶୋଚନୀୟ ହୋଇଯାଇଛି।

ଭାଜପା ଖବରଦାତା ସମ୍ମିଳନୀରେ ଜିଲା ଉପସଭାପତି ସୁନୀଲ ସାହୁ ଓ ସାଧାରଣ ସମ୍ପାଦକ ପ୍ରଭାତ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ସେହିପରି ବିଜେଡିର ଖବରଦାତା ସମ୍ମିଳନୀରେ ମେୟର ସଂଘମିତ୍ରା ଦଳେଇ, ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ଓ କେତେକ ଦଳୀୟ କର୍ପୋରେଟର ଉପସ୍ଥିତ ଥିଲେ। ଏକା ଦିନରେ ଶାସକ ଓ ବିରୋଧୀ ଦଳର ଖବରଦାତା ସମ୍ମିଳନୀକୁ ନେଇ ରାଜନୀତି ରୋଚକ ହୋଇଥିଲା।

## ଫୁର୍‌ସତ୍

# ସମାଧାନର ପଥକୁ ସହଜ କରେ ସହନଶୀଳତା

**ଅନ୍ତର୍ଜାତୀୟ ସହନଶୀଳତା ଦିବସ**



ସମାଜରେ ସହନଶୀଳତାର ମୂଲ୍ୟ ବିଷୟରେ ସଚେତନତା ପାଇଁ ପ୍ରତିବର୍ଷ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଏ। ଏହି ଦିନର ଉଦ୍ଦେଶ୍ୟ ହେଉଛି ଏକ ଅସହିଷ୍ଣୁ ସଂସ୍କୃତିର ନକାରାତ୍ମକ ପ୍ରଭାବ ବିଷୟରେ ସଚେତନତା ସୃଷ୍ଟି କରିବା ଏବଂ ଏହି ବାର୍ତ୍ତାକୁ ସମ୍ପ୍ରସାରଣ କରିବା।

ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ସହନଶୀଳତା ଅପରିହାର୍ଯ୍ୟ। ସହନଶୀଳତା ଦ୍ୱାରା ସମନ୍ୱୟ ସୃଷ୍ଟି ହୁଏ। ଅସହିଷ୍ଣୁତା ପୃଥିବୀ ପାଇଁ ବିପଦ ସୃଷ୍ଟି କରେ। ତେଣୁ ପୃଥିବୀରେ ଶାନ୍ତିର ମାର୍ଗକୁ ପ୍ରଶସ୍ତ କରିବା ଲାଗି ସହନଶୀଳତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ କରାଯାଉଛି। ଅସହିଷ୍ଣୁତାର ବିପଦ ବିଷୟରେ ସଚେତନତା ସୃଷ୍ଟି ଲାଗି ୟୁନେସ୍କୋ ପକ୍ଷରୁ ୧୯୯୫ରେ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏଥିସହିତ ନଭେମ୍ବର ୧୬ରେ ଅନ୍ତର୍ଜାତୀୟ ସହନଶୀଳତା ଦିବସ ପାଳନ ଲାଗି ନିଷ୍ପତ୍ତି ହୋଇଥିଲା। ୟୁନେସ୍କୋ ଅନୁଯାୟୀ, ସହନଶୀଳତା ହେଉଛି ଆମର ବିଶ୍ୱର ବିବିଧ ସଂସ୍କୃତିର ସମୃଦ୍ଧିର ଏକ ରୂପ। ଆମର ଅଭିବ୍ୟକ୍ତିର ସ୍ୱରୂପ ଏବଂ ଆମେ ମାନବ ପରସ୍ପରକୁ ସମ୍ମାନ ଦେବା, ବିବିଧତାକୁ ଗ୍ରହଣ କରିବା ସହ ପ୍ରଶଂସା କରିବା।

ତେବେ ପ୍ରତିବର୍ଷ ଏହି ଦିବସ ଅବସରରେ ସମ୍ମିଳନୀ ଏବଂ ଉତ୍ସବର ଆୟୋଜନ କରାଯାଇଥାଏ। ଶାନ୍ତି, ସହନଶୀଳତା, ମିଥ୍ୟା ଖବର, ଅନ୍‌ଲାଇନ ସୁରକ୍ଷା ଏବଂ ଘୃଣା ଭଳି ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରାଯାଇ ଏହାର ନିରାକରଣ କ୍ଷେତ୍ରରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥାଏ। ସହନଶୀଳତାକୁ ଏକ ଉତ୍ତମ ଗୁଣ ଭାବେ ବିବେଚନା କରାଯାଏ। କାରଣ ଏହା ଭଲ ଜିନିଷଗୁଡ଼ିକୁ ଗ୍ରହଣ କରିବା ବିଷୟରେ ଚିନ୍ତା କରେ। ସହନଶୀଳତା ଦ୍ୱାରା ବିବାଦୀୟ ପ୍ରସଙ୍ଗର ସହଜ ସମାଧାନର ପଥ ସୃଷ୍ଟି ହୋଇଥାଏ। ତେଣୁ ଏହି ଦିବସରେ ସଭିଏଁ ସଚେତନ ହେଲେ ମନରୁ ଅସହିଷ୍ଣୁତା ଦୂର ହୋଇ ସହନଶୀଳ ମନୋଭାବର ପରିପ୍ରକାଶ ସହଜ ହୁଏ ବୋଲି ୟୁନେସ୍କୋ ପକ୍ଷରୁ ସୂଚିତ କରାଯାଇଥାଏ।

ଏହିଦିନ ଅସହିଷ୍ଣୁତାକୁ ଦୂର କରିବାରେ ସାହାଯ୍ୟ କରେ ଏବଂ ଲୋକଙ୍କୁ ପରସ୍ପର ପ୍ରତି କିପରି ସହନଶୀଳ ହେବା ସେନେଇ ଶିକ୍ଷା ପ୍ରଦାନ କରେ।

# ସନ୍ତାନ ପାଇଁ ସୈଫଙ୍କୁ ବିବାହ କରିଛନ୍ତି କରୀନା



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ କରୀନା କପୁର ଏବଂ ଅଭିନେତା ସୈଫ ଅଲି ଖାନ ୨୦୧୨ରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ବିବାହ ପୂର୍ବରୁ ଦୁହେଁ ପ୍ରାୟ ୫ ବର୍ଷ ପର୍ଯ୍ୟନ୍ତ ଲିଭ ଇନ୍‌ରେ ରହୁଥିଲେ। ଏଥିରେ ଉଭୟଙ୍କ କୌଣସି ଅସୁବିଧା ନ ଥିଲା। ତଥାପି ଏହାପରେ ଦୁହେଁ କାହିଁକି ବିବାହ କଲେ ସେନେଇ କରୀନା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି। କରୀନା ଏକ ସନ୍ତାନ ଚାହୁଁଥିଲେ, ଯେଉଁଥିପାଇଁ ସୈଫଙ୍କୁ ବିବାହ କରିଥିବା କହିଛନ୍ତି। ସେ କହିଛନ୍ତି, ସୈଫ ଏବଂ ସେ ପ୍ରାୟ ୫ ବର୍ଷ ଲିଭ୍ ଇନ୍ ରିଲେଶନଶିପ୍‌ରେ ଥିଲେ। ପରେ ସେମାନେ ଏକ ସନ୍ତାନ ଚାହୁଁଥିଲେ। ସେଥିପାଇଁ ସେମାନେ ପରବର୍ତ୍ତୀ ପଦକ୍ଷେପ ନେଲେ। ସନ୍ତାନ ପାଇଁ ସେ ବିବାହ କରିଛନ୍ତି, ନଚେତ୍ ଲୋକେ କେବଳ ଏକାଠି ବଞ୍ଚିପାରିବେ ବୋଲି କରୀନା କହିଛନ୍ତି। ତାଙ୍କ ପାଖରେ ଏବେ ସ୍ୱାମୀ, ପିଲା ଅଛନ୍ତି। ସେ ସେମାନଙ୍କ ସହିତ ସମୟ ବିତାଇବାକୁ ଚାହାନ୍ତି। କରୀନା ଅଧିକାଂଶ ପାର୍ଟିରେ ମଧ୍ୟ ଯୋଗ ଦିଅନ୍ତିନି। ପାର୍ଟିରେ ଯୋଗ ଦେବା, ଅଧିକ ବନ୍ଧୁତା କରିବା, ସୋସିଆଲାଇଜ୍ ହେବାକୁ ସେ ପସନ୍ଦ କରନ୍ତିନି ବୋଲି କହିଛନ୍ତି। କରୀନା ୨୦୦୦ ମସିହାରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ସେ ଦର୍ଶକଙ୍କୁ ତାଙ୍କର ଅନେକ ହିଟ୍ ଚଳଚ୍ଚିତ୍ର ଭେଟି ସ୍ୱରୂପ ଦେଇଛନ୍ତି। ଶେଷଥର ପାଇଁ ତାଙ୍କୁ ଫିଲ୍ମ 'ଦି ବକିଂଘମ୍ ମର୍ଡର୍ସ'ରେ ଦେଖିବାକୁ ମିଳିଥିଲା।

# ବାଲେଶ୍ୱରର ଅଜମତ ଜିତିଲେ ୨୫ ଲକ୍ଷ

- କୌନ ବନେଗା କରୋଡ୍‌ପତି ଦେଲା ଭିନ୍ନ ପରିଚୟ
- ଅମିତାଭଙ୍କ ୧୩ ପ୍ରଶ୍ନର ଉତ୍ତର ଦେଲେ



କେବିକେ ବିଜେତା ଶେଖ ଅଜମତ।

ରୂପସା,୧୫।୧୧(ବାଞ୍ଛାନିଧି ଦେ)

ସୋନି ଟିଭିରେ ପ୍ରସାରିତ ରିଏଲିଟି ଶୋ କୌନ ବନେଗା କରୋଡ୍‌ପତି (କେବିକେ) କାର୍ଯ୍ୟକ୍ରମରେ ଭାଗ ନେଇ ୨୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଛନ୍ତି ବାଲେଶ୍ୱର ଜିଲା ସଦର ବ୍ଲକ ରାଇସୁଆଁ ପଞ୍ଚାୟତ ଅନ୍ତର୍ଗତ ସିଙ୍ଗାରପୁର ଗ୍ରାମର ସେଖ ଅଜମତ (୩୮)।

ଗତ ସେପ୍ଟେମ୍ବର ମାସ ୨୯ରେ ସେ ଏହି କାର୍ଯ୍ୟକ୍ରମରେ ଭାଗନେଇ ବିଗ୍ ବି ଅମିତାଭ ବଚ୍ଚନଙ୍କ ୧୩ଟି ପ୍ରଶ୍ନର ଠିକ୍ ଉତ୍ତର ଦେବାରେ ସମର୍ଥ ହୋଇଥିଲେ। ନଭେମ୍ବର ୧୩ରେ ଏହା ଟେଲିଭିଜନରେ ପ୍ରସାରିତ ହେବା ପରେ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଅଜମତଙ୍କୁ ଭେଟି ଅଭିନନ୍ଦନ ଜଣାଇଛନ୍ତି। ଏଥିସହ ପରିବାର ଲୋକେ କେକ୍ କାଟି ବେଶ୍ ଖୁସି ମନାଇଛନ୍ତି।

ସେଖ ଅଜମତ ଏହି କାର୍ଯ୍ୟକ୍ରମରେ ଭାଗ ନେବା ପାଇଁ ଦୀର୍ଘ ଦିନରୁ ପ୍ରୟାସ କରି ଆସୁଥିଲେ। ଗତ ସେପ୍ଟେମ୍ବର ମାସରେ ତାଙ୍କ ପାଖକୁ ଚ୍ୟାନେଲ ପକ୍ଷରୁ ଫୋନ ଆସିଥିଲା। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କ ସମ୍ମୁଖରେ ହଟସିଟ୍‌ରେ ବସିବା ପାଇଁ ସୌଭାଗ୍ୟ ଅର୍ଜନ କରିଥିଲେ। ତାଙ୍କର ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦେବା ପାଇଁ ପ୍ରୟାସ କରିଥିଲେ। ଅଜମତ ଜଣେ ଗରିବ ପରିବାରର ହୋଇଥିବାରୁ ଗାଁ ପିଲାମାନଙ୍କୁ ଟ୍ୟୁଶନ କରି ପରିବାର ପ୍ରତିପୋଷଣ କରୁଥିଲେ। ସେଖ ସାର ନାମରେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ। ଟ୍ୟୁଶନ ସମୟ ପରେ ତାଙ୍କର ଗାଁ ଛକରେ ଥିବା ଏକ ଗ୍ରୋସେରି ଦୋକାନରେ ବ୍ୟବସାୟ କରିଥାନ୍ତି। ଅଜମତ ଏହି ପୁରସ୍କାର ଜିତି ବାଲେଶ୍ୱର ଜିଲା ପାଇଁ ଗୌରବ ଆଣିଛନ୍ତି। ତାଙ୍କର ବାପା, ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି।

OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KEONJHAR
(ZILLA SWASTHYA SAMITI, KEONJHAR)
Advt.No.5266 Date:14.11.2023
CANCELLATION NOTICE
No.E-554:This office Tender Advertisement No.3610/2023, dt.03.08.2023 regarding Request of Proposal (RFP) for selection of agency for hiring of Human Resources on contractual basis for health care facilities in Keonjhar district under DMF is hereby cancelled on administrative ground.
Sd./- Chief District Medical & Public Health Officer,Keonjhar
OIPR-10033/11/0035/2324

OFFICE OF THE DEAN AND PRINCIPAL
JAJATI KESHARI MEDICAL COLLEGE & HOSPITAL
(GOVT. MCH), JAJPUR, ODISHA
Tender No.02/Estd/JKMCH/Jajpur/MS-I/2023 Dt.14.11.2023
TENDER CALL NOTICE FOR MEDICAL JOURNALS
No.E-555:Sealed tenders are invited from the Registered Firms for subscription of Medical Journals (Indian & Foreign) for the financial year 2024-25 (Supply should cover from January-December, 2024) in two bid system (Technical & Financial).
The details are available in the website : http://dmetodisha.gov.in. & http://jajpur.nic.in.
Sd./- Dean & Principal
Jajati Keshari Medical College & Hospital, Jajpur, Odisha
OIPR-10240/11/0001/2324

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO. II
BHUBANESWAR
eerb2_bbsr@yahoo.com
INVITATIONS FOR BIDS THROUGH e-Procurement
Bid Identification No. - C.C. (R&B)-02
e-Procurement Notice No.45 of 2023-24
No.B-1261:- The Superintending Engineer, Bhubaneswar (R&B) Division No.-II, Bhubaneswar on behalf of the Governor of Odisha invites percentage rate bids for Three Number works to be received in online bidding, Double cover system as detailed in: https://tendersorissa.gov.in. The details of bid documents will be available in the above website from 18.11.2023 to 5.00 P.M. of 28.11.2023. The bidders must possess compatible Digital Signature Certificate of Class II or III. Bids received online shall be opened at 11.00 A.M. of 29.11.2023 in the Office of the Superintending Engineer, Bhubaneswar (R&B) Division No.-II, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / corrigendum, if required, will be available only in the website.
Sd./- Executive Engineer, BBSR (R&B) Division No.II, BBSR
OIPR-34088/11/0027/2324

GOVERNMENT OF ODISHA E-mail:eerwkesinga@yahoo.com
OFFICE OF THE SUPERINTENDING ENGINEER, RURAL WORKS DIVISION, KESINGA
e-Procurement Notice
BID IDENTIFICATION NO.SERWKSNG-online-06/2023-24
No.O-1523:1. Name of Works: Road Works (As per annexure), 2.Total No.of Work: 1 No., 3. Estimated Cost: 91.52 Lakhs (Approximately), 4. E.M.D.: 1% of Estimated Cost (Online), 5. Cost of Tender document: Rs.10,000/- (Online), 6. Class of Contractor: "B" Class, 7.Period of Completion: 06 (Six) Calendar Month, 8. Other details: As per DTCN.

| Procurement Officer | Bid Identification No. | Availability of Tender Online for bidding | | Last date & time of seeking tender clarification | Date & Time of Opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| Superintending Engineer, Rural Works Division, Kesinga | SERWK-SNG- online-06/2023-24 | 15.11.2023 at 10.00 A.M. | 30.11.2023 upto 5.00 P.M. | 28.11.2023 upto 5.00 P.M. | 01.12.2023 at 11.00 A.M. | Will be intimated separately |

Further details can be seen from the website i.e. www.tenderodisha.gov.in.
OIPR-25153/11/0012/2324 Sd./-Superintending Engineer, Rural Works Division, Kesinga

OFFICE OF THE ASST. DIRECTOR OF TEXTILES, BARIPADA
At-Bhugudakota,Ward No.26, Near OTDC Panthanibas, Murgabadi, Po-Bhanjpur
Pin-757002, Dist-Mayurbhanj, Phone No.-06792-295629, E-mail Id:adt.bpd@gmail.com
QUOTATION CALL NOTICE FOR 'TECHNOLOGICAL INTERVENTION" UNDER P.O.H.I.-2023-24.
No.PP-59:Sealed Quotations are invited form the registered suppliers / manufacturers / dealers / firms having valid PAN and GST registration with up to date income Tax & GST clearance certificate, for supply of different Handloom items like Fly shuttle frame Loom (different Reed Space), Weaving Accessories (different Size / Type / count of Reed, Heald, Pirn, Bobbin, Shuttle, Heald Stave, Cycle Rim Charkha, Counting Glass, Drawing Hook), Motorized Charakha & Warping Drum etc. for Technological Intervention Programme under the Scheme " Promotion of Handloom Industries- 2023-24 of Baripada Textiles Zone.
Interested suppliers may quote their lowest rate in Seal Covers for Technology Intervention under P.O.H.I.- 2023-24 super scribing /mentioning on Top of sealed cover that "Technological Intervention" with detailed specification (Material to be used / size / specification / Brand etc.) along with the copy of Income Tax Clearance Certificate, GST Registration Certificate and proof of execution of such orders earlier if any to the undersigned on or before Date.30.11.2023 by 5 P.M. through Registered / Speed Post only. The quotation received either in incomplete form or after the due date & time will not be considered and treated as cancelled.
The quotations will be opened on Dt.01.12.2023 at 11.00 A.M in the office of the undersigned in presence of the quotatio-ner or their authorized representatives and members of respective purchase committee. The quotationers or their authorized representatives if any must present on that day with samples of the quoted items, failing which the related quotations shall not be considered.
For more Details, term & condition etc for supply of the items, please visit the official web site of state agency for devel-opment of Handloom Cluster (SADHAC) Bhubaneswar - www. sadhacodisha.org or official web site of Odisha State Handloom Weavers Cooperative Society Ltd, Bhubaneswar (BOYANIKA)- www.boyanika.com or official web site of Sambalpuri Bastralaya Weavers Cooperative Society Ltd, Baragarh- www.sambalpuribastralaya.com. National Informatics Centre, Mayurbhanj www. mayurbhanj.nic.in and may contact to the Asst. Director of Textiles, Baripada in the above listed address, e-mail & Mobile Number-9938611905
The undersigned reserves the right to reject or accept any or all the quotations without assigning any reason thereof.
OIPR-31013/11/0001/2324 Sd./- Asst. Director of Textiles, Baripada

No.CAD-2842
idco Your power to grow ISO 9001 & 14001 Corporation
ODISHA NEW OPPORTUNITIES
OFFICE OF THE DIVISIONAL HEAD, BCD-1, IDCO
IDCO TOWER, BHUBANESWAR
Bid Identification No.BCD-1/Estt.-35/2023
QCN.No.3087, Dt.13.11.2023
QUOTATION CALL NOTICE THROUGH
e-Procurement
1. Name of the Work: Supply & Installation of different Godrej make Lab Furniture & Fixtures (Test Bench & Storage Cupboard) for WSC at Mancheswar I.E., Bhubaneswar.
2.Period of Completion: 01 (One) Calendar Month
3.Availability of tender online for bidding:
i) Start Date: 18.00 Hours of dt.18.11.2023
ii)End Date: 15.00 Hours of dt.02.12.2023
iii) Opening Date: 16.00 Hours of dt.02.12.2023.
Quotation details can be seen from the e-procurement portal. www.tendersorissa.gov.in. Corrigendum or Addendum if any will not be published in newspapers and can be seen in e-Procurement portal as well as in IDCO website.
Sd./-Divisional Head, BCD-I, IDCO, Bhubaneswar
OIPR-14003/11/0272/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ମିଷ୍ଟି
ପରିବାରବର୍ଗ


ଆୟାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ଭାରତ-ନ୍ୟୁଜିଲାଣ୍ଡ ସେମିଫାଇନାଲ ଅବସରରେ ପୂର୍ବତନ ଇଂଲଣ୍ଡ ଫୁଟବଲର ଡେଭିଡ ବେକ୍‌ହାମ୍, ଭାରତୀୟ କ୍ରିକେଟର ହାର୍ଦ୍ଦିକ ପାଣ୍ଡ୍ୟା, ବଲିଉଡ୍ ତାରକା ସିଦ୍ଧାର୍ଥ ମାଲହୋତ୍ରା, କିଆରା ଆଡଭାନୀ, ରଣବୀର କପୁର ଓ ଅନ୍ୟମାନେ।

# ଅଧିନାୟକ ପଦ ଛାଡ଼ିଲେ ବାବର

**କରାଚୀ, ୧୫।୧୧ (ପିଟି):** ପାକିସ୍ତାନର ବାବର ଆଜମ ବୁଧବାର ଅଧିନାୟକ ପଦ ଛାଡ଼ିଛନ୍ତି। କ୍ରିକେଟର ସମସ୍ତ ଫର୍ମାଟରୁ ସେ ଅଧିନାୟକ ପଦରୁ ଇସ୍ତଫା ଦେଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ନିଜ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇଛନ୍ତି ବାବର। ''ଆଜି ମୁଁ ସମସ୍ତ ଫର୍ମାଟରେ ପାକିସ୍ତାନ ଅଧିନାୟକ ପଦ ଛାଡୁଛି। ଏହା କଷ୍ଟସାଧ୍ୟ ନିଷ୍ପତ୍ତି, ମାତ୍ର ପଦ ଛାଡ଼ିବାକୁ ଏହା ଉପଯୁକ୍ତ ସମୟ ବୋଲି ଅନୁଭବ କରୁଛି'' ବୋଲି ବାବର ଲେଖିଛନ୍ତି। ଚଳିତ ଦିନିକିଆ କ୍ରିକେଟ ବିଶ୍ୱକପରେ ପାକିସ୍ତାନ ଦଳ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହି ଏଲିମିନେଟ୍ ହୋଇଥିଲା। ୯ ମ୍ୟାଚରୁ ଦଳ ୫ଟି ମ୍ୟାଚରେ ପରାଜିତ ହୋଇଥିଲା। ବିଶେଷ କରି ଆଫଗାନିସ୍ତାନଠାରୁ ପରାଜୟ ପରେ ବାବରଙ୍କ ନେତୃତ୍ୱପ୍ରତି ଅଙ୍ଗୁଳି ଉଠିଥିଲା। ଦଳ ଚୟନକୁ ନେଇ ବାବର ତୀବ୍ର ସମାଲୋଚନାର ସରବ୍ୟ ହୋଇଥିଲେ। ସେ ତାଙ୍କ ପସନ୍ଦର ଖେଳାଳି ଏବଂ ବନ୍ଧୁଙ୍କୁ ଦଳରେ ନେଇଥିବା ଅଭିଯୋଗ ହୋଇଥିଲା। ଏହା ମଧ୍ୟରେ ଇମାମ ଉଲ୍ ହକ୍, ମହମ୍ମଦ ନୱାଜ ଓ ଶଦାବ ଖାଁ ସାମିଲ। ପାକିସ୍ତାନର ନୂଆ ଅଧିନାୟକଙ୍କୁ ସେ ପୂର୍ଣ୍ଣ ସମର୍ଥନ କରିବେ ବୋଲି ବାବର ସ୍ପଷ୍ଟ କରିଛନ୍ତି।


CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ADMISSION OPEN
Bhava Institute Of Medical Science & Research
Recognised by DMET, ON&MC, Health & FW Dept.,Govt. of Odisha
GNM
Duration : 3 Year, Eligibility : +2 Pass (Any Stream) 40% Mark
ANM
Duration : 2 Year, Eligibility : +2 Pass (Any Stream)
DMRT
DMLT
Duration : 2 Year, Eligibility : +2 Science
CBCA
Certified Blood Collection Assistant
Duration : 6 months, Eligibility : 10+
Stipend for SC/ST, OBC & SEBC
•Own Building •Hostel in Campus
•Transport facility •Placement Assistantance
ନର୍ସିଂ ଓ ପାରା-ମେଡିକାଲ୍ ଟ୍ରେନିଂରେ ଦୀର୍ଘ ୩୨ ବର୍ଷର ଅଭିଜ୍ଞତା
Plot - 1480, I.R.C. Village, Bhubaneswar - 15
9040009727
8456845313


**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ପ୍ରଥମ ଜନ୍ମବାର୍ଷିକୀ ଶୁଭେଚ୍ଛା



ଭବ୍ୟାଶ୍ରୀ ଜେନା (ମିଷ୍ଟି)
ଗ୍ରାମ- କଣ୍ଟିଗଡ଼ିଆ, ଧର୍ମଶାଳା, ଯାଜପୁର
ମିଷ୍ଟି ଦେଲେ ହସି ମୋତି ପଡ଼େ ଖସି, ଲାଗେ ସେ ସରଗଶଶୀ
ଝିଅ ରୂପେ ଆସି ବୁଣିଦେଲା ଖୁସି, ହସିଲା ସଂସାର ବେଶି।
ଭବ୍ୟାଶ୍ରୀ (ମିଷ୍ଟି)ର ପ୍ରଥମ ଏଥର, ଶୁଭ ଜନ୍ମଦିନ ତା'ର
କାଳିଆ ଠାକୁର କୁସୁମିତ କର, ଚଳାପଥ ଭବ୍ୟାଶ୍ରୀର।
ଶୁଭେଚ୍ଛା ସହ- ପରିବାରବର୍ଗ।
ଧ-୧୭୯୬

## ଅଷ୍ଟମ ଜନ୍ମଦିନ ଶୁଭେଚ୍ଛା



ଆୟାନ ପ୍ରଧାନ
ଗ୍ରାମ - ଲୁତୁରପଙ୍କ, ବୀରମହାରାଜପୁର, ଜିଲ୍ଲା- ସୁବର୍ଣ୍ଣପୁର
-:ଶୁଭେଚ୍ଛା ସହ:-
ମାତା- ସସ୍ମିତା ବେହେରା, ପିତା- ସୁଶୀଲ କୁମାର ପ୍ରଧାନ, ରାକ୍ଷୀ, ବନ୍ଧନ, ପିଣ୍ଟୁ, ପପୁ, ପୂଜା, ସୋନାଲି, ଶକ୍ତି, ଅଜା, ଆଇ, ବଡ଼ବାପା, ବଡ଼ମା, ମାମୁ, ମାଇଁ।
ଧ-୧୮୦୦


**ଶୁଭେଚ୍ଛା ଜଣାଇଲେ ସଚିନ**

# କୋହଲି 'ବିରାଟ' ଖେଳାଳି

**ମୁମ୍ବାଇ,୧୫।୧୧(ପି.ଟି.)**

ଦିନିକିଆ କ୍ରିକେଟରେ ୫୦ତମ ଶତକ ହାସଲ କରିଥିବା ବିରାଟ କୋହଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ସଚିନ ତେନ୍ଦୁଲକର। ୱାଙ୍ଖେଡେ ଷ୍ଟାଡିୟମରେ ଖେଳା ଯାଇଥିବା ପ୍ରଥମ ସେମିଫାଇନାଲରେ କୋହଲି ନିଜର ୫୦ତମ ଶତକ ହାସଲ କରିବା ସମୟରେ ଦର୍ଶକ ଷ୍ଟାଣ୍ଡରେ ବସି ସଚିନ ତେନ୍ଦୁଲକର ମ୍ୟାଚର ମଜା ନେଉଥିଲେ। ପ୍ରଥମ ଇନିଂସ ପରେ ଉଭୟ ଖେଳାଳି ପରସ୍ପରକୁ ଭେଟିଥିବା ବେଳେ ସଚିନ ତାଙ୍କୁ ଆଲିଙ୍ଗନ କରିଥିଲେ। ୫୦ତମ ଶତକ ହାସଲ କରିବା ସହିତ କୋହଲି ତେନ୍ଦୁଲକରଙ୍କ ୪୯ ଶତକର ରେକର୍ଡକୁ ଭାଙ୍ଗିଥିଲେ। ଏହାପରେ ଟୁଇଟ୍ କରି ପ୍ରଥମ ଦିନରେ କୋହଲିଙ୍କୁ ଭେଟିବାର ଅଭିଜ୍ଞତା ବର୍ଣ୍ଣନା କରିଥିଲେ ସଚିନ। 'ଭାରତୀୟ ଡ୍ରେସିଂରୁମ୍‌ରେ ତୁମକୁ ପ୍ରଥମ ଥର ଭେଟିଥିଲି। ସାଥୀ ଖେଳାଳିଙ୍କ ଥଟ୍ଟାମଜାର ଶିକାର ହୋଇ କୋହଲି ତାଙ୍କ ପାଦ ଛୁଇଁଥିଲେ। ସେଦିନର ଏହି ଘଟଣା ପରେ ମୁଁ ଖୁବ୍ ହସିଥିଲି। ତେବେ ତୁମ ଦକ୍ଷତା ଓ କ୍ରିକେଟ ପ୍ରତି ଥିବା ଭଲପାଇବା ଦ୍ୱାରା ଖୁବ୍ ଶୀଘ୍ର ତୁମେ ମୋ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରି ନେଇଥିଲ। ସେଦିନର ସେହି ଯୁବକ ଆଜି 'ବିରାଟ' ଖେଳାଳିରେ ପରିବର୍ତ୍ତନ ହୋଇଥିବାରୁ ମୁଁ ଅତ୍ୟନ୍ତ ଖୁସି' ବୋଲି ଟୁଇଟ୍ କରିଥିଲେ ତେନ୍ଦୁଲକର। ଜଣେ ଭାରତୀୟ ଏହି ରେକର୍ଡ ଭାଙ୍ଗିଥିବାରୁ ମୁଁ ଆହୁରି ଅଧିକ ଖୁସି ବୋଲି କହିଥିଲେ ତେନ୍ଦୁଲକର। ବିଶ୍ୱକପ୍‌ର ସେମିଫାଇନାଲ ଓ ମୋର ହୋମ୍ ଗ୍ରାଉଣ୍ଡରେ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଥିବାରୁ ମୁଁ ଅତ୍ୟନ୍ତ ଖୁସି ବୋଲି ସେ କହିଛନ୍ତି। ଇନିଂସ ବ୍ରେକ୍ ସମୟରେ ତେନ୍ଦୁଲକର ତାଙ୍କୁ ପ୍ରଶଂସା କରିବା ସହିତ ଆଲିଙ୍ଗନ କରିଥିଲେ। ଏହି ଇନିଂସକୁ ନେଇ ମୁଁ ବହୁତ ଖୁସି। ମୋ ହିରୋ ଏବଂ ପତ୍ନୀ ଦର୍ଶକ ଷ୍ଟାଣ୍ଡରେ ବସିଥିବା ବେଳେ ଏହି ମାଇଲଖୁଣ୍ଟ ହାସଲ କରିବା ମୋ ପାଇଁ ସର୍ବଦା ସ୍ୱତନ୍ତ୍ର। ଏହା ସହିତ ୱାଙ୍ଖେଡେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ମଧ୍ୟ କୋହଲି ଧନ୍ୟବାଦ ଜଣାଇଥିଲେ।

କେବଳ ସଚିନ ନୁହନ୍ତି, ବିଶ୍ୱର ଅନେକ କିମ୍ବଦନ୍ତୀ କ୍ରିକେଟର କୋହଲିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପାକିସ୍ତାନୀ କ୍ରିକେଟର ୱାସିମ ଆକ୍ରମ ଲେଖିଥିଲେ, ଆମେ ବର୍ତ୍ତମାନ କୋହଲିଙ୍କ ଶତାବ୍ଦୀରେ ବଞ୍ଚୁଛେ। ସମ୍ରାଟ କୋହଲିଙ୍କୁ ଶୁଭେଚ୍ଛା। ୫୦ତମ ଶତକ ସହିତ ଇତିହାସ ସୃଷ୍ଟି ପାଇଁ ଏହାଠାରୁ ଭଲ ମୁହୂର୍ତ୍ତ ଆଉ କ'ଣ ହୋଇପାରେ ବୋଲି ଲେଖିଛନ୍ତି ଭିଭିଏସ୍ ଲକ୍ଷ୍ମଣ। ବିଶ୍ୱକପ୍ ସେମିଫାଇନାଲ ସହିତ ତାଙ୍କ ବ୍ୟାଟିଂ ହିରୋ ତେନ୍ଦୁଲକରଙ୍କ ଉପସ୍ଥିତି ଏହାକୁ ଅଧିକ ସ୍ମରଣୀୟ କରିଛି। ସୁରେଶ ରାଇନା ଲେଖିଥିଲେ, ଏହି ମୁହୂର୍ତ୍ତକୁ ସମସ୍ତ କ୍ରିକେଟ ଫ୍ୟାନ୍ ଦୀର୍ଘ ଦିନ ହେବ ଅପେକ୍ଷା କରିଥିଲେ। ଦିନିକିଆ କ୍ରିକେଟରେ ସର୍ବାଧିକ ଶତକର ମାଇଲଷ୍ଟୋନ୍ ପାଇଁ ବିରାଟଙ୍କୁ ଶୁଭେଚ୍ଛା। ଇଆନ୍ ବିଶପ୍ ଲେଖିଥିଲେ, ବିଶ୍ୱକପ୍ ସେମିଫାଇନାଲରେ ୫୦ ତମ ଶତକ ସ୍ୱତନ୍ତ୍ର। ସଚିନ ତେନ୍ଦୁଲକର, ଭିଭିଆନ୍ ରିଚାର୍ଡସ, ସୁନୀଲ ଗାଭାସ୍କର ଓ ଡେଭିଡ୍ ବେକହାମ୍‌ଙ୍କ ପରି କିମ୍ବଦନ୍ତୀଙ୍କ ଉପସ୍ଥିତି ଏହାକୁ ଆହୁରି ପ୍ରସିଦ୍ଧ କରିଛି।



ସଚିନ ତେନ୍ଦୁଲକର ଓ ବିସିସିଆଇ ସମ୍ପାଦକ ଜୟ ଶାହା ମ୍ୟାଚ ଉପଭୋଗ କରୁଛନ୍ତି।

# ଏହି ମୁହୂର୍ତ୍ତକୁ ବିଶ୍ୱାସ କରିବା ଅସମ୍ଭବ



ଶତକ ହାସଲ ପରେ ପରସ୍ପରକୁ ଫ୍ଲାଇଂ କିସ୍ ଦେଉଛନ୍ତି ବିରାଟ କୋହଲି ଓ ଅନୁଷ୍କା ଶର୍ମା।

**ମୁମ୍ବାଇ,୧୫।୧୧(ପି.ଟି.)**

ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ବିରାଟ କୋହଲି ବିଶ୍ୱର ପ୍ରଥମ ଖେଳାଳି ଭାବରେ ୫୦ତମ ଶତକ ପୂରଣ କରିଛନ୍ତି। ବିଶ୍ୱକପ୍‌ର ସେମିଫାଇନାଲ, ଦର୍ଶକ ଷ୍ଟାଣ୍ଡରେ ଗୋଟିଏ ପଟେ କୋହଲିଙ୍କ ହିରୋ ସଚିନ ତେନ୍ଦୁଲକର, ଅନ୍ୟ ପଟେ ପତ୍ନୀ ଅନୁଷ୍କା ଶର୍ମା, ତା ସହିତ ଫୁଟ୍‌ବଲ କିମ୍ବଦନ୍ତୀ ଡେଭିଡ୍ ବେକ୍‌ହାମ ଓ ୱାଙ୍ଖେଡେର ଦର୍ଶକ ଭର୍ତ୍ତି ଷ୍ଟାଡିୟମ। ଏଭଳି ଚାପମୟ ପରିସ୍ଥିତିରେ ବିରାଟ କୋହଲି ପୁନର୍ବାର ରେକର୍ଡ ବୁକ୍‌ରେ ନିଜ ନାମ ଉଲ୍ଲେଖ କରିଛନ୍ତି। ଇନିଂସ ବିରତି ସମୟରେ ଏହି ରେକର୍ଡ କରି କିଭଳି ଅନୁଭବ ହେଉଛି ବୋଲି ପ୍ରଶ୍ନର ଉତ୍ତରରେ କୋହଲି କହିଥିଲେ, ଏହି ମୁହୂର୍ତ୍ତ ତାଙ୍କ ପାଇଁ ବିଶ୍ୱାସ କରିବା ଅସମ୍ଭବ। କିମ୍ବଦନ୍ତୀ ସଚିନ ତେନ୍ଦୁଲକର ମୋତେ ଶୁଭେଚ୍ଛା ଜଣାଇଛନ୍ତି। ଏହି ସମସ୍ତ ଘଟଣା ବର୍ତ୍ତମାନ ମଧ୍ୟ ଏକ ସ୍ୱପ୍ନ ଭଳି ଲାଗୁଛି। କ୍ୟାରିୟର ଆରମ୍ଭ କରିବା ସମୟରେ ଏତେବାଟ ପହଞ୍ଚିବା ନେଇ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲି। ସେମିଫାଇନାଲରେ ଏଭଳି ମୁହୂର୍ତ୍ତ ଆସିବା ମୋ ପାଇଁ ଆହୁରି ସ୍ମରଣୀୟ। ଶତକ ହାସଲ ପରେ କୋହଲି ହେଲ୍‌ମେଟ କାଢି ପଡିଆରେ ବସି ପଡିଥିବା ବେଳେ ସଚିନଙ୍କ ଆଡକୁ ଅନାଇ ଅଭିବାଦନ ଜଣାଇଥିଲେ। ପରେ ପତ୍ନୀ ଅନୁଷ୍କା ଶର୍ମାଙ୍କୁ ଏକ ଫ୍ଲାଇଂ କିସ୍ ମଧ୍ୟ ଦେଇଥିଲେ। ମୋ ହିରୋ ଓ ମୋ ଲାଇଫ୍ ପାର୍ଟନର ଉଭୟ ଦର୍ଶକ ଷ୍ଟାଣ୍ଡରେ ବସିଥିବା ବେଳେ ଏହି ମୁହୂର୍ତ୍ତ ମୋ ପାଇଁ ଏକ ସ୍ୱପ୍ନଠାରୁ କମ୍ ନ ଥିଲା। ଏହି ସମୟରେ ମୁଁ କିଭଳି ଅନୁଭବ କରୁଥିଲି ତାହା ଶବ୍ଦରେ ବୟାନ କରିବା ସମ୍ଭବ ନୁହେଁ ବୋଲି କହିଥିଲେ କୋହଲି। ଏହି ଇନିଂସ ଅବସରରେ ବିଶ୍ୱକପ୍‌ର ଗୋଟିଏ ସଂସ୍କରଣରେ ସର୍ବାଧିକ ରନ୍ ସ୍କୋର କରିବାର ରେକର୍ଡ ମଧ୍ୟ ନିଜ ନାମରେ କରିଛନ୍ତି କୋହଲି। ୨୦୦୩ରେ ସଚିନ ତେନ୍ଦୁଲକର ସ୍କୋର କରିଥିବା ୬୭୩ ରନ୍‌ର ମାଇଲଖୁଣ୍ଟକୁ ଅତିକ୍ରମ କରିଛନ୍ତି କୋହଲି।

**ଦିନିକିଆ ବିଶ୍ୱକପ**




**(ଆଜିର ମ୍ୟାଚ)**
**ଦକ୍ଷିଣ ଆଫ୍ରିକା ବନାମ ଅଷ୍ଟ୍ରେଲିଆ**
ସ୍ଥାନ: କୋଲକାତା,
ସମୟ: ଅପରାହ୍ନ ୨ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ


# Classified Everyday
0674-2580101, 2549949




REAL ESTATE

**SALE**

ସୁନ୍ଦରପଦା, କୁହା **Petrol Pump**ରୁ **800 mtr.** ଦୂରତାରେ **30ft. road,** ଘରବାରି ପ୍ଲଟ୍ ମିଳୁଅଛି। **7978676652.** D-75266

ପିପିଲିରୁ ଜଟଣୀ ରୋଡ୍‌ରେ ବର୍ଗଫୁଟକୁ- 850/- & 600/- ଘରବାଡ଼ି ପ୍ଲଟ୍ ୩୦ଟା ବିକ୍ରିହେବ- 9853150290. D-75267

ଭୁବନେଶ୍ୱର **KIIT University** ଜଗନ୍ନାଥମନ୍ଦିର ପାଖରେ **Boundary,** ଇଲେକ୍ଟ୍ରିସିଟିଥାଇ ପ୍ଲଟ୍ ବିକ୍ରି ହେବ - **9437205314, 9937513595.** D-75265

House for sale Sector-3, near water tank Plot No.- S3-136+139, Niladrivihar, Chandrasekharpur, Bhubaneswar. Contact- 9437229575. D- 1788

**Gated community residential gharabari boundary plot sale in Gudiapokhari near KEC College with 30ft. road, electricity. 9238902929, 8763887357.** D-75264

**Nakhara- Adaspur State Highway** କଡ଼ରେ ସଙ୍ଗେ ସଙ୍ଗେ ଘରକଲା ଭଳି **SC** ପ୍ଲଟ୍ ଇଲେକ୍ଟ୍ରିସିଟି ଥାଇ ଶସ୍ତାରେ ମିଳୁଛି - **9937417899.** D-75256

**ଘରବାରି ସ୍ଥିତିବାନ ଜାଗା ଭୁବନେଶ୍ୱର ଅଟଳାରେ 30ft. ରାସ୍ତା ଥାଇ ସଙ୍ଗେ ସଙ୍ଗେ ଘର କଲାଭଳି Plot 24,60,000/- ରେ Bank Loan ସୁବିଧା ଥାଇ ବିକ୍ରିହେବ - 6370469894.** D-75260

Duplex sale Retang Railway Station, C.V Raman, Infocity-2, Bhubaneswar. 9777433701. D-75263

ଭୁବନେଶ୍ୱର ତମାଣ୍ଡୋ ଥାନା ପାଖରେ ଏବଂ ଯାଆଁଳା, ଭୁଆସୁଣୀ ମନ୍ଦିର ପାଖରେ **(General / SC) possession plot** ବହୁତ କମ୍ ମୂଲ୍ୟରେ ବିକ୍ରି ହେଉଛି। **9438315973 / 9938066403.** D-1655

ଭୁବନେଶ୍ୱର ତମାଣ୍ଡୋ **Hyundai Showroom** ପାଖରେ ଏବଂ ଯାଆଁଳା **Overbridge**ଠାରୁ **1 Km** ଦୂରରେ ସ୍ଥିତିବାନ **possession plot** ସୁଲଭ ମୂଲ୍ୟରେ ବିକ୍ରି ହେଉଛି। **Contact: 9777067303.** D-1656

Ready to move 3BHK flat Sundarpada, Urchid Residency, 65 Lakhs, negotiable, Mob. 9437331956. D-1755

ଭୁବନେଶ୍ୱର ଉପକଣ୍ଠ ବାଳକାଟି, ମଞ୍ଜରୀଦେବୀ କଲେଜ, 100 ft ପିଚୁ ରାସ୍ତାକୁ ଲାଗି Commercial / residential ଘରବାରି Boundary ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ ବିକ୍ରିହେବ 9937335716. D-75262

ଜଟଣୀଗେଟ୍ NHରୁ ଅଳ୍ପଦୂରତାରେ sqft.-300/-, ଛତାବର-500/-, ନଖରା SC/Gen plot- 300/-. 7978663279. D-75268

ଭୁବନେଶ୍ୱର ରବିଟକିଜ୍ ସାଇମନ୍ଦିର ନିକଟରେ ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। 9827119799. D-1758

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75057

**Newly healthcare benefited SPA experience therapist in Bhubaneswar. Contact: 9938843929.** D-75167

**Relax, Refresh your body, Mind at Saikrupa Spa with best therapies. 8984068077.** D-1696

**AFFIDAVIT**

By virtue of an affidavit sworn before Executive Magistrate, Talcher, I, Puspita Sahoo solemnly declared that, my name has changed from Puspita Pandab Sahoo to Puspita Sahoo. Puspita Sahoo and Puspita Pandab Sahoo is same and one person. Heneceforth, I shall be known as Puspita Sahoo, W/o Pandab Sahoo, Vill./ P.O.-Santhapada, P.S.- Talcher, Dist.- Angul for all purposes. D-75405

I, Priyadarshani Sahu, W/o-Tapas Kumar Sahu, resident of Koelnagar, P.O.- Shaktinagar, P.S.- Jhirpani, Rourkela, Dist. - Sundargarh, Pin-769014, Odisha declare by affidavit No. 628/2023, dtd 15.11.2023, that now onwards I shall be known as Priyadarshani Nayak for all future purposes. D-1798

**LOST**

ମୁଁ ଶ୍ରୀମତୀ ଉପାଡ଼ା ଚିନ୍ନାଆମ୍ମାଲୁ, ସ୍ୱାମୀ- ଉପାଡ଼ା ବିର ସ୍ୱାମୀ, ଗ୍ରାମ- ବିଷମକଟକ, ଥାନା- ବିଷମକଟକ, ଜିଲ୍ଲା- ରାୟଗଡ଼ା, ଫୋନ୍ ନମ୍ବର- ୭୦୦୮୯୬୯୬୬୦, ତାରିଖ- ୧୪।୧୧।୨୩ ଦିନ ସକାଳ ୧୦.୩୦ରୁ ୧୧ଟା ସମୟରେ ବିଷମକଟକ ବାସଭବନରୁ ଷ୍ଟେଟ୍ ବ୍ୟାଙ୍କ ଯିବା ରାସ୍ତାରେ ମୋର ଘର ପଟ୍ଟା ହଜିଗଲା। ମୋର ଘର ପଟ୍ଟାର ପ୍ଲଟ୍ ନମ୍ବର ୧୩୫/୨/୮୪୭, ଖାତା ନମ୍ବର ୬୭/୫୦୦ କେଉଁ ସ୍ଥାନରେ ହଜିଗଲା। ମୁଁ ବହୁତ ଖୋଜାଖୋଜି କଲାପରେ ମଧ୍ୟ ମିଳିଲା ନାହିଁ। ଏନେଇ ବିଷମକଟକ ଥାନାରେ ଏତଲା ଦିଆଯାଇଛି। କେସ୍ ନମ୍ବର ୦୦୮ ତାରିଖ ୧୪।୧୧।୨୦୨୩। ମୁଁ ବ୍ୟାଙ୍କରେ ଲୋନ୍ ପାଇଁ ଚେଷ୍ଟା କରୁଛି। ଯଦି କାହାରିକୁ ଏହି ଘରୋଇ ପଟ୍ଟା ମିଳେ ତା'ହେଲେ ଦୟାକରି ଉକ୍ତ ଠିକଣାରେ ଫେରସ୍ତ କରିବାକୁ ଅନୁରୋଧ। ଧ-୧୮୦୧

By virtue of affidavit sworn before the Notary Public, G.Udayagiri we here by declare that the original ROR of Kishore Chandra Padhi, S/o Aadi Kanda Padhi, Khata No.- 22 and the ROR of Basanta Kumar Dakua, S/o Late Trinath Dakua, Khata No. 174/32 of Chhatijhar Mouza under Tikabali Tahasil has been lost some where and despite our best effort we are unable to trace the original ROR, if anybody will use that ROR that will be infractus.
Sd./- Ajit Kumar Majhi, Rachayita Swain
D-1799

Your classified advertisement published in Dharitri will be listed free in Dharitri online edition:
**dharitriepaper.in**

## ମନେ ପଡ଼ନ୍ତି

**ଚତୁର୍ଦ୍ଦଶ ଶ୍ରାଦ୍ଧବାର୍ଷିକୀ**



ସ୍ୱ ଦିବାକର ରଥ
୨୬୭/୩୩୫୫, ଜୟଦେବ ବିହାର, ଭୁବନେଶ୍ୱର
ଆବିର୍ଭାବ- ୦୩।୦୬।୧୯୨୬
ତିରୋଧାନ- ୨୧।୧୦।୨୦୦୯
ପୂଜନୀୟ ନନା, ଆଜି ଆପଣଙ୍କର ଚତୁର୍ଦ୍ଦଶତମ ପୁଣ୍ୟ ଶ୍ରାଦ୍ଧବାର୍ଷିକୀରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରିବା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଅଛୁ। ଆପଣଙ୍କର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ସର୍ବଦା ଆମ୍ଭମାନଙ୍କ ପ୍ରତି ଅତୁଟ ରହିଥାଉ।
**ଶୋକସନ୍ତପ୍ତ: ପରିବାରବର୍ଗ**
ଧ-୧୭୯୫

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର **Screenshot**କୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।

See Career Appointment on every Wednesday & Saturday








## ଭାରତ-ନ୍ୟୁଜିଲାଣ୍ଡ ମ୍ୟାଚ ସ୍କୋରବୋର୍ଡ

**ଭାରତ ଇନିଂସ**
ରୋହିତ-କ-ୱିଲିୟମସନ-ବୋ-ସୌଦୀ-୪୭
ଗିଲ୍-ନଟ୍‌ଆଉଟ-୮୦
କୋହଲି-କ-କନ୍‌ୱେ-ବୋ-ସୌଦୀ-୧୧୭
ଆୟର-କ-ମିଚେଲ-ବୋ-ବୋଲ୍ଟ-୧୦୫
ରାହୁଲ-ନଟଆଉଟ-୩୯
ସୂର୍ଯ୍ୟକୁମାର-କ-ଫିଲିପ୍ସ-ବୋ-ସୌଦୀ-୧
ଅତିରିକ୍ତ-୮
ମୋଟ (୫୦ ଓଭର, ୪ ଉଇକେଟ) ୩୯୭।
ଉଇକେଟ ପତନ: ୧/୭୧, (ସ୍କୋର ୧୬୪ ଥିବାବେଳେ ଶୁବମନ ଗିଲ୍ ରିଟାୟର୍ଡ ହର୍ଟ), ୨/୩୨୭, ୩/୩୮୧, ୪/୩୮୨।

**ବୋଲିଂ (ନ୍ୟୁଜିଲାଣ୍ଡ)**
ବୋଲ୍ଟ ୧୦-୦-୮୬-୧
ସୌଦୀ ୧୦-୦-୧୦୦-୩
ସାଣ୍ଟନର ୧୦-୧-୫୧-୦
ଫର୍ଗୁସନ ୮-୦-୬୫-୦
ରବୀନ୍ଦ୍ର ୭-୦-୬୦-୦
ଫିଲିପ୍ସ ୫-୦-୩୩-୦

**ନ୍ୟୁଜିଲାଣ୍ଡ ଇନିଂସ**
କନ୍‌ୱେ-କ-ରାହୁଲ-ବୋ-ଶାମି-୧୩
ରବୀନ୍ଦ୍ର-କ-ରାହୁଲ-ବୋ-ଶାମି-୧୩
ୱିଲିୟମସନ-କ-ଯାଦବ-ବୋ-ଶାମି-୬୯
ମିଚେଲ-କ-ଜାଡେଜା-ବୋ-ଶାମି-୧୩୪
ଲଥାମ-ଏଲବିଡବ୍ଲ୍ୟୁ-ଶାମି-୦
ଫିଲିପ୍ସ-କ-ଜାଡେଜା-ବୋ-ବୁମ୍ରା-୪୧
ଚାପମାନ-କ-ଜାଡେଜା-ବୋ-କୁଲଦୀପ-୨
ସାଣ୍ଟନର-କ-ରୋହିତ-ବୋ-ସିରାଜ-୯
ସୌଦି-କ-ରାହୁଲ-ବୋ-ଶାମି-୯
ଫର୍ଗୁସନ୍-କ-ରାହୁଲ-ବୋ-ଶାମି-୬
ବୋଲ୍ଟ-ନଟଆଉଟ-୨
ଅତିରିକ୍ତ-୨୯
ମୋଟ (୪୮.୫ ଓଭର, ୧୦ ଉଇକେଟ) ୩୨୭
ଉଇକେଟ ପତନ: ୧/୩୦, ୨/୩୯, ୩/୨୨୦, ୪/୨୨୦, ୫/୨୯୫, ୬/୨୯୮, ୭/୩୦୬, ୮/୩୧୯, ୯/୩୨୧, ୧୦/୩୨୭।

**ବୋଲିଂ (ଭାରତ)**
ବୁମ୍ରା ୧୦-୧-୬୪-୧
ସିରାଜ ୯-୦-୭୮-୧
ଶାମି ୯.୫-୦-୫୭-୭
ଜାଡେଜା ୧୦-୦-୬୩-୦
କୁଲଦୀପ ୧୦-୦-୫୬-୧

# କୋହଲି, ରୋହିତଙ୍କ ରେକର୍ଡ

**ମୁମ୍ବାଇର ୱାଙ୍ଖେଡେ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ପ୍ରଥମ ସେମିଫାଇନାଲରେ ଭାରତର ବିରାଟ କୋହଲି ଓ ରୋହିତ ଶର୍ମା ମାଇଲଖୁଣ୍ଟ ସ୍ପର୍ଶ କରି ରେକର୍ଡ କରିଛନ୍ତି। କେତେକ ରେକର୍ଡର ପରିସଂଖ୍ୟାନକୁ ନେଇ ଏହି ରିପୋର୍ଟ..**

➤**୫୦:** ଦିନିକିଆ କ୍ରିକେଟରେ ୫୦ ଶତକ ପୂରଣ କଲେ ବିରାଟ କୋହଲି। ଏହି ଫର୍ମାଟରେ ସର୍ବାଧିକ ଶତକ ହାସଲ କରିବାରେ ସେ ସଚିନ ତେନ୍ଦୁଲକର(୪୯ ଶତକ)ଙ୍କ ରେକର୍ଡ ଭାଙ୍ଗିଲେ।

➤**୭୧୧:** ଚଳିତ ବିଶ୍ୱକପ୍‌ରେ ବିରାଟ କୋହଲି ପ୍ରଥମ ସେମିଫାଇନାଲ ଶେଷ ସୁଦ୍ଧା ୭୧୧ ରନ ସ୍କୋର କରିଛନ୍ତି। ଏଥିସହ ସେ କୌଣସି ଗୋଟିଏ ବିଶ୍ୱକପ୍‌ରେ ସର୍ବାଧିକ ରନ ସଂଗ୍ରହରେ ରେକର୍ଡ କରିଛନ୍ତି। ପୂର୍ବରୁ ୨୦୦୩ ବିଶ୍ୱକପ୍‌ରେ ୬୭୩ ରନକରି ସଚିନ ତେନ୍ଦୁଲକର ଏହି ରେକର୍ଡର ଅଧିକାରୀ ଥିଲେ।

➤**୮:** ୨୦୨୩ ବିଶ୍ୱକପ୍‌ରେ କୋହଲି ୮ଥରରୁ ଅଧିକ ୫୦+ ସ୍କୋର କରିଛନ୍ତି। କୌଣସି ଗୋଟିଏ ସଂସ୍କରଣରେ ଏହା ସର୍ବାଧିକ। ୨୦୦୩ ବିଶ୍ୱକପ୍‌ରେ ସଚିନ ତେନ୍ଦୁଲକର ଓ ୨୦୧୯ ବିଶ୍ୱକପ୍‌ରେ ଶାକିବ ଅଲ୍ ହାସନ ୭ ଥର ଲେଖାଏ ୫୦ରୁ ଅଧିକ ରନକରି ରେକର୍ଡର ଅଧିକାରୀ ଥିଲେ।

➤**୫୧:** ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ରୋହିତ ଶର୍ମାଙ୍କ ଛକା ସଂଖ୍ୟା ୫୧ରେ ପହଞ୍ଚିଛି। ଏ କ୍ଷେତ୍ରରେ ସେ କ୍ରିସ୍ ଗେଲ୍ (୪୯ ଛକା)ଙ୍କ ରେକର୍ଡ ଭାଙ୍ଗିଛନ୍ତି। କେବଳ ୨୦୨୩ ବିଶ୍ୱକପରେ ରୋହିତ ଏପର୍ଯ୍ୟନ୍ତ ୨୮ଟି ଛକା ମାରିଛନ୍ତି। କୌଣସି ଗୋଟିଏ ବିଶ୍ୱକପରେ ଜଣେ ଖେଳାଳି ଏତେ ଛକା ମାରିବା ଏହା ପ୍ରଥମ। ୨୦୧୫ରେ କ୍ରିସ୍ ଗେଲ୍ ୨୬ଟି ଛକା ମାରି ରେକର୍ଡର ଅଧିକାରୀ ଥିଲେ।

➤**୧୪:** ୨୦୨୩ରେ ରୋହିତ ଓ ଶୁବମନ ଗିଲ୍ ୨୧ ଇନିଂସରୁ ୧୪ ଥର ୫୦ରୁ ଊର୍ଦ୍ଧ୍ୱ ରନର ପାର୍ଟନରଶିପ୍ କରିଛନ୍ତି। ଗୋଟିଏ କ୍ୟାଲେଣ୍ଡର ବର୍ଷରେ ସର୍ବାଧିକ ୫୦ରୁ ଊର୍ଦ୍ଧ୍ୱ ରନ ଭାଗୀଦାରିରେ ଏହା ଏକ ରେକର୍ଡ। ଚଳିତ ବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିବା ସମସ୍ତ ୫ଟି ଯାକ ଦିନିକିଆରେ ଏ ଦୁହେଁ ଓପନିଂ ଯୋଡ଼ିରେ ୫୦ରୁ ଊର୍ଦ୍ଧ୍ୱ ରନର ଭାଗୀଦାରି ଗଢ଼ିଛନ୍ତି।

## ବିରାଟଙ୍କ ୫୦ ଶତକ

ଭାରତୀୟ କ୍ରିକେଟ ସୁପରଷ୍ଟାର ବିରାଟ କୋହଲି ନିଜ କ୍ରିକେଟ କ୍ୟାରିୟରରେ ଆଉ ଏକ ରେକର୍ଡ କରିଛନ୍ତି। ବିଶ୍ୱର ପ୍ରଥମ ଖେଳାଳି ଭାବରେ ସେ ଦିନିକିଆ କ୍ରିକେଟରେ ହାସଲ କରିଛନ୍ତି ୫୦ତମ ଶତକ। ଅନ୍ୟତମ ଭାରତୀୟ କ୍ରିକେଟ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ରେକର୍ଡକୁ ଭାଙ୍ଗିବା ସହିତ କୋହଲି ଏହି ମାଇଲଖୁଣ୍ଟ ହାସଲ କରିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷ ସେମିଫାଇନାଲରେ ମୁମ୍ବାଇ ୱାଙ୍ଖେଡେ ଷ୍ଟାଡିୟମରେ ୧୧୭ ରନ୍‌ର ଇନିଂସ ଖେଳିବା ସହିତ ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକରଙ୍କୁ ପଛରେ ପକାଇଛନ୍ତି। ପୂର୍ବରୁ କୋଲକାତାର ଇଡେନ୍ ଗାର୍ଡେନ୍ସରେ ସଚିନଙ୍କ ରେକର୍ଡର ସମକକ୍ଷ ହୋଇଥିଲେ କୋହଲି। ୧୧୩ ବଲ୍ ଖେଳିଥିବା କୋହଲି ୯ ଚୌକା ଓ ୨ ଛକା ସହ ୧୧୭ ରନ୍ ସ୍କୋର କରିଥିଲେ। ୧୨ ବର୍ଷ ତଳେ ଅନ୍ତର୍ଜାତୀୟ କ୍ରିକେଟରେ ନିଜର ପ୍ରଥମ ଶତକ ହାସଲ କରିଥିବା କୋହଲି କ୍ରିକେଟର ଭଗବାନ ଭାବେ ଅନେକଙ୍କ ହୃଦୟରେ ସ୍ଥାନ ନେଇଥିବା ସଚିନ ତେନ୍ଦୁଲକରଙ୍କ ହୋମ୍ ଗ୍ରାଉଣ୍ଡରେ ସ୍ୱୟଂ ସଚିନଙ୍କ ଉପସ୍ଥିତିରେ ତାଙ୍କ ରେକର୍ଡ ଭାଙ୍ଗିଛନ୍ତି।



ବିରାଟ କୋହଲି

### ଦିନିକିଆରେ ସର୍ବାଧିକ ଶତକ

୫୦: ବିରାଟ କୋହଲି
୪୯: ସଚିନ ତେନ୍ଦୁଲକର
୩୧: ରୋହିତ ଶର୍ମା
୩୦: ରିକି ପଣ୍ଟିଂ
୨୮: ସନଥ ଜୟସୁରିୟା

## ଦ୍ରୁତତମ ୫୦ ଉଇକେଟ କ୍ଲବରେ ଶାମି

**ମୁମ୍ବାଇ, ୧୫।୧୧ (ପି.ଟି.):** ଭାରତୀୟ କ୍ରିକେଟ ଦଳର ଷ୍ଟ୍ରାଇକ୍ ବୋଲର ମହମ୍ମଦ ଶାମି ବିଶ୍ୱକପରେ ୫୦ ଉଇକେଟ ପୂରଣ କରିଛନ୍ତି। ଭାରତୀୟଙ୍କ ମଧ୍ୟରେ ସର୍ବାଧିକ ଉଇକେଟ ନେବାର ରେକର୍ଡ ଶାମିଙ୍କ ନାମରେ ରହିଥିବା ବେଳେ ବୁଧବାର ବିଶ୍ୱର ସପ୍ତମ ବୋଲର ଭାବେ ସେ ୫୦ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। ଏହା ସହ ବିଶ୍ୱର ଦ୍ରୁତତମ ବୋଲର ଭାବେ ବିଶ୍ୱକପରେ ସେ ୫୦ ଉଇକେଟ ପୂରଣ କରିଛନ୍ତି। ଶାମି ୧୭ ଇନିଂସରେ ୫୧ ଉଇକେଟ ନେଇଥିବା ବେଳେ ମିଚେଲ ଷ୍ଟାର୍କଙ୍କ ରେକର୍ଡ ଭାଙ୍ଗିଛନ୍ତି। ଷ୍ଟାର୍କ ୧୯ ଇନିଂସରେ ୫୦ ଉଇକେଟ ପୂରଣ କରିଥିବା ବେଳେ ଲାସିଥ୍ ମାଲିଙ୍ଗା ୨୫ ଓ ଟ୍ରେଣ୍ଟ ବୋଲ୍ଟ ୨୮ ମ୍ୟାଚ୍‌ରୁ ଏହି ସଫଳତା ଅର୍ଜନ କରିଥିଲେ।



ଉଇକେଟ ନେବା ପରେ ମହମ୍ମଦ ଶାମିଙ୍କୁ ଶ୍ରେୟସ ଆୟରଙ୍କ ବଧେଇ।

## ଦିନିକିଆ ଶତକ ତାଲିକା

| ଶତକ | ସ୍କୋର | ବିପକ୍ଷ ଦଳ | ଭେନ୍ୟୁ | ତାରିଖ | ଫଳାଫଳ |
|---|---|---|---|---|---|
| ୧ | ୧୦୭ | ଶ୍ରୀଲଙ୍କା | ଇଡେନ୍ ଗାର୍ଡେନ୍ସ, କୋଲକାତା | ୨୪।୧୨।୨୦୦୯ | ବିଜୟୀ |
| ୨ | ୧୦୨* | ବାଂଲାଦେଶ | ଶେର ଏ ବାଂଲା,ଢାକା | ୧୧।୧।୨୦୧୦ | ବିଜୟୀ |
| ୩ | ୧୧୮ | ଅଷ୍ଟ୍ରେଲିଆ | ଏପିସିଏ ଷ୍ଟାଡିୟମ, ବିଶାଖାପଟ୍ଟନମ | ୨୦।୧୦।୨୦୧୦ | ବିଜୟୀ |
| ୪ | ୧୦୫ | ନ୍ୟୁଜିଲାଣ୍ଡ | ନେହେରୁ ଷ୍ଟାଡିୟମ,ଗୁଆହାଟୀ | ୨୮।୧୧।୨୦୧୦ | ବିଜୟୀ |
| ୫ | ୧୦୦* | ବାଂଲାଦେଶ | ଶେର ଏ ବାଂଲା,ଢାକା | ୧୯।୨।୨୦୧୧ | ବିଜୟୀ |
| ୬ | ୧୦୭ | ଇଂଲଣ୍ଡ | ସୋଫିଆ ଗାର୍ଡେନ୍, କାର୍ଡିଫ୍ | ୧୬।୯।୨୦୧୧ | ପରାଜୟ(ଡି/ଏଲ୍) |
| ୭ | ୧୧୨* | ଇଂଲଣ୍ଡ | ଫିରୋଜ ଶାହ କୋଟଲା, ଦିଲ୍ଲୀ | ୧୭।୧୦।୨୦୧୧ | ବିଜୟୀ |
| ୮ | ୧୧୭ | ୱେଷ୍ଟଇଣ୍ଡିଜ୍ | ଏପିସିଏ ଷ୍ଟାଡିୟମ, ବିଶାଖାପଟ୍ଟନମ | ୨।୧୨।୨୦୧୧ | ବିଜୟୀ |
| ୯ | ୧୩୩* | ଶ୍ରୀଲଙ୍କା | ବେଲେରିଭେ ଓଭାଲ, ହୋବାର୍ଟ | ୨୮।୨।୨୦୧୨ | ବିଜୟୀ |
| ୧୦ | ୧୦୮ | ଶ୍ରୀଲଙ୍କା | ଶେର ଏ ବାଂଲା,ଢାକା | ୧୩।୩।୨୦୧୨ | ବିଜୟୀ |
| ୧୧ | ୧୮୩ | ପାକିସ୍ତାନ | ଶେର ଏ ବାଂଲା,ଢାକା | ୧୮।୩।୨୦୧୨ | ବିଜୟୀ |
| ୧୨ | ୧୦୬ | ଶ୍ରୀଲଙ୍କା | ଏମ୍‌ଆର୍‌ଆଇସି, ହାମ୍ବାଣ୍ଟୋଟା | ୨୧।୦୭।୨୦୧୨ | ବିଜୟୀ |
| ୧୩ | ୧୨୮* | ଶ୍ରୀଲଙ୍କା | ଆର. ପ୍ରେମଦାସା, କଲମ୍ବୋ | ୩୧।୦୭।୨୦୧୨ | ବିଜୟୀ |
| ୧୪ | ୧୦୨ | ୱେଷ୍ଟଇଣ୍ଡିଜ୍ | କ୍ୱିନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ୍ | ୫।୭।୨୦୧୩ | ବିଜୟୀ(ଡି/ଏଲ୍) |
| ୧୫ | ୧୧୫ | ଜିମ୍ବାୱେ | ହରାରେ ସ୍ପୋର୍ଟ୍ସ କ୍ଲବ୍, ହରାରେ | ୨୪।୭।୨୦୧୩ | ବିଜୟୀ |
| ୧୬ | ୧୦୦* | ଅଷ୍ଟ୍ରେଲିଆ | ସୱାଇ ମାନସିଂହ, ଜୟପୁର | ୧୬।୧୦।୨୦୧୩ | ବିଜୟୀ |
| ୧୭ | ୧୦୦* | ଅଷ୍ଟ୍ରେଲିଆ | ଭିସିଏ,ନାଗପୁର | ୩୦।୧୦।୨୦୧୩ | ବିଜୟୀ |
| ୧୮ | ୧୨୩ | ନ୍ୟୁଜିଲାଣ୍ଡ | ମ୍ୟାକଲିନ ପାର୍କ, ନାପିଏର | ୧୯।୦୧।୨୦୧୪ | ପରାଜୟ |
| ୧୯ | ୧୩୬ | ବାଂଲାଦେଶ | ଖାନ୍ ସାହାବ ଓସମାନ, ଫତଉଲ୍ଲା | ୨୬।୨।୨୦୧୪ | ବିଜୟୀ |
| ୨୦ | ୧୨୭ | ୱେଷ୍ଟଇଣ୍ଡିଜ୍ | ଏଚ୍‌ପିସିଏ, ଧର୍ମଶାଳା | ୧୭।୧୦।୨୦୧୪ | ବିଜୟୀ |
| ୨୧ | ୧୩୯* | ଶ୍ରୀଲଙ୍କା | ଜେଏସ୍‌ସିଏ, ରାଞ୍ଚି | ୧୬।୧୧।୨୦୧୪ | ବିଜୟୀ |
| ୨୨ | ୧୦୭ | ପାକିସ୍ତାନ | ଆଡିଲେଡ୍ ଓଭାଲ,ଆଡିଲେଡ୍ | ୧୫।୦୨।୨୦୧୫ | ବିଜୟୀ |
| ୨୩ | ୧୩୮ | ଦକ୍ଷିଣ ଆଫ୍ରିକା | ଏମ୍ ଏ ଚିଦାମ୍ବରମ, ଚେନ୍ନାଇ | ୨୨।୧୦।୨୦୧୫ | ବିଜୟୀ |
| ୨୪ | ୧୧୭ | ଅଷ୍ଟ୍ରେଲିଆ | ମେଲବର୍ନ କ୍ରିକେଟ ଗ୍ରାଉଣ୍ଡ, ମେଲବର୍ନ | ୧୭।୧।୨୦୧୬ | ପରାଜୟ |
| ୨୫ | ୧୦୬ | ଅଷ୍ଟ୍ରେଲିଆ | ମାନୁକା ଓଭାଲ,କାନବେରା | ୨୦।୧।୨୦୧୬ | ପରାଜୟ |
| ୨୬ | ୧୫୪* | ନ୍ୟୁଜିଲାଣ୍ଡ | ଆଇ.ଏସ୍ ବିନ୍ଦ୍ରା, ମୋହାଲି | ୨୩।୧୦।୨୦୧୬ | ବିଜୟୀ |
| ୨୭ | ୧୨୨ | ଇଂଲଣ୍ଡ | ଏମ୍‌ସିଏ ଷ୍ଟାଡିୟମ, ପୁଣେ | ୧୫।୧।୨୦୧୭ | ବିଜୟୀ |
| ୨୮ | ୧୧୧* | ୱେଷ୍ଟଇଣ୍ଡିଜ୍ | ସବିନା ପାର୍କ,କିଙ୍ଗଷ୍ଟନ | ୬।୭।୨୦୧୭ | ବିଜୟୀ |
| ୨୯ | ୧୩୧ | ଶ୍ରୀଲଙ୍କା | ଆର. ପ୍ରେମଦାସା, କଲମ୍ବୋ | ୩୧।୦୮।୨୦୧୭ | ବିଜୟୀ |
| ୩୦ | ୧୧୦* | ଶ୍ରୀଲଙ୍କା | ଆର. ପ୍ରେମଦାସା, କଲମ୍ବୋ | ୩।୦୯।୨୦୧୭ | ବିଜୟୀ |
| ୩୧ | ୧୨୧ | ନ୍ୟୁଜିଲାଣ୍ଡ | ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ | ୨୨।୧୦।୨୦୧୭ | ପରାଜୟ |
| ୩୨ | ୧୧୩ | ନ୍ୟୁଜିଲାଣ୍ଡ | ଗ୍ରୀନ ପାର୍କ, କାନପୁର | ୨୯।୧୦।୨୦୧୭ | ବିଜୟ |
| ୩୩ | ୧୧୨ | ଦକ୍ଷିଣ ଆଫ୍ରିକା | କିଙ୍ଗ୍ସମେଡ୍,ଡର୍ବାନ୍ | ୧।୨।୨୦୧୮ | ବିଜୟୀ |
| ୩୪ | ୧୬୦* | ଦକ୍ଷିଣ ଆଫ୍ରିକା | ନ୍ୟୁଲାଣ୍ଡ୍ସ, କେପ୍‌ଟାଉନ୍ | ୭।୨।୨୦୧୮ | ବିଜୟୀ |
| ୩୫ | ୧୨୯ | ଦକ୍ଷିଣ ଆଫ୍ରିକା | ସୁପରସ୍ପୋର୍ଟ୍ସ ପାର୍କ, ସେଞ୍ଚୁରିଅନ୍ | ୧୬।୨।୨୦୧୮ | ବିଜୟୀ |
| ୩୬ | ୧୪୦ | ୱେଷ୍ଟଇଣ୍ଡିଜ୍ | ଏସିଏ ଷ୍ଟାଡିୟମ, ଗୁଆହାଟୀ | ୨୧।୧୦।୨୦୧୮ | ବିଜୟୀ |
| ୩୭ | ୧୫୭* | ୱେଷ୍ଟଇଣ୍ଡିଜ୍ | ଏପିସିଏ ଷ୍ଟାଡିୟମ, ବିଶାଖାପଟ୍ଟନମ | ୨୪।୧୦।୨୦୧୮ | ଟାଇ |
| ୩୮ | ୧୦୭ | ୱେଷ୍ଟଇଣ୍ଡିଜ୍ | ଏମ୍‌ସିଏ ଷ୍ଟାଡିୟମ, ପୁଣେ | ୨୭।୧୦।୨୦୧୮ | ପରାଜୟ |
| ୩୯ | ୧୦୪ | ଅଷ୍ଟ୍ରେଲିଆ | ଆଡିଲେଡ୍ ଓଭାଲ, ଆଡିଲେଡ୍ | ୧୫।୦୧।୨୦୧୯ | ବିଜୟୀ |
| ୪୦ | ୧୧୬ | ଅଷ୍ଟ୍ରେଲିଆ | ଭିସିଏ,ନାଗପୁର | ୧୫।୦୧।୨୦୧୯ | ବିଜୟୀ |
| ୪୧ | ୧୨୩ | ଅଷ୍ଟ୍ରେଲିଆ | ଜେଏସ୍‌ସିଏ, ରାଞ୍ଚି | ୧୫।୦୧।୨୦୧୯ | ପରାଜୟ |
| ୪୨ | ୧୨୦ | ୱେଷ୍ଟଇଣ୍ଡିଜ୍ | କ୍ୱିନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ | ୧୧।୦୮।୨୦୧୯ | ବିଜୟୀ |
| ୪୩ | ୧୧୪* | ୱେଷ୍ଟଇଣ୍ଡିଜ୍ | କ୍ୱିନ୍ସ ପାର୍କ ଓଭାଲ, ପୋର୍ଟ ଅଫ୍ ସ୍ପେନ | ୧୪।୦୮।୨୦୧୯ | ବିଜୟୀ |
| ୪୪ | ୧୧୩ | ବାଂଲାଦେଶ | ଜୋହୁର ଅହମଦ୍ ଚୌଧାରୀ, ଚିଟ୍ଟାଗଙ୍ଗ | ୧୦।୧୨।୨୦୨୨ | ବିଜୟୀ |
| ୪୫ | ୧୧୩ | ଶ୍ରୀଲଙ୍କା | ଏସିଏ ଷ୍ଟାଡିୟମ, ଗୁଆହାଟୀ | ୧୦।୧।୨୦୨୩ | ବିଜୟୀ |
| ୪୬ | ୧୬୬* | ଶ୍ରୀଲଙ୍କା | ଗ୍ରୀନଫିଲ୍ଡ ଷ୍ଟାଡିୟମ, ଥିରୁଭାନନ୍ତପୁରମ୍ | ୧୫।୧।୨୦୨୩ | ବିଜୟୀ |
| ୪୭ | ୧୨୨* | ପାକିସ୍ତାନ | ଆର. ପ୍ରେମଦାସା, କଲମ୍ବୋ | ୧୦।୦୯।୨୦୨୩ | ବିଜୟୀ |
| ୪୮ | ୧୦୩* | ବାଂଲାଦେଶ | ଏମ୍‌ସିଏ, ପୁଣେ | ୧୯।୧୦।୨୦୨୩ | ବିଜୟୀ |
| ୪୯ | ୧୦୧* | ଦକ୍ଷିଣ ଆଫ୍ରିକା | ଇଡେନ୍ ଗାର୍ଡେନ୍ସ, କୋଲକାତା | ୫।୧୧।୨୦୨୩ | ବିଜୟୀ |
| ୫୦ | ୧୧୭ | ନ୍ୟୁଜିଲାଣ୍ଡ | ୱାଙ୍ଖେଡେ ଷ୍ଟାଡିୟମ, ମୁମ୍ବାଇ | ୧୫।୧୧।୨୦୨୩ | ବିଜୟୀ |

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ


DSPL - 373
ODISHA
INDIA'S BEST KEPT SECRET
ଆମ ଓଡ଼ିଶା ନବୀନ ଓଡ଼ିଶା
ALL INDIA FOOTBALL FEDERATION
AFC
26
FIFA
QUALIFIERS
ଫିଫା ବିଶ୍ୱକପ୍
କ୍ୱାଲିଫାୟର୍ ମ୍ୟାଚ୍
ଭାରତ
ବନାମ୍
କତାର୍
ସନ୍ଧ୍ୟା ୭.୦୦ ଘଟିକା, ୨୧ ନଭେମ୍ବର ୨୦୨୩
କଳିଙ୍ଗ ଷ୍ଟାଡ଼ିୟମ୍, ଭୁବନେଶ୍ୱର
ସିଧା ପ୍ରସାରଣ ଦେଖନ୍ତୁ
sports 18
ଭାରତୀୟ ଦଳକୁ
ଉତ୍ସାହିତ କରନ୍ତୁ
ଟିକେଟ୍ ବୁକ୍ କରନ୍ତୁ
ticketgenie.in
OIPR-29001/13/0087/2324